ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୬/୨୦୨୬ (୧୪ ପୃଷ୍ଠା) | Bhubaneswar, Monday, February 16/2026 | Page 14 | ₹ 7.00
୫୨ଶ ଭାଗ ୮୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 84 | ମୂଲ୍ୟ ₹୭/-








CELEBRATING 33 Years

- Where legacy meets modern majesty
- 50+ acre villa township
- Vaastu Compliant

YOUR ROYAL WORLD
A kingdom wrapped in green
70% landscaped greens
Sand Pit | Jogging Track | Sit-out Zones
Sculpture Garden | Swing Garden | Yoga Zone
Basketball Court | Half Basketball Court

YOUR ROYAL THRONE
A club that deserves its own crown
Club Costa spread across 50,000 sq. ft
Miniplex | Gymnasium | Karaoke Room | Swimming Pool
Jacuzzi | Spa & Salon | Indoor Kids' Play Area
Library | Banquet Hall | Cafèteria | Restaurant
Food Court | Conference Rooms

YOUR ROYAL LIFE
A treasury of experiences, every hour
50+ lifestyle privileges
Mini Indoor Stadium | Lawn Tennis Court
Mini Cricket Ground | Pickle Ball Court
Jogging & Cycling Track | Badminton Court | BBQ Zone

The Oasis by Metro Kings Court
RERA: RP/19/2026/01424 | Phase1_MP/19/2022/00770 | rera.odisha.gov.in
SOUTH BHUBANESWAR 97777 36222
Developed by : CITY TRADE ARCADE PVT. LTD. | Site Address: The Oasis by Metro Kings Court, Sandhapur, Jatni, Khordha, Odisha - 752050

Disclaimer: This is a proposed development, and all information contained in this advertisement is purely conceptual in nature. It is issued solely for general informational purposes and does not constitute an offer, invitation to offer, advertisement, marketing, or sale of any unit or property, nor does it create any contractual obligation on the part of the developer. The developer expressly disclaims any intent to solicit bookings or sales through this advertisement. All prospective transactions shall be subject to the terms and conditions of a duly executed agreement for sale, in accordance with applicable laws. It is hereby expressly clarified that the amenities and facilities referred to or depicted in any marketing, promotional, or informational material are common/shared amenities forming part of the larger Metro Kings Court Development and are not exclusive to this Project alone. The usage of such amenities and facilities shall be subject to payment of applicable usage, maintenance, or subscription charges, as may be determined by the Promoter/Management from time to time, and shall further be governed by the terms and conditions prescribed by the promoter/Management/Maintenance agency. This project is being developed and promoted by M/s City Trade Arcade Private Limited.



ନେପାଳର କାଠମାଣ୍ଡୁଠାରେ ୨୬୩ତମ ସେନା ଦିବସ ଏବଂ ମହାଶିବରାତ୍ରି ପାଳନ ଅବସରରେ ନେପାଳୀ ସେନାର ଜଣେ ପାରାଶୁଟର ଆକାଶଛତା ସାହାଯ୍ୟରେ ଖସୁଛନ୍ତି।

# ଆଜି ଇଣ୍ଡିଆ ଏଆଇ ଇମ୍ପାକ୍ଟ ପ୍ରଦର୍ଶନୀ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୫।୨(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଅପରାହ୍ନ ୫ଟାରେ ଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଏକ୍ସପୋ ୨୦୨୬କୁ ଉଦ୍‌ଘାଟନ କରିବେ। ଏହା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। କାର୍ଯ୍ୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଜାତୀୟ ପ୍ରଦର୍ଶନ ଭାବେ ଉକ୍ତ ପ୍ରଦର୍ଶନୀ କାର୍ଯ୍ୟ କରିବ, ଯେଉଁଠି ସରକାରୀ ନୀତି କାଗଜପତ୍ରରେ ନ ରହି କାର୍ଯ୍ୟକାରୀ ହେବା ସହ ନୂତନ ଚିନ୍ତାଧାରା ସାରା ଦେଶରେ ଲାଗୁ ହେବ ଏବଂ ଆଧୁନିକ ପ୍ରଯୁକ୍ତି ବିଦ୍ୟା ପ୍ରତ୍ୟେକଙ୍କ ନିକଟରେ ପହଞ୍ଚିବ। ୭୦,୦୦୦ ବର୍ଗଫୁଟ୍‌ରୁ ଅଧିକ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରଦର୍ଶନରେ ବୈଶ୍ୱିକ ପ୍ରଯୁକ୍ତିବିଦ୍ୟା କମ୍ପାନୀ, ଷ୍ଟାର୍ଟଅପ୍, ଶିକ୍ଷାବିତ୍ ଓ ଗବେଷଣା ପ୍ରତିଷ୍ଠାନଗୁଡ଼ିକ ଭାଗନେବେ। ଏଥିସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ଅନ୍ତର୍ଜାତୀୟ ସହଯୋଗୀମାନେ ଉପସ୍ଥିତ ରହିବେ। ଏକ୍ସପୋରେ ୧୩ଟି ଦେଶର ମଞ୍ଚ ରହିବ, ଯେଉଁଠି ଏଆଇ ବ୍ୟବସ୍ଥାରେ ଅନ୍ତର୍ଜାତୀୟ ସହଯୋଗ ପ୍ରଦର୍ଶନ କରାଯିବ। ସେହି ଦେଶଗୁଡ଼ିକ ମଧ୍ୟରେ ଅଷ୍ଟ୍ରେଲିଆ, ଜାପାନ, ରୁଷିଆ, ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ନେଦରଲାଣ୍ଡସ୍, ସୁଇଜରଲାଣ୍ଡ, ସର୍ବିଆ, ଇଷ୍ଟୋନିଆ, ତାଜିକିସ୍ତାନ ଏବଂ ଆଫ୍ରିକା ରହିଛନ୍ତି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ବରିଷ୍ଠ ସହଯୋଗୀ ମାକ୍ସିମ୍ ଓରେଷ୍କିନ୍ ଏକ ବୃହତ୍ ପ୍ରତିନିଧି ଦଳର ନେତୃତ୍ୱ ନେଇ ଏଆଇ ଇମ୍ପାକ୍ଟ ସମିଟ୍‌ରେ ସାମିଲ ହେବେ ବୋଲି ଜଣାପଡ଼ିଛି।

# ଏପ୍ରିଲରୁ କାର୍ଯ୍ୟକାରୀ ହୋଇପାରେ ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ଚୁକ୍ତିନାମା

ନୂଆଦିଲ୍ଲୀ,୧୫।୨(ପି.ଟି.)

ଗତବର୍ଷ ଜୁଲାଇରେ ସ୍ୱାକ୍ଷରିତ ହୋଇଥିବା ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଆସନ୍ତା ଏପ୍ରିଲରୁ କାର୍ଯ୍ୟକାରୀ ହୋଇପାରେ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ଜୁଲାଇ ୨୪ରେ ଭାରତ ଏବଂ ବ୍ରିଟେନ୍ ବିସ୍ତୃତ ଅର୍ଥନୀତି ଓ ବାଣିଜ୍ୟ ଚୁକ୍ତିନାମା (ସିଇଟିଏ)ରେ ସ୍ୱାକ୍ଷର କରିଥିଲେ। ତଦନୁଯାୟୀ ଭାରତୀୟ ରପ୍ତାନିର ୯୯ ପ୍ରତିଶତ ବ୍ରିଟେନ୍‌ରେ ବିନା ଶୁଳ୍କରେ ପ୍ରବେଶ କରିବ। ସେହିପରି ବ୍ରିଟେନରୁ ଆସିବାକୁ ଥିବା କାର୍, ହ୍ୱିସ୍କି ସମେତ ଅନ୍ୟାନ୍ୟ ସାମଗ୍ରୀ ଉପରେ ଭାରତ ଶୁଳ୍କ ହ୍ରାସ କରିବ।

ଏଥିସହିତ ଅସ୍ଥାୟୀ କର୍ମଚାରୀମାନଙ୍କୁ ଯେପରି ଉଭୟ ଦେଶରେ ସାମାଜିକ ସୁରକ୍ଷା ଶୁଳ୍କ ଦେବାକୁ ନ ପଡ଼େ, ସେଥିପାଇଁ ଭାରତ ଓ ବ୍ରିଟେନ ମଧ୍ୟରେ ଦ୍ୱିତୀୟ ଅବଦାନ ଚୁକ୍ତିନାମା (ଡିସିସି) ସ୍ୱାକ୍ଷରିତ ହୋଇଥିଲା। ଉଭୟ ଚୁକ୍ତିନାମାକୁ ଏକସଙ୍ଗେ ଲାଗୁ କରାଯିବ ବୋଲି ଜଣେ ସରକାରୀ ଅଧିକାରୀ କହିଛନ୍ତି। ତେବେ କାର୍ଯ୍ୟକାରିତା ପୂର୍ବରୁ ଉକ୍ତ ଚୁକ୍ତି ଉପରେ ବ୍ରିଟେନ୍ ପାର୍ଲାମେଣ୍ଟର ଅନୁମୋଦନ ଆବଶ୍ୟକ। ଭାରତରେ କେନ୍ଦ୍ର କ୍ୟାବିନେଟ ଉକ୍ତ ଚୁକ୍ତିନାମାକୁ ଅନୁମୋଦନ କରିଛି। ଏହା ବ୍ରିଟେନ ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ଲାଗୁ କରାଯିବ।

# ବିର୍ଲାଙ୍କ ବିରୋଧରେ ମାର୍ଚ୍ଚ ୯ରେ ଅନାସ୍ଥା ଭୋଟ

ତାୱାଙ୍ଗ,୧୫।୨ (ପି.ଟି.)

ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ପଦବୀରୁ ହଟାଇବା ପାଇଁ ବିରୋଧୀ ଆଣିଥିବା ଅନାସ୍ଥା ପ୍ରସ୍ତାବ ଉପରେ ମାର୍ଚ୍ଚ ୯ରେ ବିତର୍କ ହେବା ସହ ଭୋଟ ନିଆଯିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ରବିବାର କହିଛନ୍ତି। ସେହିଦିନଠାରୁ ପାର୍ଲାମେଣ୍ଟରେ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବାକୁ ଯାଉଛି। ଉକ୍ତ ଅଧିବେଶନ ମାର୍ଚ୍ଚ ୯ରୁ ଏପ୍ରିଲ ୨ ପର୍ଯ୍ୟନ୍ତ ଚାଲିବ, ଯେଉଁଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଆଲୋଚନା ହେବ। ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଭଳି ଯଦି ବିରୋଧୀ ହଟ୍ଟଗୋଳ ଜାରି ରଖନ୍ତି, ତେବେ ଏହା ସେମାନଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ବୋଲି ରିଜିଜୁ କହିଛନ୍ତି।

ମାର୍ଚ୍ଚ ୯ରେ ଲୋକ ସଭାରେ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଉପରେ ବିତର୍କ ହେବ। ପ୍ରଥମ ଦିନରେ ଏଭଳି ପ୍ରସ୍ତାବକୁ ବିଚାରକୁ ନେବାର ନିୟମ ରହିଛି। ପରେ ଏହା ଉପରେ ଭୋଟ ନିଆଯିବ ବୋଲି ନିଜ ନିର୍ବାଚନ ମଣ୍ଡଳୀ ଗସ୍ତରେ ଥିବା ରିଜିଜୁ ଗଣମାଧ୍ୟମକୁ କହିଛନ୍ତି। ସୂଚନାଯୋଗ୍ୟ, ପାର୍ଲାମେଣ୍ଟର ବଜେଟ ଅଧିବେଶନ ଜାନୁଆରୀ ୨୮ରୁ ରାଷ୍ଟ୍ରପତିଙ୍କ ଅଭିଭାଷଣ ସହ ଆରମ୍ଭ ହୋଇ ଫେବୃଆରୀ ୧୨ରୁ ବିରତ ରହିଛି। ଫେବୃଆରୀ ୧ରେ କେନ୍ଦ୍ର ବଜେଟ ଉପସ୍ଥାପନ ହୋଇଥିଲା।

# ମେଡିକାଲ କଲେଜରେ ଛାତ୍ରଙ୍କ ଆତ୍ମହତ୍ୟା

କୋଲକାତା,୧୫।୨

ପଶ୍ଚିମବଙ୍ଗର ଦୁର୍ଗାପୁରସ୍ଥିତ ଏକ ଘରୋଇ ମେଡିକାଲ କଲେଜ ହସ୍ପିଟାଲ ହଷ୍ଟେଲରେ ଜଣେ ୨୨ ବର୍ଷୀୟ ଡାକ୍ତରୀ ଛାତ୍ରଙ୍କ ମୃତଦେହ ଶନିବାର ରାତିରେ ମିଳିଛି। ଲାବନ୍ୟ ପ୍ରତାପ ନାମକ ଉକ୍ତ ଛାତ୍ର ହେଷ୍ଟେଲ ବାଥ୍‌ରୁମ୍ ଛାତରୁ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ଘର ବିହାରର ପାଟନାରେ ବୋଲି ଜଣାପଡ଼ିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ବିଭିନ୍ନ ସେମିଷ୍ଟର ପରୀକ୍ଷାରେ ଖରାପ ପ୍ରଦର୍ଶନ ପାଇଁ ଛାତ୍ର ଜଣକ ବିଚଳିତ ଥିଲେ ବୋଲି ପୋଲିସର ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟରୁ ମୃତ୍ୟୁ କିପରି ହେଲା, ତାହା ସ୍ପଷ୍ଟ ହେବ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି। ଘଟଣାକୁ ନେଇ ହସ୍ପିଟାଲ କ୍ୟାମ୍ପସ୍‌ରେ ଉତ୍ତେଜନା ଦେଖାଦେଇଛି।

# କଟକଣା ହଟିଲେ ସାଲିସ ପାଇଁ ଇରାନ୍ ରାଜି

ତେହରାନ୍,୧୫।୨



ଡୋନାଲ୍ଡ ଟ୍ରମ୍ପ, ଆୟାତୋଲ୍ଲା ଖାମ୍‌ନେଇ

ଇରାନ ନିଜର ଆଣବିକ କାର୍ଯ୍ୟକ୍ରମକୁ ନେଇ ଆମେରିକା ସହ ସାଲିସ କରିବାକୁ ପ୍ରସ୍ତୁତ ରହିଛି। କିନ୍ତୁ ଏଥିପାଇଁ ନିର୍ଦ୍ଦିଷ୍ଟ ସର୍ତ୍ତ ରଖିଛି। ଯଦି ଆମେରିକା କଟକଣା ହଟାଇବ ତେବେ ଇରାନ ନିଜର ଆଣବିକ କାର୍ଯ୍ୟକ୍ରମକୁ ସାଲିସ କରିବା ସହିତ ଆଲୋଚନା ପାଇଁ ରାଜି ବୋଲି ରବିବାର ଉପ ବହିର୍ବ୍ୟାପାର ମନ୍ତ୍ରୀ ମାଜିଦ୍ ତାକତ୍ ରାଭାଞ୍ଚି ବିବିସିକୁ ସାକ୍ଷାତ୍‌କାର ଦେବା ଅବସରରେ କହିଛନ୍ତି। ଆଣବିକ କାର୍ଯ୍ୟକ୍ରମକୁ ନେଇ ଇରାନ ଏବଂ ଆମେରିକା ମଧ୍ୟରେ ଆରମ୍ଭ ହୋଇଥିବା ଆଲୋଚନା ଆଗକୁ ବଢି ନ ପାରିବାରୁ ଏଥିପାଇଁ ଉଭୟ ଦେଶ ପରସ୍ପରକୁ ଦୋଷାରୋପ କରିଥିଲେ। ସପ୍ତାହ ତଳେ ଓମାନ ମଧ୍ୟସ୍ଥତାରେ ମସ୍କାଟ୍‌ଠାରେ ଆଲୋଚନା ଆରମ୍ଭ ହୋଇଥିଲା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ତୁର୍କୀ କିମ୍ବା ଇଜିପ୍ଟରେ ହେବାର ସମ୍ଭାବନା ଥିଲା। କିନ୍ତୁ ମସ୍କାଟ୍ ବୈଠକ ପରେ ଇରାନ ନିଜର ଆଣବିକ ଏବଂ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମରେ କୌଣସି ପରିବର୍ତ୍ତନ ଆଣିବ ନାହିଁ ବୋଲି କହିବା ପରେ ଇରାନ ସହ ଆଉ ବୁଝାମଣା ସମ୍ଭବ ନୁହେଁ ବୋଲି ଆମେରିକା ସ୍ଥିର କରିନେଇଥିଲା। ଇରାନ ଉପରେ ଆକ୍ରମଣ ଏକମାତ୍ର ବିକଳ୍ପ ଭାବେ ନିଷ୍ପତ୍ତି ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ଇରାନ ଅଭିମୁଖେ ଦ୍ୱିତୀୟ ବୃହତ ଯୁଦ୍ଧଜାହାଜ ସମେତ ଅନେକ ହଜାର ସେନା ପ୍ରେରଣ କରିଥିଲେ। ଏପରିକି ଇରାନର ସର୍ବୋଚ୍ଚ ଧର୍ମଗୁରୁ ଆୟାତୋଲ୍ଲା ଖାମ୍‌ନେଇଙ୍କୁ ଟାର୍ଗେଟ କରି ତାଙ୍କୁ କ୍ଷମତାଚ୍ୟୁତ କରିବା ସବୁଠୁ ଭଲ ବିକଳ୍ପ ବୋଲି କହିଥିଲେ। ଏହି ଘଟଣାକୁ କିଛି ଘଣ୍ଟା ନ ପୂରୁଣୁ ଇରାନ ପକ୍ଷରୁ ଉପରୋକ୍ତ ବୟାନ ଜାରି କରାଯାଇଛି। କିନ୍ତୁ ଇରାନ ଉପରୁ ଆମେରିକା କଟକଣା ହଟାଇବ କି ନାହିଁ ସେ ସମ୍ପର୍କରେ ଟ୍ରମ୍ପ ପ୍ରଶାସନ ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ। ଅପରପକ୍ଷେ ଏବେ ନିଷ୍ପତ୍ତି ନେବା ଦାୟିତ୍ୱ ଆମେରିକା ହାତରେ ରହିଛି ବୋଲି କହି ଇରାନ ନିଜ ମୁଣ୍ଡରୁ ଦୋଷ ଛଡ଼ାଇବାକୁ ଉଦ୍ୟମ କରିଛି। ଯଦି ଆମେରିକା ଇରାନ ସର୍ତ୍ତକୁ ନ ମାନେ ତେବେ ପରବର୍ତ୍ତୀ ପଦକ୍ଷେପ କ'ଣ ହେବ ତାହା ଏବେ ଆଲୋଚନାର ମୁଖ୍ୟ ବିଷୟ ହୋଇଛି।

# ଇମ୍ରାନ୍‌ଙ୍କୁ ଗୋପନରେ ହସ୍ପିଟାଲ ସ୍ଥାନାନ୍ତର କରିଛି ପାକିସ୍ତାନ

## ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଜୀବନ ପ୍ରତି ବିପଦ ଆଶଙ୍କା କଲା ତାଙ୍କ ଦଳ

ଇସ୍‌ଲାମାବାଦ,୧୫।୨

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ମୁଖ୍ୟ ଇମ୍ରାନ୍ ଖାନ୍‌କୁ ଗୋପନରେ ଜେଲରୁ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଥିବା ଦଳ ଅଭିଯୋଗ କରିଛି। ଏହା ତାଙ୍କର ମୌଳିକ ଅଧିକାରର ସମ୍ପୂର୍ଣ୍ଣ ଉଲ୍ଲଂଘନ ଏବଂ ତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ ବୋଲି ଦଳ ଆଶଙ୍କା ବ୍ୟକ୍ତ



ଇମ୍ରାନ୍ ଖାନ୍

କରିଛି। ୭୩ ବର୍ଷୀୟ ଇମ୍ରାନ୍‌ଙ୍କୁ ହସ୍ପିଟାଲ ନିଆଯିବା ସମ୍ପର୍କରେ ତାଙ୍କ ପରିବାରକୁ ଜଣାଯାଇ ନାହିଁ। ଇମ୍ରାନ୍‌ଙ୍କ ବ୍ୟକ୍ତିଗତ ଡାକ୍ତର ଏବଂ ପରିବାରର ଅନ୍ୟୂନ ଜଣେ ସଦସ୍ୟଙ୍କ ଉପସ୍ଥିତିରେ ତାଙ୍କର କୌଣସି ଡାକ୍ତରୀ ପରୀକ୍ଷା କରାଇବା କିମ୍ବା ଔଷଧ ଦେବାକୁ ଦଳ ଦାବି କରିଛି। ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଡାହାଣ ଆଖିର ଦୃଷ୍ଟିଶକ୍ତି ୮୫ ପ୍ରତିଶତ ହ୍ରାସ ପାଇବା ସହ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ରହିଥିଲାବେଳେ ଜେଲ କର୍ତ୍ତୃପକ୍ଷ ଉପଯୁକ୍ତ ସ୍ୱାସ୍ଥ୍ୟଗତ ଯତ୍ନ ନେଉ ନ ଥିବା ତାଙ୍କ ପରିବାର ଏବଂ ଓକିଲ ଟିମ୍ ବାରମ୍ବାର ଅଭିଯୋଗ କରିଆସୁଛନ୍ତି।

# ବିଏଲ୍‌ଏ କବ୍‌ଜାରେ ୧୭ ପାକ୍ ସୈନ୍ୟ



କ୍ୱେଟା,୧୫।୨

ବେଲୋଚ ଲିବରେଶନ ଆର୍ମି (ବିଏଲ୍‌ଏ) ପାକିସ୍ତାନର ୧୭ ଜଣ ସୈନ୍ୟଙ୍କୁ ଅଟକ ରଖିଥିବା ରବିବାର ଦାବି କରିଛି। ସେମାନଙ୍କ ମଧ୍ୟରୁ ୧୦ ଜଣ ବେଲୁଚିସ୍ତାନର ହୋଇଥିବାରୁ ସେମାନଙ୍କୁ ଛାଡ଼ିଦିଆଯାଇଥିବାବେଳେ ଅନ୍ୟ ୭ ଜଣଙ୍କ ମୁକ୍ତି ପାଇଁ ବିଏଲ୍‌ଏ ବନ୍ଦୀ ବଦଳ ନିମନ୍ତେ ପାକିସ୍ତାନ ସରକାରଙ୍କୁ ଗୋଟିଏ ସପ୍ତାହ ସମୟ ଦେଇଛି। ଅପରେଶନ ହେରୋଫ୍‌ର ଏହା ଦ୍ୱିତୀୟ ପର୍ଯ୍ୟାୟ ବୋଲି ବିଏଲ୍‌ଏ ଗଣମାଧ୍ୟମ ବିଭାଗ ହକ୍କାଲର ମୁଖପାତ୍ର ଜିୟାନ୍ଦ ବେଲୋଚ କହିଛନ୍ତି। ବିଏଲ୍‌ଏ ପାଖରେ ଯେଉଁ ୭ ଜଣ ସୈନ୍ୟ ଅଟକ ଅଛନ୍ତି, ସେମାନେ ପାକ୍ ସେନାର ନିୟମିତ ଶାଖା ସଦସ୍ୟ। ସାଧାରଣ ନାଗରିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ବେଲୋଚ ଲୋକଙ୍କୁ ହତ୍ୟା ଘଟଣାରେ ସେମାନେ ସମ୍ପୃକ୍ତ ଥିବା ନେଇ ବେଲୋଚ ଜାତୀୟ ଅଦାଲତରେ ବିଚାରର ସମ୍ମୁଖୀନ ହୋଇଛନ୍ତି। ଏହା ସତ୍ତ୍ୱେ ୭ ଦିନ ମଧ୍ୟରେ ବନ୍ଦୀ ବଦଳ ପାଇଁ ପ୍ରସ୍ତୁତ ଥିବା ଜଣାଇବାକୁ ବିଏଲ୍‌ଏ ଇସ୍‌ଲାମାବାଦକୁ କହିଛି। ଇସ୍‌ଲାମାବାଦ ଏଥିପାଇଁ ଆଗ୍ରହ ପ୍ରକାଶ କଲେ, ବେଲୋଚ ବନ୍ଦୀଙ୍କ ବଦଳରେ ସେମାନଙ୍କୁ ଛାଡ଼ିଦିଆଯାଇପାରିବ। ସୂଚନାଯୋଗ୍ୟ, ପୂର୍ବରୁ ପାକ୍ କର୍ତ୍ତୃପକ୍ଷ ଏକ ବନ୍ଦୀ ବିନିମୟ ପ୍ରସ୍ତାବରେ ପଦକ୍ଷେପ ନେବାରେ ବିଫଳ ହୋଇଥିଲେ। ତେଣୁ ସପ୍ତାହେ ମଧ୍ୟରେ ଇସ୍‌ଲାମାବାଦ ଯଦି କୌଣସି ପଦକ୍ଷେପ ନ ନିଏ, ତେବେ ଅଦାଲତ ଦ୍ୱାରା ଦଣ୍ଡିତ କରାଯିବବୋଲିବିଏଲ୍‌ଏସ୍ପଷ୍ଟକରିଦେଇଛି।

# ଇସ୍ରାଏଲ ଆକ୍ରମଣରେ ୧୧ ପାଲେଷ୍ଟିନୀୟ ମୃତ

ତେଲ୍ ଆଭିଭ୍,୧୫।୨

ଇସ୍ରାଏଲ ସେନା ରବିବାର ସକାଳେ ଗାଜା ଉପରେ ବୋମାମାଡ଼ କରିବାରୁ ୧୧ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ଉତ୍ତର ଗାଜାସ୍ଥିତ ଏକ ଆଶ୍ରୟ ଶିବିର ନିକଟରେ ହମାସ୍ ଠିକଣାକୁ ଟାର୍ଗେଟ କରି ଇସ୍ରାଏଲ୍ ଆକ୍ରମଣ କରିଥିଲା। ଏଥିରେ ୬ ଜଣଙ୍କ ମୃତ୍ୟୁ ହେବା ସହ ୪ ଜଣ ଆହତ ହୋଇଥିଲେ। ଦକ୍ଷିଣ ଗାଜାରେ ବୋମାମାଡ଼ ଯୋଗୁ ୫ ଜଣଙ୍କ ମୃତ୍ୟୁ ଘଟିଛି। ଏବେ ଗାଜାର ଯେଉଁ ଅଞ୍ଚଳ ଆଇଡିଏଫ୍ ନିୟନ୍ତ୍ରଣରେ ରହିଛି, ସେଠାରେ ହମାସ୍ ଦ୍ୱାରା ଯୁଦ୍ଧବିରତି ନିୟମ ଉଲ୍ଲଂଘନ କରାଯିବାରୁ ଇସ୍ରାଏଲ ସେନା ପକ୍ଷରୁ ଆକ୍ରମଣ କରାଯାଇଛି ବୋଲି ଆଇଡିଏଫ୍ କହିଛି।

# ହାୱାଲା ର୍ୟାକେଟ୍‌ର ୮ ହଜାର ଆକାଉଣ୍ଟ ରଦ୍ଦ

ଶ୍ରୀନଗର,୧୫।୨

ଜମ୍ମୁ- କଶ୍ମୀରରେ ବେଆଇନ ଭାବେ ଅର୍ଥ କାରବାର କରିବା ସହିତ ବିଦେଶରୁ ହାୱାଲା ମାଧ୍ୟମରେ ବିପୁଳ ଅର୍ଥ ସଂଗ୍ରହ କରାଯିବା ଘଟଣା ଏବେ ମଧ୍ୟ ବନ୍ଦ ହୋଇନାହିଁ। ବିଚ୍ଛିନ୍ନତାବାଦୀ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ଲକ୍ଷ୍ୟରେ ଏଠାକାର ଅନେକ ସ୍ଥାନୀୟ ଲୋକ ମଧ୍ୟସ୍ଥ ଜରିଆରେ ଏଭଳି କାରବାର ଚଳାଇଛନ୍ତି ବୋଲି ଜଣାପଡ଼ିବା ପରେ ପ୍ରଥମେ ଜାତୀୟ ଅନୁସନ୍ଧାନକାରୀ ଏଜେନ୍ସି(ଏନ୍‌ଆଇଏ) ପକ୍ଷରୁ ଚଢ଼ାଉ କରାଯାଇ ବହୁ ଆକାଉଣ୍ଟ ଜବତ କରାଯାଇଥିଲା।ଏହାସତ୍ତ୍ୱେଏହିଧାରା ବନ୍ଦ ହୋଇନାହିଁ। ଏବେ ହାୱାଲା ମାଧ୍ୟମରେ ବହୁ ଆକାଉଣ୍ଟରେ କାରବାର ଚାଲିଥିବା ଜଣାପଡ଼ିବା ପରେ ସୁରକ୍ଷା ଏଜେନ୍ସି ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଏକ ବଡ଼ ହାୱାଲା ର୍ୟାକେଟ୍ ଧରାଯାଇଛି। ବର୍ତ୍ତମାନ ସୁଦ୍ଧା ୮ ହଜାରରୁ ଅଧିକ ଆକାଉଣ୍ଟ ରଦ୍ଦ କରିଦିଆଯାଇଥିବା ଜମ୍ମୁ-କଶ୍ମୀର ପ୍ରଶାସନ ପକ୍ଷରୁ କୁହାଯାଇଛି। ବେଆଇନ ଭାବେ ବିଭିନ୍ନ ଆକାଉଣ୍ଟରେ ଅର୍ଥ ସଂଗ୍ରହ କରାଯାଇ ସେଗୁଡିକୁ ଭାରତ ବିରୋଧୀ କାର୍ଯ୍ୟକଳାପରେ ଲଗାଯାଉଥିବାରୁ ବ୍ୟାଙ୍କଗୁଡିକ ସହ ଉତ୍ତମ ସମନ୍ୱୟ ରଖି ଏଭଳି ଆକାଉଣ୍ଟ ଉପରେ ତୀକ୍ଷ୍ଣ ନଜର ରଖିବାକୁ ସୁରକ୍ଷା ଏଜେନ୍ସିଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି।

# ରହମାନଙ୍କ ଶପଥ ଉତ୍ସବରେ ଯୋଗ ଦେବେନି ମୋଦି

## ପ୍ରତିନିଧିତ୍ୱ କରିବେ ବାଚସ୍ପତି ଓମ୍ ବିର୍ଲା, ବିକ୍ରମ ମିଶ୍ରି

ନୂଆଦିଲ୍ଲୀ,୧୫।୨

ବାଂଲାଦେଶ ନିର୍ବାଚନରେ ବିଏନ୍‌ପି ବିପୁଳ ବିଜୟ ହାସଲ କରିବା ପରେ ଦଳୀୟ ଅଧ୍ୟକ୍ଷ ତାରିକ୍ ରହମାନ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ। ଆସନ୍ତା ୧୭ ତାରିଖରେ ଏକ ଭବ୍ୟ ଉତ୍ସବରେ ରହମାନ ଶପଥ ନେବାକୁ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା ବେଳେ ଏଥିରେ ଭାରତ, ପାକିସ୍ତାନ, ନେପାଳ,ଚାଇନା, ଶ୍ରୀଲଙ୍କା ସମେତ ୧୩ଟି ରାଷ୍ଟ୍ରର ପ୍ରତିନିଧି ଯୋଗଦେବେ। ଏହି ଉତ୍ସବରେ ଯୋଗଦେବାକୁ ବାଂଲାଦେଶ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆମନ୍ତ୍ରିତ କରାଯାଇଥିଲେ ହେଁ ଏଥିରେ ମୋଦି ଯୋଗ ଦେବେନାହିଁ। ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଏବଂ ବହିର୍ବ୍ୟାପାର ମନ୍ତ୍ରଣାଳୟ ସଚିବ ବିକ୍ରମ ମିଶ୍ରି ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ ବୋଲି ରବିବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।



ଓମ୍ ବିର୍ଲା

ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରନ ଭାରତ ଗସ୍ତରେ ଆସି ୧୭ ତାରିଖରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟି ଦ୍ୱିପାକ୍ଷିକ ଆଲୋଚନା କରିବାକୁ କାର୍ଯ୍ୟକ୍ରମ ସ୍ଥିର ହୋଇସାରିଥିବାରୁ ମୋଦି ରହମାନଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ସମ୍ଭବ ନୁହେଁ ବୋଲି କୁହାଯାଇଛି।

# ଆଣବିକ ରିଆକ୍ଟର ପ୍ରସ୍ତୁତ କଲେ ୧୨ ବର୍ଷୀୟ ଛାତ୍ର

ଟେକ୍ସାସ୍,୧୫।୨

ଆମେରିକାର ଟେକ୍ସାସ୍ ରାଜ୍ୟସ୍ଥିତ ଡଲାସ୍ ସହରର ଜଣେ ୧୨ ବର୍ଷର ଛାତ୍ର ଯାହା କରିଛନ୍ତି ତାହା ବୈଜ୍ଞାନିକ ଏବଂ ଗବେଷକ ମହଲକୁ ଆଶ୍ଚର୍ଯ୍ୟ କରିଦେଇଛି। ଏହି ଛାତ୍ର ଜଣକ ନିଜ ଖେଳିବା ଘରେ ଏକ ଆଣବିକ ରିଆକ୍ଟର ପ୍ରସ୍ତୁତ କରିଛନ୍ତି, ଯାହାକି ପଦାର୍ଥ ବିଜ୍ଞାନରେ ପିଏଚ୍‌ଡି କରୁଥିବା ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ମଧ୍ୟ ସମ୍ଭବ ହୋଇନାହିଁ। ୭ମ ଗ୍ରେଡ୍‌ରେ ପାଠ ପଢୁଥିବା ଏଡେନ୍ ମ୍ୟାକ୍ ମିଲାନ୍ ନାମକ ଏହି ଛାତ୍ର ଜଣକ ୮ ବର୍ଷ ବୟସରୁ ନ୍ୟୁକ୍ଲିୟର ଫିଜିକ୍ସ ବିଷୟରେ ପଢିବା ଆରମ୍ଭ କରିବା ସହିତ ପରେ ପରେ ପରମାଣୁ ସଂଯୋଗ ବା ମିଶ୍ରଣ( ଫ୍ୟୁଜନ୍)କୁ ନେଇ ପଢ଼ିବା ଆରମ୍ଭ କରିଥିଲେ। ପ୍ରାୟ ୪ ବର୍ଷ ଧରି ସେ ଏ ସମ୍ପର୍କରେ ଘରେ ଗବେଷଣା କରି ନ୍ୟୁକ୍ଲିୟର ଫ୍ୟୁଜନ୍‌ରୁ କିଭଳି ଶକ୍ତି ଉତ୍ପନ୍ନ ହୁଏ ସେ ସମ୍ପର୍କରେ ଉଦ୍ୟମ କରି ରିଆକ୍ଟର ପ୍ରସ୍ତୁତ କରିବାକୁ ଲାଗିପଡ଼ିଥିଲେ। ନ୍ୟୁକ୍ଲିୟର ଫ୍ୟୁଜନ୍ ପ୍ରକ୍ରିୟାରେ ଦୁଇଟି ହାଲୁକା ପରମାଣୁ ନାଭିର ମିଶ୍ରଣ ଘଟି ଏକ ବଡ଼ ନାଭିକେନ୍ଦ୍ର ସୃଷ୍ଟି ହେବା ସହିତ ପ୍ରଚୁର ପରିମାଣରେ ଶକ୍ତି ଉତ୍ପନ୍ନ ହୋଇଥାଏ। ତେବେ ଏହି ଛାତ୍ର ଜଣକ ଘରେ ରିଆକ୍ଟର ପ୍ରସ୍ତୁତ କରିବାକୁ ମଧ୍ୟ ସମର୍ଥ ହୋଇଛନ୍ତି। ଏଡେନ୍ ଏଭଳି ଏକ ଗମ୍ଭୀର ବିଷୟରେ



ଏଡେନ୍ ମ୍ୟାକ୍ ମିଲାନ୍

## ରୁମ୍‌ରେ ୪ ବର୍ଷର ଗବେଷଣା ପରେ ସଫଳତା

ଘରେ ଗବେଷଣା କରି ସରଞ୍ଜାମ ପ୍ରସ୍ତୁତ କରିବା ସମୟରେ ତାଙ୍କ ପରିବାର ଲୋକ ଉଦ୍‌ବେଗ ପ୍ରକାଶ କରିଥିଲେ। କିନ୍ତୁ ସେ ସୁରକ୍ଷା ପ୍ରୋଟେକଲ୍‌କୁ ନେଇ ତାଙ୍କ ମାଆଙ୍କୁ ଏଭଳି ବୁଝାଇପାରିଥିଲେ ଯେ, ତାହା ମାଆଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। ଏଡେନ୍‌ଙ୍କ ଏହି କୃତିତ୍ୱକୁ ନେଇ ଆମେରିକାର ବିଭିନ୍ନ ମହଲରେ ବିସ୍ମୟ ପ୍ରକାଶ ପାଇଥିଲା ବେଳେ ଏହା ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇବାକୁ ଯାଉଛି ବୋଲି କୁହାଯାଇଛି।



**ଜାସନ ହୋଲ୍ଡର ପ୍ଲେୟର ଅଫ୍ ଦି ମ୍ୟାଚ**
ନେପାଳ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି ୱେଷ୍ଟଇଣ୍ଡିଜର ଜାସନ ହୋଲ୍ଡର। ୧୨

୦୨ **ଜ୍ୟାକଲିନ୍‌ଙ୍କୁ ଭାଲେଣ୍ଟାଇନ୍ସ ଡେ'ରେ ହେଲିକପ୍ଟର ଗିଫ୍ଟ**
ଅଭିନେତ୍ରୀ ଜ୍ୟାକଲିନ ଫର୍ଣ୍ଣାଣ୍ଡିଜ୍‌ଙ୍କୁ ଜେଲରେ ଥିବା ସୁକେଶ ଚନ୍ଦ୍ରଶେଖର ଭାଲେଣ୍ଟାଇନ୍ସ ଡେ' ଅବସରରେ 'ଏୟାରବସ୍ ଏଚ୍-ସିରିଜ' ହେଲିକପ୍ଟର ଉପହାର ଦେଇଥିବା ଦାବି କରିଛନ୍ତି।





ମହାଶିବରାତ୍ରି ଅବସରରେ ରବିବାର ରାତି ୮ଟା ୪୦ରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଦୀପ ଉଠିବା ବେଳର ଦୃଶ୍ୟ।

# ତରଳୁଛି ହିମବାହ, ବିଶ୍ୱକୁ ବିପଦ

## ପ୍ରଭାବିତ ହେବ ହିମାଳୟ କ୍ଷେତ୍ର

ବିଶ୍ୱବ୍ୟାପୀ ଦ୍ରୁତ ସହରୀକରଣ ଓ ଶିଳ୍ପାୟନର ପ୍ରତ୍ୟକ୍ଷ ପ୍ରଭାବ ଜଳବାୟୁ ପରିବର୍ତ୍ତନ ଉପରେ ପଡୁଛି। ଏହି କ୍ରମେ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ୩,୦୦୦ରୁ ଊର୍ଦ୍ଧ୍ୱ ହିମବାହ ସ୍ୱାଭାବିକଠାରୁ ଅଧିକ ମାତ୍ରାରେ ତରଳୁଥିବାରୁ ଏହା ଆଗାମୀ ଦିନରେ ପୃଥିବୀ ପାଇଁ ବିପଦ ସାଜିପାରେ ବୋଲି ବୈଜ୍ଞାନିକମାନେ ସତର୍କ କରାଇଛନ୍ତି। ବିଶେଷକରି ଆର୍କଟିକ୍, ହାଇ ମାଉଣ୍ଟେନ୍ ଏସିଆ, ଆଣ୍ଡେସ୍ ଏବଂ କାରାକୋରମ୍ କ୍ଷେତ୍ର ଅତିମାତ୍ରାରେ ହିମବାହ ତରଳୁଥିବାରୁ ଏହିସବୁ ଅଞ୍ଚଳରେ ସର୍ବାଧିକ ପ୍ରଭାବ ଅନୁଭୂତ ହେବ। ବରଫ ତରଳି ଜଙ୍ଗଲ, ଜମି ଓ ଜନବସତିକୁ ଜଳ ପ୍ଲାବିତ କରିବା ସହ ଅନେକ ଲକ୍ଷ ଲୋକ ବାସହରା ହୋଇଯିବେ ବୋଲି 'ନେଚର ରିଭ୍ୟୁଜ୍ ଆର୍ଥ ଆଣ୍ଡ୍ ଏନ୍‌ଭାଇରନ୍‌ମେଣ୍ଟ' ଜର୍ନାଲରେ ପ୍ରକାଶିତ ଏକ ସଦ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଜମ୍ମୁ-କଶ୍ମୀର, ଲଦାଖ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଓ ସିକିମ୍ ପ୍ରତି ତରଳମାନ ହିମବାହ ବିପଜ୍ଜନକ ସ୍ଥିତି ସୃଷ୍ଟି କରିଥିବାବେଳେ ଉକ୍ତ ରିପୋର୍ଟରେ ଅଧିକ ସତର୍କତା ପାଇଁ ପରାମର୍ଶ ଦିଆଯାଇଛି।



**ଲଣ୍ଡନ/ ନୂଆଦିଲ୍ଲୀ, ୧୫।୨(ଏଜେନ୍ସି)**

ସାରା ବିଶ୍ୱରେ ପ୍ରାୟ ୩,୧୦୦ ହିମବାହ ଦ୍ରୁତଗତିରେ ତରଳୁଛି, ଯାହାକି ଅତ୍ୟନ୍ତ ବିରଳ ଘଟଣା। ବିଶ୍ୱରେ ଥିବା ମୋଟ ହିମବାହର ଏହା ମାତ୍ର ୧% ହୋଇଥିଲେ ମଧ୍ୟ ସେସବୁ ତରଳିବା ଯୋଗୁ ଏକ-ପଞ୍ଚମାଂଶ (୧୬-୨୦%) ହିମବାହ ଅଞ୍ଚଳ ଜଳମଗ୍ନ ହୋଇ ବିପର୍ଯ୍ୟୟର କାରଣ ସାଜିବ ବୋଲି ବୈଜ୍ଞାନିକମାନେ ସ୍ପଷ୍ଟ କରିଛନ୍ତି। ଲଣ୍ଡନ୍‌ସ୍ଥିତ ପୋର୍ଟ୍ସମାଉଥ୍ ୟୁନିଭର୍ସିଟିର ଗବେଷକମାନେ ଦ୍ରୁତଗତିରେ ତରଳୁଥିବା ହିମବାହ ଉପରେ ଏକ ଅଧ୍ୟୟନ ଚଳାଇଥିଲେ। ଏପରି କି ହିମବାହ କାହିଁକି ସ୍ୱାଭାବିକଠାରୁ ଅଧିକ ମାତ୍ରାରେ ତରଳୁଛି ଏବଂ ପୃଥିବୀ ଉପରେ ଏହାର ସମ୍ଭାବ୍ୟ ପ୍ରଭାବକୁ ନେଇ ମଧ୍ୟ ପରୀକ୍ଷାନିରୀକ୍ଷା କରିଥିଲେ। ହିମବାହର ଗତି ଓ ବୈଶିଷ୍ଟ୍ୟ ଉପରେ ସେମାନେ ବିଶ୍ଳେଷଣ କରି ଅନେକ ନୂଆ ତଥ୍ୟ ଜାଣିବାକୁ ପାଇଛନ୍ତି। ଏଥିରୁ ଜଣାପଡ଼ିଛି ଯେ, ଜଳବାୟୁ ପରିବର୍ତ୍ତନ ଯୋଗୁ ତାପମାତ୍ରାରେ ନାଟକୀୟ ପରିବର୍ତ୍ତନ ହେବାରେ ଲାଗିଛି। ଗବେଷଣାରେ ସାମିଲ ଥିବା ବିଶ୍ୱବିଦ୍ୟାଳୟର ଏନ୍‌ଭାଇରନ୍‌ମେଣ୍ଟ ଆଣ୍ଡ୍ ସାଇନ୍ସ ସ୍କୁଲ ବରିଷ୍ଠ ଅଧ୍ୟାପକ ତଥା ହିମବାହ ବିଜ୍ଞାନୀ ଡ. ହାରୋଲ୍ଡ ଲଭେଲ୍ କହିଛନ୍ତି, ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଯୋଗୁ ବିଶ୍ୱର ତାପମାତ୍ରା ବଢ଼ୁଛି। ଏହାର ପ୍ରଭାବରେ ହିମବାହଗୁଡ଼ିକ ଯେପରି ଅସ୍ୱାଭାବିକ ଭାବେ ତରଳିବାରେ ଲାଗିଛି, ତାହା ବିପଦ ଆଣିଦେଇପାରେ। ହିମବାହଗୁଡ଼ିକ ନ ତରଳି ବରଫ ଅବସ୍ଥାରେ ଥିଲେ ତାହା ବ୍ୟାଙ୍କ ଆକାଉଣ୍ଟ ସଦୃଶ। କିନ୍ତୁ ସାମ୍ପ୍ରତିକ ସ୍ଥିତିକୁ ଦେଖିଲେ ଦିନେ ସେଗୁଡ଼ିକ 'ବ୍ଲାକ୍ ଫ୍ରାଇଡେ' ଇଭେଣ୍ଟରେ ପରିଣତ ହେବା ଆଶଙ୍କା ଉପୁଜିଛି। ବିଶ୍ୱରେ ଥିବା ସମସ୍ତ ହିମବାହର ☞ପୃଷ୍ଠା-୨

# ଆଜି ରତ୍ନଭଣ୍ଡାର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୫।୨ (ରବିନାରାୟଣ ଜେନା)**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଓ ରତ୍ନଅଳଙ୍କାର ଗଣତିମଣତି ନେଇ ବିଭିନ୍ନ ମହଲରେ ଉତ୍ସୁକତା ପ୍ରକାଶ ପାଉଥିବାବେଳେ ସୋମବାର ଦୁଇଟି ପର୍ଯ୍ୟାୟରେ ଏହାର ସମୀକ୍ଷା ହେବ। ପ୍ରଥମ ପର୍ଯ୍ୟାୟରେ ପୂର୍ବାହ୍ନ ୧୧ଟାରେ ଶ୍ରୀମନ୍ଦିର ରତ୍ନଭଣ୍ଡାରର ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଧ୍ୟକ୍ଷତା କରିବେ। ଏହା ପରେ ଅପରାହ୍ନ ଗୋଟାଏରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମୀକ୍ଷା କରିବେ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ରବିବାର ସୂଚନା ପ୍ରଦାନ କରିଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ,



ମୋହନ ଚରଣ ମାଝୀ

ରତ୍ନଭଣ୍ଡାରର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର (ଏସ୍‌ଓପି) ହସ୍ତଗତ ହୋଇସାରିଛି। ସମୀକ୍ଷା ପରେ ଏହି ବିଷୟରେ ସମସ୍ତ ଦିଗ ସ୍ପଷ୍ଟ ହୋଇଯିବ। ଏହି ସମୀକ୍ଷା ବୈଠକ ମାଧ୍ୟମରେ ରତ୍ନଭଣ୍ଡାରର ପରିଚାଳନା ଏବଂ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେବ ବୋଲି ମନ୍ତ୍ରୀ କହିଛନ୍ତି।

# ସଅଳ ଉଠିଲା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଦୀପ

**ପୁରୁଣା ଭୁବନେଶ୍ୱର,୧୫।୨ (ସୁବାସ ଚନ୍ଦ୍ର ପ୍ରଧାନ)**

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ତଥା ଜାଗରଯାତ୍ରା ରବିବାର ସମ୍ପନ୍ନ ହୋଇଛି। ଏଥର ରାତି ୧୦ଟାରେ ମହାଦୀପ ଉଠିବା ନେଇ ନୀତିନିର୍ଘଣ୍ଟ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟର ୧ ଘଣ୍ଟା ୨୦ ମିନିଟ୍ ପୂର୍ବରୁ ମନ୍ଦିର ଉପରକୁ ମହାଦୀପ ଉଠିଥିଲା। ମନ୍ଦିର ପ୍ରଶାସନର ନୀତିନିର୍ଘଣ୍ଟ ଅନୁଯାୟୀ, ଭୋର୍ ୩ଟାରୁ ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି, ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ଏହାପରଠାରୁ ସାହାଣମେଲା ଦର୍ଶନ ଚାଲିଥିଲା। ଶ୍ରଦ୍ଧାଳୁମାନେ ସିଂହଦ୍ୱାର ବାଟେ ମନ୍ଦିର ଭିତରକୁ ପ୍ରବେଶକରି ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଗର୍ଭଗୃହରେ ରହି ଦର୍ଶନ କରିଥିଲେ। ପୂର୍ବାହ୍ନ ୧୦ଟାରେ ଦର୍ଶନ ବନ୍ଦ ହେବାପରେ ଅନ୍ୟାନ୍ୟ ନୀତି ହୋଇଥିଲା। ମଧ୍ୟାହ୍ନ ୧୨ଟାରେ ମହାସ୍ନାନ ଓ ବେଶ ଏବଂ ପରେ ସୂର୍ଯ୍ୟ ପୂଜା ହୋଇଥିଲା। ଦ୍ୱାରପାଳ ପୂଜା, ଖଇଦହି ବଲ୍ଲଭ, ଠାକୁରାଣୀ ଖଇଦହି ବଲ୍ଲଭ ପରେ ସକାଳ ଧୂପ ହୋଇ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ପାଖ ବିଦେଶ

# ପ୍ରାତଃ ଭ୍ରମଣ ବେଳେ ଟଳିପଡ଼ିଲେ ଛାତ୍ର

## ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା

**ଖଲ୍ଲିକୋଟ,୧୫।୨ (ପ୍ରଶାନ୍ତ କୁମାର ମିଶ୍ର)**

ଗଞ୍ଜାମ ଜିଲା ଖଲ୍ଲିକୋଟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଜଣେ ଦଶମ ଶ୍ରେଣୀ ଛାତ୍ର ରବିବାର ସକାଳୁ ମର୍ଣ୍ଣିଂ ୱାକ୍‌ରେ ଯାଇ ଫେରୁଥିବା ବେଳେ ତାଙ୍କର ରାସ୍ତାରେ ମୃତ୍ୟୁ ଘଟିଛି। ଛାତ୍ର ଜଣକ ହେଲେ ବାଗଲପୁରର ସନ୍ତୋଷ ପ୍ରଧାନଙ୍କ ପୁଅ ମିହିର ପ୍ରଧାନ। ସେ ଶ୍ରୀଅରବିନ୍ଦ ଶିକ୍ଷା କେନ୍ଦ୍ରରେ ହଷ୍ଟେଲରେ ରହି ପଢୁଥିଲେ। ଆଉ ୩ ଦିନ ପରେ ମାଟ୍ରିକ ପରୀକ୍ଷା ଦେଇଥାନ୍ତେ। ଖବରରୁ ଜଣାପଡିଛି, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ହଷ୍ଟେଲରେ ରହି ପଢୁଥିବା ଛାତ୍ରୀଛାତ୍ରମାନେ ପ୍ରତି ଛୁଟିଦିନଗୁଡ଼ିକରେ ସକାଳୁ ମର୍ଣ୍ଣିଂ ୱାକ୍‌ରେ ଯାଇଥାନ୍ତି। ରବିବାର ହଷ୍ଟେଲରେ ରହୁଥିବା ୮୪ ଜଣ ଛାତ୍ରୀଛାତ୍ର ମର୍ଣ୍ଣିଂ ୱାକ୍ ପାଇଁ ଯାଇଥିଲେ। ସେମାନଙ୍କ ସହ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଓ ଶାରିରୀକ ଶିକ୍ଷା ଶିକ୍ଷକ ଯାଇଥିଲେ। ଫେରୁଥିବା ବେଳେ ହଠାତ୍ ମିହିର ତଳେ ପଡ଼ି ଯାଇଥିଲେ। ସାଙ୍ଗରେ ଯାଇଥିବା ଶିକ୍ଷକ ଯେତେ ଡାକିଲେ ମଧ୍ୟ କୌଣସି ଉତ୍ତର ଦେଇ ନ ଥିଲେ। ତୁରନ୍ତ ଏକ ଅଟୋ ଯୋଗେ ତାଙ୍କୁ ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ☞ପୃଷ୍ଠା-୨

# ଓସ୍ୱାସରେ ଯୋଡ଼ିହେବେ ୭୦ହଜାର କର୍ମଚାରୀ

ରାଜ୍ୟ ପ୍ରଶାସନିକ କାର୍ଯ୍ୟକୁ ଅଧିକ ଗତିଶୀଳ ଏବଂ ସ୍ୱଚ୍ଛତା କରିବା ଉଦ୍ଦେଶ୍ୟରେ ବିଭିନ୍ନ ବିଭାଗ, ନିର୍ଦ୍ଦେଶାଳୟ ଏବଂ ଜିଲା ମୁଖ୍ୟାଳୟରେ ବୈଷୟିକ ଜ୍ଞାନକୌଶଳ ଓ ଡିଜିଟାଲ ମାଧ୍ୟମରେ ସରକାରୀ କାର୍ଯ୍ୟକୁ ସ୍ୱୟଂକ୍ରିୟ ବ୍ୟବସ୍ଥା ସହ ଯୋଡ଼ିବାକୁ ଓସ୍ୱାସ(ଓଡ଼ିଶା ଷ୍ଟେଟ ୱାର୍କଫ୍ଲୋ ଅଟୋମେଶନ ସିଷ୍ଟମ) କାର୍ଯ୍ୟକାରୀ କରାଯାଉଛି। ଏହି ପେପରଲେସ୍(କାଗଜ ବିହୀନ) ବ୍ୟବସ୍ଥାରେ ସମ୍ପ୍ରତି ୧୮ହଜାରରୁ ଊର୍ଦ୍ଧ୍ୱ ବ୍ୟବହାରକାରୀ ଏବଂ ୬୨୫ରୁ ଅଧିକ କାର୍ଯ୍ୟାଳୟ ରହିଛି। ଏହାକୁ ଆହୁରି ଅଧିକ କାର୍ଯ୍ୟକ୍ଷମ କରାଇବାକୁ ସରକାର ଚିନ୍ତା କରିଛନ୍ତି। ଏବେ ଏହାକୁ ତହସିଲ୍ ଏବଂ ବ୍ଲକ କାର୍ଯ୍ୟାଳୟ ସହ ଯୋଡ଼ି ତୃଣମୂଳସ୍ତରରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖାଯାଇଛି। ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ୭୦ହଜାର କର୍ମଚାରୀ ଏବଂ ଅଧିକାରୀଙ୍କୁ ଏହି ବ୍ୟବସ୍ଥାରେ ସାମିଲ ପାଇଁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି। ଏହାର ସୁଫଳ ସାଧାରଣ ଲୋକେ ପାଇପାରିବେ ଓ ଅଧିକାରୀମାନଙ୍କ ମଧ୍ୟରେ ତତ୍ପରତା ଏବଂ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇବା ଆଶା କରାଯାଉଛି।

## ତୃଣମୂଳସ୍ତରରେ ପହଞ୍ଚିବ ସ୍ୱୟଂକ୍ରିୟ ବ୍ୟବସ୍ଥା

**ଭୁବନେଶ୍ୱର,୧୫।୨ (ରବିନାରାୟଣ ଜେନା)**

ରାଜ୍ୟରେ ସରକାରୀ କାର୍ଯ୍ୟ ତଥା ପ୍ରଶାସନକୁ ଅଧିକ ଗତିଶୀଳ କରିବାପାଇଁ ଆଗାମୀ ଦିନରେ ତୃଣମୂଳସ୍ତରରେ ତଥା ସବୁ ବ୍ଲକ ଓ ତହସିଲରେ 'ଓସ୍ୱାସ୍' କାର୍ଯ୍ୟାନ୍ୱୟନ ହେବ। ଏହି କାର୍ଯ୍ୟକୁ ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଶେଷ କରିବାକୁ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ରାଜ୍ୟ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି(ଇଆଣ୍ଡଆଇଟି)ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ଏସଂକ୍ରାନ୍ତରେ ଯୋଜନା ଓ ସଂଯୋଜନା ବିଭାଗ ଅତିରିକ୍ତ ସଚିବ ଶୁଭଶ୍ରୀ ନନ୍ଦ ଫେବୃଆରୀ ୧୦ରେ ମୁଖ୍ୟଶାସନ ସଚିବଙ୍କ ବିବରଣୀକୁ ନେଇ ଦର୍ଶାଇଛନ୍ତି, ସଚିବସ୍ତରୀୟ ବୈଠକରେ ଏନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ଏହାକୁ ଦୃଷ୍ଟିରେ ରଖି ମାର୍ଚ୍ଚ ୩୧ ସୁଦ୍ଧା ଯେପରି ସବୁ ତହସିଲ ଓ ବ୍ଲକରେ 'ଓସ୍ୱାସ୍' କାର୍ଯ୍ୟକାରୀ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ହେବ ବୋଲି 'ଇଆଣ୍ଡଆଇଟି' ବିଭାଗକୁ କହିଛନ୍ତି।

ମୁଖ୍ୟଶାସନ ସଚିବଙ୍କ ନିର୍ଦ୍ଦେଶ ଅନୁଯାୟୀ, ଆଗାମୀ ଦିନରେ ସବୁ ସରକାରୀ କର୍ମଚାରୀ ଗୋଟିଏ ଛାତ ତଳକୁ ଆସିବେ। ମାର୍ଚ୍ଚ ୩୧ ସୁଦ୍ଧା 'ଓସ୍ୱାସ୍-୩.୦'ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବ। ଫଳରେ ସରକାରୀ କାର୍ଯ୍ୟ କାଗଜବିହୀନ ହେବା ସହିତ ୭୦ହଜାର କର୍ମଚାରୀ ଗୋଟିଏ ପ୍ଲାଟ୍‌ଫର୍ମରେ ଯୋଡ଼ି ହୋଇପାରିବେ, ଯାହାକି ସାଧାରଣ ଲୋକଙ୍କୁ ତ୍ୱରିତ ସରକାରୀ ସେବା ପ୍ରଦାନରେ ସହାୟକ ହୋଇପାରିବ। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)କୁ ସରକାରୀସ୍ତରରେ ତ୍ୱରାନ୍ୱିତ କରାଯିବାକୁ ଲକ୍ଷ୍ୟ ରହିଛି। ଏହାଦ୍ୱାରା ସରକାରୀ କାର୍ଯ୍ୟ ଶୃଙ୍ଖଳିତ ହେବ। ☞ପୃଷ୍ଠା-୨




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ମ୍ୟୁଜିକ୍ ଲିଜେଣ୍ଡ ପ୍ରଫୁଲ୍ଲ କର ସଂସ୍କାର ପକ୍ଷରୁ ସଙ୍ଗୀତ ସନ୍ଧ୍ୟା 'କମଳ ଦେଶ ରାଜ କୁମାର', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୫।
- ୨୦ତମ ତୋଷାଳି ସ୍ୱଦେଶୀ ମେଳା, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୨ଟା।
- ବାଦି ପାଲା ପରିବେଷଣ, ସ୍ଥାନ: ବାଲିଅନ୍ତା ବ୍ଲକ ଶାଳେଶ୍ୱର ଗ୍ରାମ ପାଲା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଜାଗରଯାତ୍ରା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ବାଲୁଙ୍କେଶ୍ୱର ଦେବ ମନ୍ଦିର, ସାଲତରା, ସମୟ: ସକାଳ ୬ଟା।
- ଜାଗରଯାତ୍ରା ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାଲୁଙ୍କେଶ୍ୱର ଦେବ ମନ୍ଦିର, ପୁଇଁଚା, ସମୟ: ସକାଳ ୭ଟା।
- ଜାଗର ମହୋତ୍ସବ, ସ୍ଥାନ: ବଡ଼ପଦର, ସମୟ: ସନ୍ଧ୍ୟା ୬ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ବାଦୀପାଲା, ସ୍ଥାନ: ଲୋକେଶ୍ୱର ଦେବ ମନ୍ଦିର, ସୁଆଁଳ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଜମ୍ବେଶ୍ୱର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ:ଗରସଙ୍ଗ, ଖଇରା, ସମୟ:ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ:ବାଲିଖଣ୍ଡ,ସମୟ:ପୂର୍ବାହ୍ନ ୧୧ଟା।
- କଇଁଗଡ଼ିଆ-ଗରସଙ୍ଗ ଭାୟା ଜଳଙ୍ଗ ବଉଳାଣୀ ରାସ୍ତାର ଶିଳାନ୍ୟାସ,ସ୍ଥାନ:ଜଳଙ୍ଗ, ଖଇରା,ସମୟ:ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରାଉତପଡ଼ା ବାବା ବାଳକେଶ୍ୱର ନାଥ ଶୈବପୀଠ, ରୂପ୍‌ସା,ସମୟ:ରାତି ୯ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ୍ ସମ୍ମିଳନୀ କକ୍ଷ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କୁକୁଡ଼ା ଫାର୍ମ ସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: ନଳାଙ୍ଗ, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ଖେରଙ୍ଗ, ଚାନ୍ଦବାଲି, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦୁଝର

- ଶିବ ବିବାହ ଉତ୍ସବ ଅବସରରେ କଳସ ଶୋଭାଯାତ୍ରା, ସ୍ଥାନ: ଶିବ ଛକ, ବଡ଼ବିଲଠାରୁ ବିକାଶ ମହଲ, ସମୟ: ସକାଳ ୮ ଟା ୩୦।
- ଆନନ୍ଦପୁର ମହାବିଦ୍ୟାଳୟର ୬୨ତମ ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ ଟା।

## ମୟୂରଭଞ୍ଜ

- ଇାବା କଖାରୁଆ ବୈଦ୍ୟନାଥଙ୍କ ସୁନାବେଶ ଦର୍ଶନ,ସ୍ଥାନ:ମାଣତ୍ରୀ ଶୈବପୀଠ, ବଡ଼ସାହି,ସମୟ: ପ୍ରାତଃ ୫ଟା।
- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜାଗରମେଳା,ସ୍ଥାନ:ମାଣତ୍ରୀ, ବଡ଼ସାହି,ସମୟ: ସକାଳ ୮ଟା।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, କରଞ୍ଜିଆ,ସମୟ: ପୂର୍ବାହ୍ନ ୧୦ଟା।
- ଗୋଶାଳା କପ୍ କ୍ରିକେଟ ଟୁର୍ନାମେଣ୍ଟ,ସ୍ଥାନ: ଗୋଶାଳା ପଡ଼ିଆ, ତୁଳସୀଚଉରା, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କନିଷି, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି, ସ୍ଥାନ: ଚୌଧୁରୀ ଟିକରପଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ଦିଗପହଣ୍ଡି, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତସ୍ତରୀୟ ମିଳିତ ଜନ ଶୁଣାଣି, ସ୍ଥାନ: ବିରଞ୍ଚିପୁର ପଞ୍ଚାୟତ କାର୍ଯ୍ୟାଳୟ, ବୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ ଟା।
- ଅର୍ଥନୀତି ବିଭାଗର ରାଜ୍ୟସ୍ତରୀୟ ସେମିନାର, ସ୍ଥାନ: ବୁଗୁଡ଼ା ପିପୁଲ୍ସ କଲେଜ , ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ପାଟକୁରା ନିର୍ବାଚନମଣ୍ଡଳୀସ୍ତରୀୟ ମହିଳା ସମାବେଶ, ସ୍ଥାନ: କଳାବୋଦା, ଗରଦପୁର, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର

- ଜିଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ : ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଏନସି ହାଇସ୍କୁଲର ପ୍ଲାଟିନମ ଜୁବିଲି ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ବ୍ୟାସନଗର ଏନସି ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୪ଟା।
- ୨୭ତମ ଜାତୀୟ ସଂହତି ଉତ୍ସବର ୪ର୍ଥ ଦିନ କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାସନଗର ଗୋଶାଳା ପଡିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ଜାମାଲାଗି ବେଶର ୨୫ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- ବିଜ୍ଞାନ ପ୍ରଦର୍ଶନୀ, ସ୍ଥାନ:ଖଣ୍ଡପଡା ବ୍ଲକ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦.୩୦ ।
- ମହିଳା ଆତ୍ମରକ୍ଷା କୌଶଳ ଶିବିରର ୬ଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧମ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ଜାଗର ଯାତ୍ରାର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ବେଣାଗାଡିଆ ନୀଳକଣ୍ଠେଶ୍ୱର ଶିବ ମନ୍ଦିର, ସମୟ: ଅପରାହ୍ନ ୧ଟା ।
- ଜାଗର ଯାତ୍ରା ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଜଗନ୍ନାଥପ୍ରସାଦ ବାଙ୍କନାଥ ମହାଦେବ ମନ୍ଦିର, ସମୟ: ଅପରାହ୍ନ ୨ଟା ।
- ମହାଶିବରାତ୍ରି ଅବସରରେ ଜାଗରଯାତ୍ରାର ୨ୟ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ:ସନ୍ଧ୍ୟା ୬ଟା ।
- ଜାଗର ଯାତ୍ରାର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ନୀଳକଣ୍ଠେଶ୍ୱର ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

## ନବରଙ୍ଗପୁର

- ବ୍ଲକ୍‌ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଡାବୁଗାଁ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଜିଲାସ୍ତରୀୟ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଥୁବା ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ସଚେତନ ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ବୋରିଗୀ ପଞ୍ଚାୟତ, ନାରାୟଣପାଟଣା, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ମଞ୍ଚ କଳାକାରଙ୍କ ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ।
- ସ୍ୱପ୍ନେଶ୍ୱର ବାବାଙ୍କ ସ୍ୱତନ୍ତ୍ର ଶୃଙ୍ଗାର, ସ୍ଥାନ : ଗୋବିନ୍ଦଟୋଲା, ସମୟ : ମଧ୍ୟାହ୍ନ ୧୨ଟା ।
- ଜିଲା ପ୍ରଶାସନ ଆୟୋଜିତ ସୁଭଦ୍ରା ଶକ୍ତି ମେଳା, ସ୍ଥାନ : ପିଏଡି ପଡିଆ, ସମୟ : ସନ୍ଧ୍ୟା ୬ଟା ।
- ଶ୍ରୀକନ୍ତେଶ୍ୱର ବାବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶିବରାତ୍ରୀ ଉପଲକ୍ଷେ ନଗର କିର୍ତ୍ତନ ଓ ବୈଠକୀ କାର୍ଯ୍ୟକ୍ରମ, ସ୍ଥାନ : କୁଲୁଥକାନୀ ସ୍ଥିର ମନ୍ଦିର ପରିସର, ସମୟ : ସନ୍ଧ୍ୟା ୭ଟା ।

## ରାଉରକେଲା

- ଆର୍ଯ୍ୟଭଟ୍ଟ ଟ୍ୟାଲେଣ୍ଟ ସର୍ଚ୍ଚ ଟେଷ୍ଟ, ସ୍ଥାନ: ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ସକାଳ ୮ଟା।
- ଜାଗର ମେଳା, ସ୍ଥାନ: ବେଦବ୍ୟାସ, ସମୟ: ସକାଳ ୮ଟା।
- ଡ୍ୟାନ୍ସ ବ୍ୟାଟେଲ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ସନ୍ଧ୍ୟା ୬ଟା।
- ଜିଲା ପ୍ରଦର୍ଶନୀ, ସ୍ଥାନ: ବେଦବ୍ୟାସ ମେଳା ପଡିଆ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ମହାଶିବରାତ୍ରି ମହୋତ୍ସବ,ସ୍ଥାନ:ଧବଳେଶ୍ୱର ମନ୍ଦିର, ଭୁତିବାହାଲ, ଗାଇସିଲେଟ,ସମୟ:ସକାଳ ୮ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ସୋହେଲା,ସମୟ:ପୂର୍ବାହ୍ନ ୧୦ଟା।
- ଜିଲା ଠିକାଦାର ସଂଘର ଖବରଦାତା ସମ୍ମିଳନୀ,ସ୍ଥାନ: ସାଇକ୍ରିଷ୍ଣା ପେଲେସ, ବରଗଡ଼, ସମୟ:ପୂର୍ବାହ୍ନ ୧୧ଟା ୩୦।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଓ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଜୁନାଗଡ଼ ବ୍ଲକ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା।
- ଇଂରାଜୀ ବିଭାଗର ଦ୍ୱିଦିବସୀୟ ଜାତୀୟ ସେମିନାର ଉଦ୍‌ଘାଟିତ, ସ୍ଥାନ: ଭବାନୀପାଟଣା ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କପିଳେଶ୍ୱର ମନ୍ଦିର ପ୍ରାଙ୍ଗଣ, କରକଟା, ହରଭଙ୍ଗା, ସମୟ: ସକାଳ ୯ଟା।
- ବୌଦ୍ଧ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ କଣ୍ଟାମାଳ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ୍ ଚୁହିଲାମାଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା'କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଅଷ୍ଟ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଗୌଡ଼ଗାଡ,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ମା' ମଙ୍ଗଳା-ମାଉଲି କ୍ରିକେଟ କପର ଚତୁର୍ଥ ଦିବସ, ସ୍ଥାନ: କଦଳୀପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ତୃତୀୟବର୍ଷ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି , ସ୍ଥାନ: କୋମନା ବ୍ଲକ ତରବୋଡ ଥାନାପଡ଼ା, ସମୟ: ପ୍ରାତଃ ୫ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖଡ଼ିଆଳ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ଦଳର ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଜିଲା କଂଗ୍ରେସ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ସଭା, ସ୍ଥାନ: ପୋଲିସ ପଡ଼ିଆ କଲ୍ୟାଣ ମଣ୍ଡପ, ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଉଦ୍‌ଯାପନ, ସ୍ଥାନ: କୋମନା ବ୍ଲକ ବୃଦ୍ଧିକୋମନା ପଞ୍ଚାୟତ ଡୋଙ୍ଗରିପାଲି ଗାଁ, ସମୟ: ଅପରାହ୍ନ ୧ ଟା।
- ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ -ଖଡ଼ିଆଳ ବ୍ଲକ ଚନାବେଡା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।

# ଜ୍ୟାକଲିନ୍‌ଙ୍କୁ ଭାଲେଣ୍ଟାଇନ୍ସ ଡେ'ରେ ହେଲିକପ୍ଟର ଗିଫ୍ଟ



ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ ଜ୍ୟାକଲିନ ଫର୍ନାଣ୍ଡିଜ୍ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ଠକେଇ ମାମଲାରେ ଜେଲରେ ଥିବା ସୁକେଶ ଚନ୍ଦ୍ରଶେଖର ଭାଲେଣ୍ଟାଇନ୍ସ ଡେ' ଅବସରରେ ଜ୍ୟାକଲିନ୍‌ଙ୍କୁ ଏକ ବିଳାସପୂର୍ଣ୍ଣ 'ଏୟାରବସ୍ ଏଚ୍-ସିରିଜ' ହେଲିକପ୍ଟର ଉପହାର ଦେଇଥିବା ଦାବି କରିଛନ୍ତି। ସୁକେଶଙ୍କ କହିବା ଅନୁଯାୟୀ, ଏହି କଳା ରଙ୍ଗର ହେଲିକପ୍ଟରରେ ଅଭିନେତ୍ରୀଙ୍କ ନାମର ସଂକ୍ଷିପ୍ତ ରୂପ 'ଜେଏଫ୍' ଲେଖାଯାଇଛି। ଏହାର ଭିତର ଏବଂ ବାହାର ପାର୍ଶ୍ୱକୁ ଜ୍ୟାକଲିନଙ୍କ ପୂର୍ବରୁ ଥିବା ଜେଟ୍ ଏବଂ ୟଟ ସହ ମେଳ ଖାଇବା ଭଳି ଡିଜାଇନ କରାଯାଇଛି। ଜେଲରୁ ଲେଖିଥିବା ଏକ ଚିଠିରେ ସୁକେଶ ଦର୍ଶାଇଛନ୍ତି ଯେ, ଏହି ହେଲିକପ୍ଟରଟି ସେ ନିଜର କଷ୍ଟଅର୍ଜିତ ଟଙ୍କାରେ କିଣିଛନ୍ତି। ଏଥିସହ ଏଥିରେ ସେ ଉଲ୍ଲେଖ କରିଛନ୍ତି, ମୁମ୍ବାଇର ଟ୍ରାଫିକ ସମସ୍ୟାରୁ ବଞ୍ଚିବା ଏବଂ ଶୁଟିଂ ପାଇଁ ଦୂର ସ୍ଥାନକୁ ସହଜରେ ଯିବା ଲାଗି ସେ ଏହି ଉପହାର ଦେଇଛନ୍ତି। ନିଜ କାର୍ଯ୍ୟ ଯୋଗୁ ଜ୍ୟାକଲିନ ଯେଉଁ ଆଇନଗତ ସମସ୍ୟା ଓ ମାନସିକ ଚାପ ଦେଇ ଗତି କରୁଛନ୍ତି, ସେଥିନେଇ ସୁକେଶ ଚିଠିରେ କ୍ଷମା ମଧ୍ୟ ମାଗିଛନ୍ତି। ତେବେ ସୁକେଶଙ୍କ ଏହି ଦାବି ଉପରେ ଜ୍ୟାକଲିନଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ମିଳିନାହିଁ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଡ଼ନ୍ତା ଖଇ ଗୋବିନ୍ଦାୟ ସ୍ୱାହା।**

କେତେକ କୃପଣ ବ୍ୟକ୍ତି ନିଜ ଉପାର୍ଜିତ ଧନକୁ ଦେବଦେବୀଙ୍କ ପାଇଁ ଖର୍ଚ୍ଚ କରିବା ଲାଗି ଉଚିତ୍ ମନେ କରି ନ ଥାନ୍ତି। ନିଜ ଧନକୁ ସଞ୍ଚି ରଖିବାରେ ସେମାନେ ମହାଆନନ୍ଦ ପାଇଥାନ୍ତି। କୌଣସି କାରଣବଶତଃ ସେମାନଙ୍କ ହାତରୁ ଧନ ଚାଲିଗଲେ ସେମାନେ ବହୁତ ଦୁଃଖ ପ୍ରକାଶ କରିଥାଆନ୍ତି। ସେହି ସମୟରେ ହାତରୁ ଖସି ଯାଇଥିବା ଧନ ଗୋବିନ୍ଦ ବା ଠାକୁରଙ୍କ ଲାଗି ଖର୍ଚ୍ଚ ହୋଇଯାଇଛି ବୋଲି ମନେ କରି ନିଜକୁ ନିଜେ ପ୍ରବୋଧନା ଦେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଉଦୟ ବେଳେ ଅସ୍ତ ନାହିଁ କି ଅସ୍ତ ବେଳେ ଉଦୟ ନାହିଁ।**

ସମୟ ଓ ପରିସ୍ଥିତି କେତେବେଳେ କାହାକୁ ନେଇ କେଉଁଠି ପହଞ୍ଚାଇ ଦେଇଥାଏ ତାହା କହିହୋଇ ନ ଥାଏ। ସମୃଦ୍ଧି ବେଳେ ପତନ ଓ ପତନ ବେଳେ ସମୃଦ୍ଧିର ଅଭାବ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ତରଳୁଛି ହିମବାହ, ...

ମାତ୍ର ୧% ତରଳିଗଲେ ପୃଥିବୀରେ ଥିବା ଏକ-ପଞ୍ଚମାଂଶ ହିମବାହ ଅଞ୍ଚଳକୁ ଜଳ ପ୍ଲାବିତ ହେବ। ଏହା ବିପର୍ଯ୍ୟୟକୁ ଡାକି ଆଣିବା ସହ ଅନେକ ହଜାର ଲୋକ ପ୍ରଭାବିତ ହେବେ। ଏପରି କି ଉଚ୍ଚ ପାର୍ବତ୍ୟ ଅଞ୍ଚଳରେ ବସବାସ କରୁଥିବା ସମୁଦାୟ ମଧ୍ୟ ଏହାର ଦୁଷ୍ପରିଣାମ ଭୋଗିବେ। ଅନେକ ଧନଜୀବନ ହାନି ହେବା ସହ ଭିତ୍ତିଭୂମିଗୁଡ଼ିକ ମଧ୍ୟ ନଷ୍ଟ ହୋଇଯିବ ବୋଲି ଉକ୍ତ ଅଧ୍ୟୟନରେ ସେ ସତର୍କ କରାଇଛନ୍ତି।

ଗବେଷଣାରୁ ଆହୁରି ଜଣାପଡ଼ିଛି ଯେ, ଆର୍କଟିକ୍‌ରେ ୪୮.୩% ଏବଂ ହାଇ ମାଉଣ୍ଟେନ୍ ଏସିଆରେ ୫୦.୫% ହିମବାହ ତରଳୁଛି। ବିଶେଷକରି କାରାକୋରମ୍ ପାର୍ବତ୍ୟ ଅଞ୍ଚଳ ଓ ଆଣ୍ଡେସ୍‌ରେ ହିମବାହ ଅଧିକ ତରଳୁଥିବା ପରିଲକ୍ଷିତ ହୋଇଛି। ମାନବ ଜାତି ପ୍ରତି ତତ୍କାଳ ବିପଦ ସୃଷ୍ଟି କରିବାକୁ ଥିବା ତରଳମାନ ହିମବାହ ସଂଖ୍ୟା ହେଉଛି ୮୧। କେତେକ ଅଞ୍ଚଳରେ ଏହି ତରଳିବା ପ୍ରକ୍ରିୟା ସ୍ୱାଭାବିକଠାରୁ ଅଧିକ ରହିଛି। ଏଥିଯୋଗୁ ଗ୍ଲାସିଆଲ ଲେକ୍ ଆଉଟ୍‌ବର୍ଷ୍ଟ ଫ୍ଲଡ୍ (ଜିଏଲ୍‌ଓଏଫ୍) ବା ହିମବାହଜନିତ ବାଦଲଫଟା ବର୍ଷାର ପରିମାଣ ବଢ଼ିପାରେ, ଯାହାକି ବିଗତ ଦିନଗୁଡ଼ିକରେ ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡରେ ଦେଖିବାକୁ ମିଳିଛି। ୨୦୧୧ରୁ ୨୦୨୪ ମଧ୍ୟରେ ଭାରତରେ ଗ୍ଲାସିଆଲ ଲେକ୍ ଏରିଆରେ ୨୦% ବୃଦ୍ଧି ଘଟିଥିବା ନେଇ ଏକ ଉଦ୍‌ବେଗଜନକ ରିପୋର୍ଟ କେନ୍ଦ୍ରୀୟ ଜଳ କମିଶନ (ସିଡବ୍ଲୁସି) ପକ୍ଷରୁ ନିକଟରେ ପ୍ରକାଶିତ ହୋଇଥିଲା। ପୂର୍ବ ହିମାଳୟ କ୍ଷେତ୍ର ବିଶେଷକରି ସିକିମ୍ ଓ ଅରୁଣାଚଳ ପ୍ରଦେଶରେ ଅନେକ ଶହ ହିମବାହ ତରଳି ଭୂଭାଗକୁ ମାଡ଼ିଆସୁଥିବାରୁ ଏହା ଉପରେ ତୀକ୍ଷ୍ଣ ନଜର ରଖାଯିବା ଜରୁରୀ ହୋଇପଡ଼ିଛି।

ଜମ୍ମୁ-କଶ୍ମୀର ଓ ଲଦାଖରେ ୬୨ଟି ବିପଜ୍ଜନକ ହିମହ୍ରଦ ରହିଛି, ଯାହାକି ଭାରତରେ ସର୍ବାଧିକ। ପୂର୍ବ କାରାକୋରମ୍‌ର ଶିୟୋକ୍ ଉପତ୍ୟକାରେ ପୂର୍ବରୁ ହିମବାହ ତରଳି ବିପଜ୍ଜନକ ସ୍ଥିତି ଉପୁଜିଥିଲା। ସେହିପରି ସିକିମ୍‌ରେ ୧୭ଟି ବିପଜ୍ଜନକ ହିମହ୍ରଦ ରହିଛି। ୨୦୨୩ରେ ସାଉଥ୍ ଲୋନାକ୍ ବାଦଲଫଟା ବର୍ଷା 'ହିମାଳୟରେ ସୁନାମି' ସଙ୍କଟ ଭଳି ସ୍ଥିତି ଉପୁଜାଇଥିଲା। ଅରୁଣାଚଳ ପ୍ରଦେଶ ଗତ ୩୨ ବର୍ଷ ମଧ୍ୟରେ ୧୧୦ଟି ହିମବାହକୁ ହରାଇଛି। ଫଳରେ ସମ୍ପୃକ୍ତ ଅଞ୍ଚଳରେ ଅସ୍ଥିର ହ୍ରଦଗୁଡ଼ିକ ସୃଷ୍ଟି ହୋଇଛି। ଏହିସବୁ ଅଞ୍ଚଳରେ ସରକାରଙ୍କ ପକ୍ଷରୁ ଜଳବିଦ୍ୟୁତ୍ ପ୍ରକଳ୍ପ ଓ ଡ୍ୟାମ୍‌ଗୁଡ଼ିକ ନିର୍ମାଣ କରାଯାଉଥିବାବେଳେ ସମ୍ଭାବ୍ୟ ବିପଦ ଏଡ଼ାଇବା ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବାରୁ ପରିବେଶ ଉପରେ ପ୍ରଭାବ ପଡ଼ିବା ସହ ଲୋକଙ୍କ ଜୀବନ ହାନି ହେଉଛି।

ହିମବାହଗୁଡ଼ିକ ସିନ୍ଧୁ, ଗଙ୍ଗା ଓ ବ୍ରହ୍ମପୁତ୍ର ଭଳି ବଡ଼ ନଦୀ ପାଇଁ ୱାଟର ଟାୱାର (ଜଳସ୍ତମ୍ଭ) ଭାବେ କାର୍ଯ୍ୟ କରିଥାଏ। ହିମବାହ ତରଳିଲେରେ ଏହି ବଡ଼ ନଦୀ ଓ ଏହାର ଶାଖାନଦୀଗୁଡ଼ିକ ବନ୍ୟାରେ ଫୁଲି ଉଠନ୍ତି। ଏଥିଯୋଗୁ ଭାରତୀୟ କୃଷି ଓ କୃଷିଆଧାରିତ ଅର୍ଥନୀତିକୁ ବିପୁଳ କ୍ଷତି ସହିବାକୁ ପଡ଼ିଥାଏ। ତେଣୁ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ରୁର୍କି ଏବଂ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ପରି ପ୍ରତିଷ୍ଠାନ ଏସିଆର ଅଦ୍ଭୁତ ପର୍ବତମାଳା ଉପରେ ହାଇ-ରିଜୋଲ୍ୟୁଶନ୍ ସାଟେଲାଇଟ୍ ଡାଟା ବ୍ୟବହାର କରି ୩୧,୦୦୦ ହିମହ୍ରଦର ଗତିବିଧି ନେଇ ଗବେଷଣା ଜାରି ରଖିଛନ୍ତି।

## ଓସ୍ୱାସରେ ଯୋଡ଼ିହେବେ...

ସହିତ କମ୍ ମାନବସମ୍ବଳରେ ଅଧିକ ସରକାରୀ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ହୋଇପାରିବ। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଓସ୍ୱାସ୍-୩.୦' କାର୍ଯ୍ୟ ବ୍ୟାପକ ପ୍ରଚଳନ କରିବାପାଇଁ ୨୦୨୫ ଡିସେମ୍ବର ୨୫ରେ ଓୟୁଏଟି ପ୍ରେକ୍ଷାଳୟରେ ଏହାର ଶୁଭାରମ୍ଭ କରିଥିଲେ। ଏହାଦ୍ୱାରା ୪ଟି ଗୁରୁତ୍ୱପୂର୍ଣ୍ଣ ଦିଗ ସାଧନ ହେବ ବୋଲି ସରକାରଙ୍କ ଆଭିମୁଖ୍ୟ ରହିଛି। ସେଥିମଧ୍ୟରେ କାଗଜବିହୀନ କାର୍ଯ୍ୟ, ପ୍ରଶାସନିକ ବିଳମ୍ବିତା କମିବା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱତା ରହିବା ସହିତ ସମୟସୀମା ଭିତରେ ନିଷ୍ପତ୍ତି ନିଆଯାଇପାରିବ, ଯାହାକି ସରକାରଙ୍କୁ ଗତିଶୀଳ କରିବାରେ ସହାୟକ ହୋଇପାରିବ। ଏହାକୁ ନେଇ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର(ଓକାକ୍)କୁ 'ଓସ୍ୱାସ୍-୩.୦' ଉନ୍ନତୀକରଣ କରିବାପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି। ଇତିମଧ୍ୟରେ ୫୦ଦିନ ବିତିଯାଇଥିବାବେଳେ ଆଗାମୀ ୫୦ଦିନରେ ଏହି କାର୍ଯ୍ୟ ଯେପରି ସମ୍ପୂର୍ଣ୍ଣ ହୋଇପାରିବ ସେଥିପ୍ରତି ମୁଖ୍ୟଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ଇଲେକ୍‌ଟ୍ରୋନିକ୍ସ ଆଣ୍ଡ ସେମିକଣ୍ଡକ୍ଟର ହବ୍ କାର୍ଯ୍ୟକାରିତା କେତେଦୂର ଅଗ୍ରସର ହୋଇଛି ସେନେଇ ମୁଖ୍ୟସଚିବ ଇଆଣ୍ଡଆଇଟି ବିଭାଗକୁ ପ୍ରଶ୍ନ କରିବା ସହିତ ଭାରତ ସେମିକଣ୍ଡକ୍ଟର ମିଶନ-୨.୦ ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିବା ଜଣାଯାଇଛି।

## ପ୍ରାତଃ ଭ୍ରମଣ ...

ନିଆଯାଇଥିଲା। ସେଠାରେ ଡାକ୍ତର ମିହିରଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାଗଲପୁରରୁ ବାପା ସନ୍ତୋଷ ପ୍ରଧାନ ଓ ପରିବାରବର୍ଗ ପହଞ୍ଚିବା ପରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଖଲ୍ଲିକୋଟ ଥାନା ଅଧିକାରୀ ରମେଶ ପ୍ରଧାନ, ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର, ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ତହସିଲଦାର ଡି. ମାଲେଶ୍ୱର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ପରିବାର ଲୋକଙ୍କୁ ବୁଝାଶୁଝା କରି ସ୍ଥିତି ନିୟନ୍ତ୍ରଣକୁ ଆଣିଥିଲେ। ଏ ସମ୍ପର୍କରେ ଖଲ୍ଲିକୋଟ ଥାନାରେ ନଂ. ୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଥିବା ଆଇଆଇସି ପ୍ରଧାନ କହିଛନ୍ତି। ଏ ସମ୍ପର୍କରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଅଧ୍ୟକ୍ଷ କରୁଣାକର ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ, ଏହା ଏକ ବଡ ଦୁଃଖର କଥା। ସବୁ ଛୁଟିରେ ପିଲାମାନେ ମର୍ନିଂ ୱାକରେ ଯାଆନ୍ତି। ଆଜି ଏଭଳି ଏକ ଅଭାବନୀୟ ଘଟଣା ଘଟିବ ଆମେ କଳ୍ପନା କରିପାରୁନୁ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

## ସଅଳ ଉଠିଲା ...

ନୃସିଂହ ପୂଜା ହୋଇଥିଲା। ଏହାପରେ ଭୋଗ ମଣ୍ଡପ, ବୀରକିଶୋରୀ ବଲ୍ଲଭ ଅପରାହ୍ନ ୫ଟା ୧୫ରେ ଶେଷ ହୋଇଥିଲା। ପୁନଃ ଦ୍ୱିପ୍ରହର ଧୂପ, ଠାକୁରାଣୀ ଦ୍ୱିପହର ଧୂପ ହୋଇ ମନ୍ଦିର ପହଡ଼ ପଡ଼ିଥିଲା। ପହଡ଼ ଖୋଲାଯିବା ପରେ ଟେରାଫିଟା ନୀତି ହୋଇ ଯାତ୍ରାପୂଜା ପରେ ଚତୁର୍ଦ୍ଦଶୀ ବେଢ଼ା ହୋଇଥିଲା। ଏହାପରେ ବିନ୍ଦୁସାଗରରୁ ପବିତ୍ର ତୀର୍ଥଜଳ ଆସିଥିଲା। ସନ୍ଧ୍ୟାଧୂପ ସରିବା ପରେ ପାଳିଆ ପୂଜାପଣ୍ଡା ସେବାୟତ ମହାଦୀପକୁ ଠାକୁରଙ୍କ ନିକଟରେ ଆଳତି କରିସାରିବା ପରେ ପତ୍ରି ସେବାୟତଙ୍କ ହାତକୁ ବଢ଼ାଇଥିଲେ। ଏହାପରେ ସେ ବେଢ଼ା ଚାରିପଟେ ମହାଦୀପକୁ ଥରେ ପରିକ୍ରମା କରାଇ ପାଳିଆ ସମର୍ଥାଙ୍କ ହାତକୁ ମହାଦୀପ ବଢ଼ାଇଥିଲେ। ପରେ ଯୋଗେନ୍ଦ୍ର ସମର୍ଥା ଅନ୍ୟ ସମର୍ଥା ସେବାୟତଙ୍କ ସହ ମନ୍ଦିର ଚୂଡ଼ାକୁ ଉଠିଥିଲେ। ରାତି ୮ଟା ୪୦ରେ କଳସ ପରିକ୍ରମା ଏବଂ ୮ଟା ୪୧ରେ ମହାଦୀପ ସ୍ଥାପନ ହୋଇଥିଲା। ଏହି ସମୟରେ ଶ୍ରଦ୍ଧାଳୁଙ୍କ ହର ହର ମହାଦେବ ଧ୍ୱନିରେ ସାରା ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ପ୍ରଶାସନର ତତ୍ପରତା ଏବଂ ସମସ୍ତ ସେବାୟତଙ୍କ ସହଯୋଗରେ ଚଳିତବର୍ଷ ସଅଳ ତଥା ରାତି ୮ଟା ୪୦ରେ ଶ୍ରଦ୍ଧାଳୁମାନେ ମହାଦୀପ ଦର୍ଶନ କରିପାରିଥିଲେ ବୋଲି ପାଳିଆ ପୂଜାପଣ୍ଡା ସେବାୟତ ମଣ୍ଟୁ ପୂଜାପଣ୍ଡା କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର ଚନ୍ଦ୍ର ସମସ୍ତ କାର୍ଯ୍ୟ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରିବ। କିନ୍ତୁ ଅଶ୍ଳେଷା ସକାଶେ ଯେତେ ଭଲ କଲେ ମଧ୍ୟ ଅନ୍ୟମାନଙ୍କର ଆନ୍ତରିକତା ରହିବନି। ବୃଥା ସନ୍ଦେହ ଏବଂ ଭୁଲ୍ ବୁଝାମଣାରୁ ପରିବାରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। କର୍ମକ୍ଷେତ୍ରସ୍ଥ ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ।

**ବୃଷ** – ଭାଗ୍ୟ ସ୍ଥାନରେ ଚନ୍ଦ୍ରମଙ୍ଗଳ ଯୋଗ ଆପଣଙ୍କ ମାନସିକ ସ୍ଥିତି ଓ କର୍ମପ୍ରବାହକୁ ଗତିଶୀଳ କରାଇବ। ପାରିବାରିକ ସମସ୍ୟା ସମାଧାନ ସକାଶେ ପଡୋଶୀଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ମୃଗଶିରା ନକ୍ଷତ୍ର ସହକର୍ମୀଙ୍କ ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। ଆଜି ପରିସ୍ଥିତିକୁ ସୁଧାରିବାକୁ ଯାଇ ଖର୍ଚ୍ଚାନ୍ତ ହୋଇପାରନ୍ତି।

**ମିଥୁନ** – ଆଜି ଅଷ୍ଟମଭାବସ୍ଥ ଚନ୍ଦ୍ର ଅର୍ଥନୈତିକ ଅଭିବୃଦ୍ଧି କରାଇବା ସାଙ୍ଗକୁ ବିଭିନ୍ନ ପ୍ରକାର ସମସ୍ୟାରେ ଜଡିତ କରାଇପାରନ୍ତି। ପୁନର୍ବସୁ ନକ୍ଷତ୍ରର ଆନୁଷ୍ଠାନିକ କାମ, ସଂଗଠନ, ଆଇନ ଅଦାଲତ କ୍ଷେତ୍ରରେ ଦାୟିତ୍ୱ ବୃଦ୍ଧି ପାଇବ। ପରିବାରରେ ବନ୍ଧୁମିଳନର ମଜାମଉଜ ପରିବେଶରେ କୌତୁକିଆ କଥା କହି ବନ୍ଧୁଙ୍କୁ ଆପ୍ୟାୟିତ କରିପାରନ୍ତି।

**କର୍କଟ** – ରାଶ୍ୟାଧିପଙ୍କ କେନ୍ଦ୍ରକୋଣାଧିପଙ୍କ ସଂଯୋଗ ଆପଣଙ୍କୁ ଅଭିଳଷିତ ଦ୍ରବ୍ୟ ପ୍ରାପ୍ତି କରାଇବ। ଆଜି ଯେଉଁ କାମରେ ହାତ ଦେବେ ସଫଳ ହେବେ। ଅଶ୍ଳେଷା ନକ୍ଷତ୍ର ସକାଶେ କର୍ମଜଞ୍ଜାଳର ବ୍ୟସ୍ତତା ସାଙ୍ଗକୁ ପରୋକ୍ଷ ଶତ୍ରୁତା ଟେନ୍ସନର କାରଣ ହୋଇପାରେ। ବ୍ୟବସାୟୀଙ୍କ କାରବାରରେ ଉନ୍ନତି ହେବ ଓ ଲାଭର ମାତ୍ରା କିଛି କମିବ ।

**ସିଂହ** – ଧନାଧିପତିଙ୍କୁ ବୃହସ୍ପତିଙ୍କ ଶୁଭଦୃଷ୍ଟି ବିଭିନ୍ନ କ୍ଷେତ୍ରରୁ ଅର୍ଥନୈତିକ ମାନ ବୃଦ୍ଧି କରାଇପାରନ୍ତି। ପୂର୍ବାଫାଲଗୁନୀ ନକ୍ଷତ୍ର କୌଣସି ବନ୍ଧୁଙ୍କ ନିମନ୍ତ୍ରଣରେ ଦୂର ଜାଗାକୁ ଯିବାକୁ ପଡିପାରେ। ଆଜିର ପ୍ରତ୍ୟାବର୍ତ୍ତନ ସମୟରେ ମୂଲ୍ୟବାନ ଦ୍ରବ୍ୟ କିଣିପାରନ୍ତି। କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ସମସ୍ୟା ସମାଧାନ ହେବ।

**କନ୍ୟା** – ତୃତୀୟ ଅଷ୍ଟମାଧିପତି ଲାଭାଧିପଙ୍କ ସହ ଥିବାରୁ ଆଜି ପ୍ରାପ୍ୟପାଇବା କଷ୍ଟକର ହୋଇପାରେ। ନୂତନ ଗୃହ, ଯାନବାହନ କିମ୍ବା ମୂଲ୍ୟବାନ୍ ଦ୍ରବ୍ୟପ୍ରାପ୍ତି ପାଇଁ ମାର୍ଗ ଉନ୍ମୁକ୍ତ କରିପାରନ୍ତି। ଚିତ୍ରା ନକ୍ଷତ୍ରର ବାଣିଜ୍ୟ, ପରିବହନ, ଯାତ୍ରା ସମ୍ପର୍କରେ ଚିନ୍ତା ବଢିଯିବ। ଅସୁସ୍ଥତା ଅନୁଭବ କରିବାରୁ କେତେକ କାମ ସ୍ଥଗିତ ରହିଯାଇପାରେ।

**ତୁଳା** – ଶୁଭଭାବରେ ଚନ୍ଦ୍ର ଓ ମଙ୍ଗଳଙ୍କ ସ୍ଥିତି ଅର୍ଥ ଓ ସମ୍ମାନ ଦେବାରେ ସମର୍ଥ ହେବ। ସ୍ୱାତୀ ନକ୍ଷତ୍ର ଗତକାଲିର ଦରଖଣ୍ଡିଆ କାମଟିକୁ ଆଜି ପୂର୍ଣ୍ଣାଙ୍ଗ କରିବାରେ ସଫଳ ହେବେ। ପିଲାଙ୍କ ସମ୍ବନ୍ଧୀୟ ସମସ୍ୟା ମନକୁ ଆନ୍ଦୋଳିତ କରିପାରେ। ବନ୍ଧୁ ଗହଣରେ କିମ୍ବା ଆଲୋଚନା ପରିସରରେ ପରିସ୍ଥିତିରେ ପଡି ଠିକ୍ ବିଚାର କରିପାରିବେନାହିଁ ।

**ବିଛା** – ରାଶ୍ୟାଧିପ ଉଚ୍ଚସ୍ଥ ହୋଇ ଭାଗ୍ୟସ୍ଥାନକୁ ଦେଖୁଥିବାରୁ ଆଜି ଆଶା ଓ ଅଭିଳାଷ ପୂରଣ ହୋଇଯିବ। ଅନୁରାଧା ନକ୍ଷତ୍ର ସମସ୍ୟା ଜାଲରେ ଛନ୍ଦି ହୋଇଥିବାରୁ ମନ ଦୁଶ୍ଚିନ୍ତାରେ ଘାରିପାରେ। ସାଧାରଣ ଘଟଣାକୁ କେନ୍ଦ୍ରକରି ଉଚ୍ଚବାଚ୍ଚ ଘଟିବାର ଆଶଙ୍କା ରହିଛି। ସମ୍ପର୍କୀୟ ଜଣେ ବନ୍ଧୁ ଅଯାଚିତ ଭାବେ ନିଜ ତରଫରୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**ଧନୁ** – ଦେବଗୁରୁଙ୍କ ସ୍ୱଗୃହକୁ ଦୃଷ୍ଟିଜନିତ ଶାରୀରିକ ସୁସ୍ଥତା ସାଙ୍ଗକୁ ପାରିବାରିକ ଜୀବନ ସୁଖ ଶାନ୍ତିରେ କଟିବ। କୌଣସି ଲୋକଙ୍କୁ ଅନ୍ଧଭାବେ ବିଶ୍ୱାସ କରି ହଇରାଣ ହେବେ। ଉତ୍ତରାଷାଢା ନକ୍ଷତ୍ର ସକାଶେ ପିଲାଙ୍କ ବିବାହ ପ୍ରସ୍ତାବ ସମ୍ପର୍କରେ ବନ୍ଧୁ ଖବର ଦେଇପାରନ୍ତି। ବିଭିନ୍ନ ପ୍ରକାର ପ୍ରତିବନ୍ଧକ ହେତୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ।

**ମକର** – ଶ୍ରୀଚନ୍ଦ୍ରଙ୍କ ପ୍ରଭାବରୁ ଆଜି ଯେଉଁ କାମରେ ହାତଦେବେ ସଫଳତା ମିଳିବ। କିନ୍ତୁ ପାରିବାରିକ ଜୀବନରେ ଭୁଲ୍‌ବୁଝାମଣା ସାଙ୍ଗକୁ ରୁକ୍ଷ ବ୍ୟବହାର ଶାନ୍ତି ଭଗ୍ନ କରିପାରେ। ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ଦେଖାଦେଇପାରେ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ** – ଏକାଧିକ ଗ୍ରହ ରାଶିରେ ଅବସ୍ଥାନ କରିଥିବାରୁ ଆଜି କିଛି ଭଲ ସାଙ୍ଗକୁ ଟେନ୍ସନ ମଧ୍ୟରେ ଦିନଟି କଟିବ। ଶତଭିଷା ନକ୍ଷତ୍ର କର୍ମକ୍ଷେତ୍ରରେ ଗୁଡାଏ କାମ ହାତକୁ ନେଇ ବିବ୍ରତ ହୋଇପାରନ୍ତି। ସାହିତ୍ୟ ଓ ସଙ୍ଗୀତ କାର୍ଯ୍ୟରୁ ପ୍ରଶଂସିତ ହେବେ। ପରିବାର ସଦସ୍ୟଙ୍କ ରୁଗ୍‌ଣ ସ୍ୱାସ୍ଥ୍ୟର ଆରୋଗ୍ୟ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ।

**ମୀନ** – ଉତ୍ତରଭାଦ୍ର ନକ୍ଷତ୍ର ସକାଶେ ଆଜିର ଦିନଟି ଭଲରେ କଟିବ। ବନ୍ଧୁଙ୍କ ପରାମର୍ଶରେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ କିମ୍ବା ସଭାସମିତିରେ ପ୍ରଶଂସିତ ହେବେ। ଶନିଙ୍କ ପ୍ରଭାବରୁ ସତ୍‌ସଙ୍ଗ, ବ୍ରତୋପାସନା ପ୍ରତି ଶ୍ରଦ୍ଧା ଭକ୍ତି ଜାଗ୍ରତ ହୋଇପାରେ। ଦିନଚର୍ଯ୍ୟା ମଧ୍ୟରେ ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହୋଇପାରନ୍ତି।

ଆଜି ଫେବୃଆରୀ ୧୬ ତାରିଖ, ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀ ସୋମବାର। ବୈଷ୍ଣବ ସମ୍ମତ ମହାଶିବରାତ୍ରି, ରାଶିନକ୍ଷତ୍ର-ଶ୍ରବଣା/ମକର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅମାବାସ୍ୟାର ନିଶାପାଳନ, ଦିବା ଘ.୦୬।୧୮ ଗତେ, ଘ.୦୭।୪୪ ମଧ୍ୟେ, ଘ.୧୦।୫୨ ଗତେ, ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୪୪ ଗତେ, ଘ.୦୯।୦୯ ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
52 Years



# ବଢ଼ିଲା ତାପମାତ୍ରା

**ଭୁବନେଶ୍ୱର,୧୫ା୨(ବନ୍ଦନା ସେଠୀ)**

ରାଜ୍ୟରେ ତାପମାତ୍ରା କ୍ରମଶଃ ବୃଦ୍ଧି ପାଉଛି। ରାତିରେ ଶୀତ, ଭୋର୍ ସମୟରେ କୁହୁଡ଼ି ଓ ଦିନରେ ଖରାତାତି ଅନୁଭୂତ ହେଉଛି। ଉତ୍ତର ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୬ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇଥିବାବେଳେ କିଛି ସ୍ଥାନରେ ଦିନ ତାପମାତ୍ରାରେ ପ୍ରାୟ ୨ରୁ ୪ ଡିଗ୍ରୀ ବଢ଼ିଛି। ଗତ ୨୪ଘଣ୍ଟାରେ ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ରହିଥିଲା। ସେହିପରି ସମତଳ ଅଞ୍ଚଳ ଭାବେ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ଏବଂ ସର୍ବାଧିକ ତାପମାତ୍ରା ଝାରସୁଗୁଡାରେ ୩୬ ଡିଗ୍ରୀ ରେକର୍ଡ ହୋଇଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ରର ରିପୋର୍ଟ ଅନୁସାରେ, ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ସାଧାରଣ ତାପମାତ୍ରାଠାରୁ ପ୍ରାୟ ୩ ଡିଗ୍ରୀ କମ୍ ରହିଛି। ସେହିପରି ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୨ଡିଗ୍ରୀ କମ୍ ଏବଂ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ତାପମାତ୍ରା ସ୍ୱାଭାବିକ ଥିଲା। ତେବେ ଆସନ୍ତା ୨ଦିନ ପର୍ଯ୍ୟନ୍ତ ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ଜଗତ୍‌ସିଂହପୁର, କଟକ ଏବଂ ବାଲେଶ୍ୱର ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ହେବ ବୋଲି ସୂଚନା ଦିଆଯାଇଛି।

# ଆନ୍ଧ୍ରରେ ଓଲଟିଲା ଓଏସ୍ଆର୍‌ଟିସି ବସ୍: ୭ ଆହତ



**କୋରାପୁଟ/ପଟ୍ଟାଙ୍ଗି,୧୫ା୨**
**(ଅମିତାଭ ବେହେରା/ଶରତ କୁମାର ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଆନ୍ଧ୍ରପ୍ରଦେଶ ସାଲୁର ବାଇପାସ୍ ରାସ୍ତାରେ ଏକ ଓଏସ୍ଆର୍‌ଟିସି ବସ୍ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଶନିବାର ରାତିରେ ୭ ଯାତ୍ରୀ ଆହତ ହୋଇଛନ୍ତି। ପ୍ରାଥମିକ ଚିକିତ୍ସା ପରେ ସମସ୍ତେ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ଶନିବାର ଓଏସ୍ଆର୍‌ଟିସି ବସ୍ (ଓଡି ୦୨-ସିଇ-୭୫୧୨) ମାଲକାନଗିରି ଜିଲା ଏମ୍‌ଭି-୭୯ରୁ ବାହାରି ଜୟପୁର, କୋରାପୁଟ ଓ ପଟ୍ଟାଙ୍ଗି ହୋଇ ଆନ୍ଧ୍ରର ବିଶାଖାପାଟଣା ଅଭିମୁଖେ ଯାଉଥିଲା। ବସ୍ ଡ୍ରାଇଭର ଏନ୍. ଭାସ୍କର ରାଓଙ୍କ କହିବାନୁଯାୟୀ, ବସ୍‌ର ଷ୍ଟିୟରିଂ ହଠାତ୍ ଲକ୍ ପଡ଼ିଯିବାରୁ ସାଲୁର ବାଇପାସ ରାସ୍ତାକଡ଼କୁ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ ଥିବା ୨୯ ଯାତ୍ରୀଙ୍କ ମଧ୍ୟରୁ ୭ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ଉଦ୍ଧାର କରାଯାଇ ସାଲୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଅବଶିଷ୍ଟ ୨୨ ଯାତ୍ରୀଙ୍କୁ ବିଜୟନଗରମସ୍ଥିତ ରାଜ୍ୟ ଓଡ଼ିଶା ପରିବହନ ବିଭାଗ ପକ୍ଷରୁ ଜଗଦଲପୁର ବସ୍ ଯୋଗେ ଗନ୍ତବ୍ୟସ୍ଥଳ ବିଶାଖାପାଟଣାକୁ ପଠାଯାଇଥିବା ଜଣାପଡ଼ିଛି। ଏହି ତ୍ରୁଟି ସାଲୁର ଘାଟିରେ ହୋଇଥିଲେ ଏକ ବଡ଼ ଦୁର୍ଘଟଣା ହେବା ସମ୍ଭାବନା ଥିଲା, ହେଲେ ସମସ୍ତ ଯାତ୍ରୀ ବର୍ତ୍ତିଯାଇଥିବା ଡ୍ରାଇଭର କହିଛନ୍ତି। ଖବରପାଇ ବିଜୟନଗରମ ଡିପୋ ଅତିରିକ୍ତ ମ୍ୟାନେଜର ରବୀନ୍ଦ୍ର ବେହେରା ଓ ଅନ୍ୟ କର୍ମଚାରୀ ପହଞ୍ଚି ଯାଞ୍ଚ କରିବା ସହ ସମସ୍ତ ଯାତ୍ରୀଙ୍କୁ ସ୍ଥାନାନ୍ତର ବ୍ୟବସ୍ଥା କରିଥିଲେ। ଏ ସମ୍ପର୍କରେ ଡିପୋ ମ୍ୟାନେଜର ଇଶ୍ୱର ମହାପାତ୍ରଙ୍କୁ ପଚାରିବାରୁ ତଦନ୍ତ ଆରମ୍ଭ ହୋଇଥିବା ସୂଚନା ଦେଇଛନ୍ତି। ଏକ ବଡ଼ ଦୁର୍ଘଟଣା ଟଳି ଯାଇଥିବା ସେ କହିଛନ୍ତି।



କଲମ୍ବୋସ୍ଥିତ ଆର୍.ପ୍ରେମଦାସା ଷ୍ଟାଡିୟମରେ ରବିବାର ପାକିସ୍ତାନ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଇଶାନ କିଶନ୍।

# ପାକିସ୍ତାନକୁ ହରାଇ ସୁପର-୮ରେ ଭାରତ

**ଟି୨୦ ବିଶ୍ୱକପ**

**କଲମ୍ବୋ, ୧୫ା୨**

କଲମ୍ବୋସ୍ଥିତ ଆର୍.ପ୍ରେମଦାସା ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଟି୨୦ କ୍ରିକେଟ ବିଶ୍ୱକପରେ ଭାରତ ତା'ର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୬୧ ରନରେ ପରାସ୍ତ କରିଛି। ଫଳରେ ଭାରତୀୟ ଦଳ ଗ୍ରୁପ୍ 'ଏ'ରୁ ସୁପର-୮ରେ ପ୍ରବେଶ କରିଛି। ଇଶାନ କିଶନଙ୍କ ଦ୍ରୁତ ଅର୍ଦ୍ଧଶତକ ସହାୟତାରେ ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୧୭୫ ରନ କରିଥିଲା। ଜବାବରେ ପାକିସ୍ତାନ ୧୮ ଓଭରରେ ୧୧୪ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଏଥିସହ ଟି୨୦ ବିଶ୍ୱକପରେ ପାକିସ୍ତାନ ବିପକ୍ଷରେ ଭାରତର ବିଜୟ ରେକର୍ଡ ୮-୧ରେ ପହଞ୍ଚିଛି।

୧୭୬ ରନ ବିଜୟ ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇଥିବା ପାକିସ୍ତାନକୁ ଭାରତର ଦୁଇ ପେସର ହାର୍ଦ୍ଦିକ ପାଣ୍ଡ୍ୟା ଓ ଯଶପ୍ରୀତ୍ ବୁମ୍‌ରା ପ୍ରଥମ ଦୁଇ ଓଭରରେ ହିଁ ପରାଜୟ ବାସ୍ନା ଦେଇଥିଲେ। ହାର୍ଦ୍ଦିକ ପ୍ରଥମ ଓଭରର ୪ର୍ଥ ବଲ୍‌ରେ ଶାହିବଜାଦା ଫରହାନ (୦)ଙ୍କୁ ଏବଂ ବୁମ୍‌ରା ଦ୍ୱିତୀୟ ଓଭରର ୨ୟ ଓ ୬ଷ୍ଠ ବଲ୍‌ରେ ଯଥାକ୍ରମେ ସଇମ ଆୟୁବ (୬) ଓ ଅଧିନାୟକ ସଲମାନ ଆଘା (୪)ଙ୍କୁ ଆଉଟ କରି ପାକିସ୍ତାନକୁ ଶକ୍ତ ଝଟ୍‌କା ଦେଇଥିଲେ। ୧୩ ରନ ମଧ୍ୟରେ ପାକିସ୍ତାନର ଏହି ୩ ଉଇକେଟ ପଡ଼ି ଯାଇଥିଲା। ୫ମ ଓଭରରେ ଅଭିଜ୍ଞ ଖେଳାଳି ବାବର ଆଜମ (୫)ଙ୍କୁ ଅକ୍ଷର ପଟେଲ ପ୍ୟାଭିଲିୟନ ପଥ ଦେଖାଇଥିଲେ। ଉସମାନ ଖାଁ ୩୪ ବଲ୍‌ରୁ ୪୪ ରନକରି କିଛି ସମୟ ପାକିସ୍ତାନୀ ସମର୍ଥକଙ୍କୁ ରୋମାଞ୍ଚିତ କରିଥିଲେ ହେଁ ତାହା ମ୍ୟାଚ ଜିତିବାକୁ ପର୍ଯ୍ୟାପ୍ତ ହୋଇ ନ ଥିଲା। କୁଳଦୀପ ଯାଦବ ନିଜ ଦ୍ୱିତୀୟ ଓଭରର ୪ର୍ଥ ବଲ୍‌ରେ ମହମ୍ମଦ ନୱାଜ (୪)ଙ୍କୁ ଆଉଟ କରିବାରୁ ୧୧.୪ ଓଭର ବେଳକୁ ପାକିସ୍ତାନ ସ୍କୋର ୭୮/୬ ହୋଇ ଯାଇଥିଲା। ଏଥିରୁ ଆଉ ପାକିସ୍ତାନ ଶେଷ ପର୍ଯ୍ୟନ୍ତ ମୁକୁଳିପାରି ନ ଥିଲା। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା, ଅକ୍ଷର ପଟେଲ୍, ବରୁଣ ଚକ୍ରବର୍ତ୍ତୀ ଓ ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ଲେଖାଏ ଏବଂ କୁଳଦୀପ ଯାଦବ ଓ ତିଲକ ବର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଭାରତ ୨ଟି ପରିବର୍ତ୍ତନ ସହ ଏହି ମ୍ୟାଚ ଖେଳିଥିଲା। ସଞ୍ଜୁ ସାମସନ ଓ ଅର୍ଶଦୀପ ସିଂଙ୍କ ସ୍ଥାନରେ ଅଭିଷେକ ଶର୍ମା ଓ କୁଳଦୀପ ଯାଦବଙ୍କୁ ସୁଯୋଗ ମିଳିଥିଲା। ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ପାକିସ୍ତାନ ଅଧିନାୟକ ସଲମାନ ଅଲୀ ଆଘା। କେବଳ ସେତିକି ନୁହେଁ ନିଜ ଅନ୍ତର୍ଜାତୀୟ କ୍ୟାରିୟରରେ ସେ ଦ୍ୱିତୀୟଥରଲାଗି ବୋଲିଂ ଓପନ କରି ୬ଷ୍ଠ ବଲ୍‌ରେ ବିସ୍ଫୋରକ ବ୍ୟାଟର ଅଭିଷେକ ଶର୍ମାଙ୍କୁ ଆଉଟ କରି ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ୪ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଅଭିଷେକ ଡକ୍(୦)ରେ ଆଉଟ ହୋଇଥିଲେ। ତେବେ ଇଶାନ କିଶନ ଓ ତିଲକ ବର୍ମା ଇନିଂସ ସମ୍ଭାଳି ଥିଲେ।

☞ପୃଷ୍ଠା-୯

# ଆମେରିକାରେ ନିଖୋଜ ଭାରତୀୟ ଛାତ୍ରଙ୍କ ମୃତ୍ୟୁ

**ନ୍ୟୁୟର୍କ,୧୫ା୨(ପି.ଟି.)**

ଆମେରିକାରେ ଜଣେ ୨୨ ବର୍ଷୀୟ ଭାରତୀୟ ସ୍ନାତକୋତ୍ତର ଛାତ୍ର ୬ ଦିନ ତଳେ ନିଖୋଜ ହୋଇଯାଇଥିବାବେଳେ ତାଙ୍କ ମୃତଦେହ ମିଳିଥିବା ଭାରତୀୟ ମିଶନ ପକ୍ଷରୁ କୁହାଯାଇଛି। ସାକେଥ ଶ୍ରୀନିବାସୈଆ ନାମକ କାଲିଫର୍ନିଆ ୟୁନିଭର୍ସିଟିର ଉକ୍ତ ଛାତ୍ରଙ୍କ ଘର କର୍ନାଟକରେ। ସେ ଗତ ସୋମବାରଠାରୁ ନିଖୋଜ ଥିଲେ। ତାଙ୍କର ମୃତଦେହ ମିଳିଥିବା ସାନ୍ ଫ୍ରାନ୍ସିସ୍କୋସ୍ଥିତ ଭାରତୀୟ ବାଣିଜ୍ୟିକ ଦୂତାବାସ ପକ୍ଷରୁ ସ୍ଥାନୀୟ ସମୟ ଶନିବାର ସ୍ପଷ୍ଟ କରାଯାଇଛି। କନ୍‌ସୁଲେଟ୍ ତାଙ୍କ ପରିବାରକୁ ସମବେଦନା ଜଣାଇବା ସହ ମରଶରୀର ଯଥାଶୀଘ୍ର ଭାରତ ପଠାଇବାରେ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ପ୍ରସ୍ତୁତ ବୋଲି କହିଛି। ଶ୍ରୀନିବାସୈଆ କାଲିଫର୍ନିଆ ୟୁନିଭର୍ସିଟିରେ ମାଷ୍ଟର ଅଫ୍ ସାଇନ୍ସ ପ୍ରୋଗ୍ରାମରେ ନାମ ଲେଖାଇଥିଲେ। ପାର୍କ ହିଲ୍ସସ୍ଥିତ ଘର ପାହାଚରୁ ତାଙ୍କ ବ୍ୟାଗେଜ୍, ପାସ୍‌ପୋର୍ଟ ଏବଂ ଲାପ୍‌ଟପ୍ ମିଳିଛି।

# କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ପରଲୋକ

**କଟକ,୧୫ା୨(କାର୍ତ୍ତିକ ସାହୁ)**

**ମୁଖ୍ୟମନ୍ତ୍ରୀଙ୍କ ଶୋକ ପ୍ରକାଶ**



ଓଡ଼ିଆ ସଙ୍ଗୀତ ଜଗତର ସୁନାମଧନ୍ୟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ୭୩ ବର୍ଷ ବୟସରେ ରବିବାର ସନ୍ଧ୍ୟା ପ୍ରାୟ ୬ଟା ୧୮ ମିନିଟ୍ ସମୟରେ ପରଲୋକ ହୋଇଯାଇଛି। ସେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସୋମବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ଜଣାଯାଇଛି। ତାଙ୍କ ପରଲୋକ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। ତାଙ୍କ ପରଲୋକରେ ଓଡ଼ିଆ ସଙ୍ଗୀତ ଜଗତରେ ଗଭୀର ଶୋକ ପ୍ରକାଶ ପାଇଛି। କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିଛନ୍ତି। ତାଙ୍କ ବିୟୋଗ ଓଡ଼ିଶା ସଙ୍ଗୀତ ଓ ସଂସ୍କୃତି ପାଇଁ ଏକ ଅପୂରଣୀୟ କ୍ଷତି। ଏହି ଦୁଃଖ ସମୟରେ ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ସେହିପରି ବିଜେଡି ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଶୋକ ବ୍ୟକ୍ତ କରିଛନ୍ତି। ଗୀତାଙ୍କ ସୁମଧୁର କଣ୍ଠ ଓଡ଼ିଆ ସଙ୍ଗୀତକୁ ଘରେ ଘରେ ପହଞ୍ଚାଇଛି। ଅନେକ ଲୋକପ୍ରିୟ ସଙ୍ଗୀତ ତାଙ୍କୁ ସର୍ବଦା ସ୍ମରଣୀୟ ରଖିବ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନଙ୍କ ପ୍ରତି ସେ ସମବେଦନା ଜଣାଇଛନ୍ତି।

ସୂଚନାନୁସାରେ, ସ୍ୱର୍ଗତା ପଟ୍ଟନାୟକ ଭୁବନେଶ୍ୱରର ଏକ ସାରସ୍ୱତ କାର୍ଯ୍ୟକ୍ରମରେ ଗତ ୧୨ ତାରିଖ ସନ୍ଧ୍ୟାରେ ଯୋଗଦେଇଥିବା ବେଳେ ଅସୁସ୍ଥ ଅନୁଭବ କରିଥିଲେ। ସେଦିନ ରାତି ପ୍ରାୟ ଗୋଟାଏ ସମୟରେ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲରେ

☞ପୃଷ୍ଠା-୯

# ସକ୍ରିୟତାର ସହ କାର୍ଯ୍ୟ କରିବାକୁ ଘରୋଇ ସେକ୍ଟରକୁ ଆହ୍ୱାନ

**'ବିକଶିତ ଭାରତ'କୁ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ**

**ନୂଆଦିଲ୍ଲୀ,୧୫ା୨(ପି.ଟି.)**



ନରେନ୍ଦ୍ର ମୋଦି

କେନ୍ଦ୍ରୀୟ ବଜେଟ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ନିକଟରେ ସ୍ୱାକ୍ଷରିତ ହୋଇଥିବା ଅନେକ ବାଣିଜ୍ୟ ଚୁକ୍ତିନାମାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ପ୍ରଶଂସା କରିବା ସହ ବିକଶିତ ଭାରତ ପାଇଁ ଏହା ମୂଳଦୁଆ ବୋଲି କହିଛନ୍ତି। ଖବର ସରବରାହ ସଂସ୍ଥା 'ପିଟିଆଇ'କୁ ଦେଇଥିବା ଏକ ବିସ୍ତୃତ ସାକ୍ଷାତ୍‌କାର ଅବସରରେ ସେ ଘରୋଇ ସେକ୍ଟରଗୁଡ଼ିକୁ ଅଧିକ ସକ୍ରିୟ ଓ ସାହସର ସହ କାର୍ଯ୍ୟ କରିବା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ପୂର୍ବର ଉପା ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସ୍ଥାୟୀ ବାଣିଜ୍ୟ ଚୁକ୍ତିନାମା କରିବାରେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ବିଫଳ ହୋଇଥିଲା ବୋଲି ସେ କହିଛନ୍ତି। ବିକଶିତ ଭାରତରେ ମହିଳାମାନେ ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି କରିଛନ୍ତି। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ରାଜନୈତିକ ସ୍ଥିରତା ଭାରତରେ ନିବେଶକମାନଙ୍କ ଆତ୍ମବିଶ୍ୱାସକୁ ପୁନଃସ୍ଥାପିତ କରିଛି। ୩୮ ଦେଶ ସହ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ପାଇଁ ବୁଝାମଣା କରିବାରେ ଶକ୍ତିଶାଳୀ ଉତ୍ପାଦନ ଏବଂ ସେବା କ୍ଷେତ୍ର ତଥା ଏମ୍ଏସ୍ଏମ୍ଇ ସହାୟକ ହୋଇଛି। ଆଗାମୀ ୩ ଦଶନ୍ଧି ପାଇଁ ପ୍ରଧାନମନ୍ତ୍ରୀ ୩ଟି ପ୍ରମୁଖ ପ୍ରାଥମିକତା ଉପରେ ଗୁରୁତ୍ୱ ଦେଇଛନ୍ତି। ତାହା ହେଲା ଅଧିକ ଗଠନମୂଳକ ସଂସ୍କାର, ପ୍ରଯୁକ୍ତିବିଦ୍ୟା, ଉତ୍ପାଦନ ଓ ସେବା କ୍ଷେତ୍ରରେ ନବସୃଜନର ସୁଦୃଢ଼ୀକରଣ ଏବଂ ଶାସନ ବ୍ୟବସ୍ଥାରେ ସରଳୀକରଣ। ଫଳରେ ନାଗରିକ ଏବଂ ବ୍ୟବସାୟୀମାନେ ଅଧିକ ସହଜରେ ଓ ବିଶ୍ୱାସର ସହ ବ୍ୟବସାୟ ଚଳାଇପାରିବେ। ଭାରତୀୟ ଉଦ୍ୟୋଗୀମାନେ ଅଭିନବତ୍ୱ, ପ୍ରଯୁକ୍ତି ଆଦି କ୍ଷେତ୍ରରେ କିଭଳି ଭାବେ ପୁଞ୍ଜିନିବେଶ କରୁଛନ୍ତି, ତାହା ଉପରେ ୨୦୪୭ ବିକଶିତ ଭାରତ ନିର୍ଭର କରିବ। ଗବେଷଣା ଓ ବିକାଶ, ନୂତନ ପ୍ରଯୁକ୍ତି ପ୍ରଚଳନ, ଯୋଗାଣ-ଶୃଙ୍ଖଳ ସାମର୍ଥ୍ୟ ବଢ଼ାଇବା ଓ ଗୁଣବତ୍ତା ଉତ୍ପାଦନ ଦିଗରେ ସକ୍ରିୟତାର ସହ ଅଧିକ ପୁଞ୍ଜିନିବେଶ ଲାଗି ଘରୋଇ କର୍ପୋରେଟ ସେକ୍ଟରଗୁଡ଼ିକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ସାକ୍ଷାତ୍‌କାରରେ

☞ପୃଷ୍ଠା-୯

# ଦିବ୍ୟାଙ୍ଗ ଶିଶୁପୁତ୍ରକୁ କୋଳେଇନେଲେ ଆମେରିକୀୟ ସେନ୍

**ଦେବଗଡ଼,୧୫ା୨**
**(ଶଶାଙ୍କ ଶେଖର ଝାଙ୍କର)**



ଜିଲାପାଳ, ଶିଶୁ ସୁରକ୍ଷା ଅଧିକାରୀଙ୍କ ଉପସ୍ଥିତିରେ ନ୍ୟୁୟର୍କର ସେନ୍ ରେମଣ୍ଡଙ୍କୁ ଶିଶୁପୁତ୍ର ହସ୍ତାନ୍ତର କରାଯାଉଛି।

ଦେବଗଡ଼ ଜିଲାର ସପୋର୍ଟ ଅନୁଷ୍ଠାନ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ପୋଷ୍ୟସନ୍ତାନ ଗ୍ରହଣ କେନ୍ଦ୍ରରେ ରହୁଥିବା ୩ ବର୍ଷର ଶିଶୁପୁତ୍ରକୁ ପୋଷ୍ୟସନ୍ତାନ ଗ୍ରହଣ ପ୍ରକ୍ରିୟାରେ ଥଇଥାନ କରାଯାଇଛି। କିଶୋର ନ୍ୟାୟ ଅଧିନିୟମ ୨୦୧୫ ଓ ପୋଷ୍ୟସନ୍ତାନ ଗ୍ରହଣ ନିୟମାବଳୀ-୨୦୨୨ର ପ୍ରାବଧାନ ଅନୁଯାୟୀ, ଆମେରିକାର ନ୍ୟୁୟର୍କ ନିବାସୀ ସେନ୍ ରେମଣ୍ଡ ଉକ୍ତ ଶିଶୁପୁତ୍ରକୁ ପୋଷ୍ୟସନ୍ତାନ ଭାବେ ଗ୍ରହଣ କରିଛନ୍ତି।

ସେନ୍ ନ୍ୟୁୟର୍କର ବୀମା କମ୍ପାନୀରେ କାମ କରନ୍ତି। ସେ ୨ ବର୍ଷ ତଳେ ପୋଷ୍ୟସନ୍ତାନ ଗ୍ରହଣ ପାଇଁ ଭାରତ ସରକାରଙ୍କ ମହିଳା ଓ ଶିଶୁବିକାଶ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ପୋଷ୍ୟସନ୍ତାନ ସମ୍ବଳ ଏଜେନ୍ସିରେ ଆବେଦନ କରିଥିଲେ। ଏହି ଏଜେନ୍ସିର ଅନୁମୋଦନ ପରେ ପୋଷ୍ୟସନ୍ତାନ ଭାବେ ଗ୍ରହଣ ପାଇଁ ସେ ଅନ୍‌ଲାଇନ୍‌ରେ ଉକ୍ତ ଶିଶୁପୁତ୍ରକୁ ଚୟନ କରିଥିଲେ। ସେନ୍ ଜଣେ ଅବିବାହିତ ଯୁବକ, ହେଲେ ପୋଷ୍ୟସନ୍ତାନ ଗ୍ରହଣ ମାଧ୍ୟମରେ ବାପା ହେବା ପାଇଁ ତାଙ୍କର ପ୍ରବଳ ଆଗ୍ରହ। ଦେବଗଡ଼ରେ ରହୁଥିବା ଉକ୍ତ ଶିଶୁପୁତ୍ରକୁ ପୋଷ୍ୟସନ୍ତାନ ଭାବେ ଗ୍ରହଣ କରିବା ପୂର୍ବରୁ ସେନ୍ ଆସାମରୁ ମଧ୍ୟ ଏକ ଦିବ୍ୟାଙ୍ଗ ଶିଶୁପୁତ୍ରକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରି ଲାଳନ ପାଳନ କରୁଛନ୍ତି। ଦେବଗଡ଼ର ଏହି ଶିଶୁପୁତ୍ର ମଧ୍ୟ ଭିନ୍ନକ୍ଷମ। ପୂର୍ବରୁ ଏହି ଶିଶୁପୁତ୍ରକୁ ଏକ ଓଡ଼ିଆ ଦମ୍ପତି ପୋଷ୍ୟସନ୍ତାନ ଭାବେ ଗ୍ରହଣ କରି ସାଙ୍ଗରେ ନେଇଥିଲେ। ହେଲେ ଗୋଟିଏ ଦିନ ପରେ ଦିବ୍ୟାଙ୍ଗ କହି ଶିଶୁ ସୁରକ୍ଷା ୟୁନିଟ୍‌କୁ

☞ପୃଷ୍ଠା-୯



ନୀରବ ରହିବା ଓ ନିଜର ଉଦ୍ଦେଶ୍ୟକୁ ପ୍ରକଟ ନ କରିବା ଗୋଟାଏ କଥା କିନ୍ତୁ ଉଦ୍ଦେଶ୍ୟ ନେଇ କିଛି କରିଥିବା ସ୍ଥଳେ- ମୁଁ ତାହା କରି ନାହିଁ ବୋଲି କହିବାଟା ନୀରବତା ନୁହେଁ- ଏହା ହିଁ ମିଥ୍ୟାଚାର।-ଶ୍ରୀମା

-ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହଳ ନିଷେଧ



# ପାଖ ବିଦେଶ

ବାଂଲାଦେଶ ଜାତୀୟ ନିର୍ବାଚନରେ ଭୋଟ ହୋଇଥିବା ୨୯୯ ଆସନ ମଧ୍ୟରୁ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି(ବିଏନ୍‌ପି) ଏକାକୀ ୨୦୯ ଆସନ ପାଇଥିବା ବେଳେ ସହଯୋଗୀଙ୍କୁ ମିଶାଇଲେ ସଂଖ୍ୟା ୨୧୨ ହୋଇଛି। ଜମାତ-ଇ-ଇସ୍‌ଲାମୀ ଏକାକୀ ୬୮ ସିଟ୍ ଜିତିଥିବା ବେଳେ ତା' ସହଯୋଗୀ ମିଶିଲେ ୭୭ରେ ପହଞ୍ଚିଛି। ଦୀର୍ଘବର୍ଷ ଧରି ବାଂଲାଦେଶ କ୍ଷମତା ରାଜନୀତିରେ ସ୍ୱତନ୍ତ୍ର ଛାପ ରଖିଆସିଥିବା ଶେଖ ହାସିନାଙ୍କ ଆୱାମୀ ଲିଗକୁ ନିର୍ବାଚନୀ ପ୍ରକ୍ରିୟାରୁ ଦୂରେଇ ଦିଆଯାଇଥିଲା। ହାସିନାଙ୍କ ଦଳ ଦେଶ ଉପରେ ଏକଛତ୍ରବାଦ ଲଦିଦେବାକୁ ଚେଷ୍ଟା କରୁଥିଲା ବୋଲି ମିଳୁଥିବା ଅନେକ ଉଦାହରଣରୁ ବୁଝାପଡ଼େ। ଅନ୍ୟପଟେ ଆୱାମୀ ଦଳକୁ ନିର୍ବାଚନରେ ଭାଗ ନେବାକୁ ଅନୁମତି ମିଳି ନ ଥିବାରୁ ଅନ୍ତର୍ଜାତୀୟ ସ୍ତରରେ ସମାଲୋଚନା କରାଯାଉଛି। ତେବେ ବିଏନ୍‌ପି ପ୍ରତି ବିପୁଳ ସମର୍ଥନ ଜଣାଇ ଦେଇଛି ଯେ, ଦେଶବାସୀ ଗୋଟେ ବଡ଼ ପରିବର୍ତ୍ତନ ଚାହୁଁଥିଲେ। ୨୦୨୪ରେ ହାସିନାଙ୍କ ନିର୍ବାଚିତ ସରକାରକୁ ଛାତ୍ର ଓ ଯୁବ ଆନ୍ଦୋଳନ ଜରିଆରେ କ୍ଷମତାଚ୍ୟୁତ କରାଯାଇଥିଲା। ତାହା ସେତେବେଳେ 'ମୌସୁମୀ ବିପ୍ଳବ' ଭାବେ ନାମିତ ହୋଇଥିଲା। ତା' ପରେ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଅନ୍ତରୀଣ ସରକାର ଗଠନ ହୋଇଥିଲା। ଏଥର ନିର୍ବାଚନରେ ବିଏନ୍‌ପି ଅଧ୍ୟକ୍ଷ ତାରିକ୍ ରହମାନଙ୍କ ପ୍ରତି ସମର୍ଥନ ମିଳିବା ପରେ ସେ ୧୭ ଫେବୃଆରୀରେ ବାଂଲାଦେଶର ନୂତନ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବାର କାର୍ଯ୍ୟକ୍ରମ ରହିଛି। ଉଲ୍ଲେଖ କରାଯାଇପାରେ ଯେ, ତାରିକ୍ ହେଉଛନ୍ତି ବାଂଲାଦେଶର ପୂର୍ବତନ ରାଷ୍ଟ୍ରପତି ଜିଆଉର ରହମାନ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କ ବଡ଼ ପୁଅ। ୨୦୦୧ ମସିହାରେ ମା'ଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ତାରିକ୍ ଚର୍ଚ୍ଚାକୁ ଆସିଥିଲେ। ହେଲେ ୨୦୦୮ରେ ଆୱାମୀ ଲିଗ୍‌ର ବିପୁଳ ବିଜୟ ପରେ ସୁରକ୍ଷା ଦୃଷ୍ଟିରୁ ସେ ଲଣ୍ଡନରେ ଆତ୍ମ-ନିର୍ବାସିତ ଜୀବନ ବିତାଉଥିଲେ। ଖାଲେଦାଙ୍କ ମୃତ୍ୟୁର ଅଳ୍ପଦିନ ପୂର୍ବରୁ ତାରିକ୍ ବାଂଲାଦେଶ ଆସି ନିର୍ବାଚନ ଲଢ଼ିବା ପରେ ଦେଶବାସୀ ତାଙ୍କୁ ପ୍ରଧାନମନ୍ତ୍ରୀ ଆସନରେ ବସାଇବାକୁ ଯାଉଛନ୍ତି।

ବାଂଲାଦେଶରେ ୨୦୨୪ରେ ଆଭ୍ୟନ୍ତରୀଣ ସମସ୍ୟା ଦେଖାଦେବା ପରେ ତା'ର ଅର୍ଥନୀତି ଦୁର୍ବଳ ହୋଇଛି। ୟୁନୁସ୍‌ଙ୍କ ୧୮ ମାସର ସରକାରରେ ବିଭିନ୍ନ ସାମ୍ବିଧାନିକ ସଂସ୍ଥାକୁ ସୁଦୃଢ଼ କରିବା ଲାଗି ପ୍ରଚେଷ୍ଟା ହୋଇଥିଲେ ମଧ୍ୟ ତାହା ଆଶାନୁରୂପ ହୋଇପାରି ନାହିଁ। ତାରିକ୍‌ଙ୍କ ନେତୃତ୍ୱାଧୀନ ନୂଆ ସରକାର ଗଠନ ପରେ ବାଂଲାଦେଶରେ ଭଲ ସ୍ଥିତି ଆସିପାରେ ବୋଲି ଅନୁମାନ କରାଯାଉଛି। ନିର୍ବାଚନରେ ଜିତିବା ପରେ ପ୍ରାରମ୍ଭିକ ଅବସ୍ଥାରେ ତାରିକ୍ ତାଙ୍କ ସମର୍ଥକମାନଙ୍କୁ ବଡ଼ ବିଜୟ ଉତ୍ସବ ପାଳନ ନ କରିବାକୁ କହିବା ସହ କେବଳ ସ୍ୱତନ୍ତ୍ର ପ୍ରାର୍ଥନା କରିବାକୁ ପରାମର୍ଶ ଦେଇଛନ୍ତି। ଆଇନ ଶୃଙ୍ଖଳାକୁ ଗୁରୁତ୍ୱ ଦେବାକୁ ଯାଇ ସେ ନେଇଥିବା ନିଷ୍ପତ୍ତିକୁ ସ୍ୱାଗତ କରାଯାଉଛି। ବାଂଲାଦେଶରେ ଏକ ନିର୍ବାଚିତ ସରକାର ଦାୟିତ୍ୱ ନେବାକୁ ଥିବାରୁ ତା' ସହ ଭାରତ ଉତ୍ତମ ସମ୍ପର୍କ ବଜାୟ ରଖିବାର ସମୟ ଉପନୀତ ହେଲାଣି ବୋଲି କୁହାଯାଇପାରେ। ଶେଖ ହାସିନା ନିଜ ଦେଶରୁ ତଡ଼ା ଖାଇବା ପରେ ଭାରତରେ ତାଙ୍କୁ ଆଶ୍ରୟ ଦେଇଛନ୍ତି। ତାଙ୍କ ପ୍ରତ୍ୟର୍ପଣ ପାଇଁ ବାଂଲାଦେଶ ପକ୍ଷରୁ ବହିର୍ବ୍ୟାପାର ଚାପ ପଡ଼ିଥିଲେ ମଧ୍ୟ ଭାରତ ନୀରବ ରହିବା ଦୁଇ ଦେଶର ସମ୍ପର୍କକୁ ଅଧିକ ବିଗାଡ଼ି ଦେଇଛି। ଏମିତି ଦେଖିଲେ କିଛି ବର୍ଷ ହେବ ଭାରତ ତା' ଚାରିକଡ଼େ ଥିବା ପଡ଼ୋଶୀ ରାଷ୍ଟ୍ରଙ୍କ ସହ ଭଲ ସମ୍ପର୍କରେ ନାହିଁ। ତେଣୁ ତାରିକ୍‌ଙ୍କ ସହ ଭାରତୀୟ ନେତୃତ୍ୱ ତତ୍କ୍ଷଣାତ୍ ସମ୍ପର୍କ ବଢ଼ାଇବା ଦରକାର ପଡ଼ିଲାଣି। ତାହା ହୋଇପାରେ ଯାଏ-'ସୁଯୋଗ ଆସେ, କିନ୍ତୁ ଥରେ'। ନିର୍ବାଚନରେ ବିଜୟ ହେବା ପରେ ତାରିକ୍ ଗଣମାଧ୍ୟମକୁ ସାମ୍ନା କରିଥିଲେ। ଏହି ସମୟରେ ଜଣେ ଭାରତୀୟ ସାମ୍ବାଦିକଙ୍କ ଏକ ପ୍ରଶ୍ନର ଉତ୍ତର ଦେବା ବେଳେ ସେ କହିଥିଲେ ଯେ, ବାଂଲାଦେଶ ଲୋକଙ୍କ ସ୍ୱାର୍ଥ ଓ ଦେଶ ସର୍ବାଗ୍ରେ ରହୁଛି। ନିଜ ଦେଶବାସୀଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖୁଥିବା ଭଳି ବୈଦେଶିକ ନୀତି ନେଇ ନିଷ୍ପତ୍ତି ନିଆଯିବ ବୋଲି ସେ କହିବା ଭାରତକୁ ଏକ ଦୃଢ଼ ବାର୍ତ୍ତା ଦେଇଛି ବୋଲି କୁହାଯାଇପାରେ। ଏଭଳି କହି ତାରିକ୍ ତାଙ୍କ ଲୋକଙ୍କ ପ୍ରତି ଥିବା ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଏହି ସନ୍ଧିକ୍ଷଣରେ ବାଂଲାଦେଶ ସହ ବିଗିଡ଼ି ଯାଇଥିବା ସମ୍ପର୍କକୁ ଭାରତ ସୁଦୃଢ଼ କରିବା ଲାଗି ସୁଚିନ୍ତିତ ପଦକ୍ଷେପ ନେବା ଜରୁରୀ। ବିଏନ୍‌ପି ବାଂଲାଦେଶରେ ବିପୁଳ ବିଜୟ ହାସଲ କରିବା ପରେ ତାରିକ୍‌ଙ୍କୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇଥିଲେ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ମଧ୍ୟ ଅନୁରୂପ ଶୁଭେଚ୍ଛା ଜଣାଇଛନ୍ତି। ଭାରତ କେବଳ ଶୁଭେଚ୍ଛାରେ ସମ୍ପର୍କକୁ ସୀମିତ ନ ରଖି ହାସିନାଙ୍କ ପାଇଁ ବିଗିଡ଼ି ଯାଇଥିବା ସମ୍ବନ୍ଧକୁ କିଭଳି ମଜଭୁତ କରି ହେବ ସେହି ଦିଗରେ ପଦକ୍ଷେପ ନେବା ଦରକାର। ନୂଆ ସରକାର ସହ ମୂଳରୁ ସମ୍ପର୍କ ଭଲ ଭାବେ ଗଢ଼ି ଉଠିଲେ ପୂର୍ବର ଅସ୍ୱାଭାବିକତା ହଟିଯିବାର ସମ୍ଭାବନା ରହିବ। ଏଥିସହିତ ପାକିସ୍ତାନ ଓ ଚାଇନା ଆଡ଼କୁ ବାଂଲାଦେଶର ଢଳିବା ମଧ୍ୟ ଅନେକାଂଶରେ ହୁଏତ କମିଯାଇପାରେ।

ଭାରତ ପାଇଁ ବାଂଲାଦେଶ ଏକ ସାଧାରଣ ପଡ଼ୋଶୀ ଦେଶ ଭାବେ ପରିଗଣିତ ହେବା ଉଚିତ ନୁହେଁ। ମୁସଲମାନ ଦେଶ ହୋଇଥିବା ସତ୍ତ୍ୱେ ବାଂଲାଦେଶୀ ନାଗରିକଙ୍କ ଚରିତ୍ର ଭାରତ ବିଶେଷକରି ପୂର୍ବାଞ୍ଚଳ ସହ ଅନେକ ସାମଞ୍ଜସ୍ୟ ରହୁଛି। ସମ୍ଭବତଃ ଏହି ସାମଞ୍ଜସ୍ୟ ସେହିଦେଶର ଧର୍ମକୁ ପଛରେ ପକାଇ ଜାତୀୟ ଚରିତ୍ରକୁ ଆଗକୁ ଆଣିଥିଲା। ନିର୍ବାଚନ ପୂର୍ବରୁ ଅନେକ ପର୍ଯ୍ୟବେକ୍ଷକ ବାଂଲାଦେଶର ଜମାତ-ଇ-ଇସ୍‌ଲାମୀ ଦଳ ସରକାର ଗଠନରେ ନିର୍ଣ୍ଣୟକାରୀ ଭୂମିକା ଗ୍ରହଣ କରିବ ବୋଲି ଆକଳନ କରୁଥିଲେ। ବାଂଲାଦେଶ ଭୋଟର ସେପରି ଉଗ୍ରବାଦକୁ ନାପସନ୍ଦ କରନ୍ତି ବୋଲି ଏବେ ସ୍ପଷ୍ଟ ଜଣାପଡୁଛି। ସେଥିପାଇଁ ବ୍ୟକ୍ତିବିଶେଷ କିମ୍ବା ରାଜନୈତିକ ଦଳକୁ ଦେଖିବା ପରିବର୍ତ୍ତେ ପାଖ ବିଦେଶ (ନିଅର ଆବ୍ରଡ୍) ଦେଶଗୁଡ଼ିକର ନାଗରିକଙ୍କ ମାନସିକତାକୁ ବୁଝି ଭାରତ ତା'ର ବହିର୍ବ୍ୟାପାର ନୀତିକୁ ପୁନର୍ଗଠନ କରିବାର ସମୟ ଆସିଲାଣି।

# ନୈତିକ ମୂଲ୍ୟବୋଧ ଓ ଧର୍ମ



ଡ.ଛାୟାକାନ୍ତ ଷଡ଼ଙ୍ଗୀ

ଯେତେବେଳେ ଆମେ ଜଣେ କରୁଥିବା କାର୍ଯ୍ୟକୁ 'ନୈତିକ' ବୋଲି ବିଚାର କରୁ, ତାକୁ ଭଲ ଲୋକ କହୁ ଓ ଅନୈତିକ କାର୍ଯ୍ୟ କରୁଥିବା ଲୋକକୁ ମନ୍ଦ ଲୋକ କହୁ। ଏହାର ଅର୍ଥ ହେଲା ଯାହା ନୈତିକ ତାହା ଭଲ ଓ ଯାହା ଅନୈତିକ ତାହା ମନ୍ଦ। କ'ଣ ଭୁଲ୍ ଓ କ'ଣ ଠିକ୍- ଏ ସମ୍ପର୍କରେ ଧାରଣା ନ ରହିଲେ ଏକ ନୈତିକ ଜୀବନ ସମ୍ଭବ ନୁହେଁ। ଆମେ ନୈତିକ ମୂଲ୍ୟବୋଧ ପ୍ରାୟତଃ ଧର୍ମଶାସ୍ତ୍ରରୁ ସଂଗ୍ରହ କରୁ। ମାତ୍ର ନୈତିକ ମୂଲ୍ୟବୋଧ ଶିକ୍ଷା ପାଇଁ ଧର୍ମଶାସ୍ତ୍ର ଅଧ୍ୟୟନ କରିବା ବାଧ୍ୟତାମୂଳକ ନୁହେଁ କିମ୍ବା ନୈତିକ ଜୀବନ ଯାପନ କରିବା ପାଇଁ ପ୍ରଚଳିତ ଅର୍ଥରେ ଧାର୍ମିକ ହେବା ନିହାତି ଆବଶ୍ୟକ ନୁହେଁ। ସାଧାରଣତଃ ଯିଏ ଈଶ୍ୱରଙ୍କୁ ପୂଜା କରେ, ମନ୍ଦିର, ମସଜିଦ୍ ବା ଗିର୍ଜାକୁ ଯାଏ ତାକୁ ଆମେ ଧାର୍ମିକ ଲୋକ କହୁଁ। ମାତ୍ର ତଥାକଥିତ ବହୁ ଧାର୍ମିକ ବ୍ୟକ୍ତି ଅନେକ ଅନୈତିକ କାର୍ଯ୍ୟ କରୁଥିବା ଆମେ ଦେଖୁ। ଅପର ପକ୍ଷରେ କୌଣସି ଆନୁଷ୍ଠାନିକ ଧର୍ମରେ ବିଶ୍ୱାସ କରୁ ନ ଥିବା ଲୋକ ମଧ୍ୟ ନୈତିକ ଜୀବନଯାପନ କରୁଥିବା ଉଦାହରଣ ରହିଛି। ଧର୍ମ ଶବ୍ଦ ମୂଳତଃ କୌଣସି ସାମ୍ପ୍ରଦାୟିକ ବିଶ୍ୱାସ ଓ ରୀତିନୀତିକୁ ବୁଝାଏ ନାହିଁ। 'ଧୃ' ଧାତୁରୁ ଧାରଣ କରିବା ଅର୍ଥରେ ଧର୍ମ ଶବ୍ଦ ନିଷ୍ପନ୍ନ ହୋଇଛି। ମହାଭାରତରେ ଉଲ୍ଲେଖ ଅଛି ଯାହା ସମଗ୍ର ପ୍ରଜାକୁଳକୁ ଏକ ସୂତ୍ରରେ ବାନ୍ଧି ଧରି ରଖେ ତାହା ଧର୍ମ। ଏଠାରେ କୌଣସି ନିର୍ଦ୍ଦିଷ୍ଟ ଦେଶର ନୁହେଁ, ସମଗ୍ର ବିଶ୍ୱର ପ୍ରଜାକୁଳ କଥା କୁହାଯାଇଛି। ମାତ୍ର ଆମେ ହିନ୍ଦୁ ଧର୍ମ, ଖ୍ରୀଷ୍ଟ ଧର୍ମ, ବୌଦ୍ଧ ଧର୍ମ, ଇସଲାମ୍ ଧର୍ମ ଭଳି ଶବ୍ଦ ବ୍ୟବହାର କଲାବେଳେ ଧର୍ମ ଶବ୍ଦର ଅର୍ଥକୁ ସଙ୍କୁଚିତ କରି ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ରୀତିନୀତିକୁ ବୁଝୁ। ବିଭିନ୍ନ ସମ୍ପ୍ରଦାୟର ଧର୍ମଗ୍ରନ୍ଥଗୁଡ଼ିକରେ ଥିବା ବିବାହ, ଅନ୍ତ୍ୟେଷ୍ଟି କ୍ରିୟା, ଛାଡ଼ପତ୍ର, ଦୈନନ୍ଦିନ ଜୀବନଚର୍ଯ୍ୟା ଆଦି ସମ୍ପର୍କରେ ଥିବା ରୀତିନୀତି କେବେ ବି ସମାନ ନ ଥାଏ। ସେଗୁଡ଼ିକ ମଧ୍ୟରେ ଥାଏ ଅନେକ ଅସାମଞ୍ଜସ୍ୟ ଓ ଅସଂହତି।

ଗୋଟିଏ ସମ୍ପ୍ରଦାୟର ଧର୍ମବିଶ୍ୱାସରେ ଯାହା ନୈତିକ ଆଉ ଏକ ସମ୍ପ୍ରଦାୟର ଧର୍ମ ବିଶ୍ୱାସରେ ତାହା ଅନୈତିକ ହୋଇପାରେ। ଏଣୁ ନୈତିକ ମୂଲ୍ୟବୋଧ ସହ ପ୍ରଚଳିତ ଧର୍ମବିଶ୍ୱାସର କୌଣସି ସିଧାସଳଖ ସମ୍ପର୍କ ନାହିଁ। ଅବଶ୍ୟ ନୈତିକ ବ୍ୟବସ୍ଥାକୁ ନେଇ ଧର୍ମ ସୃଷ୍ଟି ହୋଇପାରେ, ମାତ୍ର ସବୁ ନୈତିକ ବ୍ୟବସ୍ଥା ଧର୍ମ ଆଧାରିତ ନୁହେଁ। ନୈତିକ ଆଚରଣ ସାମାଜିକ ସଂହତି ଆଣେ। ସାଧୁତା, ସମ୍ବେଦନଶୀଳତା, ପାରସ୍ପରିକ ବିଶ୍ୱାସ ଆଦି ଗୁଣକୁ ଆମେ ନୈତିକ ଆଚରଣର ପର୍ଯ୍ୟାୟଭୁକ୍ତ କରିପାରିବା। ଏହି ସବୁ ଗୁଣ ଆମପାଖକୁ ଆଲୌକିକ ଜଗତରୁ



ଆସିନାହିଁ। ସାମୂହିକ ମଙ୍ଗଳ ବିଧାନ କରିବା ପାଇଁ ମହାମନୀଷୀମାନଙ୍କର ଗଭୀର ମନନ ଓ ଚିନ୍ତନ ମଧ୍ୟରୁ ନୈତିକ ମୂଲ୍ୟବୋଧର ସୃଷ୍ଟି ହୋଇଥାଏ। ଈଶ୍ୱରଙ୍କୁ ବିଶ୍ୱାସ ନ କରି ଓ କୌଣସି ସମ୍ପ୍ରଦାୟର ଧର୍ମଗ୍ରନ୍ଥକୁ ଅନୁସରଣ ନ କରି ମଧ୍ୟ ଜଣେ ଜଗତର ମଙ୍ଗଳ ପାଇଁ ଏକ ନୈତିକ ଜୀବନର ସୂତ୍ର ଆବିଷ୍କାର କରିପାରେ। ଗୌତମ ବୁଦ୍ଧ ଈଶ୍ୱରଙ୍କ ସ୍ଥିତି ସମ୍ପର୍କରେ ନୀରବ ଥିଲେ। ସେଥିପାଇଁ କେହି କେହି ତାଙ୍କୁ ନାସ୍ତିକ କହନ୍ତି। ମାତ୍ର ସେ ଯେଉଁ ନୈତିକ ମୂଲ୍ୟବୋଧର ସୂତ୍ର ଦେଇଥିଲେ ତାହା ବିଶ୍ୱର ପ୍ରଜାକୁଳକୁ ଏକ ନୈତିକ ଜୀବନ ଯାପନ କରିବାର ମାର୍ଗ ଦେଖାଇଛି। ତାଙ୍କ ପ୍ରଚାରିତ ଅଷ୍ଟାଙ୍ଗ ମାର୍ଗ ହେଉଛି ସମ୍ୟକ୍ ଦୃଷ୍ଟି, ସମ୍ୟକ୍ ସଙ୍କଳ୍ପ, ସମ୍ୟକ୍ ବାକ୍, ସମ୍ୟକ୍ କର୍ମ, ସମ୍ୟକ୍ ଜୀବିକା, ସମ୍ୟକ୍ ଚେଷ୍ଟା, ସମ୍ୟକ୍ ସ୍ମୃତି ଓ ସମ୍ୟକ୍ ସମାଧି। ଏହି ନୈତିକ ମୂଲ୍ୟବୋଧର କଥା କହିବା ବେଳେ ବୁଦ୍ଧ ଈଶ୍ୱରଙ୍କୁ ପୂଜା କରିବା କଥା କହିନାହାନ୍ତି କି ମନ୍ଦିରକୁ ଯିବା କଥା କହିନାହାନ୍ତି।

ସାମ୍ପ୍ରଦାୟିକ ଧର୍ମ କେବେ ତର୍କ ଆଧାରିତ ହୁଏନାହିଁ। ଏହା ହୁଏ ବିଶ୍ୱାସ ଆଧାରିତ। ଅନେକ ସମୟରେ ସେହି ବିଶ୍ୱାସ କୁସଂସ୍କାର ଓ ପରମ୍ପରା ପର୍ଯ୍ୟବସିତ ହୋଇଥାଏ। ମାତ୍ର ନୈତିକ ମୂଲ୍ୟବୋଧ ସର୍ବଦା ତର୍କ ଆଧାରିତ ଓ ଯୁକ୍ତି ସମ୍ମତ ହୋଇଥାଏ। ସେହି ଯୁକ୍ତି ପଛରେ ଥାଏ ମନନ ଓ ବିବେକାନୁମୋଦନ। ବିବେକ ସର୍ବଦା ଏକ ନୈତିକ ଜୀବନ ଯାପନ କରିବା ପାଇଁ ପ୍ରେରଣା ଦିଏ। ଏହି ପ୍ରସଙ୍ଗରେ ମନେପଡ଼େ ଏକ କ୍ଷୁଦ୍ର କାହାଣୀ। ଜେସ୍ ବେନ୍ ନାମରେ ଥିଲେ ଜଣେ ଜୈନ ଧର୍ମଗୁରୁ। ସେ ନିଜର ସାଧୁତା ଓ ସଚ୍ଚୋଟତା ପାଇଁ ସୁବିଦିତ ଥିଲେ। ପ୍ରତ୍ୟେକ ଦିନ ସେ ଭିକ୍ଷା କରି ନିଜର ଆହାର ସଂଗ୍ରହ କରୁଥିଲେ। ଦିନକର ଘଟଣା। ମଧ୍ୟାହ୍ନ ଅତିକ୍ରାନ୍ତ ହେବା ପରେ ମଧ୍ୟ ତାଙ୍କୁ କୌଣସି ଭିକ୍ଷା ମିଳିଲା ନାହିଁ। କ୍ଷୁଧାର୍ତ୍ତ ଅବସ୍ଥାରେ ସେ ପହଞ୍ଚିଲେ ଜଣେ ଗୃହସ୍ଥଙ୍କ ଘରେ। ଗୃହସ୍ଥ ଜଣକ ତାଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିବାକୁ ଧର୍ମପତ୍ନୀଙ୍କୁ ଆଦେଶ ଦେଲେ। ସେ ନିଜେ ରୋଷେଇ ଘରକୁ ଯାଇ ଖାଦ୍ୟ ପ୍ରସ୍ତୁତିରେ ଧର୍ମପତ୍ନୀଙ୍କୁ ସାହାଯ୍ୟ କଲେ। ଜେସ୍ ବେନ୍ ବସିଥିବା କୋଠରିରେ ଏକ କାଚ ଜାର୍‌ରେ ଥିବା କିଛି ସୁସ୍ୱାଦୁ ବିସ୍କୁଟ୍ ତାଙ୍କ ଦୃଷ୍ଟି ଆକର୍ଷଣ କଲା। ସେ କ୍ଷୁଧାତାଡ଼ିତ ଥିବାରୁ ବିସ୍କୁଟ ବାହାର କରିବା ପାଇଁ ଡାହାଣ ହାତକୁ ଜାର୍‌ରେ ପୂରାଇଲେ। ମାତ୍ର ସେ ସଙ୍ଗେ ସଙ୍ଗେ ଚିତ୍କାର କରି ଉଠିଲେ, ''ଚୋର, ଚୋର''। ଚିତ୍କାର ଶୁଣି ପତିପତ୍ନୀ ଆସି ଦେଖିଲେ ଜେସ୍ ବେନ୍ ବାମ ହାତରେ ବୋତଲ ଭିତରେ ପୂରାଇଥିବା ଡାହାଣ ହାତକୁ ମାଡ଼ି ବସି 'ଚୋର ଚୋର' ଚିତ୍କାର କରୁଛନ୍ତି। ତାଙ୍କର ଏହି ଅଦ୍ଭୁତ ଆଚରଣ ସମ୍ପର୍କରେ ପତିପତ୍ନୀ ପଚାରନ୍ତେ ସେ କହିଲେ ''ମଣିଷର ମସ୍ତିଷ୍କରେ ଦୁଇଟି ପ୍ରକ୍ରିୟା କାମ କରେ। ଗୋଟିଏ ହେଲା ମନର ଓ ଅନ୍ୟଟି ହେଲା ବିବେକର। ମନ ଚାହେଁ ପ୍ରବୃତ୍ତିଗତ ଇଚ୍ଛାକୁ ତତ୍‌କ୍ଷଣାତ୍ ପୂରଣ କରିବା ପାଇଁ, ମାତ୍ର ବିବେକ ସେହି ଇଚ୍ଛାକୁ ତର୍ଜମା କରେ ଓ ତାହା ଠିକ୍ ନୁହେଁ ବୋଲି ଅନୁଭବ କଲେ ତାକୁ ଅଟକାଇ ଦିଏ ଏବେ ତାହା ହିଁ ଘଟିଛି।'' କୌଣସି କାର୍ଯ୍ୟ ନୈତିକ ନା ଅନୈତିକ ତାହା ତର୍କକୁ ଆଧାର କରି ନିର୍ଦ୍ଧାରଣ କରେ ବିବେକ। ବିବେକ ଧର୍ମନୀତି ଦ୍ୱାରା ନିୟନ୍ତ୍ରିତ ହୋଇପାରେ। ମାତ୍ର ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଧର୍ମନୀତିରେ ବିଶ୍ୱାସ ରଖି ନ ଥିବା ଲୋକର ମଧ୍ୟ ବିବେକ କାମ କରେ। ସେ ମଧ୍ୟ ଦୈନନ୍ଦିନ ଜୀବନରେ କାର୍ଯ୍ୟ କଲାବେଳେ ମନ ଓ ବିବେକର ସଂଘର୍ଷର ସମ୍ମୁଖୀନ ହୁଏ। ଶେଷରେ ବିବେକ ଯେଉଁ କାର୍ଯ୍ୟକୁ ଅନୁମୋଦନ କରେ ତାକୁ ସେ ନୈତିକ ଭାବରେ ଗ୍ରହଣ କରିଥାଏ। ଯେତେବେଳେ ସେ ବିବେକର ଆହ୍ୱାନକୁ ଅବଦମନ କରି ମନର ଆହ୍ୱାନକୁ ବିନା ବିଚାରରେ ଗ୍ରହଣ କରେ ସେ ହୁଏତ ଅନୈତିକ କାର୍ଯ୍ୟ କରିବାର ସମ୍ଭାବନା ଥାଏ।

ଆମେ 'ନୈତିକ', 'ଅନୈତିକ' ଶବ୍ଦ ବ୍ୟବହାର କଲାବେଳେ ନିଜ ସମ୍ପ୍ରଦାୟର ଧର୍ମନୀତିକୁ ଆଧାର କରି ବିଚାର କରୁ। ପ୍ରତ୍ୟେକ ସମ୍ପ୍ରଦାୟ ନିଜ ନିଜ ଧର୍ମନୀତି ଅନୁସାରେ ସେମାନଙ୍କ କର୍ମକୁ ବିଚାର କଲେ ସମଗ୍ର ବିଶ୍ୱର 'ନୈତିକ' ଓ 'ଅନୈତିକ'ର ସଂଜ୍ଞା କେବେ ସମାନ ହେବ ନାହିଁ। ଯେଉଁ ନୀତି ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡର ପ୍ରଜାକୁଳକୁ ନୁହେଁ, ସମଗ୍ର ଜଗତର ପ୍ରଜାକୁଳକୁ ଶୃଙ୍ଖଳିତ ଭାବରେ ଧରି ରଖେ ତାକୁ ଧର୍ମ ଭାବରେ ଗ୍ରହଣ କଲେ ଧର୍ମ ଓ ନୈତିକତା ମଧ୍ୟରେ ଅସଂହତି ରହିବ ନାହିଁ। ବିଭିନ୍ନ ସମ୍ପ୍ରଦାୟର ଧାର୍ମିକ ରୀତିନୀତିରେ ବିବିଧତା ସତ୍ତ୍ୱେ ଅନେକ କିଛି ସାମଞ୍ଜସ୍ୟ ରହିଛି ଯାହା ମଣିଷ ମାତ୍ରକେ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ। ବିପଦରେ ପଡ଼ିଥିବା ଲୋକକୁ ସାହାଯ୍ୟ କରିବା, ପରୋପକାର କରିବା, ସତ୍ୟ କହିବା, ଅନ୍ୟକୁ ଘୃଣା ନ କରିବା, ଇନ୍ଦ୍ରିୟ ସଂଯମ କରିବା ଆଦି ଗୁଣ ଆଚରଣରେ ପ୍ରୟୋଗ କରିବା ପାଇଁ ପ୍ରାୟ ସବୁ ଧର୍ମଗ୍ରନ୍ଥ ଉପଦେଶ ଦିଅନ୍ତି। ସମଗ୍ର ପୃଥିବୀର ମଣିଷଙ୍କର ଏହି ସାର୍ବଜନୀନ ମଙ୍ଗଳକାରକ ଗୁଣଗୁଡ଼ିକ ହେଉଛି ମୂଲ୍ୟବୋଧ। ନିଜଠାରୁ ବୃହତ୍ତର ଓ ମହତ୍ତର ଏକ ଉପଲବ୍ଧି ନିମନ୍ତେ ଜୀବନ ବଞ୍ଚିବା ଓ ନିଜର କଲ୍ୟାଣ କହିଲେ ଏକ ବୃହତ୍ତର କଲ୍ୟାଣ ତଥା ମଙ୍ଗଳକୁ ବୁଝିବା ହେଉଛି ପ୍ରକୃତ ନୈତିକ ମୂଲ୍ୟବୋଧ। ସେହି ସ୍ତରରେ ଧର୍ମ ଓ ନୈତିକତା ମଧ୍ୟରେ କୌଣସି ପାର୍ଥକ୍ୟ ରହେନାହିଁ।

ମୋ:୯୪୩୭୩୨୯୨୬୩

# ନେତା ହେବାକୁ ଅନୁକୂଳ ପରିବେଶ



ସୁଧାଂଶୁ ରଞ୍ଜନ ଦାସ

ସଭା ସମିତି, ଜଳଖିଆ ଦୋକାନ, ଚା' ଦୋକାନ, ପାନ ଦୋକାନ ଆଗରେ ଓ ଘରେ ବସି ସାଙ୍ଗସାଥୀ ସହିତ କଥାହେଲା ବେଳେ ଅନେକ ଶିକ୍ଷିତ ଲୋକ କହିଥା'ନ୍ତି, ସବୁ ଅରାଜକତା ଏହି ନେତାଙ୍କ ପାଇଁ ହେଉଛି। ତୁମକୁ ନେତା ହେବାକୁ କିଏ ମନାକଲା କି ପଚାରିବାରୁ ଉତ୍ତର ଆସିଲା ରାଜନୈତିକ ଦଳ କ'ଣ କେବେ ଆମକୁ ନିର୍ବାଚନ ଲଢ଼ିବାକୁ ଟିକେଟ ଦେବ। ଅନେକ ଶିକ୍ଷିତ ଲୋକ କହନ୍ତି ଅର୍ଥବଳ ଓ ବାହୁବଳ ନ ଥିଲେ ଜଣେ ନିର୍ବାଚନ ଜିତି ପାରିବ ନାହିଁ। ଯଦିଓ ଏହା ଅନେକ ମାତ୍ରାରେ ସତ, ଶିକ୍ଷିତ ଲୋକ ଯଦି ଏହି ସତ୍ୟକୁ ସ୍ୱୀକାର କରି ରାଜନୀତିକୁ ଓହ୍ଲାଇବେ ନାହିଁ ତେବେ ଏହା ଗଣତନ୍ତ୍ରକୁ ନଷ୍ଟ କରିଦେବା ସହ ସାମାଜିକ, ଆର୍ଥିକ, ସାଂସ୍କୃତିକ ଓ ପାରିବାରିକ ପରିବେଶକୁ ଧ୍ୱଂସ କରିଦେବ। ଯଦି ଲୋକବଳ କିମ୍ବା ଅର୍ଥବଳ ନାହିଁ ପ୍ରୟାସ କରିବାରେ କୌଣସି କ୍ଷତି ନାହିଁ। ଯଦିଓ ଆଜିର ଗଣତନ୍ତ୍ର ଅର୍ଥବଳ, ବାହୁବଳ ଓ ଭୋଟବ୍ୟାଙ୍କ ରାଜନୀତି ଭିତରେ ଶ୍ୱାସରୁଦ୍ଧ ହେଲା ପରି ଜଣାପଡ଼େ, ଏହି ପରିସ୍ଥିତି ଆହୁରି ଭୟାନକ ହେବା ପୂର୍ବରୁ ଶିକ୍ଷିତ ଯୁବପିଢ଼ି, ମଧ୍ୟବୟସ୍କ ଓ ଅବସରପ୍ରାପ୍ତ ଲୋକ ରାଜନୀତିକୁ ଆସିବା ଦରକାର। ମୁଁ ବୁଢ଼ା ହୋଇଗଲିଣି କହି ନିଜ ଦାୟିତ୍ୱରୁ ମୁହଁ ମୋଡ଼ିଦେବା କାପୁରୁଷତା ହେବ। ରାଜନୀତିକୁ ନିଜର ବୃତ୍ତିରେ ପରିଣତ କରିବା ପାଇଁ ଓଡ଼ିଶାରେ ଅନେକ ସମ୍ଭାବନା ଅଛି।

ଓଡ଼ିଶାରେ ଥିବା ବିଭିନ୍ନ ଆର୍ଥିକ ଗତିବିଧି ଯଥା କୃଷି, ହସ୍ତଶିଳ୍ପ, ମାଛଚାଷ, ଗୋପାଳନ, ଜଙ୍ଗଲଜାତ ଦ୍ରବ୍ୟ, ପର୍ଯ୍ୟଟନ କ୍ଷେତ୍ର, ସେବା ଓ ଶିଳ୍ପକ୍ଷେତ୍ର ଉପରେ ତୃଣମୂଳ ଜ୍ଞାନ ଥିବା ଲୋକ ଏକ ଯୋଗ୍ୟ ନେତା ହୋଇପାରିବ। ରାଜ୍ୟର ଇତିହାସ, ସଂସ୍କୃତି ଓ ସାମାଜିକ ପରିବେଶ ଉପରେ ଗଭୀର ଜ୍ଞାନ ଭଲ ନେତା ହେବାରେ ସହାୟକ ହୋଇଥାଏ। ପ୍ରକୃତ ତୃଣମୂଳ ଜ୍ଞାନ ଥିବା ନେତା ମନଗଢ଼ା କାହାଣୀ କହି ଲୋକଙ୍କୁ ବିକାଶର କୁହେଳିକା ଦେଖାଉଥିବା ନେତାଙ୍କୁ ନିର୍ବାଚନରେ ହରାଇପାରିବେ। ରାଜନୀତିରେ ଯୋଗଦେବା ପୂର୍ବରୁ ପ୍ରାର୍ଥୀ ଜଣକ ଓଡ଼ିଶା ଉପଯୋଗୀ ବିକାଶ ମଡେଲର ଏକ ନକ୍ସା ତିଆରି କରି ଲୋକଙ୍କୁ ଏହା ବୁଝାଇବା ସଙ୍ଗେ ସଙ୍ଗେ ସମସ୍ତ ବିନାଶକାରୀ ଆର୍ଥିକ ଗତିବିଧି ବିଷୟରେ ମଧ୍ୟ ଲୋକଙ୍କୁ ଅବଗତ କରାଇବା ଦରକାର।

ନିଜ ଭିତରେ ଜ୍ଞାନ, ଇଚ୍ଛାଶକ୍ତି, ଶାରୀରିକ ଓ ନୈତିକ ସାହସର ଉର୍ଜା ପ୍ରଜ୍ୱଳିତ ହେଲେ ଶିକ୍ଷିତ ଯୁବନେତା ଅର୍ଥ ଓ ବାହୁବଳରେ ସଜ୍ଜିତ ଯେକୌଣସି ନେତାଙ୍କୁ ଧରାଶାୟୀ କରିଦେବ।

ନିୟମିତ ଲୋକ ସମ୍ପର୍କ କରୁଥିବା ନେତା ନିଜକୁ ଏକ ଅମୋଘ ଅସ୍ତ୍ରରେ ପରିଣତ କରିଥାଏ। ମହାତ୍ମା ଗାନ୍ଧୀଙ୍କର ଲୋକ ସମ୍ପର୍କ ଏତେ ସୁଦୃଢ଼ ଥିଲା ଯେ, ସେ ଡାକରା ଦେଲାମାତ୍ରେ ଅନେକ ହଜାର ଲୋକ ରୁଣ୍ଡ ହୋଇଯାଉଥିଲେ। ଲବଣ ସତ୍ୟାଗ୍ରହ ବେଳେ ମହାତ୍ମା ଗାନ୍ଧୀ ଗୁଜରାଟର ଦାଣ୍ଡି ଉପକୂଳରୁ ମୁଠାଏ ଲୁଣ ଉଠାଇ ନେଇଥିଲେ। ଏହା ଶକ୍ତିଶାଳୀ ବ୍ରିଟିଶ୍ ସାମ୍ରାଜ୍ୟର ଚେରକୁ ଦୋହଲାଇ ଦେଇଥିଲା। ମହାରାଷ୍ଟ୍ରର ରାଲେଗାଓଁ ସିଦ୍ଧି ଗାଁର ଆନ୍ନା ହଜାରେ ନିଜର ସଚୋଟତା, ନିଷ୍ଠା ଓ ସମାଜସେବା ପାଇଁ ଦେଶବାସୀଙ୍କ ହୃଦୟ ଜିତିପାରିଥିଲେ। ଜନ ଲୋକପାଲ ବିଲ୍ ପାଇଁ ଆନ୍ନାଙ୍କ ଆନ୍ଦୋଳନ ଏକ ଗଣ ଆନ୍ଦୋଳନରେ ପରିଣତ ହୋଇଥିଲା। ସତ୍ୟ, ବିଶୁଦ୍ଧତା ଓ ଚରିତ୍ରର ଅଖଣ୍ଡତା ମହାଦେବଙ୍କ ତ୍ରିଶୂଳ ଭଳି ଶକ୍ତିଶାଳୀ ପ୍ରତିପାଦିତ ହୋଇଥାଏ। ଶିକ୍ଷିତ ଯୁବପିଢ଼ି ରାଜନୀତିରେ ପାଦଦେବା ପୂର୍ବରୁ ଓଡ଼ିଶାର ପ୍ରତ୍ୟେକ ସହର ଓ ଗାଁଗୁଡ଼ିକ ଦେଖିବା ଦରକାର। ଓଡ଼ିଶାର ପ୍ରତ୍ୟେକ ନଦୀ, ପାହାଡ଼, ହ୍ରଦ ଓ ଝରଣାର ପ୍ରକୃତ ସ୍ଥିତି ସେମାନେ ଜାଣିବା ଉଚିତ। ଗାଁ ଓ ସହରରେ ସାଧାରଣ ଲୋକେ କିପରି ଜୀବନଯାପନ କରୁଛନ୍ତି, ସେମାନଙ୍କ ସାଙ୍ଗରେ ନ ରହିଲେ ତାହା ଜାଣିହେବ ନାହିଁ। ଓଡ଼ିଶାବାସୀଙ୍କ ସୁବିଧା, ଅସୁବିଧା ଓ ସମସ୍ୟାକୁ ନିଜେ ଅଙ୍ଗେ ନ ଲିଭାଇଲେ ଜଣେ ଭଲ ନେତା ହେବା ସମ୍ଭବ ନୁହେଁ। ଶ୍ରୀରାମ ଜଙ୍ଗଲ ଓ ପାହାଡ଼ରେ ୧୪ ବର୍ଷ ରହିବା ଫଳରେ ସେ ରାଜ୍ୟବାସୀଙ୍କ ସୁବିଧା ଅସୁବିଧାକୁ ଅଙ୍ଗେ ଲିଭାଇଥିଲେ। ଫଳରେ ସେ ଭାରତ ଓ ଭାରତ ବାହାରେ ଅନେକ ଦେଶରେ ରାମ ରାଜ୍ୟ ପ୍ରତିଷ୍ଠା କରିପାରିଥିଲେ। ରାମଙ୍କ ପରି ପାଣ୍ଡବମାନଙ୍କର ୧୩ ବର୍ଷ ବନବାସ ସେମାନଙ୍କୁ ସୁଶାସକରେ ପରିଣତ କରିଥିଲା। ମହାତ୍ମା ଗାନ୍ଧୀ ସ୍ୱାଧୀନତା ସଂଗ୍ରାମ ବେଳେ ୭୯,୦୦୦ କିଲୋମିଟର ଚାଲି ଚାଲି ଲୋକ ସମ୍ପର୍କ କରିଥିଲେ। ଭାରତୀୟଙ୍କ ଜୀବନଶୈଳୀ ଓ ଆର୍ଥିକ ଗତିବିଧିକୁ ଅନୁଧ୍ୟାନ କରି ସେ ସେମାନଙ୍କୁ ଏକ ସ୍ୱଦେଶୀ ଆର୍ଥିକ ମଡେଲ ଉପହାର ଦେଇଥିଲେ। ଏହି ପରିବେଶ ଉପଯୋଗୀ ସ୍ୱଦେଶୀ ଆର୍ଥିକ ମଡେଲ ବିଶ୍ୱର ସମସ୍ତ ଦେଶ ପାଇଁ ଆଜି ମଧ୍ୟ ପ୍ରଯୁଜ୍ୟ। ଓଡ଼ିଶାରେ ଅନେକ ସୂକ୍ଷ୍ମ ଆର୍ଥିକ ଗତିବିଧି ଅଛି, ଯାହା ଓଡ଼ିଶା ପାଇଁ ରୋଜଗାର ସୃଷ୍ଟି କରିବ। ଓଡ଼ିଶା ହସ୍ତଶିଳ୍ପଗୁଡ଼ିକର ଗୁଣାତ୍ମକ ମାନ ରକ୍ଷା କରାଯାଇପାରିଲେ ଏହା ରାଜ୍ୟରେ ଅନେକ ରୋଜଗାର ସୃଷ୍ଟି କରିବା ସହ ବିଦେଶୀ ମୁଦ୍ରା ମଧ୍ୟ ଅର୍ଜନ କରିପାରିବ। କଳାର ଉତ୍କର୍ଷତା କ'ଣ ଏହା ନେତା ହେବା ପାଇଁ ଆଗ୍ରହୀ ବ୍ୟକ୍ତି ଜାଣିବା ଦରକାର। ଏକ ସୁସ୍ଥ ସମାଜ ଓ ପରିବେଶ ଉପଯୋଗୀ ଆର୍ଥିକ ଗତିବିଧି ପାଇଁ ସୁସ୍ଥ ଗଣତନ୍ତ୍ରର ଆବଶ୍ୟକତା ଅଛି।



ଅନେକ ଦେଶରେ ଗଣତନ୍ତ୍ରର ଅବନତି ପାଇଁ ଲୋକେ ଗଣମାଧ୍ୟମକୁ ଦୋଷୀ କରିଥା'ନ୍ତି। କିନ୍ତୁ ସବୁ ଗଣମାଧ୍ୟମ ପାଇଁ ଏହା ପ୍ରଯୁଜ୍ୟ ନୁହେଁ। ଏବେବି କେତେକ ଗଣ ମାଧ୍ୟମରେ ଅନେକ ସାମ୍ବାଦିକ ନିଷ୍ଠାର ସହିତ ସମାଜ ପ୍ରତି ନିଜର ଦାୟିତ୍ୱ ସମ୍ପାଦନ କରୁଛନ୍ତି। ଅନେକ ସଚ୍ଚୋଟ ସାମ୍ବାଦିକ ପରିସ୍ଥିତିକୁ ଦେଖି ସୁପ୍ତ ଅବସ୍ଥାରେ ଅଛନ୍ତି। ତୃଣମୂଳ ଜ୍ଞାନ, ଶାରୀରିକ ଶକ୍ତି, ନୈତିକ ସାହସ, ଆଧ୍ୟାତ୍ମିକ ଶକ୍ତି ଓ ଉତ୍ତମ ବ୍ୟବହାରରେ ସଜ୍ଜିତ ନେତା ଗଣମାଧ୍ୟମରେ ଥିବା ଏହି ସକାରାତ୍ମକ ଉର୍ଜାକୁ ପ୍ରଜ୍ୱଳିତ କରିପାରିବ। ରାମାୟଣ ଓ ମହାଭାରତ ଯୁଗରେ ପ୍ରସିଦ୍ଧି ଲାଭ କରିଥିବା ଓଡ଼ିଶା, ଉତ୍କଳ କିମ୍ବା କଳିଙ୍ଗର ଲୋକମାନେ ଏହି ରାଜନୈତିକ ବ୍ୟକ୍ତିତ୍ୱର ଅପେକ୍ଷାରେ ଅଛନ୍ତି। ଓଡ଼ିଶାରେ ଏହି ବ୍ୟକ୍ତିତ୍ୱର ଅଧିକାରୀ କିଏ ସମୟ ହିଁ ବତାଇବ।

ମୋ:୭୭୦୨୩୮୩୮୮୦

## ଏଇ ଭାରତରେ

ଦିଲ୍ଲୀର କିଡ୍‌ୱାଇ ନଗରରେ ଚାଲୁଛି ଏକ ନିଆରା ସ୍କୁଲ। ଏହି ସ୍କୁଲର ଘର ନାହିଁ କି କୌଣସି ସରକାରୀ ପାଠ୍ୟକ୍ରମ ଅନୁଯାୟୀ ଶିକ୍ଷା ଦିଆଯାଉନାହିଁ। ପିଲାମାନେ ଗଛମୂଳେ ପଢୁଛନ୍ତି, ତାହା ପୁଣି ସପ୍ତାହାନ୍ତରେ ଥରେ। ପିଲାଙ୍କୁ ଏଥିପାଇଁ ପଞ୍ଜୀକୃତ କରିବାକୁ ପଡୁନାହିଁ। ଏହି ସ୍କୁଲକୁ କୁହାଯାଉଛି 'ସ୍କୁଲ ଅଫ୍ ଟ୍ରିଜ୍' ଏବଂ ଏହାର ଶିକ୍ଷକ ହେଉଛନ୍ତି ଭାରତୀୟ ରାଜସ୍ୱ ସେବା ଅଧିକାରୀ ରୋହିତ ମେହର ଓ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି। ସ୍କୁଲରେ ପିଲାଙ୍କୁ ବିଜ୍ଞାନ, ପରିବେଶଗତ ଜ୍ଞାନକୁ ପରୀକ୍ଷଣ, ଖେଳ ମାଧ୍ୟମରେ ପ୍ରଦାନ କରାଯାଉଛି। । ସ୍କୁଲ୍ ଅଫ୍ ଟ୍ରିଜ୍ ଚଳାଇବା ପୂର୍ବରୁ ରୋହିତ ଓ ଗୀତାଞ୍ଜଳି ଅଦରକାରୀ ପ୍ଲାଷ୍ଟିକ ବ୍ୟବହାର କରି ଭର୍ଟିକାଲ ଗାର୍ଡେନ କରିବା ସହ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିଲେ। ସେମାନେ ୨୦୨୧ରେ ଅମୃତସରରେ ଟ୍ରି ହସ୍ପିଟାଲ ମଧ୍ୟ ପ୍ରତିଷ୍ଠା କରି ଗଛଗୁଡ଼ିକର ଯତ୍ନ ନେଉଥିଲେ। ପରେ ୨୦୨୫ରେ ସ୍କୁଲ ଅଫ୍ ଟ୍ରିଜ ପ୍ରତିଷ୍ଠା କରିଥିଲେ। ଏହି ସ୍କୁଲରେ ୭ରୁ ୧୭ ବର୍ଷ ବୟସର ପିଲା ପଢିବାକୁ ଆସୁଛନ୍ତି ଏବଂ ପିଲାସଂଖ୍ୟା ଏବେ ୪୫।

## ୫୦ ବର୍ଷ ତଳର ଧରିତ୍ରୀ

୧୬ ଫେବୃଆରୀ ୧୯୭୭

- ପି.କେ. ଦେଓଙ୍କୁ ସମର୍ଥନ କରିବା ଲାଗି କଂଗ୍ରେସ ଉଚ୍ଚ କର୍ତ୍ତୃପକ୍ଷ ମନମୁଖୀ ଭାବେ ନିଷ୍ପତ୍ତି କରିଥିବା ପ୍ରତିବାଦ ସ୍ୱରୂପ କଳାହାଣ୍ଡି ଜିଲା କଂଗ୍ରେସ ଉପସଭାପତି ଓ ସମ୍ପାଦକଙ୍କ ସମେତ ବହୁ ନେତାଙ୍କ ଇସ୍ତଫା ପ୍ରଦାନ।
- ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ବିଭିନ୍ନ ଭାଷା ଉପରେ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ୪୩ଟି ଛାତ୍ରବୃତ୍ତି ଦେବା ନିଷ୍ପତ୍ତି କରିଛନ୍ତି।

## ଚିରନ୍ତନୀ

ଆକାଶ ବିହଗ, ମାଟିର ପଶୁ
କହଇ କଥା
କରେ ପରକାଶ ଆପଣା ସୁଖ
ପରାଣ ବ୍ୟଥା ।
-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | 6 | | | | 5 | 7 | |
| | 4 | | | 1 | | 6 | | 9 |
| 7 | | | 9 | | 6 | 4 | 8 | |
| 9 | | 4 | 8 | | 5 | | 6 | |
| | | 3 | | | 1 | 9 | | |
| 2 | | | 6 | 9 | | | | |
| 1 | 5 | | 7 | | | | 4 | 8 |
| 6 | | | | | | 2 | | |
| | 3 | | | 2 | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 9 | 4 | 3 | 6 | 5 | 8 | 2 |
| 6 | 2 | 3 | 8 | 5 | 9 | 4 | 7 | 1 |
| 8 | 4 | 5 | 7 | 2 | 1 | 6 | 9 | 3 |
| 9 | 8 | 1 | 3 | 4 | 2 | 7 | 6 | 5 |
| 3 | 6 | 7 | 1 | 8 | 5 | 9 | 2 | 4 |
| 2 | 5 | 4 | 6 | 9 | 7 | 3 | 1 | 8 |
| 5 | 1 | 2 | 9 | 7 | 3 | 8 | 4 | 6 |
| 4 | 9 | 6 | 5 | 1 | 8 | 2 | 3 | 7 |
| 7 | 3 | 8 | 2 | 6 | 4 | 1 | 5 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଟାଟା ପାୱାର ଶୋଷଣ କରୁଛି

ମହାଶୟ,

ରାଜ୍ୟରେ ଟାଟା ପାୱାର ବିଜୁଳି ଉପଭୋକ୍ତାଙ୍କୁ ଶୋଷଣ କରି ଚାଲିଛି। ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ୍ ପାଇଁ ନୋଟିସ ଦିଆଯାଇଛି। ଜୋରଜବରଦସ୍ତ ସ୍ମାର୍ଟ ମିଟର ବସାଯାଉଛି। ସରକାରୀ ମିଟରରୁ ୩୦୦ କୋଟି ଟଙ୍କା ବେଆଇନ ଭାବେ ଟାଟା ପାୱାର ଆଦାୟ କରିଛି। କିନ୍ତୁ ଟାଟା ପାୱାର ଠକେଇ ପାଇଁ କିଛି କାର୍ଯ୍ୟାନୁଷ୍ଠାନ ନାହିଁ। ଏଥିପାଇଁ ଶକ୍ତି ବିଭାଗ କ'ଣ କରୁଛି ? ସେପଟେ ସମୀକ୍ଷା ନକରି ରାଜ୍ୟ ସରକାର ୭୩୫ କୋଟି ଟଙ୍କା ଟାଟା ପାୱାରକୁ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସାଧାରଣ ଲୋକଙ୍କ ଟିକସ ପଇସାରେ ମିଟର ଲଗାଇ ଟାଟା ପାୱାର ମନଇଚ୍ଛା ଶୋଷଣ କରି ଚାଲିବେ। ଏହା ଇଲେକ୍ଟ୍ରିସିଟି ଆକ୍ଟ ୨୦୦୩ରେ ଇଲେକ୍ଟ୍ରିସିଟି ରାଇଟ୍ସ ଅଫ କଞ୍ଜୁମର୍ସ ରୁଲ୍-୨୦୨୦ର ସମ୍ପୂର୍ଣ୍ଣ ବିରୁଧାଚରଣ କରୁଛି। ସରକାରଙ୍କ ନିଷ୍କ୍ରିୟତାରେ ଟାଟା କମ୍ପାନୀ ଉପଭୋକ୍ତାଙ୍କୁ ସ୍ମାର୍ଟ ମିଟର ବସାଇ ବେଆଇନ ଭାବେ ଗ୍ରାହକ ଅଧିକାରକୁ କ୍ଷୁଣ୍ଣ କରୁଛନ୍ତି। ୬୦ଲକ୍ଷ ଉପଭୋକ୍ତାଙ୍କ ନିକଟରେ ସ୍ମାର୍ଟ ମୋବାଇଲ ନାହିଁ। ଇଣ୍ଟରନେଟ୍ ନାହିଁ କି ଟେଲିଫୋନ ସୁବିଧା ନାହିଁ। ସେମାନେ ଏହି ସ୍ମାର୍ଟ ମିଟରର ବ୍ୟବହାର ଓ ପରିଚାଳନା କିପରି କରିପାରିବେ। ଏପରି ସ୍ଥଳେ ସେମାନଙ୍କ ପାଇଁ ସ୍ମାର୍ଟ ମିଟର ବସାଇବାର କୌଣସି ପ୍ରାସଙ୍ଗିକତା ନାହିଁ।

-ଶ୍ୟାମ ସୁନ୍ଦର ସାମଲ, ସୁଭଦ୍ରା ନଗର, ବିଡ଼ାନାସୀ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ମଧୁସ୍ମିତା



@ ପ୍ରଭାସ



@ ଜ୍ୟୋତିପ୍ରକାଶ



@ ସନ୍ଧ୍ୟାରାଣୀ



@ ସୁରେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କଳାମଣ୍ଡଳ: ଯନ୍ତ୍ରୀଙ୍କୁ ଚାପ ଅଭିଯୋଗ

ଭୁବନେଶ୍ୱର,୧୫।୨
(ରବିନାରାୟଣ ଜେନା)

ମୋତେ ନିୟମକାନୁନ ଦେଖାନା, ମୁଁ ପରା କହୁଛି। ସକାଳେ କଲମ୍‌ରେ କଂକ୍ରିଟ ଢଳାହେଲା ମାନେ ସନ୍ଧ୍ୟା ସୁଦ୍ଧା ବିଲ୍ ହେବା ଦରକାର। ଠିକାଦାରଙ୍କ ଉଦ୍ଦେଶ୍ୟରେ ଏଭଳି ନିର୍ଦ୍ଦେଶନାମା ଜଣେ ଯନ୍ତ୍ରୀଙ୍କ ସମ୍ମୁଖରେ ଜାରି କରୁଛନ୍ତି ଇଡ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଇଡି)। କେବଳ ଯେ ସେ ଚାପ ପକାଉଛନ୍ତି ତାହା ନୁହେଁ, କଳାମଣ୍ଡଳ ନିର୍ମାଣ କାର୍ଯ୍ୟରେ ଆଗତୁରା ବିଲ୍ କରାଇବା ପାଇଁ ଇଡି ଏବଂ ସିଜିଏମ୍ ସମ୍ପୂର୍ଣ୍ଣ ଭାବେ ଚାପ ପକାଉଛନ୍ତି। ବାରମ୍ବାର ବେଆଇନ କାର୍ଯ୍ୟ ଓ ମାନସିକ ଚାପ ଯୋଗୁ ମୋର ସ୍ୱାସ୍ଥ୍ୟାବସ୍ଥା ଭଲ ରହୁନାହିଁ; ଯେଉଁଥିପାଇଁ ପୂର୍ବରୁ ଏହି ନିର୍ମାଣ କାର୍ଯ୍ୟରୁ ୨ ଜଣ ଯନ୍ତ୍ରୀ ଅପସରି ଗଲେଣି, ମୁଁ ଆଉ ସହିପାରୁନି। ମୋତେ ମଧ୍ୟ ଏହି କାର୍ଯ୍ୟରୁ ଅନ୍ତର କରାଯାଉ ବୋଲି ଜଣେ ଦିବ୍ୟାଙ୍ଗ ଯନ୍ତ୍ରୀ ମୁଖ୍ୟଶାସନ ସଚିବ ଏବଂ ପରିଚାଳନା ନିର୍ଦ୍ଦେଶକଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। କଳାମଣ୍ଡଳ ପ୍ରକଳ୍ପକୁ ୮ବର୍ଷ ବିତିଥିଲେ ହେଁ ସେହି କାର୍ଯ୍ୟ ଏବେ ବି ଅଧପନ୍ତରିଆ ହୋଇ ପଡ଼ିରହିଛି। ଘଟଣାର ଅନୁସନ୍ଧାନ କରାଗଲେ କଳାମଣ୍ଡଳର ପ୍ରକୃତ କଳାକାହାଣୀ ଲୋକଲୋଚନକୁ ଆସିପାରନ୍ତା ବୋଲି ଇଡ୍‌କୋରେ ଚର୍ଚ୍ଚା ଜୋର୍ ଧରିଛି।

ଯନ୍ତ୍ରୀ ସନ୍ତୋଷ କୁମାର ପଣ୍ଡା ଏ ସଂକ୍ରାନ୍ତରେ କରିଥିବା ଅଭିଯୋଗ ଅନୁଯାୟୀ, ଇଡ୍‌କୋ ଇଡିଙ୍କ ଦ୍ୱାରା ତାଙ୍କୁ ବାରମ୍ବାର ଅନୁଚିତ ଚାପର ସମ୍ମୁଖୀନ ହେବାକୁ ପଡୁଛି। ଏଥିଯୋଗୁ ତାଙ୍କ ସ୍ୱାସ୍ଥ୍ୟ ଗୁରୁତର ଭାବରେ ପ୍ରଭାବିତ ହୋଇଛି। ଭୁବନେଶ୍ୱର ସୈନିକ ସ୍କୁଲ୍ ନିକଟସ୍ଥ କଳାମଣ୍ଡଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୧୭ରେ ମେସର୍ସ ଡିକେ ଇଞ୍ଜିନିୟରିଂ ଆଣ୍ଡ୍ କନ୍‌ଷ୍ଟ୍ରକଶନ ପ୍ରାଇଭେଟ ଲିମିଟେଡ୍‌କୁ ଦିଆଯାଇଥିଲା। ଠିକାଦାର ପ୍ରକଳ୍ପ କାର୍ଯ୍ୟରେ ଅହେତୁକ ବିଳମ୍ବ କରୁଛନ୍ତି। ନିର୍ମାଣରେ ବିଳମ୍ବ ସତ୍ତ୍ୱେ ଇଡି ଏବଂ ସିଜିଏମ୍-୨ ଏଜେନ୍ସିକୁ ସମର୍ଥନ କରି ଚାଲିଛନ୍ତି। ଏଥିଯୋଗୁ ଇଡ୍‌କୋର ୨ଜଣ ଇଞ୍ଜିନିୟର ସାଇଟ୍ ଛାଡ଼ି ଯାଇଛନ୍ତି। ସନ୍ତୋଷ ତୃତୀୟ ଇଞ୍ଜିନିୟର ଭାବେ ଅଢ଼େଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାମ କରୁଛନ୍ତି। ଇଡି ନିରନ୍ତର ଭାବେ ତାଙ୍କୁ ଏଜେନ୍ସି ପାଇଁ ବିଲ୍ ପ୍ରସ୍ତୁତ ଓ ପାସ୍ କରିବାକୁ ଚାପ ଦେଉଛନ୍ତି। ଓପିଡବ୍ଲ୍ୟୁଡି କୋଡ୍ ଅନୁସାରେ ଠିକାଦାର ମାସ ଶେଷରେ ବିଲ୍ ଦେବେ। କିନ୍ତୁ ଏଜେନ୍ସି ନିୟମିତ କାମ ନ କରିବାରୁ ଠିକ୍ ବିଲ୍ ଦେଇପାରୁନାହାନ୍ତି। ତଥାପି ତାଙ୍କୁ ୨୪ ଘଣ୍ଟାରେ ବିଲ୍ ପ୍ରସ୍ତୁତ କରିବାକୁ ବାଧ କରାଯାଉଛି। ତେବେ କଳାମଣ୍ଡଳର ପ୍ରକଳ୍ପ କାର୍ଯ୍ୟ ୨୦୧୭ରେ ୪୦ କୋଟି ଟଙ୍କା ଥିଲା, କିନ୍ତୁ ଏବେ ସେହି ରାଶି ପ୍ରାୟ ୮୬ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ସିଜିଏମ୍-୨ ଓ ଇଡିଙ୍କ ନିର୍ଦ୍ଦେଶରେ ଅନେକ ଅତିରିକ୍ତ କାମ କରାଯାଉଛି। ଏହି ଅତିରିକ୍ତ କାମ ପଛରେ ବ୍ୟକ୍ତିଗତ ଲାଭ ଥିବା ସନ୍ତୋଷ ନିଜ ଅଭିଯୋଗରେ ସନ୍ଦେହ ବ୍ୟକ୍ତ କରିଛନ୍ତି।

ସେ ଅଭିଯୋଗରେ ଦର୍ଶାଇଛନ୍ତି, ଗତ ୪ ମାସରେ ଏଜେନ୍ସି କେବଳ ପ୍ରକଳ୍ପର ନିର୍ମାଣ (ପ୍ରାୟ ୪୦ ମିଟର ଡ୍ରେନ୍ ଓ ୨.୪ ମିଟର ଉଚ୍ଚତା ପର୍ଯ୍ୟନ୍ତ ଦୁଇଟି କଲମ୍) କରିଛନ୍ତି। ଏହି ସୀମିତ କାମର ବିଲ୍ ପ୍ରସ୍ତୁତ ହୋଇଛି ଏବଂ ସୋମବାର ଦାଖଲ ହେବ। ମାତ୍ର ଇଡି ଏହାକୁ ଜୋରଜବରଦସ୍ତ ତୁରନ୍ତ ବିଲ୍ କରିବାକୁ ନିର୍ଦ୍ଦେଶ ଦେଉଛନ୍ତି। ଯଦି ପ୍ରକଳ୍ପ କାର୍ଯ୍ୟର ଠିକଣା ଭାବେ ତଦନ୍ତ କରାଯାଆନ୍ତା ତେବେ ଅନିୟମିତତା ଧରାପଡ଼ନ୍ତା ବୋଲି ଯନ୍ତ୍ରୀ ତାଙ୍କ ଗୁହାରିରେ ଦର୍ଶାଇଛନ୍ତି।

ଏନେଇ ସିଜିଏମ୍ ଅଶ୍ୱିନୀ ବିଶ୍ୱାଳଙ୍କୁ ଯୋଗାଯୋଗ କରାଯିବାରେ ସେ କହିଛନ୍ତି, ପ୍ରକଳ୍ପ ନିର୍ମାଣରେ କୌଣସି ଅନିୟମିତତା କରାଯାଉନାହିଁ। ଯଦି ଯନ୍ତ୍ରୀ କାର୍ଯ୍ୟ କରିପାରୁ ନାହାନ୍ତି ତେବେ ଛାଡ଼ିଦିଅନ୍ତୁ। ସେହିପରି ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ଡ. ପ୍ରଶାନ୍ତ କୁମାର ରେଡ୍ଡୀ କହିଛନ୍ତି, ଏହା ଆଭ୍ୟନ୍ତରୀଣ ବ୍ୟାପାର। ଏହାକୁ ଚିଫ୍ ଭିଜିଲାନ୍ସଙ୍କୁ ହସ୍ତାନ୍ତର କରାଯାଇଛି। ତାଙ୍କ ରିପୋର୍ଟ ଆଧାରରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

## ସମୁଦ୍ରରେ ଭାସିଯାଉଥିବା ୫ ପର୍ଯ୍ୟଟକ ଉଦ୍ଧାର

ପୁରୀ,୧୫।୨(ଅଜିତ୍ କୁମାର ମହାନ୍ତି)

ସମୁଦ୍ର ସ୍ନାନ ବେଳେ ଅଘଟଣ ଘଟିଛି। ରବିବାର ପୁରୀ ବେଳାଭୂମିର ସେକ୍ଟର ୨ ଓ ସେକ୍ଟର ୧୦ରେ ପର୍ଯ୍ୟଟକମାନେ ଗାଧୋଉଥିବା ବେଳେ ରିପ୍ କରେଣ୍ଟରେ ୫ଜଣ ପର୍ଯ୍ୟଟକ ସମୁଦ୍ର ଭିତରକୁ ଭାସିଯାଇଥିଲେ। ସମୁଦ୍ରକୂଳ ସେକ୍ଟର ୨ ଦିଗବାରେଣିଠାରେ ଖୋର୍ଦ୍ଧା ଜିଲା ମଞ୍ଚେଶ୍ୱର ଅଞ୍ଚଳର ବିଭୁ ଦାସ, ହାପି ଦାସ, ସୁଜ୍ଞାନ ଦାସ ଗାଧୋଉଥିବା ବେଳେ ଭାସିଯାଇଥିଲେ। ସେହିପରି ସମୁଦ୍ରକୂଳ ସେକ୍ଟର ୧୦ରେ କଟକର ବିରଞ୍ଚି ନାରାୟଣ ସ୍ୱାଇଁ ଏବଂ ବସନ୍ତ କୁମାର ସାମଲ ଗାଧୋଉଥିବାବେଳେ ଭାସିଯାଇଥିଲେ। ସମସ୍ତ ପର୍ଯ୍ୟଟକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପରେ ଲାଇଫଗାର୍ଡମାନେ ତୁରନ୍ତ ପ୍ରାଥମିକ ଚିକିତ୍ସା ଯୋଗାଇ ଦେଇଥିଲେ।

**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ – 08071934927।

# ସାମାଜିକ ନ୍ୟାୟର ଶକ୍ତିଶାଳୀ ସ୍ୱର ଥିଲେ ସନ୍ଥକବି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୫।୨
(ସୌମ୍ୟରଞ୍ଜନ ରାଉତ)

ସନ୍ଥକବି ଭୀମଭୋଇଙ୍କ ଶ୍ରାଦ୍ଧ ଦିବସରେ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ବିଧାନସଭା ପରିସରରେ ଥିବା ସନ୍ଥକବି ଭୀମଭୋଇଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି। ଏହି ଅବସରରରେ ମୁଖ୍ୟମନ୍ତ୍ରୀ କହିଲେ, ଭୀମଭୋଇ କେବଳ ଜଣେ ମହାନ କବି ବା ସନ୍ଥ ନ ଥିଲେ, ସେ ଥିଲେ ସାମାଜିକ ନ୍ୟାୟର ଶକ୍ତିଶାଳୀ ସ୍ୱର। ଅତ୍ୟନ୍ତ ସରଳ ଏବଂ ସାବଲୀଳ ଭାଷାରେ ଭଜନ ଓ ଚଉତିଶା ମାଧ୍ୟମରେ ସେ ମାନବିକତା, ସରଳତା ସାମାଜିକ ସମାନତାର ବାର୍ତ୍ତା ପ୍ରଦାନ କରିଛନ୍ତି। ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ, ଦେଖୁ ଦେଖୁ କିବା ସହୁ, ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ....କବିତାରେ ପ୍ରତିଫଳିତ ହୋଇଥିବା ଏହି ମହାନ ଚିନ୍ତାଧାରା ଆଜି ସନ୍ଥକବିଙ୍କୁ ବିଶ୍ୱବିଦିତ କରିଛି। ସନ୍ଥକବିଙ୍କ ମୁଖ ନିସୃତ ବାଣୀ ଆଜି କୋଟି କୋଟି ଲୋକଙ୍କୁ ପ୍ରେରିତ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ବିଜୟ କେତନ ଉପାଧ୍ୟାୟ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ସନ୍ଥକବି ଭୀମଭୋଇଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ସନ୍ଥକବି ଭୀମଭୋଇଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଅନ୍ୟ ଅତିଥିମାନେ।

**Fakir Mohan University**
**Vyasa Vihar, Balasore, Odisha-756089**
Website: www.fmuniversity.nic.in
No. FMU/OMBRIC/01/2025/1568 Date: 13 02.26

**ADVERTISEMENT FOR VARIOUS PROJECT POSITIONS UNDER THE OMBRIC PROJECT**

(Sanction order no. ST-BT-MISC-0029-2025-6109/ST, Bhubaneswar dated 14.11.2025)

Applications are invited in the prescribed format from the eligible candidates for Various Project Positions **(Research Associate I (RA) - 02 posts, Junior Research Fellow (JRF)-02 posts and Project Assistant (PA) – 01 post** under the **OMBRIC Project** entitled, *"North Odisha-Marine Bioresources Utilization & Convergence Research Centre (NO-MBUCRC)"* sponsored by Science & Technology Department, Govt. of Odisha. All the project positions are purely temporary and coterminous with the project. The application completed in all respect with necessary documents should reach to the PI through mail on or before **25.02.2026 (5.00 PM)**. For details regarding qualifications, experience, and other conditions, visit **https://fmuniversity.nic.in**

Sd./- Registrar

**OFFICE OF THE SUPERINTENDING ENGINEER KHORDHA (R&B) DIVISION, KHORDHA**
**INVITATION FOR BIDS (IFB)**
E-mail: pwdoff_khd@yahoo.com
**TENDER CALL NOTICE**
Bid Identification No. S.E.-KHD-(R&B)-43/25-26
Letter No. 556 Dtd.6.2.26

No. 34001/56/2526: The Superintending Engineer, Khordha (R&B) Division, Khorhda on behalf of Governor of Odisha invites Percentage Rate bids in Single Cover System from appropriate class of contractors as detailed below registered with the State Governments and contractors of equivalent Grade/ Class registered with Central Government/MES/Railways for execution of the Civil & EI. The bidder not registered under the State Government has to register under the State PWD & ELBO in appropriate class of eligibility before signing of the agreement.

1. Nature of Work : Sl. No. 1 to 6 (Civil Works) Sl. No. 7 to 9 (E.I. Works)
2. No. of Work : 9 Nos.
3. Tender Cost : Sl. No. 1 to 5 & 7 to 9 Rs.6000.00 (Online) Sl. No. 6 Rs.2000.00 (Online)
4. Class of Contractor : Sl. No. 01 to 02 C & B Class Contractor; Sl. No. 03 to 06 D & C Class Contractor; Sl. No. 07 HT Class Contractor; Sl. No. 08 to 09 MV/HT Class Contractor
5. Available of Bid documents in the website : From Dt.17.02.2026 at 12.00 Noon to Dt.26.02.2026 at 5.00 P.M.
6. Date of Opening of bids : Dt.27.02.2026 at 11.30 A.M.
7. Bidders have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any information regarding Addendum/Corrigendum/Cancellation of tender can be available in the said website.

OIPR-34001/34095/1/25-26/0001
Sd./- Superintending Engineer
Khordha (R&B) Division, Khordha

# ଅଗ୍ନିକାଣ୍ଡରେ ଶୀତଳ ଭଣ୍ଡାର ଜଳିଗଲା

## ଦମକଳ ସହ ରୋବୋ ଲିଭାଇଲା ନିଆଁ

କୁଚିଣ୍ଡା,୧୫।୨(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ବାମରା ନିକଟସ୍ଥ ନୁଁଆମୁଣ୍ଡାସ୍ଥିତ ଏକ ଶୀତଳଭଣ୍ଡାରରେ ରବିବାର ସକାଳେ ଅଗ୍ନିକାଣ୍ଡ ଘଟିଛି। ନିଆଁକୁ ଆୟତ୍ତ କରିବା ପାଇଁ ଗୋବିନ୍ଦପୁର, ଲଇକେରା ଓ କିର୍ମିରାରୁ ଦମକଳ ବାହିନୀ ସହ ଝାରସୁଗୁଡ଼ାରୁ ରୋବୋ ଆସି ନିଆଁ ଲିଭାଇବା ପାଇଁ ପ୍ରୟାସ ଜାରି ରଖିଛି। ଦୀର୍ଘ ୧୦ଘଣ୍ଟା ପରେ ବି ନିଆଁକୁ ଆୟତ୍ତ କରାଯାଇ ପାରିନାହିଁ।

ସୂଚନା ଅନୁଯାୟୀ, ସମ୍ବଲପୁର ଜିଲା ବାମରା ଗଡପୋଷ ରାସ୍ତା ନୁଁଆମୁଣ୍ଡାରେ ଅନୁଭବ ଲାଠ ନାମକ ଜଣେ ବ୍ୟକ୍ତି ୫ଶହ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଶୀତଳଭଣ୍ଡାର କରିଛନ୍ତି। ଏହା ହେଉଛି କୁଚିଣ୍ଡା ଉପଖଣ୍ଡର ସର୍ବବୃହତ ଘରୋଇ ଶୀତଳ ଭଣ୍ଡାର। ରବିବାର ସକାଳ ପ୍ରାୟ ୭ଟାରେ ଶୀତଳ ଭଣ୍ଡାରରେ ନିଆଁ ଲାଗିଯାଇଥିଲା। ଶୀତଳଭଣ୍ଡାର କର୍ତ୍ତୃପକ୍ଷଙ୍କଠାରୁ ଖବରପାଇ ଗୋବିନ୍ଦପୁର(ବାମରା) ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। ହେଲେ ନିଆଁର ତୀବ୍ରତା ଏତେ ଥିଲା ଯେ, ଗୋଟିଏ ଦମକଳରେ ନିଆଁ ଆୟତ୍ତ କରିବା ଅସମ୍ଭବ ହୋଇଥିଲା। ପରବର୍ତ୍ତୀ ସମୟରେ ପଡ଼ୋଶୀ ଝାରସୁଗୁଡ଼ା ଜିଲା ଲଇକେରା ଓ କିର୍ମିରାରୁ ଦମକଳବାହିନୀ ଆସି ନିଆଁ ଲିଭାରେ ସାମିଲ ହୋଇଥିଲେ। ଏହି ଶୀତଳ ଭଣ୍ଡାରରେ କୁଚିଣ୍ଡା ଉପଖଣ୍ଡର ଚାଷୀଙ୍କ ଲଙ୍କାମରିଚ, ଆମ୍ବ ଟାକୁଆ, ମହୁଲ ଫୁଲ ସମେତ ପନିପରିବା ରହିଥିଲା। ଅଗ୍ନିକାଣ୍ଡ ଯୋଗୁ ସେସବୁ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷତି ହୋଇଥିବା ଶୀତଳ ଭଣ୍ଡାର ମାଲିକ ଲାଠ କହିଛନ୍ତି। ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।



ସମ୍ବଲପୁର ଜିଲା ବାମରା ନିକଟ ନୁଁଆମୁଣ୍ଡାସ୍ଥିତ ଏକ ଶୀତଳ ଭଣ୍ଡାରରେ ରବିବାର ସକାଳେ ଅଗ୍ନିକାଣ୍ଡ ଘଟିଥିବାବେଳେ ନିଆଁଲିଭାରେ ନିୟୋଜିତ ରୋବୋ।

# ୧୫୮ ମହିଳା ନେତ୍ରୀଙ୍କୁ ବିଜେଡିର ସାଙ୍ଗଠନିକ ଦାୟିତ୍ୱ

ଭୁବନେଶ୍ୱର,୧୫।୨
(ରବିନାରାୟଣ ଜେନା)

ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଏହି କ୍ରମରେ ରବିବାର ଦଳର ସଭାପତି ବିଜୁ ମହିଳା ଜନତା ଦଳ (ବିଏମ୍‌ଜେଡି)ର ସାଂଗଠନିକ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ କରିଛନ୍ତି। ଏହାସହିତ ଜିଲା ସଭାପତି/ କାର୍ଯ୍ୟକାରୀ ସଭାପତି ଏବଂ ଜୋନାଲସ୍ତରୀୟ ସଭାପତି ନିଯୁକ୍ତ କରାଯାଇଛି। ବିଜେଡିର ନିର୍ଦ୍ଦେଶନାମା ଅନୁଯାୟୀ, ବିଏମ୍‌ଜେଡିର ରାଜ୍ୟସ୍ତରୀୟ ପଦାଧିକାରୀ ଭାବେ ୧୫୮ ଜଣ ମହିଳା ନେତ୍ରୀଙ୍କୁ ନିଯୁକ୍ତ କରାଯାଇଥିବାବେଳେ ଏଥିରେ ୧୮ ଜଣଙ୍କୁ ବରିଷ୍ଠ ଉପସଭାନେତ୍ରୀ, ୪୧ ଜଣଙ୍କୁ ଉପସଭାନେତ୍ରୀ, ୪୨ ଜଣଙ୍କୁ ସାଧାରଣ ସମ୍ପାଦିକା ଏବଂ ୫୭ ଜଣଙ୍କୁ ସମ୍ପାଦିକା ଭାବେ ଦାୟିତ୍ୱ ଦିଆଯାଇଛି। ସେହିଭଳି ଦଳର ଅନ୍ୟ ଏକ ନିର୍ଦ୍ଦେଶନାମାରେ ୨୬ଟି ସାଂଗଠନିକ ଜିଲା ପାଇଁ ସଭାନେତ୍ରୀ ଓ କାର୍ଯ୍ୟକାରୀ ସଭାନେତ୍ରୀଙ୍କ ନାମ ଘୋଷଣା କରାଯାଇଛି। ଏହାସହିତ ବିଜେଡି ପକ୍ଷରୁ ଜାରି ଅନ୍ୟ ଏକ ନିର୍ଦ୍ଦେଶନାମାରେ ୭ଟି ଜୋନ୍ ପାଇଁ ଜୋନାଲ୍ ସଭାନେତ୍ରୀ ଓ ଉପସଭାନେତ୍ରୀଙ୍କ ନାମ ଘୋଷଣା କରାଯାଇଛି।

**MAHILA VIKAS SAMABAYA NIGAM**
(Govt. of Odisha Undertaking)
W&CD Complex, Plot No-483(P), Ganganagar, 2nd Floor, Unit-6, Bhubaneswar-751001
Ph.No.2533223,2533214, E-mail-mvsn_bbsr@yahoo.com
Ref. 158/MVSN Dt. 02.02.2026

**Auction Sale Notice**

**No.33001/10/2526** : The Managing Director, Mahila Vikas Samabaya Nigam, **W&CD Complex, Plot No- 483(P), Ganganagar, 2nd Floor, Unit-6, Bhubaneswar-751001** invites single price offer in financial Bid and under sealed cover from the intending Bidders to purchase different items on "As is where is Basis" lying at Premises of **Mahila Vikas Samabaya Nigam, W&CD Complex, Plot No-483(P), Ganganagar, 2nd Floor, Unit-6, Bhubaneswar-751001** as given at Annexure-I. The list of materials as mentioned in Annexure-1 is only indicative. The actual quality and quantity of the materials may vary. The offset price is fixed at **Rs.4739.92**. Interested bidders may inspect the materials, assess their value and give their offer accordingly. For all the items, a single price offer is to be quoted. Part purchase / offer shall not be entertained. The items can be **inspected at Mahila Vikas Samabaya Nigam, W&CD Complex, Plot No-483(P), Ganganagar, 2nd Floor, Unit-6, Bhubaneswar-751001** on all working days between **11.00 A.M. to 5.00 P.M.** from **16.02.2026 to 09.03.2026**. For inspection and for clarification about the Auction Sale, intending bidders may contact **Accounts Officer Mobile No-9338754909**.

Bidders have to furnish EMD (refundable) of Rs.5,000/-( Rupees Five thousand) in shape of Demand Draft drawn on any Nationalized Bank in favour of **Mahila Vikas Samabaya Nigam** payable at Bhubaneswar alongwith the bid. Non-submission of EMD will lead to rejection of the bid offer. EMD of unsuccessful bidder will be refunded preferably within 30 days. EMD of the successful bidder shall be adjusted against his offer price. Withdrawal from the auction process after submission of the bid will lead to forfeiture of EMD.

The sealed bids will be received through speed post/ Regd. Post/ courier Services only in the office of the Mahila Vikas Samabaya Nigam, at **W&CD Complex, Plot No-483(P), Ganganagar, 2nd Floor, Unit-6, Bhubaneswar-751001** upto **5.00 P.M. of 09.03.2026** and will be opened on **11.03.2026 at 12.30 P.M** in the presence of the bidders or their authorized representatives if any. In case MVSN office remains closed on these days, both the activities shall be shifted to the next immediate working day. **The office is not responsible for any postal delay**. Bidders shall bear the GST Component and other levies (as applicable) on the offer amount.

The successful bidder is to deposit the qualified offer price and submit acceptance letter within seven days from the date of receipt of intimation from MVSN failing which the EMD will be forfeited. The materials shall be shifted on **"As is where is Basis"** at own cost of the successful bidders within 7 days of issue of release order, failing which the EMD & the offer price amount deposited shall be forfeited.

OIPR-33001/33003/1/25-26/0001
Sd./- MANAGING DIRECTOR, MAHILA VIKAS SAMABAYA NIGAM

# ଗୋଟିଏ ଦିନରେ ୪୭ ଟ୍ରେନ୍‌ରୁ ତାପଜ କୋଇଲା ଖଲାସ ରେକର୍ଡ

ପାରାଦୀପ,୧୫।୨(ଶରତ ରାଉତ)

ପାରାଦୀପ ବନ୍ଦର ଚଳିତ ବର୍ଷ ଶନିବାର ଗୋଟିଏ ଦିନରେ ଟ୍ରେନ୍‌ରୁ ରେକର୍ଡ ପଣ୍ୟ ଖଲାସ କରିଛି। ରପ୍ତାନି ହେବାକୁ ପାରାଦୀପ ବନ୍ଦର ଆସିଥିବା ୪୭ଟି ଟ୍ରେନ୍‌ରୁ (ରେକ)ତାପଜ କୋଇଲା ଖଲାସ କରାଯାଇଛି। ଏହା ଦେଶର ଯେକୌଣସି ବୃହତ ବନ୍ଦର କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ବୋଲି ବନ୍ଦର ପ୍ରଶାସନ ପକ୍ଷରୁ କୁହାଯାଇଛି। ବଗି ଓପନ ବଟମ୍ ରାପିଡ୍ ଡିସଚାର୍ଜ ପଦ୍ଧତିରେ ଏହି କାର୍ଯ୍ୟ କରାଯାଇଛି। ଏହାଦ୍ୱାରା ଟ୍ରେନ୍‌ରୁ ପଣ୍ୟ ଖଲାସ ବୋଝେଇ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଏହି ସଫଳତା ପାଇଁ ବନ୍ଦର ଅଧ୍ୟକ୍ଷ ପି.ଏଲ.ହାରାନ୍ଧ ଉକ୍ତ ଟ୍ରେନ ଖଲାସ ପଦ୍ଧତିରେ ସାମିଲ ସମସ୍ତ ସହଭାଗୀ ସଂସ୍ଥା, କର୍ମଚାରୀ ଶ୍ରମିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ପାରାଦୀପ ବନ୍ଦର**



ଯାନ୍ତ୍ରିକୀକରଣ ବ୍ୟବସ୍ଥାରେ ପାରାଦୀପ ବନ୍ଦରକୁ ଆସିଥିବା ଟ୍ରେନ୍‌ରୁ ପଣ୍ୟ ଖଲାସ କରାଯାଉଛି।

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION NO.-II, KEONJHAR**
E-mail : eerw_kjr2@yahoo.com
**"e" Procurement Notice for Road Works**
**No.25001/170/2526** **Identification No. Online NCB - 17/2025-26**

1. Name of the work : Road Works, 2. Total Number of Work : 02 Nos., 3. Estimated Cost : Rs.17.00 Lakhs to Rs.40.00 Lakhs, 4. Class of Contractor : "D' & 'C' & 'B' Class, 5. Period of Completion : As per annexure of e-Procurement Notice No.17/2025-26, 6. Other Details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-II, Keonjhar |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Keonjhar | Road Online NCB No.17 | Dt.19.02.26 at 11.00 A.M. | Dt.26.02.26 up to 5.00 P.M. | Dt.25.02.26 up to 5.00 P.M. | Dt.27.02.2026 at 11.00 A.M. |

Further details can be seen from the Website www.tenderorissa.gov.in
OIPR-25001/25093/1/25-26/0017
Sd./- Executive Engineer
R.W.Divn. No.-II, Keonjhar

## ଦୁର୍ଘଟଣାରେ ଆହତ କନ୍‌ଷ୍ଟେବଲଙ୍କ ମୃତ୍ୟୁ

ବାଲିପାଟଣା,୧୫।୨(ଅଭିମନ୍ୟୁ ନାୟକ)

ବାଲିପାଟଣା ଥାନାରେ କାର୍ଯ୍ୟରତ ଅତିରିକ୍ତ ପୋଲିସ ବାହିନୀର କନ୍‌ଷ୍ଟେବଲ ପୁଆଲା ନୀଳକଣ୍ଠଙ୍କ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ରାୟଗଡା ଅଞ୍ଚଳର ବାସିନ୍ଦା ଥିଲେ। ସୂଚନା ମୁତାବକ, ଗତ ରବିବାର କୌଣସି କାମରେ ସେ ବାଇକ୍‌ରେ ଯାଉଥିବା ବେଳେ ଅଠାନ୍ତର ଠାରେ ଦୁର୍ଘଟଣା ଘଟିବାରୁ ଗୁରୁତର ଆହତ ହୋଇଥିଲେ। ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ବାଲିପାଟଣାଠାରେ ତାଙ୍କ ପାର୍ଥିବ ଶରୀର ପହଞ୍ଚିବା ପରେ ଥାନା ଭାରପ୍ରାପ୍ତ ଅଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢ଼ୀ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏସ୍‌ଆଇ ଶଶିକାନ୍ତ ବେହେରା, ପଦ୍ମଲୋଚନ ବେହେରାଙ୍କ ସମେତ ସମସ୍ତ ଥାନା କର୍ମଚାରୀ ଉପସ୍ଥିତ ଥିଲେ।

## ବିମାନ, ସଡ଼କ ପରିବହନ ପ୍ରକଳ୍ପର ସମୀକ୍ଷା କଲେ ପ୍ରମୁଖ ଶାସନ ସଚିବ

ଭୁବନେଶ୍ୱର, ୧୫।୨ (ବନ୍ଦନା ସେଠୀ)

ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳ ଗସ୍ତ କରି କଳାହାଣ୍ଡିର ଉତ୍କେଳା ବିମାନବନ୍ଦର, କୋରାପୁଟର ଜୟପୁର ବିମାନବନ୍ଦର ସମେତ ନବରଙ୍ଗପୁର ଓ ଭବାନୀପାଟଣାରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାଜପୁତ ଉତ୍କେଳା ବିମାନବନ୍ଦରରେ ବିମାନ ଚଳାଚଳ ପ୍ରସ୍ତୁତି, ଯାତ୍ରୀଙ୍କ ପାଇଁ ଥିବା ସୁବିଧା ଏବଂ ରନ୍‌ୱେ ସମ୍ପ୍ରସାରଣ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ। କେବିକେ ଅଞ୍ଚଳରେ ଆକାଶପଥରେ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସକ୍ରିୟ କରି ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ କାର୍ଯ୍ୟକରୁଥିବା ସଂସ୍ଥାଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ଜୟପୁର ବିମାନବନ୍ଦର ଗସ୍ତକରି ସେଠାକାର ଭିତ୍ତିଭୂମି ବିକାଶ, ସୁରକ୍ଷା ବ୍ୟବସ୍ଥା ଓ ଯାତ୍ରୀ ସେବାର ତଦାରଖ କରିବା ସହ ସ୍ଥାନୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହ ସାଧାରଣ ଲୋକଙ୍କୁ ଶସ୍ତା ଏବଂ ନିର୍ଭରଯୋଗ୍ୟ ବିମାନ ସେବା ଯୋଗାଇ ଦେବା ପାଇଁ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିମାନ ସେବା ବ୍ୟତୀତ ସଡ଼କ ପରିବହନରେ ସଂସ୍କାର ଆଣିବା ଲକ୍ଷ୍ୟରେ ପ୍ରମୁଖ ଶାସନ ସଚିବ ଭବାନୀପାଟଣାସ୍ଥିତ ଓଏସ୍‌ଆର୍‌ଟିସି ଡିପୋ ଓ ବସ୍‌ଷ୍ଟାଣ୍ଡ ସମେତ ନବରଙ୍ଗପୁରରେ ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧାର ସମୀକ୍ଷା ହୋଇଥିଲା। ବସ୍‌ଷ୍ଟାଣ୍ଡଗୁଡ଼ିକରେ ସ୍ୱଚ୍ଛତା, ଡିଜିଟାଲ ଟିକେଟିଂ ଓ ବସ୍ ଚଳାଚଳର ଠିକ୍ ସମୟାନୁବର୍ତ୍ତିତା ସୁନିଶ୍ଚିତ କରିବା ସହ ଦୂରଦୂରାନ୍ତ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷେ କଳାହାଣ୍ଡି, ନବରଙ୍ଗପୁର ଓ କୋରାପୁଟ ଜିଲାରେ ରାଜସ୍ୱ ଆଦାୟର ସ୍ଥିତି ଅନୁଧ୍ୟାନ କରିବା ସହ ଏଥିରେ ସ୍ୱଚ୍ଛତା ଆଣିବା ପାଇଁ ଡିଜିଟାଲ ପ୍ରଣାଳୀର ବ୍ୟାପକ ଉପଯୋଗ ଓ ଯାଞ୍ଚ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବାକୁ ସେ କହିଛନ୍ତି। ରାଜ୍ୟରେ ଉଭୟ ବିମାନ ଏବଂ ସଡ଼କ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ସରକାରଙ୍କ ପ୍ରାଥମିକତା ବୋଲି ରାଜପୁତ ଉଲ୍ଲେଖ କରିଥିଲେ।



ଉତ୍କେଳା ବିମାନବନ୍ଦରରେ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତ ଓ ଅନ୍ୟ ଅଧିକାରୀମାନେ।

## ରାଜଧାନୀରେ ପୁଣି ବୁଲିଲା ଖଣ୍ଡା

### ପୁଅ ଆଗରେ ବାପାଙ୍କୁ ଖଣ୍ଡା ଚୋଟ, ୨ ଗିରଫ

ଭୁବନେଶ୍ୱର,୧୫।୨(ତ୍ରିନାଥ ମହାନ୍ତି)

ରାଜଧାନୀରେ ପୁଣି ବୁଲିଲା ଖଣ୍ଡା। ଶହୀଦନଗର ଥାନା ଅନ୍ତର୍ଗତ ପଥରବନ୍ଧ ବସ୍ତିରେ ଏହି ଘଟଣା ଘଟିଛି। ଦୁର୍ବୃତ୍ତମାନେ ଘରୁ ଡାକି ନେଇ ପୁଅ ଆଗରେ ବାପାଙ୍କୁ ଖଣ୍ଡାରେ ହାଣିଛନ୍ତି। ମୁଣ୍ଡରେ ଏକାଧିକ ଚୋଟ ଯୋଗୁ ପଥରବନ୍ଧ ବସ୍ତିର କାର୍ତ୍ତିକ ନାୟକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପୋଲିସ ଉଦ୍ଧାର କରି ପିସିଆର ଭ୍ୟାନ୍‌ରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି। ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ମୁଖ୍ୟ ଅଭିଯୁକ୍ତ ମାନସ ରଞ୍ଜନ ଦାସ ଓରଫ ମୁନା ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଆକ୍ରମଣ ହୋଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି।

ସୂଚନା ଅନୁସାରେ, କାର୍ତ୍ତିକଙ୍କ ସହ ସ୍ଥାନୀୟ ବସ୍ତିର ମୁନାଙ୍କ ଶତ୍ରୁତା ରହିଥିଲା। ପୂର୍ବରୁ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସେହି ସମୟରେ କାର୍ତ୍ତିକଙ୍କୁ ଦେଖିନେବେ ବୋଲି ଅଭିଯୁକ୍ତ କହିଥିଲେ। ଶନିବାର ରାତିରେ ମୁନା ଖଣ୍ଡାଧରି ସହଯୋଗୀଙ୍କ ସହ କାର୍ତ୍ତିକଙ୍କ ଘରକୁ ଯାଇ ତାଙ୍କ ପୁଅକୁ ଡାକିଥିଲେ। ବାପା ଓ ପୁଅ ବାହାରକୁ ଆସିବା ପରେ ଅଭିଯୁକ୍ତମାନେ କାର୍ତ୍ତିକଙ୍କୁ ଗୋଡ଼ାଇ ହାଣିଥିଲେ। ପୁଅ ଚିତ୍କାର କରିଥିଲେ ମଧ୍ୟ ଖଣ୍ଡା ଦେଖି ସ୍ଥାନୀୟ ଲୋକେ ଅଟକାଇବାକୁ ଆସି ନ ଥିଲେ। ଖବରପାଇ ପିସିଆର ଭ୍ୟାନ୍ ସହ ପୋଲିସ ପହଞ୍ଚିଥିଲେ ମଧ୍ୟ ସେତେବେଳକୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପୋଲିସ ଆହତଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ବସ୍ତିରେ ଉତ୍ତେଜନା ଲାଗି ରହିଥିବାରୁ ସେଠାରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

## ବନପାଳ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ

### ନିଆଁ ଲାଗି ଜଳିଗଲା ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର

ବାରଙ୍ଗ,୧୫।୨(ଲିଙ୍ଗରାଜ ରାଉତ)

ପ୍ରାଣୀଉଦ୍ୟାନ ନନ୍ଦନକାନନର ପ୍ରଶାସନିକ କାର୍ଯ୍ୟାଳୟର ପ୍ରାଣୀ ବିଭାଗ ପରିଚାଳନା ଦାୟିତ୍ୱରେ ରହୁଥିବା ବନପାଳଙ୍କ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ କାର୍ଯ୍ୟାଳୟରେ ଥିବା ଏସି, ଫ୍ୟାନ୍ ସହ କିଛି ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଅନେକ ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ିଯାଇଛି। ସୌଭାଗ୍ୟବଶତଃ ପାଖରେ ଥିବା ୨ ଅଧିକାରୀଙ୍କ କାର୍ଯ୍ୟାଳୟ ନିଆଁ କବଳରୁ ବର୍ତ୍ତିଯାଇଛି। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ି ନ ଥିବା ବେଳେ ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ନିଆଁ ଲାଗି ଯାଇଥିବା ଅନୁମାନ କରାଯାଉଛି। ଏହାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଛି ବୋଲି ନନ୍ଦନକାନନ ପ୍ରାଣୀ ବିଭାଗ ଏସିଏଫ୍ ରୁଦ୍ରପ୍ରସାଦ ରଥ ସୂଚନା ଦେଇଛନ୍ତି। ରବିବାର ସକାଳେ ସଫେଇ କର୍ମଚାରୀମାନେ ସଫାକରିବା ପାଇଁ ଉକ୍ତ କାର୍ଯ୍ୟାଳୟ ଖୋଲିଥିଲେ। ପରେ ବନପାଳଙ୍କ କାର୍ଯ୍ୟାଳୟରେ ନିଆଁ ଲାଗି ଲିଭିଯାଇଥିବା ସେମାନେ ଜାଣିବାକୁ ପାଇଥିଲେ। ସବୁଠାରୁ ବଡ଼କଥା ହେଲା, ନନ୍ଦନକାନନ ସୁରକ୍ଷା ପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ଦିନରାତି ଶିଳ୍ପ ସୁରକ୍ଷା ବାହିନୀ, ଅବସରପ୍ରାପ୍ତ ସେନା କର୍ମଚାରୀ ଓ ସିକ୍ୟୁରିଟି କର୍ମଚାରୀମାନଙ୍କ ନଜରରେ ନନ୍ଦନକାନନ ରହିଅଛି। ଏହା ସତ୍ତ୍ୱେ ଏହି ୩ଟି ବିଭାଗର କର୍ମଚାରୀ ନିଆଁ ଲାଗିବା କିଭଳି ଜାଣିପାରିଲେ ନାହିଁ ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ସନ୍ତୋଷଙ୍କୁ 'ଉପେନ୍ଦ୍ର କୁମାର ପାହାଡସିଂହ ସ୍ମୃତି ସମ୍ମାନ'




### ସରିଲା ରେଡିଓ ମେଳା

ଭୁବନେଶ୍ୱର,୧୫। ୨ (ସୌମ୍ୟରଞ୍ଜନ ରାଉତ)

ଆଉଟ୍‌ରିଚ୍ ପକ୍ଷରୁ ଏକାମ୍ର ହାଟଠାରେ ଚାଲିଥିବା ୧୨ତମ ରେଡିଓ ମେଳା ରବିବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଉତ୍ତରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମାଜିକ କର୍ମୀ ରୋଜାଲିନ ପାଟଶାଣୀ ମିଶ୍ର, ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ସନ୍ୟାସ ବେହେରା ଏବଂ ବିଜୟଲକ୍ଷ୍ମୀ ପାହାଡସିଂହ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବେଷ୍ଟ ୟୁଜ୍ ଅଫ୍ ରେଡିଓ ଇନ୍ ପବ୍ଲିକ୍ ସର୍ଭିସ୍ ପାଇଁ କୋଣାର୍କସ୍ଥିତ ୟଙ୍ଗ୍ ଇଣ୍ଡିଆ ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। ସେହିପରି ଆକାଶବାଣୀ ଆଞ୍ଚଳିକ ସମ୍ବାଦ ବିଭାଗର ଖବର ଉପସ୍ଥାପକ ସନ୍ତୋଷ କୁମାର ସାହୁଙ୍କୁ 'ଉପେନ୍ଦ୍ର କୁମାର ପାହାଡସିଂହ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସଙ୍ଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା। ଏଥିସହ ପ୍ରଦର୍ଶନୀରେ ଭାଗ ନେଇଥିବା ସମସ୍ତ ରେଡ଼ିଓ ସଂଗ୍ରାହକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତ ବର୍ଷ ରେଡ଼ିଓ ମେଳାରେ ୩ହଜାରରୁ ଊର୍ଦ୍ଧ୍ୱ ରେଡ଼ିଓ ଗ୍ରାମଫୋନ, ହାମ୍ ରେଡ଼ିଓ ଏବଂ ପ୍ରସାରଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଆଉଟ୍‌ରିଚ୍ ମୁଖ୍ୟ ସୁବ୍ରତ କୁମାର ପତି ମେଳା ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

## ୨୫ ସୁଦ୍ଧା ଜିଲାପାଳଙ୍କୁ ରିପୋର୍ଟ ଦାଖଲ ନିର୍ଦ୍ଦେଶ

### ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ବିଭ୍ରାଟ ପ୍ରସଙ୍ଗ

■ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱରେ ଅବହେଳା ଅଭିଯୋଗ

ଖୋର୍ଦ୍ଧା,୧୫।୨(ପ୍ରଭାତ ପାଣିଗ୍ରାହୀ)

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଗତ ଜାନୁଆରୀ ୧୩ ସନ୍ଧ୍ୟାରୁ ୧୫ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ଅନ୍ନଭୋଗ ଏବଂ ଅନ୍ୟାନ୍ୟ ଦେବନୀତି ବନ୍ଦ ରହିଥିଲା। ଶ୍ରୀଲିଙ୍ଗରାଜ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ରୁଦ୍ର ନାରାୟଣ ମହାନ୍ତିଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱରେ ଅବହେଳା ଯୋଗୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତିରେ ବିଭ୍ରାଟ ସୃଷ୍ଟି ହୋଇଥିବା ଦର୍ଶାଇ ତାଙ୍କ ବିରୋଧରେ ଭୁବନେଶ୍ୱର ଜେଏମ୍‌ଏଫ୍‌ସିଙ୍କ କୋର୍ଟରେ ପୁରୁଣା ଭୁବନେଶ୍ୱର ଅଞ୍ଚଳର ଅମରେନ୍ଦ୍ର ଗରାବଡୁ ବିଏନ୍‌ଏସ୍‌ର ଧାରା ୨୯୯ ଅନୁଯାୟୀ ଏକ ୧ସିସି ମାମଲା ଦାଏର କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅବହେଳା ଯୋଗୁ ପୂଜାର୍ଚ୍ଚନା ହୋଇପାରିଲାନାହିଁ। ସେବା ପୂଜା ଏବଂ ନୀତିକାନ୍ତିରେ ବାଧା ରୋକିବାରେ ତାଙ୍କର ଅବହେଳା ଯୋଗୁ ଅଭିଯୋଗକାରୀଙ୍କ ସମେତ ବହୁ କୋଟି ହିନ୍ଦୁଙ୍କ ଧର୍ମ ଏବଂ ଧାର୍ମିକ ବିଶ୍ୱାସକୁ ଆଘାତ ଦେଇଛି ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ଜେଏମ୍‌ଏଫ୍‌ସିଙ୍କ କୋର୍ଟ କାର୍ଯ୍ୟାଳୟ ପକ୍ଷରୁ ଚିଠି ନମ୍ବର ୪୫, ତା୯.୦୨.୨୦୨୬ ମାଧ୍ୟମରେ ଘଟଣାର ସବିଶେଷ ତଥ୍ୟ ଏବଂ ପରିସ୍ଥିତି ସମ୍ପର୍କରେ ଖୋର୍ଦ୍ଧା ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ୍‌ଙ୍କଠାରୁ ଏକ ରିପୋର୍ଟ ମଗାଯାଇଛି। ଆସନ୍ତା ୨୫ ତାରିଖ ପୂର୍ବାହ୍ନ ୧୦ଟା କିମ୍ବା ତା'ପୂର୍ବରୁ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ମୁତାବକ, ଅଭିଯୋଗକାରୀ ଲିଙ୍ଗରାଜ ଥାନାରେ ଗତ ଜାନୁଆରୀ ୧୫ରେ ଅଭିଯୋଗ କରିଥିଲେ। ପଞ୍ଜୀକରଣ ନ ହେବାରୁ ସେ ସୂଚନାର ସାରାଂଶ ଡିସିପିଙ୍କ ନିକଟକୁ ପଠାଇଥିଲେ। ଲିଙ୍ଗରାଜ ଥାନା ଏବଂ ଡିସିପିଙ୍କ ପକ୍ଷରୁ କୌଣସି ପଦକ୍ଷେପ ନ ନିଆଯିବାରୁ ଅଭିଯୋଗକାରୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ଜିଲାପାଳଙ୍କ ରିପୋର୍ଟକୁ ଅପେକ୍ଷା କରାଯାଇଛି।

## ତ୍ରୁଟିପୂର୍ଣ୍ଣ ହମ୍ପ୍‌ସ ଯୋଗୁ ଦୁର୍ଘଟଣା, ଚାଲିଗଲା ଜୀବନ

ଭୁବନେଶ୍ୱର,୧୫।୨(ତ୍ରିନାଥ ମହାନ୍ତି)

ରାଜଧାନୀରେ ତ୍ରୁଟିପୂର୍ଣ୍ଣ ହମ୍ପ୍‌ସ ଯୋଗୁ ଦୁର୍ଘଟଣା ଘଟି ରବିବାର ମହାଶିବରାତ୍ରିରେ ଜଣଙ୍କର ଜୀବନ ଯାଇଥିବା ବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। କ୍ୟାପିଟାଲ ଥାନା ଅନ୍ତର୍ଗତ ରାଜମହଲ ଓ ଶିଶୁଭବନ ଛକ ମଧ୍ୟବର୍ତ୍ତୀ ରାସ୍ତାରେ ଏହି ଦୁର୍ଘଟଣା ଘଟିଛି। ମୃତକ ହେଲେ ପୁରୁଣା ଭୁବନେଶ୍ୱରର ରଫିତ୍ ନାୟକ ଓ ଗୁରୁତର ଆହତ ଜଣକ ହେଲେ ୟୁନିଟ୍-୧ରେ ରହୁଥିବା ବିଶେଷ ପ୍ରଧାନ। ପୋଲିସ ଦୁଇଜଣଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ମାତ୍ର ରଫିତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସୂଚନାନୁସାରେ, ସନ୍ଧ୍ୟାରେ ରଫିତ୍ ଓ ବିଶେଷ ବୁଲେଟରେ ଦ୍ରୁତ ଗତିରେ ଶିଶୁ ଭବନ ଛକରୁ ରାଜମହଲ ଅଭିମୁଖେ ଯାଉଥିଲେ। ରାଜମହଲ ଓ ଶିଶୁ ଭବନ ଛକ ମଧ୍ୟବର୍ତ୍ତୀ ରାସ୍ତାରେ ଏକ ବଡ଼ ହମ୍ପ୍‌ସ ରହିଛି। ହମ୍ପ୍‌ସ ନେଇ ରାସ୍ତାରେ ସେପରି କିଛି ଚିହ୍ନ ନାହିଁ। ଫଳରେ ବୁଲେଟ୍ ଚଲାଉଥିବା ରଫିତ ହମ୍ପ୍‌ସ ରହିଥିବା ନେଇ ଜାଣିପାରି ନ ଥିଲେ। ବୁଲେଟର ବେଗ ଅଧିକ ଥିବାରୁ ଗାଡି ଭାରସାମ୍ୟ ହରାଇ ରାସ୍ତା ଡିଭାଇଡରରେ ପିଟି ହୋଇଯାଇଥିଲା। ରଫିତଙ୍କ ମୁଣ୍ଡ ଡିଭାଇଡରରେ ମାଡ଼ ହେବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ବିଶେଷ ଗୁରୁତର ଆହତ ହୋଇଥିଲେ।

## 'ଓଡ଼ିଆ ଅସ୍ମିତା ଔଦ୍ଧତ୍ୟ ନୁହେଁ, ଅହଂର ଓଁକାର'

### ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଯାପିତ

ଭୁବନେଶ୍ୱର, ୧୫।୨(ବନ୍ଦନା ସେଠୀ)

ଭାବ, ଭାବନା, କଳ୍ପନା ଓ ଅନୁଭବର ହୃଦୟଗ୍ରାହୀ ପ୍ରକାଶ ହେଉଛି 'ସାହିତ୍ୟ'। ଏହା ଅସ୍ମିତାର ପରିଚୟ। ଏହା ବିସ୍ତୃତ ହେଲେ ସଫଳତା ମିଳେ ବୋଲି ଭାଷାବିଜ୍ଞାନୀ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ କହିଛନ୍ତି। ରବିବାର ପୂର୍ବାହ୍ନରେ ଭୁବନେଶ୍ୱର ସାହିତ୍ୟ ପର୍ବର ଉଦ୍‌ଯାପନ ଉତ୍ସବର ମୁକ୍ତ ଅଧିବେଶନରେ ଯୋଗଦେଇ ଡ. ପଟ୍ଟନାୟକ ସାହିତ୍ୟର ଦୂତମାନଙ୍କୁ ଅଧିକ ଅଗ୍ରସର ହେବା ପାଇଁ ପରାମର୍ଶ ଦେଇଛନ୍ତି। ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଦୁଇଦିନିଆ ସାହିତ୍ୟ ପର୍ବ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଲେଖକ ତଥା ଅଧ୍ୟାପକ ଅଭିରାମ ବିଶ୍ୱାଳ କହିଲେ, ଓଡ଼ିଆ ଅସ୍ମିତାର ମୁଖ୍ୟ ଆଧାର ଭାଷା ଏବଂ ଏହା ଔଦ୍ଧତ୍ୟ ନୁହେଁ ବରଂ ଅହଂର ଓଁକାର। ସାହିତ୍ୟ ସର୍ବଦା ମୁକ୍ତିର ମାର୍ଗ ଦେଖାଏ ବୋଲି ସେ ପ୍ରକାଶ କରିଥିଲେ। ବିଶିଷ୍ଟ ଅତିଥି ଭାବେ ସାମାଜିକ କର୍ମୀ ତଥା ଅନୁବାଦିକା ନମ୍ରତା ଚଢା ଓ ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ଯୋଗଦେଇଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ପୌରୋହିତ୍ୟ କରିଥିବାବେଳେ ଉତ୍ସବ ନିର୍ଦ୍ଦେଶକ ଡ. ଅଶୋକ ସିଂହ ଉପସ୍ଥିତ ଥିଲେ ଓ ଉପସଭାପତି ମିନତି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ 'ସମକାଳୀନ ଓ କଥାସାହିତ୍ୟ: ଦୃଷ୍ଟିପାତ', 'ଓଡ଼ିଆ ଭାଷା: ଭବିଷ୍ୟତ ଓ ଆହ୍ୱାନ' ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା।

## ମହାନ୍ ଶହୀଦ ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ଜୟନ୍ତୀ

ବାରଙ୍ଗ,୧୫।୨(ଲିଙ୍ଗରାଜ ରାଉତ)

ଖୋର୍ଦ୍ଧା ଜିଲାର ମହାନ୍ ଶହୀଦ ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ୨୫୮ତମ ଜନ୍ମବାର୍ଷିକୀ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଜନ୍ମମାଟି ଦାରୁଠେଙ୍ଗ ବାସଭବନରେ ଅଣନାତି ପ୍ରଫୁଲ୍ଲ ବାହୁବଳେନ୍ଦ୍ର ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ପୂଜା କରିଥିଲେ। ଏଥିସହ ଚନ୍ଦକା ଛକରେ ଥିବା ପ୍ରତିମୂର୍ତ୍ତିରେ ପିଣ୍ଡିକି ସ୍ମୃତିକମିଟି ଆନୁକୂଲ୍ୟରେ ପୂଜାର୍ଚ୍ଚନା କରାଯାଇଥିଲା। ସଭାପତି କବିରାଜ ବିଧାର, ଉପସଭାପତି ଅମରେନ୍ଦ୍ର ମହାପାତ୍ର, ପଣନାତି ମାନସ ବାହୁବଳେନ୍ଦ୍ର, ବାଲୁଙ୍କେଶ୍ୱର ଉନ୍ନୟନ କମିଟି ସମ୍ପାଦକ ତପନ ବଳିୟାରସିଂହ, ଶ୍ରୀପତି ବଡ଼ଜେନା, ସୌମ୍ୟରଞ୍ଜନ ଜେନା, ଶଶିଭୂଷଣ ହରିଚନ୍ଦନ ଓ ବୁଲୁ ବାହୁବଳେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ମହାନ୍ ଶହୀଦ ପ୍ରଥମ ସ୍ୱାଧୀନତା ସଂଗ୍ରାମର ବକ୍ସି ଜଗବନ୍ଧୁଙ୍କ ମୁଖ୍ୟ ସହଯୋଗୀ ଥିଲେ। ଖୋର୍ଦ୍ଧାରୁ କର ନେଇ ଯାଉଥିବା ଇଂରେଜମାନଙ୍କଠାରୁ ଖଜଣା ଛଡ଼େଇ ନେଇ ଗରିବ ଲୋକଙ୍କୁ ବାଣ୍ଟି ଦେଉଥିଲେ।


ପୁରୁଣା ଭୁବନେଶ୍ୱରସ୍ଥିତ ଖରାଖାଇ ବୈଦ୍ୟନାଥଙ୍କ ମନ୍ଦିରରେ ଭକ୍ତମାନେ ପୂଜାର୍ଚ୍ଚନା କରୁଛନ୍ତି।


ବଡ଼ଗଡ଼ କେନାଲ ରୋଡ୍ ଲକ୍ଷ୍ମୀ ବିହାରରେ ପୂଜା ପାଉଥିବା ତମ୍ୱେଶ୍ୱର ମହାଦେବ।


ଭୁବନେଶ୍ୱରସ୍ଥିତ ଭାସ୍କରେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନ ପାଇଁ ଧାଡିରେ ଯାଉଛନ୍ତି।

## ମହାଶିବରାତ୍ରିରେ ଶୈବପୀଠରେ ଭକ୍ତଙ୍କ ସମାଗମ

ବାରଙ୍ଗ/ ତ୍ରିଶୂଳିଆ,୧୫।୨(ଲିଙ୍ଗରାଜ ରାଉତ/ ତୁଷାରକାନ୍ତ ବେହେରା)

ବାରଙ୍ଗ ଓ ଆଖପାଖ ଅଞ୍ଚଳର ବିଭିନ୍ନ ପ୍ରମୁଖ ଶୈବପୀଠରେ ମହାଶିବରାତ୍ରି ସହ ଜାଗରଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତଳଗଡ଼ର ସିଦ୍ଧେଶ୍ୱର, ଡାଓ୍ୱାର ସୋମନାଥ, ବାରଙ୍ଗ ଗେଟ୍‌ବଜାରର ବାବା ଗୋରଖନାଥ, ରତାଗଡ଼ର ଜଟେଶ୍ୱର, ଗୋଡ଼ିସାହିର ରାମେଶ୍ୱର, ବାଆଁରାର ସୁବୁଦ୍ଧେଶ୍ୱର, ମଧୁବନର କନକେଶ୍ୱର, ତ୍ରିଶୂଳିଆ ବଜାର ନିକଟ ରାମେଶ୍ୱର, ଫୁଲପୋଖରୀର ଗଣେଶ୍ୱର, ମୁଣ୍ଡଳୀର ମୁକ୍ତେଶ୍ୱର, ବିଦ୍ୟାଧରପୁର ଆଖଣ୍ଡଳମଣି, ମୁଣ୍ଡମୁହାଣର ପୂର୍ଣ୍ଣେଙ୍ଗେଶ୍ୱର, ପାଟପୁରର ଶିଳ୍ପେଶ୍ୱର, ଷଣ୍ଢପୁରର ଧବଳେଶ୍ୱର ଓ ରାମେଶ୍ୱର ମନ୍ଦିର, ବେଲଗଛିଆ ବେଲେଶ୍ୱର, ମୁଣ୍ଡମୁହାଣ କନେକଶ୍ୱର, ଗୋଠପୁରସ୍ଥିତ ସର୍ବେଶ୍ୱର, ଗୋଡିସାହି ଶ୍ରୀରାମେଶ୍ୱର ପୀଠ, ବାଆଁରା ସୁବୁଦ୍ଧେଶ୍ୱର, ରତାଗଡ଼ର ଶ୍ରୀଜଟେଶ୍ୱର, ପଞ୍ଚୁପାଳ ଐଶାନେଶ୍ୱର ଆଦି ଶୈବପୀଠରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଲାଗି ରହିଥିଲା। ମନ୍ଦିର କମିଟି ତରଫରୁ ମନ୍ଦିର ଓ ଏହାର ପରିସରକୁ ସାଜସଜା କରାଯାଇଥିଲା। ସୁସଜ୍ଜିତ ରଙ୍ଗବେରଙ୍ଗର ଆଲୋକମାଳାରେ ମନ୍ଦିର ପରିସର ଆହୁରି ଆକର୍ଷଣୀୟ ହୋଇ ଉଠିଥିଲା। ଭିଡ଼ ନିୟନ୍ତ୍ରଣ କରିବା ସହ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସୁବ୍ୟବସ୍ଥା ସ୍ଥାନୀୟ ପୋଲିସ ଓ ମନ୍ଦିର କମିଟି ପକ୍ଷରୁ କରାଯାଇଥିଲା।


ବାଲିପାଟଣା ସରାଟସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିରକୁ ଫୁଲରେ ସଜ୍ଜିତ କରାଯାଇଛି।


ମହାଶିରାତ୍ରି ପାଇଁ ଭୁବନେଶ୍ୱରସ୍ଥିତ ବ୍ରହ୍ମେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼।

## ସଂକ୍ଷେପରେ

### ଦୀପ ନିଆଁରେ ପୋଡ଼ି ମହିଳା ଆହତ

ଟିଗିରିଆ, ୧୫।୨ (ଜାଫର ଖାଁ)

ଟିଗିରିଆ ଥାନା ଗଦାଧରପୁର ପଞ୍ଚାୟତ ଅନ୍ତର୍ଗତ ମାନପୁର ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ କପିଳେଶ୍ୱର ଦେବଙ୍କ ମନ୍ଦିରରେ ଜାଗର ଯାତ୍ରା ଅବସରରେ ଅଘଟଣ ଘଟିଛି। ଦୀପ ଜାଳିବାକୁ ଆସିଥିବା ଜଣେ ମହିଳା ଦୀପ ନିଆଁରେ ପୋଡ଼ିହୋଇ ଆହତ ହୋଇଛନ୍ତି। ସେ ହେଲେ ମାଣିଆବନ୍ଧ ଥାନା ଅନ୍ତର୍ଗତ କଙ୍କଡ଼ାଯୋଡ଼ି ଗ୍ରାମର ତ୍ରିଲୋଚନ ସାହୁଙ୍କ ସ୍ତ୍ରୀ। ସେ ମନ୍ଦିରରେ ଦୀପ ଜାଳି ଫେରିବା ସମୟରେ ଶାଢ଼ିରେ ଦୀପ ନିଆଁ ଲାଗିଯାଇଥିଲା। ଫଳରେ ମହିଳାଙ୍କ ଶରୀରର ବିଭିନ୍ନ ଅଙ୍ଗ ସହ ଶାଢ଼ି ପୋଡ଼ିଯାଇଛି।

### ପୂର୍ବତନ ଜିଲା ପରିଷଦ ସଭ୍ୟଙ୍କ ପରଲୋକ

ବାରଙ୍ଗ/ତ୍ରିଶୂଳିଆ, ୧୫।୨ (ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ବିଜେଡି ନେତା, ବରିମୁଣ୍ଡ ଗ୍ରାମପଞ୍ଚାୟତର ଟାଙ୍ଗୀବନ୍ତ ଗ୍ରାମର ବୟୋଜ୍ୟେଷ୍ଠ ମୁରବି ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ, ପୂର୍ବତନ ସମିତିସଭ୍ୟ ପବିତ୍ର ସ୍ୱାଇଁ(୭୦)ଙ୍କ ରବିବାର ପରଲୋକ ଘଟିଛି। ସେ କିଛିଦିନ ହେବ ଅସୁସ୍ଥ ଥିବାରୁ ଘରେ ରହି ଚିକିତ୍ସିତ ହେଉଥିଲେ। ଅପରାହ୍ନରେ ଶୋଇବା ଘରେ ବିଶ୍ରାମ ନେବାକୁ ଯାଇ ହୃଦ୍‌ଘାତରେ ଦେହାନ୍ତ ହୋଇଥିବା ପରିବାର ଲୋକେ କହିଛନ୍ତି। ଖବର ପାଇ ବିଧାୟକ ସୁଶାନ୍ତ କୁମାର ରାଉତ, ପ୍ରତାପ ଚନ୍ଦ୍ର ରାଉତ, ସୁବାସ ଚନ୍ଦ୍ର ପାତ୍ର, ସନ୍ତୋଷ ନାଥ ପ୍ରମୁଖ ବହୁ ବିଜେଡି ନେତା ଓ ମୁରବିମାନେ ଶୋକବ୍ୟକ୍ତ କରିବା ସହ ପରିବାରବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ କରିଛନ୍ତି। ପବିତ୍ରଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠପୁତ୍ର ବିଭୂତି ମୁଖାଗ୍ନି ଦେଇଛନ୍ତି।

### ମହାନ୍ ଶହୀଦ ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ଜୟନ୍ତୀ

ବାରଙ୍ଗ, ୧୫।୨ (ଲିଙ୍ଗରାଜ ରାଉତ)

ଖୋର୍ଦ୍ଧା ଜିଲାର ମହାନ୍ ଶହୀଦ ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ୨୫୮ତମ ଜନ୍ମବାର୍ଷିକୀ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଜନ୍ମମାଟି ଦାରୁଠେଙ୍ଗ ବାସଭବନରେ ଅଣନାତି ପ୍ରଫୁଲ୍ଲ ବାହୁବଳେନ୍ଦ୍ର ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ପୂଜା କରିଥିଲେ। ଏଥିସହ ଚନ୍ଦକା ଛକରେ ଥିବା ପ୍ରତିମୂର୍ତ୍ତିରେ ପିଣ୍ଡିକି ସ୍ମୃତିକମିଟି ଆନୁକୂଲ୍ୟରେ ପୂଜାର୍ଚ୍ଚନା କରାଯାଇଥିଲା। ସଭାପତି କବିରାଜ ବିଧାର, ଉପସଭାପତି ଅମରେନ୍ଦ୍ର ମହାପାତ୍ର, ପଣନାତି ମାନସ ବାହୁବଳେନ୍ଦ୍ର, ବାଲୁଙ୍କେଶ୍ୱର ଉନ୍ନୟନ କମିଟି ସମ୍ପାଦକ ତପନ ବଳିୟାରସିଂହ, ଶ୍ରୀପତି ବଡ଼ଜେନା, ସୌମ୍ୟରଞ୍ଜନ ଜେନା, ଶଶିଭୂଷଣ ହରିଚନ୍ଦନ ଓ ବୁଲୁ ବାହୁବଳେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ମହାନ୍ ଶହୀଦ ପ୍ରଥମ ସ୍ୱାଧୀନତା ସଂଗ୍ରାମର ବକ୍ସି ଜଗବନ୍ଧୁଙ୍କ ମୁଖ୍ୟ ସହଯୋଗୀ ଥିଲେ। ଖୋର୍ଦ୍ଧାରୁ କର ନେଇ ଯାଉଥିବା ଇଂରେଜମାନଙ୍କଠାରୁ ଖଜଣା ଛଡ଼େଇ ନେଇ ଗରିବ ଲୋକଙ୍କୁ ବାଣ୍ଟି ଦେଉଥିଲେ।

# ସରକାରୀ ପାଣ୍ଠିର ଅନିୟମିତତା ଅଭିଯୋଗ

## ତଦନ୍ତ ଦାବି କଲେ ପୂର୍ବତନ ବିଧାୟକ

ସାଲେପୁର, ୧୫।୨ (ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ୍‌ରେ ସରକାରୀ ପାଣ୍ଠିର ଅନିୟମିତତା ନେଇ ଅଭିଯୋଗ ହୋଇଛି। ଏନେଇ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାର ତଦନ୍ତ କରିବା ସହ ଏ ବିଷୟରେ ସମ୍ପୂର୍ଣ୍ଣ ସୂଚନା ଦେବାକୁ ପୂର୍ବତନ ବିଧାୟକ ପ୍ରକାଶ ବେହେରା ସାଲେପୁର ବିଡିଓଙ୍କୁ ଚିଠି କରିଛନ୍ତି। ଉକ୍ତ ଚିଠି ଅନୁଯାୟୀ, ୨୦୧୭-୧୮ରୁ ଏପର୍ଯ୍ୟନ୍ତ ବ୍ଲକରେ ସରକାରୀ ପାଣ୍ଠିର ଅପବ୍ୟବହାର ହୋଇଛି। ପ୍ରକଳ୍ପ ଲାଗି ଜମା ହୋଇଥିବା ସୁରକ୍ଷା ଅର୍ଥ କେଉଁ ଆକାଉଣ୍ଟରେ କେତେ ଜମା କରାଯାଇଛି ଏହାର ହିସାବ ବେହେରା ମାଗିଛନ୍ତି। ଏହାକୁ କେଉଁ ଅଧିକାରୀ ଅଟକାଇଛନ୍ତି ତାହା ମଧ୍ୟ ସାର୍ବଜନୀନ କରାଯାଉ। ଏହାର ସୁଧ ଅର୍ଥରେ କେଉଁ ଉନ୍ନୟନ କାର୍ଯ୍ୟ କରାଯାଇଛି ତାହାର ମଧ୍ୟ ବିବରଣୀ ପ୍ରଦାନ କରାଯାଉ। ଉକ୍ତ ବିଷୟକୁ ଗୁରୁତ୍ୱର ସହ ନେଇ କାର୍ଯ୍ୟାନୁଷ୍ଠାନ ନିଆଯାଉ ଏବଂ ୧ ମାସ ମଧ୍ୟରେ ଏହାର ସୂଚନା ଦେବାକୁ ଦାବି କରାଯାଇଛି। ଏନେଇ ବେହେରା ସାଲେପୁର ବିଡିଓ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲା ବିଚାରପତି, ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କ ପାଖକୁ ମଧ୍ୟ ଚିଠି କରିଛନ୍ତି। ଏହାର ନକଲ କ୍ୟାବିନେଟ ମନ୍ତ୍ରୀ ଏବଂ ରାଜ୍ୟ ଡିଡବ୍ଲ୍ୟୁ ବିଭାଗ ସଚିବଙ୍କୁ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ସାଲେପୁର ବିଡିଓ ଲୋପାମୁଦ୍ରା ନାୟକଙ୍କୁ ପଚାରିବାରେ, ସେ ଏବେ ନୂଆକରି ଦାୟିତ୍ୱ ନେଇଛନ୍ତି। ପୂର୍ବରୁ କ'ଣ ହୋଇଛି ସେ ବିଷୟରେ ସେ ଜାଣିନାହାନ୍ତି। ଏ ସମ୍ପର୍କରେ ଅନୁଧ୍ୟାନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ବାବା ସିଦ୍ଧେଶ୍ୱର ଦେବଙ୍କ କଳସଯାତ୍ରା


ବାବା ସିଦ୍ଧେଶ୍ୱର ଦେବଙ୍କୁ ପୂଜା କରାଯାଉଛି।

ବାଙ୍କୀ, ୧୫।୨ (ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ଡମପଡ଼ା ବ୍ଲକ ଶିମିଳିପୁର ପ୍ରସିଦ୍ଧ ଶୈବପୀଠ ବାବା ସିଦ୍ଧେଶ୍ୱର ଦେବଙ୍କ କଳସ ଯାତ୍ରା ଓ ଯଜ୍ଞ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାତଃରୁ ଭକ୍ତମାନେ ମହାନଦୀ କୂଳରେ ପୂଜାର୍ଚ୍ଚନା ସହ କଳସ ଧରି ଗାଁ ପରିକ୍ରମା କରିଥିଲେ। ଏହି ସମୟରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସମସ୍ତ ଶ୍ରଦ୍ଧାଳୁ ଭକ୍ତଙ୍କ ପାଇଁ ଜଳଛତ୍ରର ବ୍ୟବସ୍ଥା କରାଯାଇଥିଲା। କଳସଧାରୀମାନେ ମନ୍ଦିରରେ ପହଞ୍ଚିବା ପରେ ପଣ୍ଡିତ ବ୍ରାହ୍ମଣମାନେ କଳସ ସ୍ଥାପନ କରିବା ସହିତ ବାବା ସିଦ୍ଧେଶ୍ୱରଙ୍କଠାରେ ଜଳଲାଗି କରିଥିଲେ। ପରେ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମକୁ ସରପଞ୍ଚ ସୁକାନ୍ତ କୁମାର ବେହେରା, ସରୋଜ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ନାୟକ, ଯୋଗେଶ୍ ଚନ୍ଦ୍ର ନାୟକ, ଶୁଭକାନ୍ତ ସାହୁ, ଅଭୟ କୁମାର ସ୍ୱାଇଁ, ଯଶୋବନ୍ତ ରାଉତ, ସୁଶାନ୍ତ କୁମାର ନାୟକ, ଶେଷଦେବ ନାୟକ, ଶରତ ଚନ୍ଦ୍ର ନାୟକ, ସତ୍ୟବାଦୀ ନାୟକ, ଗୋବିନ୍ଦ ଲେଙ୍କା, ଶ୍ରୀନିବାସ ବାରିକ, ପୀତବାସ ବେହେରା, ରମେଶ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ଟ୍ରିମ୍‌ସ ଅଧ୍ୟକ୍ଷଙ୍କ ଜନ୍ମଦିନ ପାଳିଲେ ବରିଷ୍ଠ ନାଗରିକ


ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ଜନ୍ମଦିନରେ ଯୋଗଦେଇଥିବା ବରିଷ୍ଠ ନାଗରିକମାନେ।

କଟକ, ୧୫।୨ (କାର୍ତ୍ତିକ ସାହୁ)

ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ଜନ୍ମଦିନ ଉପଲକ୍ଷେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଗୋପାଳପୁରସ୍ଥିତ 'ପ୍ରମୋଦ ଲ୍ୟାଣ୍ଡ୍ ଏଣ୍ଡ୍' ଠାରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ବରିଷ୍ଠ ନାଗରିକ ସଂଘ ଓ ଟାଙ୍ଗୀ ବିଦ୍ୟାପୀଠ 'କ୍ଲବ ଟିଭି-୭୪'ର ସଦସ୍ୟା, ସଦସ୍ୟମାନେ ଯୋଗଦେଇଥିଲେ। ଗ୍ରାମାଞ୍ଚଳର ଗରିବ ଜନସାଧାରଣଙ୍କ ପାଇଁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଲକ୍ଷ୍ୟରେ ପତ୍ନୀଙ୍କ ନାମରେ ୬୫୦ ଶଯ୍ୟା ବିଶିଷ୍ଟ 'ପଦ୍ମିନୀ କେୟାର' ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ସ୍ଥାପନ ସହ ଉଚ୍ଚ ଶିକ୍ଷା ଓ ଶିଳ୍ପାୟନ କ୍ଷେତ୍ରରେ ଡ. ରଥଙ୍କ ଦୂରଦୃଷ୍ଟି ଓ ଉଲ୍ଲେଖନୀୟ ଅବଦାନ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ଉପସ୍ଥିତ ବନ୍ଧୁ ଓ ବରିଷ୍ଠ ନାଗରିକମାନେ ମତବ୍ୟକ୍ତ କରିଥିଲେ। ସଭିଏଁ ଡ. ରଥଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜଣାଇବା ସହ 'କେକ୍' କାଟି ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଗୋପାଳପୁର ବେଳାଭୂମିରେ ବନ୍ଧୁମାନଙ୍କ ଗହଣରେ କିଛି ମୂହୂର୍ତ୍ତ ବିତାଇବା ସହ ସମସ୍ତେ ବିଗତ ଜୀବନର ତିକ୍ତମଧୁର ଅନୁଭୂତି ବଖାଣି ଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ଡ. ରଥ ତାଙ୍କର ଜୀବନବ୍ୟାପୀ ସାଧନା ପଥରେ ଯେଉଁମାନଙ୍କ ସହଯୋଗ ଓ ଭଲପାଇବା ତାଙ୍କୁ ଆଜି ଏତେ ବାଟ ନେଇ ଆସିଛି ସେମାନଙ୍କୁ ଆଜି ପାଖରେ ପାଇଁ ସେ ଖୁବ୍ ଆନନ୍ଦିତ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ଦୁର୍ଗାଙ୍କ ଆଶୀର୍ବାଦରୁ ଏହି ବନ୍ଧନ ସାରା ଜୀବନ ଅତୁଟ ରହିଆଉ ବୋଲି କହିଥିଲେ। ଏହି ଅବସରରେ ବନ୍ଧୁମାନେ ମା' ତାରାତାରିଣୀଙ୍କ ପୀଠ ପରିଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ଶିଳ୍ପଦ୍ୟୋଗୀ ପଦ୍ମ ଚରଣ ପାତ୍ର, ସତ୍ୟଭାମା ପାତ୍ର, ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ସସ୍ମିତା ଷଡ଼ଙ୍ଗୀ, ଶାନ୍ତନୁ କୁମାର ଶତପଥୀ, ବିଷ୍ଣୁପ୍ରିୟା ଶତପଥୀ, ତତ୍ତ୍ୱ ପ୍ରକାଶ ରଥ, ଚିନ୍ମୟୀ ରଥ, ଅଭୟ ପଞ୍ଜର ସାହୁ, ଅକ୍ଷୟ କୁମାର ସ୍ୱାଇଁ, ନରସିଂହ ପାଣିଗ୍ରାହୀ, ଶ୍ୟାମବାବୁ ଦୋରା, କଳ୍ପନା ଦାସ, ସନ୍ତୋଷ କୁମାର ପଣ୍ଡା, ରୀତା ଚୈତନ୍ୟ, ବ୍ରହ୍ମୋତ୍ରୀ ଦାଶ, ଦୈତାରୀ ସାହୁ, ଆର୍ତ୍ତତ୍ରାଣ ଦଳାଇ, ଜଗବନ୍ଧୁ ସାହୁ, ଲିଙ୍ଗରାଜ ସାହୁ, ରମେଶ ବେହେରା, ରବୀନ୍ଦ୍ରନାଥ ଲେଙ୍କା, ଚନ୍ଦ୍ରଶେଖର ଷଡ଼ଙ୍ଗୀ, ଅନ୍ତର୍ଯ୍ୟାମୀ ନାୟକ, ସଂଜୟ ସ୍ୱାଇଁ, ଅଭୟ କୁମାର ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ।

## ବାଇକ୍ ଲୁଟେରା ଗିରଫ, ୪ ବାଇକ୍ ଜବତ

କଟକ, ୧୫।୨ (କାର୍ତ୍ତିକ ସାହୁ)

ମଙ୍ଗଳାବାଗ ଥାନା ପୋଲିସ ଜଣେ ଅଭ୍ୟାସଗତ ଲୁଟେରାଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ସେଲଟର ଛକ ଜଗନ୍ନାଥ ସାହିର ଆବିଦ ଖାନ (୩୬)। ଏଥିସହ ୪ଟି ଲୁଟ୍ ବାଇକ, ୧ ମୋବାଇଲ ଓ ୨ଟି ବାଇକ ମାଷ୍ଟର କି' ପୋଲିସ ଜବତ କରିଛି। ଏନେଇ ମଙ୍ଗଳାବାଗ ଥାନାରେ ଏକ ମାମଲା (ନଂ. ୫୨/୨୦୨୬) ରୁଜୁ ହୋଇଛି। ଏସ୍‌ସିବି ମେଡିକାଲ କ୍ୟାମ୍ପସ ପରିସରରୁ ଗତ ୧୪ ତାରିଖରେ ଏକ ବାଇକ୍ ଚୋରି ହୋଇଥିବା ନେଇ ଜଣେ ମେଡିକାଲ କର୍ମଚାରୀ ମଙ୍ଗଳାବାଗ ଥାନାରେ ଏତଲା ଦେଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରିକ୍ତାଙ୍କୁ ଗିରଫ କରିଛି।

## ଡିଜିଟାଲ ସହ ଆଧ୍ୟାତ୍ମିକ ମାର୍ଗରେ ପରିଚାଳିତ ହୁଅନ୍ତୁ ଛାତ୍ରୀଛାତ୍ର

### ତାଳବସ୍ତ ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ ଉତ୍ସବ

ତାଳବସ୍ତ, ୧୫।୨ (ସୁବ୍ରତ କୁମାର ନାୟକ)

ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ଅଞ୍ଚଳର ବେସରକାରୀ ଶିକ୍ଷା ଅନୁଷ୍ଠାନ ସରସ୍ୱତୀ ଶିଶୁମନ୍ଦିରର ୧୩ତମ ବାର୍ଷିକ ଉତ୍ସବ ଅରପୁରସ୍ଥ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବାଙ୍କୀ ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିସହ ପିଲାମାନଙ୍କୁ ଡିଜିଟାଲ ସହିତ ଆଧ୍ୟାତ୍ମିକ ମାର୍ଗରେ ପରିଚାଳିତ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତାଭାବେ ଓଡ଼ିଆ ଅଧ୍ୟାପକ ନିରଞ୍ଜନ ଉପାଧ୍ୟାୟ, ସମ୍ମାନିତ ଅତିଥିଭାବେ ତାଳବସ୍ତର ପୂର୍ବତନ ସରପଞ୍ଚ ଦୀନବନ୍ଧୁ ସାହୁ, ବିଦ୍ୟାଳୟ ସଭାପତି ପ୍ରତିମା ସାହୁ, ଶ୍ରୀରାମ କମିଟି ସଭାପତି ବିଶ୍ୱରଞ୍ଜନ ସ୍ୱାଇଁ ଯୋଗଦେଇ ପିଲାମାନଙ୍କୁ ସୁନାଗରିକ ହେବା ସହ ଉଭୟ ପାଠ ଓ ଶାଠରେ ଏକ ନମ୍ବର ହେବାକୁ ଉପଦେଶ ଦେଇଥିଲେ। ଆୟୋଜିତ ସାଧାରଣ ସଭାରେ ବିଦ୍ୟାଳୟ ପ୍ରତିଷ୍ଠାତା ପ୍ରଦୀପ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟା ମିନତି ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରୀଛାତ୍ରମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିବା ସହ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବିଦ୍ୟାଳୟର ସମସ୍ତ ଅଭିଭାବକ ଏବଂ ଗୁରୁମା' ଗୁରୁଜୀମାନେ ଉପସ୍ଥିତ ରହି ବାର୍ଷିକ ଉତ୍ସବକୁ ସରସ ସୁନ୍ଦର କରିବାରେ ସହଯୋଗ କରିଥିଲେ।

# ବନପାଳ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ

ବାରଙ୍ଗ, ୧୫।୨ (ଲିଙ୍ଗରାଜ ରାଉତ)

ପ୍ରାଣୀଉଦ୍ୟାନ ନନ୍ଦନକାନନର ପ୍ରଶାସନିକ କାର୍ଯ୍ୟାଳୟର ବନପାଳଙ୍କ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଏସି, ଫ୍ୟାନ୍ ସହ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ିଯାଇଛି। ସୌଭାଗ୍ୟବଶତଃ ପାଖରେ ଥିବା ୨ ଅଧିକାରୀଙ୍କ କାର୍ଯ୍ୟାଳୟ ନିଆଁ କବଳରୁ ବର୍ତ୍ତିଯାଇଛି। ନିଆ ଲାଗିବାର ପ୍ରକୃତ କାରଣ ଜଣାପଡ଼ି ନ ଥିବା ବେଳେ ବିଦ୍ୟୁତ୍ ଶର୍ଟ୍‌ସର୍କିଟ୍‌ରୁ ନିଆଁ ଲାଗି ଯାଇଥିବା ଅନୁମାନ କରାଯାଉଛି। ଏହାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଛି ବୋଲି ପ୍ରାଣୀ ବିଭାଗ ଏସିଏଫ୍ ରୁଦ୍ରପ୍ରସାଦ ରଥ ସୂଚନା ଦେଇଛନ୍ତି। ରବିବାର ସକାଳେ ସଫେଇ କର୍ମଚାରୀମାନେ ସଫାକରିବା ପାଇଁ ଉକ୍ତ କାର୍ଯ୍ୟାଳୟ ଖୋଲିଥିଲେ। ପରେ ବନପାଳଙ୍କ କାର୍ଯ୍ୟାଳୟରେ ନିଆଁ ଲାଗି ଲିଭିଯାଇଥିବା ସେମାନେ ଜାଣିବାକୁ ପାଇଥିଲେ। ଦିନରାତି ଶିଳ୍ପ ସୁରକ୍ଷା ବାହିନୀ, ଅବସରପ୍ରାପ୍ତ ସେନା କର୍ମଚାରୀ ଓ ସିକ୍ୟୁରିଟି କର୍ମଚାରୀମାନଙ୍କ ନଜରରେ ନନ୍ଦନକାନନ ରହିଅଛି। ଏହା ସତ୍ତ୍ୱେ ଏହି ୩ଟି ବିଭାଗର କର୍ମଚାରୀ ନିଆଁ ଲାଗିବା କିଭଳି ଜାଣିପାରିଲେ ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବିଜ୍ଞାନ ପ୍ରଦର୍ଶନୀ ମେଳା: ୨୫ ପ୍ରକଳ୍ପ ପ୍ରଦର୍ଶିତ

ବାଙ୍କୀ, ୧୫।୨ (ଶୁଭେନ୍ଦୁ ମହାପାତ୍ର)


ଛାତ୍ରୀଛାତ୍ରମାନେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

ବାଙ୍କୀ ଡମପଡ଼ା ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ଶିମିଳିପୁର ସ୍ଥିତ ବିବେକାନନ୍ଦ ସ୍କୁଲ୍ ଅଫ୍ ଏଜୁକେଶନରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ଭଳି ବିଦ୍ୟାଳୟ ସମ୍ପାଦକ ସତ୍ୟବ୍ରତ ମହାପାତ୍ର ଛାତ୍ରୀଛାତ୍ରମାନଙ୍କ ଶିକ୍ଷାକୁ ଯେତିକି ଗୁରୁତ୍ୱ ଦେଇଥାନ୍ତି ସେମାନଙ୍କ ମାନସିକ ଓ ଭୌତିକ ବିକାଶ ବୃଦ୍ଧି ପାଇଁ କ୍ରୀଡ଼ା ଓ ବିଜ୍ଞାନ ମେଳାକୁ ମଧ୍ୟ ସେତିକି ଗୁରୁତ୍ୱ ଦେଇଥାନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ପ୍ରଭାତ କୁମାର ନାୟକ, ବିଚାରପତି ଭାବେ ଶିକ୍ଷକ ନାରାୟଣ ବାରିକ, ପ୍ରଶାନ୍ତ କୁମାର ନାୟକ ଓ ସନ୍ତୋଷ କୁମାର ପ୍ରଧାନ ଯୋଗଦେଇ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ପାଠ୍ୟକ୍ରମ ଓ ପ୍ରକଳ୍ପ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ପ୍ରାୟ ୨୫ଟି ପ୍ରକଳ୍ପ ଛାତ୍ରୀଛାତ୍ର ଉପସ୍ଥାପନା କରିଥିଲେ। ଏଥିରେ ଶ୍ରୀୟା ସଂଲଗ୍ନା ପ୍ରଥମ, ଲକ୍ଷ୍ମୀପ୍ରିୟା ମନ୍ତ୍ରୀ ଦ୍ୱିତୀୟ ଓ ଯୁଗ୍ମ ଭାବେ ଆଶିଷ ମନ୍ତ୍ରୀ, ଆଦିତ୍ୟ ନନ୍ଦ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜ୍ଞାନ ପ୍ରତି ଛାତ୍ରୀଛାତ୍ରମାନଙ୍କର କିପରି ଆଗ୍ରହ ବୃଦ୍ଧି ପାଇବ ସେ ବିଷୟରେ ଅବଗତ କରାଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ସସ୍ମିତା ସାହୁ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁମା' ଏହିକାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସରସ୍ୱତୀ ଶିଶୁମନ୍ଦିରରେ ମାତୃ ସମ୍ମିଳନୀ


ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିମାନେ।

କଣ୍ଟାପଡ଼ା, ୧୫।୨ (ସୁରନାରାୟଣ ସାହୁ)

କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଉତ୍ତାରଣସ୍ଥିତ ବାବଜା ଗ୍ରାମରେ ଥିବା ସରସ୍ୱତୀ ଶିଶୁମନ୍ଦିରରେ ମାତୃ ସମ୍ମିଳନୀ ଓ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଶିଶୁମାନଙ୍କ ମା'ମାନେ ଯୋଗଦାନ କରି ସଂସ୍କୃତି ଓ ପରମ୍ପରାର ରକ୍ଷା କରି ସୁନ୍ଦର ସମାଜ ନିର୍ମାଣ ପାଇଁ ଦିଗଦର୍ଶନ ଦେଇଥିଲେ। ବାର୍ଷିକ ଉତ୍ସବ ରାଧା ଗୋବିନ୍ଦ ମଠ ମହନ୍ତ ରତ୍ନାକର ଦାସ ଓ କଣ୍ଟାପଡ଼ା ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ୍ତ ମୋହନ କନୁନଗୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂସ୍କୃତି ଯୁକ୍ତ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ବେହେରା ପରିବର୍ତ୍ତିତ ସମାଜରେ 'ମା'ଙ୍କ କର୍ତ୍ତବ୍ୟ ଓ ଚିନ୍ତନ ଉପରେ ଆଲୋକପାତ କରିଥିଲେ। ଗୁରୁମା କ୍ଷୀରୋଦିନି ଜେନା ଧନ୍ୟବାଦ ପ୍ରଦାନ କରିଥିଲେ। ଗୁରୁମା ଗୋଲାପ ମୁଦୁଲି, ଶ୍ରଦ୍ଧାଞ୍ଜଳି ବରାଳ, ଜ୍ୟୋତିର୍ମୟୀ ପାଣି, ରାଜଶ୍ରୀ ପରିଜା ଓ ମମତା ବାରିକଙ୍କ ପ୍ରଚେଷ୍ଟାରେ ଶିଶୁମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଇଂ. ପ୍ରଭାତ କୁମାର ପ୍ରଧାନଙ୍କୁ ଯୁବଜ୍ୟୋତି ସମ୍ମାନ


ଇଂ. ପ୍ରଭାତ କୁମାର ପ୍ରଧାନଙ୍କୁ ଯୁବଜ୍ୟୋତି ସମ୍ମାନରେ ସମ୍ମାନିତ କରାଯାଉଛି।

ବାଙ୍କୀ, ୧୫।୨ (ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ବିଜ୍ଞାପିତ କ୍ଷେତ୍ର ପରିଷଦ ଅନ୍ତର୍ଗତ ଅଗ୍ରଣୀ ଯୁବ ଅନୁଷ୍ଠାନ ଆଦର୍ଶ ଯୁବ ପରିଷଦ ମୁଖ୍ୟ ଅକ୍ଷୟ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପାରିବାରିକ ହିଂସା ଓ ଯୁବପିଢ଼ିମାନଙ୍କର ଦାୟିତ୍ୱ ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଥିବା ବିଶିଷ୍ଟ ବୁଣାକାର ଶରତ କୁମାର ପାତ୍ର ଉପସ୍ଥିତ ରହିଥିବା ବେଳେ ମୁଖ୍ୟବକ୍ତା ଭାବେ କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି, ସମ୍ମାନିତ ଅତିଥିଭାବେ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, କୁମର ପ୍ରଧାନ, ଲଲାଟେନ୍ଦୁ ପଣ୍ଡା, ଶଶିଭୂଷଣ ତ୍ରିପାଠୀ, ଶ୍ରୀରାମ କମିଟିର ସଭାପତି ବିଶ୍ୱରଞ୍ଜନ ସ୍ୱାଇଁ, ଶ୍ରୀନିବାସ ବେହେରା, ସାମାଜିକ କର୍ମୀ ଅଜୟ କୁମାର ସ୍ୱାଇଁ, କିଶୋର ନୀଳମାଧବ ମିଶ୍ର, ଜଗମୋହନ ରାଉତ ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ। ରାଣୀ ଶୁକଦେଇ ମହିଳା ସଂଘର ଯୁବ ସଦସ୍ୟା ସବିତା ମଲ୍ଲିକ, ପରିଷଦର ଯୁବ ସଂଗଠକ ବଳଭଦ୍ର ରଣା, ଯାଜ୍ଞସ୍ୱିନୀ ରଣା, ସୁଲଗ୍ନା ନନ୍ଦ, ଅର୍ପିତ୍ କୁମାର ସାମଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ ସମାଜ ସେବାକ୍ଷେତ୍ରରେ ନିଜର ଉଲ୍ଲେଖନୀୟ ଅବଦାନ ରଖିବା ସହିତ ଅସହାୟ, ଗରିବ ପରିବାରକୁ ସହଯୋଗର ହାତ ବଢ଼ାଉଥିବାରୁ ପରିଷଦ ତରଫରୁ ଯୁବ ସଂଗଠକ ଇଂ. ପ୍ରଭାତ କୁମାର ପ୍ରଧାନଙ୍କୁ ଯୁବଜ୍ୟୋତି ସମ୍ମାନରେ ଶରତ କୁମାର ପାତ୍ର ସମ୍ମାନିତ କରିଥିଲେ। ବରିଷ୍ଠ ଉପଦେଷ୍ଟା ପ୍ରସନ୍ନ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାଗର ଜାଳିଲେ ମାନସିକଧାରୀ

ଟିଗିରିଆ, ୧୫।୨ (ଜାଫର ଖାଁ)


ବାଙ୍କୀର ସୁବର୍ଣ୍ଣପୁର ଗ୍ରାମରେ ସୁବର୍ଣ୍ଣେଶ୍ୱର ଦେବଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

ଟିଗିରିଆ ବ୍ଲକର ବିଭିନ୍ନ ଶୈବପୀଠରେ ରବିବାର ଜାଗର ପର୍ବ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ଜାଗର ଯାତ୍ରା ପାଇଁ ବିଭିନ୍ନ ଶୈବପୀଠରେ ଭକ୍ତମାନଙ୍କର ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥିଲା। ବିଶେଷ ଭାବେ ଗଦାଧରପୁର ପଞ୍ଚାୟତର ମାନପୁର ଗ୍ରାମରେ ବିଜେ କପିଳେଶ୍ୱର ମହାଦେବ, ବଡ଼ନାଉପୁଟସ୍ଥିତ ସ୍ୱପ୍ନେଶ୍ୱର ମହାଦେବ, ବାଲିପୁଟସ୍ଥିତ ବାଣେଶ୍ୱର ମହାଦେବ, ନିଜିଗଡ଼ସ୍ଥିତ ଶଙ୍କରେଶ୍ୱର ମହାଦେବ, ଅଚଳକୋଟସ୍ଥିତ ମଲ୍ଲିକାନାଥ ଦେବ, ପାଞ୍ଚଗାଁସ୍ଥିତ ପଞ୍ଚାନନେଶ୍ୱର ଦେବ, ନୂଆପାଟଣାସ୍ଥିତ ରାମେଶ୍ୱର ମହାଦେବଙ୍କ ପୀଠ ସହ ବ୍ଲକର ଅନ୍ୟାନ୍ୟ ପଞ୍ଚାୟତରେ ଥିବା ଶୈବପୀଠରେ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହି ଜାଗର ଯାତ୍ରା ପାଇଁ ସମସ୍ତ ମନ୍ଦିରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ମଧ୍ୟରାତିରେ ମହାଦୀପ ଉଠିବାର ବ୍ୟବସ୍ଥା କରାଯାଇଥିଲା। ଏହି ଜାଗର ଉତ୍ସବ ଅବସରରେ ବାଲିପୁଟ ଓ ବିନ୍ଧାଣିମା ପଞ୍ଚାୟତର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଶ୍ରୀ ବାଣେଶ୍ୱର ମହାଦେବଙ୍କ ପୀଠରେ ସକାଳେ ମାଘସ୍ନାନ ପରେ ବାଳଭୋଗ, ଶଙ୍ଖୁଡ଼ି ଭୋଗ ନୀତି ଅନୁଷ୍ଠିତ ହୋଇଥିଲା। ଦ୍ୱି-ପ୍ରହରରେ ପ୍ରହର ଧୂପ ସହ ରାତିରେ ଚାରିପହରିଆ ଭୋଗ ନୀତି ଅନୁଷ୍ଠିତ ହୋଇଥିଲା। ଜାଗର ଅବସରରେ ପ୍ରଭୁ ଶ୍ରୀ ବାଣେଶ୍ୱର ଦେବଙ୍କ ବଡ଼ସିଂହାର ବେଶ ଅନୁଷ୍ଠିତ ହୋଇଥିବା ମନ୍ଦିର ମୁଖ୍ୟ ପୂଜକ ପ୍ରଭାକର ରଣା ସୂଚନା ଦେଇଛନ୍ତି। ମନ୍ଦିର ପରିସରରେ ଯାତ୍ରା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବ୍ଲକରେ ଜାଗର ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ପାଇଁ ପ୍ରମୁଖ ଶୈବପୀଠରେ ପୋଲିସ ମୁତୟନ କରାଯାଇଥିବା ଟିଗିରିଆ ଥାନା ପକ୍ଷରୁ ସୂଚନା ମିଳିଛି।

**ସାଲେପୁର, (ଅରବିନ୍ଦ ଭୂୟାଁ)**

ସାଲେପୁର ଅଞ୍ଚଳର ବିଭିନ୍ନ ଶୈବପୀଠରେ ରବିବାର ମହାଆଡ଼ମ୍ବରରେ ଜାଗରଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଶିବରାତ୍ରି ଉପଲକ୍ଷେ ଭୋରୁ ଚଳଚଞ୍ଚଳ ହୋଇଉଠିଥିଲା ଅଞ୍ଚଳର ଚାଟେଶ୍ୱର ମନ୍ଦିର, ଖରାଖିଆ ଶୈବପୀଠ, କଳାଗିନି ଶୈବପୀଠ, ବିଶେଶ୍ୱର ମନ୍ଦିର, ଗଙ୍ଗେଶ୍ୱର ମନ୍ଦିର, ଭୂତନାଥ ମନ୍ଦିର, ବାବା ଚନ୍ଦ୍ରଶେଖର ମନ୍ଦିର, ସର୍ବେଶ୍ୱର ମନ୍ଦିର, ଧବଳେଶ୍ୱର ମନ୍ଦିର, ବଟେଶ୍ୱର ମନ୍ଦିର ସମେତ ଅଞ୍ଚଳର ସମସ୍ତ ଶୈବପୀଠ। ଏଥିସହ ପୀଠରେ ଶ୍ରଦ୍ଧାଳୁମାନଙ୍କର ଭିଡ଼ ଦେଖାଯାଇଥିଲା। ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି ଉପଲକ୍ଷେ ରୀତିନୀତି ଅନୁଯାୟୀ ପୂଜାପାଠ ଅନୁଷ୍ଠିତ ହୋଇଯାଇଛି। ଦିନତମାମ ଭକ୍ତଙ୍କ ଭିଡ଼ ଲାଗିରହିଥିବା ବେଳେ ସନ୍ଧ୍ୟାରେ ମନ୍ଦିର ପରିସରରେ ଦୀପ ଜାଳି ବସି ରହିଥିଲେ। ଭକ୍ତମାନେ ମହାଦୀପ ଉଠିବାକୁ ଅପେକ୍ଷା କରି ରହିଥିଲେ।

**ବାଙ୍କୀ, (ଶୁଭେନ୍ଦୁ ମହାପାତ୍ର)**

ବାଙ୍କୀ ଓ ଡମପଡ଼ା ବ୍ଲକର ବିଭିନ୍ନ ଶୈବପୀଠରେ ରବିବାର ଜାଗର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସୁବର୍ଣ୍ଣପୁର ଗ୍ରାମରେ ଅବସ୍ଥିତ ପାତାଳଫୁଟା ଶ୍ରୀ ଶ୍ରୀ ସୁବର୍ଣ୍ଣେଶ୍ୱରଙ୍କ ପୀଠରେ ଜାଗର ମହୋତ୍ସବ ପାଳନ ହୋଇଛି। ଏହି ଅବସରରେ ପ୍ରାତଃ ସମୟରେ ମାନସିକଧାରୀମାନେ ଉପବାସ ରହି ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟା ସମୟରେ ଶ୍ରଦ୍ଧାଳୁମାନେ ମହାଦେବଙ୍କ ପୀଠରେ ଦୀପ ଜାଳିଥିଲେ। ତତ୍‌ପରେ ପୂର୍ବ ନିର୍ଦ୍ଧାରିତ ରୀତିନୀତି ଅନୁସାରେ ସୁବର୍ଣ୍ଣେଶ୍ୱର ଦେବ ସରଣ୍ଡାଗଡ଼ର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ତୃତୀୟାଦେବ ଜୀଉଙ୍କୁ ଯାତ୍ରାରେ ସାମିଲ ନିମନ୍ତେ ନିମନ୍ତ୍ରଣ କରାଯାଇଥିଲା। ଦୁଇ ଦିଅଁଙ୍କୁ ପୂଜକ ଓ ସେବାୟତମାନେ ବାଜା ବାଣ, ଘଣ୍ଟ ଘଣ୍ଟା, କାହାଳୀ ବଜାଇ ରୋଶଣି କରି ପାଛୋଟି ନେଇଥିଲେ। ପୀଠରେ ରୀତିନୀତି ଅନୁଯାୟୀ ଉଭୟ ଦିଅଁଙ୍କ ପୂଜା କରାଯାଇଥିଲା। ସୁବର୍ଣ୍ଣେଶ୍ୱର ଶ୍ରୀ ଶ୍ରୀ ତୃତୀୟାଦେବ ଜୀଉଙ୍କୁ ବିଦାୟପୂର୍ବକ ଶ୍ରୀମନ୍ଦିର ସମ୍ମୁଖରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଘଣ୍ଟ ଘଣ୍ଟା କାହାଳୀ ମୃଦଙ୍ଗ ଆଦି ପାରମ୍ପରିକ ବାଜା ବାଣ, ହରିବୋଲ ହୁଳହୁଳି ଶବ୍ଦରେ ପରିସର ପ୍ରକମ୍ପିତ ହୋଇଥିଲା। ରାତି ୧ଟାରେ ମହାଦୀପ ଉଠିଥିଲା। ଶ୍ରଦ୍ଧାଳୁମାନେ ମହାଦୀପ ଦର୍ଶନ କରି ବ୍ରତ ଭଙ୍ଗ କରିଥିଲେ।


ଟିଗିରିଆରେ ଶ୍ରଦ୍ଧାଳୁମାନେ ଜାଗର ଦୀପ ଜାଳୁଛନ୍ତି।

## ସଂକ୍ଷେପରେ

### ବୋଲଗଡ଼ ବ୍ଲକ କଂଗ୍ରେସ ସଭାପତି ହେଲେ ରମାକାନ୍ତ ପଟ୍ଟନାୟକ

ବୋଲଗଡ଼,୧୫।୨(ଦେବବ୍ରତ ହୋତା)



ବୋଲଗଡ଼ ବ୍ଲକ କଂଗ୍ରେସ ସଭାପତି ଭାବେ ରମାକାନ୍ତ ପଟ୍ଟନାୟକ ନିଯୁକ୍ତ ହୋଇଛନ୍ତି। ସେ ପୂର୍ବରୁ ଛାତ୍ର କଂଗ୍ରେସ ସଙ୍ଗଠକ ଏବଂ ପରେ ଯୁବ କଂଗ୍ରେସ ସଙ୍ଗଠନ ନିର୍ମାଣରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ବ୍ଲକ ଅଞ୍ଚଳର ପୁରୁଣା କର୍ମୀଙ୍କୁ ଏକଜୁଟ କରି ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦଳକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବେ ବୋଲି କହିଛନ୍ତି। ବ୍ଲକ ସଭାପତି ଭାବେ ନିଯୁକ୍ତ ହେବା ପରେ ସେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ଜିଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ, କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, କଂଗ୍ରେସ ନେତ୍ରୀ ଜୟଶ୍ରୀ ପଟ୍ଟନାୟକ, ଯୁବନେତା ସଦାଶିବ ମହାପାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ପ୍ରଜାପିତା ବ୍ରହ୍ମାକୁମାରୀ ପକ୍ଷରୁ ଶିବ ଜୟନ୍ତୀ ପାଳିତ

କଳାପଥର,୧୫।୨(ଗଙ୍ଗାଧର ସାହୁ)

କଳାପଥରସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ଆଶ୍ରମ ପକ୍ଷରୁ ୯୦ତମ ଶିବ ଜୟନ୍ତୀ ପାଳିତ ହୋଇଯାଇଛି। ଆଶ୍ରମର ଭଉଣୀ ଯାଜ୍ଞସିନୀଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଦିବ୍ୟଜ୍ୟୋତି ଇଣ୍ଟରନ୍ୟାଶନାଲ ଇଂଲିଶ ମିଡିୟମ ସ୍କୁଲର ସଭାପତି ମାନସ ରଞ୍ଜନ ମହାପାତ୍ର, ଭାଜପା ନେତା ନିକୁଞ୍ଜ କୁମାର ପଟ୍ଟନାୟକ, ସାମାଜିକ କର୍ମୀ ରାଜକିଶୋର ପାଣିଗ୍ରାହୀ, ବ୍ରଜବିହାରୀ ସୁବୁଦ୍ଧି, ଅବସରପ୍ରାପ୍ତ ଶିକ୍ଷକ ଧରମୁଧର ଜୁଝାରସିଂ, ଗଣେଶ୍ୱର ଦାସ ପ୍ରମୁଖ ଯୋଗଦେଇଥିଲେ। ସଙ୍ଗୀତା ଭଉଣୀ ଏବଂ ଆଶ୍ରମର ଭାଇ ଭଉଣୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### କୃଷ୍ଣପ୍ରସାଦରେ ଶିବ ଜୟନ୍ତୀ

କୃଷ୍ଣପ୍ରସାଦ,୧୫।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ଗଡ଼ଠାରେ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ୯୦ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ମାଲୁଦ ଉପସେବା କେନ୍ଦ୍ର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ରେବତୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କୃଷ୍ଣପ୍ରସାଦ ଥାନା ଆରକ୍ଷୀ ନିରୀକ୍ଷକ ବିଚିତ୍ରାନନ୍ଦ ପ୍ରଧାନ, ସମ୍ମାନିତ ଅତିଥିଭାବେ ପୂର୍ବତନ ସରପଞ୍ଚ ମିଟୁ ସିଂସାମନ୍ତ ଯୋଗଦେଇଥିଲେ। ଏହି ଅବସରରେ ଶିବଝଣ୍ଡା ଉତ୍ତୋଳନ କରାଯାଇଥିଲା। ପୁରୁଣା ସଂସ୍କାରକୁ ଈଶ୍ୱରଙ୍କ ନିକଟରେ ଅର୍ପଣ କରି ସ୍ୱ ପରିବର୍ତ୍ତନରେ ବିଶ୍ୱ ପରିବର୍ତ୍ତନ କରିବା ପାଇଁ ଶପଥ ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଏକ ନୂତନ ଶାଖା ଗୃହ ପ୍ରବେଶ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିକେ ପ୍ରସନ୍ନ, ବିକେ ଦିନେଶ, ବିକେ ପଦ୍ମ, ବିକେ ଶାନ୍ତି, ବିକେ ରାଜ କିଶୋର, ବିକେ ପ୍ରବୀଣ, ବିକେ ନାଲୁ ପ୍ରମୁଖ ସହଯୋଗ କରିଥିଲେ। ଏଥିସହିତ ନିକଟସ୍ଥ ବଡ଼ଅଁଳ, ଜାଗିରିକୁଦା, ଖୋଲାମୁହଁ ଆଦି ଗ୍ରାମରେ ଶିବଝଣ୍ଡା ଉତ୍ତୋଳନ କରାଯାଇଥିଲା। ସୂଚନାଥାଉ କି, ଦୀର୍ଘ ୧ ମାସ ଧରି ଏହି ଶିବ ଜୟନ୍ତୀ ଉତ୍ସବ ଉପ ସେବାକେନ୍ଦ୍ର ପକ୍ଷରୁ ବିଭିନ୍ନ ସ୍ଥାନରେ ଆୟୋଜନ କରାଯାଇଥିଲା।

# ୨୫ ସୁଦ୍ଧା ଜିଲାପାଳଙ୍କୁ ରିପୋର୍ଟ ଦାଖଲ ନିର୍ଦ୍ଦେଶ

**ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ବିଭ୍ରାଟ ପ୍ରସଙ୍ଗ**

**■ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱରେ ଅବହେଳା ଅଭିଯୋଗ**

ଖୋର୍ଦ୍ଧା,୧୫।୨(ପ୍ରଭାତ ପାଣିଗ୍ରାହୀ)

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଗତ ଜାନୁଆରୀ ୧୩ ସନ୍ଧ୍ୟାରୁ ୧୫ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ଅନ୍ନଭୋଗ ଏବଂ ଅନ୍ୟାନ୍ୟ ଦେବନୀତି ବନ୍ଦ ରହିଥିଲା। ଶ୍ରୀଲିଙ୍ଗରାଜ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ରୁଦ୍ର ନାରାୟଣ ମହାନ୍ତିଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱରେ ଅବହେଳା ଯୋଗୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତିରେ ବିଭ୍ରାଟ ସୃଷ୍ଟି ହୋଇଥିବା ଦର୍ଶାଇ ତାଙ୍କ ବିରୋଧରେ ଭୁବନେଶ୍ୱର ଜେଏମ୍ଏଫ୍‌ସିଙ୍କ କୋର୍ଟରେ ପୁରୁଣା ଭୁବନେଶ୍ୱର ଅଞ୍ଚଳର ଅମରେନ୍ଦ୍ର ଗରାବଡୁ ବିଏନ୍ଏସ୍‌ର ଧାରା ୨୯୯ ଅନୁଯାୟୀ ଏକ ୧ସିସି ମାମଲା ଦାଏର କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅବହେଳା ଯୋଗୁ ପୂଜାର୍ଚ୍ଚନା ହୋଇପାରିଲାନାହିଁ। ସେବା ପୂଜା ଏବଂ ନୀତିକାନ୍ତିରେ ବାଧା ରୋକିବାରେ ତାଙ୍କର ଅବହେଳା ଯୋଗୁ ଅଭିଯୋଗକାରୀଙ୍କ ସମେତ ବହୁ କୋଟି ହିନ୍ଦୁଙ୍କ ଧର୍ମ ଏବଂ ଧାର୍ମିକ ବିଶ୍ୱାସକୁ ଆଘାତ ଦେଇଛି ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ଜେଏମ୍ଏଫ୍‌ସିଙ୍କ କୋର୍ଟ କାର୍ଯ୍ୟାଳୟ ପକ୍ଷରୁ ଚିଠି ନମ୍ବର ୪୫, ତା୯.୦୨.୨୦୨୬ ମାଧ୍ୟମରେ ଘଟଣାର ସବିଶେଷ ତଥ୍ୟ ଏବଂ ପରିସ୍ଥିତି ସମ୍ପର୍କରେ ଖୋର୍ଦ୍ଧା ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ୍‌ଙ୍କଠାରୁ ଏକ ରିପୋର୍ଟ ମଗାଯାଇଛି। ଆସନ୍ତା ୨୫ ତାରିଖ ପୂର୍ବାହ୍ନ ୧୦ଟା କିମ୍ବା ତା'ପୂର୍ବରୁ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ମୁତାବକ, ଅଭିଯୋଗକାରୀ ଲିଙ୍ଗରାଜ ଥାନାରେ ଗତ ଜାନୁଆରୀ ୧୫ରେ ଅଭିଯୋଗ କରିଥିଲେ। ପଞ୍ଜୀକରଣ ନ ହେବାରୁ ସେ ସୂଚନାର ସାରାଂଶ ଡିସିପିଙ୍କ ନିକଟକୁ ପଠାଇଥିଲେ। ଲିଙ୍ଗରାଜ ଥାନା ଏବଂ ଡିସିପିଙ୍କ ପକ୍ଷରୁ କୌଣସି ପଦକ୍ଷେପ ନ ନିଆଯିବାରୁ ଅଭିଯୋଗକାରୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ଜିଲାପାଳଙ୍କ ରିପୋର୍ଟକୁ ଅପେକ୍ଷା କରାଯାଇଛି।



ରବିବାର ତୃତୀୟ ଜଟଣୀ ପଥ ଉତ୍ସବରେ ନିର୍ମିତ ୨୦ ଫୁଟ ଉଚ୍ଚ ବିଶିଷ୍ଟ ଶିବଙ୍କ ପ୍ରତିମୂର୍ତ୍ତି।

### ଜଟଣୀ ୩ୟ ପଥ ଉତ୍ସବରେ ଶିବଭକ୍ତିର ଝଲକ

ଜଟଣୀ,୧୫।୨(ରବୀନ୍ଦ୍ରନାଥ ମହାକୁଡ଼)

ମହାଶିବରାତ୍ରି ତଥା ଜାଗରଯାତ୍ରା ଅବସରରେ ରବିବାର ତୃତୀୟ ଜଟଣୀ ପଥ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜଟଣୀ ବିକାଶ ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିବା ବେଳେ ସାମାଜିକ କର୍ମୀ ଡ. ସନ୍ତୋଷ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ତୃତୀୟ ପଥ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମହାଶିବରାତ୍ରି ପାଇଁ ୨୦ ଫୁଟ ଉଚ୍ଚ ଶିବ ମୂର୍ତ୍ତି ରାସ୍ତାରେ ସ୍ଥାପନ କରାଯିବା ସହ ବିଭିନ୍ନ ଖେଳକୁଦ, ନୃତ୍ୟ, ଗୀତ ସହ ଅଘୋରୀ ନୃତ୍ୟ ଦର୍ଶକଙ୍କ ମନ ଜିଣିଥିଲା। ଜଟଣୀ ଏବଂ ଆଖପାଖ ଅଞ୍ଚଳର ବହୁ ଯୁବତୀଯୁବକ ଏବଂ ଲୋକମାନେ ଯୋଗଦେଇଥିଲେ।

### ରାଜ ଜଙ୍କିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବ


ବାର୍ଷିକ ଉତ୍ସବରେ ଅତିଥି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

ଟାଙ୍ଗୀ,୧୫।୨(ରଘୁନାଥ ସାହୁ)

ରାଜ-ଜଙ୍କିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଭଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ରଣପୁର ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମୀ ଦେଈ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ଶିକ୍ଷକ ଫେଡେରେଶନ ମହାସଚିବ ଜ୍ୟୋତିରଞ୍ଜନ ଦାଶ, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ରତ୍ନମଞ୍ଜରୀ ପ୍ରଧାନ, ସମିତିସଭ୍ୟା କଲ୍ୟାଣୀ ଦଳାଇ, ଶିକ୍ଷକ ନୀଳମଣି ବେହେରା, ଏନ୍‌ପିଏସ୍ ଶିକ୍ଷକ ସଂଘ ସଭାପତି ଜ୍ୟୋତିରଞ୍ଜନ କର, ସିଆର୍‌ସିସି ପ୍ରମୋଦ କୁମାର ମଲିକ, ଅବସରପ୍ରାପ୍ତ ଶିକ୍ଷକ ସୁରଥ ଚନ୍ଦ୍ର ସ୍ୱାଇଁ, ଧନେଶ୍ୱର ରାଉତରାୟ, ବାଳକୃଷ୍ଣ ବିଦ୍ୟାପୀଠ ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତିମୟୀ ଭୋଳ, ଶିବ ଚନ୍ଦନ ପ୍ରଧାନ, ସୁରେଶ ଚନ୍ଦ୍ର ସାହୁ, ପର୍ଶୁରାମ ବଳିୟାରସିଂ ପ୍ରମୁଖ ଯୋଗଦେଇ ସମସ୍ତ ଶିକ୍ଷାର୍ଥୀଙ୍କୁ ସୁନାଗରିକ ହୋଇ ଦେଶମାତୃକାର ସେବା କରିବାକୁ କହିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିବା ଆଦାଶ୍ୟା ପାଇକରାୟ, ଶୁଭଲକ୍ଷ୍ମୀ ମାର୍ଥି, ପ୍ରେୟାସ ପଣ୍ଡିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ତ୍ରିନାଥ ତାଡ଼ଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନାଟକ ପରିବେଷଣ ହୋଇଥିଲା। ଶିକ୍ଷକ ରବୀନ୍ଦ୍ର କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଦୁଃଖିଶ୍ୟାମ ପ୍ରଧାନ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଞ୍ଜନ ରଣବିଜୁଳି ଧନ୍ୟବାଦ ଅର୍ପଣ କରିଥିଲେ।

### ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି



ଖୋର୍ଦ୍ଧା,୧୫।୨(ପ୍ରଭାତ ପାଣିଗ୍ରାହୀ)

୨୦୧୯ ଫେବୃଆରୀ ୧୪ରେ ପୁଲ୍‌ୱାମାରେ ଜୈଶ୍ ଇ ମହମ୍ମଦ ଆତଙ୍କବାଦୀ ସଙ୍ଗଠନର ଆତ୍ମଘାତୀ ବିସ୍ଫୋରଣରେ ୪୦ଜଣ ଭାରତୀୟ ଯବାନ ଶହୀଦ ହୋଇଥିଲେ। ଏହି ଶହୀଦଙ୍କ ସ୍ମୃତିରେ ବିଶ୍ୱ ହିନ୍ଦୁ ପରିଷଦର ଯୁବବାହିନୀ ବଜରଙ୍ଗ ଦଳ ଖୋର୍ଦ୍ଧା ଜିଲା ପକ୍ଷରୁ ସେମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ରାମକୃଷ୍ଣ ଗୋଧାମଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମହମବତି ଜାଳି ଦୁଇ ମିନିଟ୍ ନୀରବ ପ୍ରାର୍ଥନାକରି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ସ୍ମୃତିଚାରଣ କରାଯାଇଥିଲା। ଏଥିରେ ବଜରଙ୍ଗ ଦଳ ଖୋର୍ଦ୍ଧା ଜିଲା ସହସଂଯୋଜକ ଏସ୍.ଏମ୍. ଦିବ୍ୟ ପ୍ରକାଶ ଏବଂ ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଦୀକ୍ଷାନ୍ତ ଉତ୍ସବ ଉଦ୍‌ଯାପିତ

ବେଗୁନିଆ,୧୫।୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ସରସ୍ୱତୀ ଶିଶୁମନ୍ଦିରରେ ଦୁଇଦିନ ଧରି ଚାଲିଥିବା ଅଷ୍ଟାଦଶ ଦୀକ୍ଷାନ୍ତ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ମାନସ ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତା ଏବଂ ସମ୍ପାଦକ ଦିଲୀପ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ଭୁବନେଶ୍ୱର ଦୂର ସଂଚାର ବିଭାଗର ଉପଖଣ୍ଡ ଅଧିକାରୀ ସୁରେଶ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି, ଶିକ୍ଷା ବିକାଶ ସମିତିର ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର ମୁଖ୍ୟବକ୍ତାଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ଉତ୍ତମ ଶିକ୍ଷା ଲାଭକରି ଦେଶ ଓ ଜାତିର ଟେକ ରଖିବା ପାଇଁ ଉପଦେଶ ଦେଇଥିଲେ। ସଭା ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୱତ୍ ପରିଷଦ ସମ୍ପାଦକ ଶ୍ରୀକାନ୍ତ ବାହିନୀପତି ସ୍ୱାଗତ ଭାଷଣ ଦେଇଥିଲେ। କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ସହ କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଚାର୍ଯ୍ୟା ମମତାରାଣୀ ସାହୁ, ମହାପାତ୍ର, ଆଚାର୍ଯ୍ୟ ସିଦ୍ଧେଶ୍ୱର ବେହେରାଙ୍କ ସମେତ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବଡ଼ପାରୀ ବରିଷ୍ଠ ନାଗରିକ ସଂଘର ପ୍ରଥମ ବାର୍ଷିକୋତ୍ସବ

ଟାଙ୍ଗୀ,୧୫।୨(ରଘୁନାଥ ସାହୁ)

ବଡ଼ପାରୀ ବରିଷ୍ଠ ନାଗରିକ ସଂଘର ପ୍ରଥମ ବାର୍ଷିକ ଉତ୍ସବ ସ୍ଥାନୀୟ ଭଗବତୀ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବିଚ୍ଛେଦ ଜୟ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ନାରାୟଣ ମହାପାତ୍ର, ଉପସଭାପତି ସୁରେନ୍ଦ୍ର ରାଉତ, ସହସମ୍ପାଦକ ରବୀନ୍ଦ୍ର କୁମାର ନାୟକ, ଉପଦେଷ୍ଟା ଡା. ମଧୁସୂଦନ ସେନାପତି, ଲିଙ୍ଗରାଜ ସାହୁ, ଭାସ୍କର ପ୍ରଧାନ, ପଞ୍ଚାନନ ପ୍ରଧାନ, ତାରା ପ୍ରସାଦ ପଟନାୟକ, ଦିଲୀପ କୁମାର ନାଥ, ସିପିଆଇଏମ୍ ଜିଲା ସମ୍ପାଦକ ଗିରିଶ ମହାରଣା ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସମ୍ପାଦକ ସାରଙ୍ଗଧର ପାଲଟାସିଂ ବାର୍ଷିକ ବିବରଣୀ ପାଠ କରିଥିଲେ। ଉମେଶ ଚନ୍ଦ୍ର ଧଳ, ଅରୁଣ ରଞ୍ଜନ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଛୋଟରାୟ, ପ୍ରଶାନ୍ତ ଶ୍ରୀଚନ୍ଦନ, ପଦ୍ମଚରଣ ଦଳାଇ, ଘନଶ୍ୟାମ ମହାନ୍ତି, ସୁବାସ ଆଚାର୍ଯ୍ୟ, ନୃସିଂହ ଚରଣ ଦାସ, ପଦ୍ମ ଚରଣ ସେଠୀ ପ୍ରମୁଖ ସମସ୍ତ ବରିଷ୍ଠ ନାଗରିକଙ୍କୁ ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ଏବଂ ଆୟୁଷ୍ମାନ ଭାରତ ବୟୋବନ୍ଦନା ଯୋଜନା ସ୍ୱାସ୍ଥ୍ୟବୀମା ଲାଗୁ କରିବାକୁ ଦାବି କରିଥିଲେ। ଦୁର୍ଗା ଚରଣ ପାତ୍ର, ଶରତ ଚନ୍ଦ୍ର ପଟ୍ଟନାୟକ, ଲୋକନାଥ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ସଫଳତା ପାଇଁ ନିଜ ଲକ୍ଷ୍ୟ ପ୍ରତି ସମର୍ପିତ ହୁଅ'

ବୋଲଗଡ଼,୧୫।୨(ଦେବବ୍ରତ ହୋତା)


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ବୋଲଗଡ଼ ବ୍ଲକ ବାଙ୍କୋଇ ସ୍ଥିତ କାଳୀଚରଣ ପାଞ୍ଚଗଡ଼ ଅନଙ୍ଗ ନରେନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୮ତମ ସମ୍ବତ୍ସରିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ତପନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ ପ୍ରତିଷ୍ଠାତା କାଳୀଚରଣ ଜୟସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ ମୁଖ୍ୟ ବକ୍ତାଭାବେ ଯୋଗଦେଇ ନିଜ ଲକ୍ଷ୍ୟ ପ୍ରତି ସମର୍ପିତ ରହିବା ଦ୍ୱାରା ସଫଳତା ସମ୍ଭବ ହୋଇଥାଏ ବୋଲି ଛାତ୍ରୀଛାତ୍ରଙ୍କୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁକ୍ତ ୩ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାମନ୍ତରାୟ, ସିଏମ୍‌ସି ପୂର୍ବତନ ସମ୍ପାଦିକା କୁମୁଦିନୀ ଜୟସିଂହ, ପୂର୍ବତନ ଅଧ୍ୟକ୍ଷ ରଙ୍କନିଧି ବଳିୟାରସିଂ, ପ୍ରଶିକ୍ଷଣ ବିଦ୍ୟାଳୟ ଅଧ୍ୟକ୍ଷ ମନୋରଞ୍ଜନ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଅଧ୍ୟାପକ ସେଖ ଆକବର ଅଲ୍ଲୀ ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀପ୍ରସାଦ ସାମନ୍ତଙ୍କ ସଂଯୋଜନାରେ କ୍ରୀଡ଼ା କ୍ଷେତ୍ରରେ ଚାମ୍ପିୟନ ସୁଜାତା ବରାଡ଼ ଓ ଶୁଭାଶିଷ ରାୟସିଂହଙ୍କ ସମେତ ଅନ୍ୟମାନଙ୍କୁ ପୁରସ୍କାର ପ୍ରଦାନକ ରାଯାଇଥିଲା। ଶ୍ରୀନିବାସ ଛୋଟରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ | ଏମ୍ଏମ୍‌ସିସି ସମ୍ବଲପୁର ବିଜୟୀ

ଯାଁଳା,୧୫।୨(ବୁଲା ବାରିକ)



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ତମାଣ୍ଡୋ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୮ମ ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରବିବାର ଏମ୍‌ସିସି କାକଟପୁରକୁ ୪୪ ରନ୍‌ରେ ହରାଇ ଏମ୍ଏମ୍‌ସିସି ସମ୍ବଲପୁର ବିଜୟୀ ହୋଇଛି। ଟସ୍ ଜିତି ସମ୍ବଲପୁର ଟିମ୍ ପ୍ରଥମେ ବ୍ୟାଟିଂକରି ୨୦ ଓଭରରେ ୯ ଉଇକେଟ ବିନିମୟରେ ୨୦୫ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସତ୍ୟଜିତ୍ ସାବତ ୪୬, ଦିବ୍ୟଶକ୍ତି ଚକ୍ରବର୍ତ୍ତୀ ୩୧ ରନ୍ କରିଥିଲେ। ବିପକ୍ଷ ଦଳର ପ୍ରବୀଣ କୁମାର ୩ଟି ଉଇକେଟ ନେଇଥିଲେ। କାକଟପୁର ଟିମ୍ ୧୯ ଓଭରରେ ସମସ୍ତ ଉଇକେଟ ହରାଇ ୧୬୧ ରନ୍ ସଂଗ୍ରହକରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ସତୀଶ ସିଂ ୫୯, ଦୁର୍ଗା ବେହେରା ୩୦ ରନ୍ କରିଥିଲେ। ସମ୍ବଲପୁର ଟିମ୍‌ର ଅବରାର ହାସନ ୪ଟି ଏବଂ ଏମ୍.ଜି ଗୋପାଳ ୩ଟି ଉଇକେଟ ନେଇଥିଲେ। ବିଜୟୀ ଟିମ୍‌ର ଆବରାର ହାସନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇ ଅତିଥି ଅଜୟ ପାଟ୍ଟଶାଣୀଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସୁମେନ୍ଦ୍ର ପାତ୍ର ଏବଂ ବିଭୁ ପ୍ରସାଦ ଚୌଧୁରୀ ମ୍ୟାଚ ପରିଚାଳନା କରିଥିଲେ। ସୋମବାର ଆର୍‌ସି ବ୍ରହ୍ମପୁର ଏବଂ ଯୁବି ରକ୍‌ଷ୍ଟାର ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ବାଲୁଙ୍କେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଖୋର୍ଦ୍ଧା,୧୫।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପକଣ୍ଠ ଅରାଙ୍ଗ ଖେଳପଡ଼ିଆରେ ଅରାଙ୍ଗ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୪ର୍ଥ ବାଲୁଙ୍କେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ସାମାଜିକ କର୍ମୀ ସୁଶାନ୍ତ କୁମାର ନାଗୁଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ପଳାଶପୁର ଏବଂ ଅରିସଲ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଅରିସଲ ଟିମ୍ ବୋଲିଂ ନିଷ୍ପତ୍ତି ନେଇଥିଲା। ପଳାଶପୁର ଟିମ୍ ପ୍ରଥମେ ବ୍ୟାଟିଂକରି ୧୦ ଓଭରରେ ୬ ଉଇକେଟ ବିନିମୟରେ ୧୧୮ ରନ୍ ସଂଗ୍ରହ କରିଥିଲା। ଜବାବରେ ଅରିସଲ ଟିମ୍ ୧୦ ଓଭରରେ ୫ ଉଇକେଟ ବିନିମୟରେ ୧୧୬ ରନ୍ ସଂଗ୍ରହକରି ପରାଜିତ ହୋଇଥିଲା। ପଳାଶପୁର ଟିମ୍‌ର ଚନ୍ଦନ କୁମାର ସାହୁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ଗୁରୁଜଙ୍ଗ ଏବଂ ଯାଁଳା ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଯାଁଳା ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୯ ଉଇକେଟ ବିନିମୟରେ ୯୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଗୁରୁଜଙ୍ଗ ଟିମ୍ ୮ ଓଭରରେ ୯୮ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଗୁରୁଜଙ୍ଗ ଟିମ୍‌ର ଅନିଲ ବରାଳ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦ୍ୱିତୀୟାର୍ଦ୍ଧରେ ଗୁରୁଜଙ୍ଗ ଓ ପଳାଶପୁର ଟିମ୍ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ହୋଇଥିଲା। ଟସ୍ ଜିତି ପଳାଶପୁର ଟିମ୍ ବୋଲିଂ ନିଷ୍ପତ୍ତି ନେଇଥିଲା। ଗୁରୁଜଙ୍ଗ ଟିମ୍ ପ୍ରଥମେ ବ୍ୟାଟିଂକରି ୧୦ ଓଭରରେ ୩ ଉଇକେଟ ହରାଇ ୧୫୯ ରନ୍ ସଂଗ୍ରହ କରିଥିଲା। ଜବାବରେ ପଳାଶପୁର ଟିମ୍ ୧୦ ଓଭରରେ ୧୧୦ ରନ୍ ସଂଗ୍ରହକରି ପରାଜିତ ହୋଇଥିଲା। ଫଳରେ ଗୁରୁଜଙ୍ଗ ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି।

ଗୁରୁଜଙ୍ଗ ଟିମ୍‌ର ବିଶ୍ୱାସ ରଥ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସୁମନ୍ତ ବେହେରା, ଶିବରାମ ପୃଷ୍ଟି ଏବଂ ସୂର୍ଯ୍ୟକାନ୍ତ ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିଲେ। ସୋମବାର ପ୍ରଥମ ମ୍ୟାଚ୍ ଗଙ୍ଗପଡ଼ା ଏବଂ ପାନବରଜ, ଦ୍ୱିତୀୟ ମ୍ୟାଚ୍ କୁମାରବସ୍ତ ଏବଂ ଭାଲିଆବାଡ଼ି ମଧ୍ୟରେ ଖେଳାଯିବ ବୋଲି ସମ୍ପାଦକ ସୁଜିତ୍ ସାମନ୍ତରାୟ କହିଛନ୍ତି।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

# ଜୁନିୟର ଏଫ୍‌ସି ଖୋର୍ଦ୍ଧା ଚାମ୍ପିୟନ

ବେଗୁନିଆ,୧୫।୨
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)


ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

ବେଗୁନିଆ ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ଗୌଡ଼ିଆପଡ଼ା-ଇନ୍ଦିପୁର ଖେଳପଡ଼ିଆରେ ମା' ଜାଗୁଳାଇ ଫୁଟ୍‌ବଲ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ୯ମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଖୋର୍ଦ୍ଧାର ଜୁନିୟର ଏଫ୍‌ସି ଟିମ୍ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ଖୋର୍ଦ୍ଧାର ଜୁନିୟର ଏଫ୍‌ସି ଏବଂ ସେଭେନ ଟୁ କ୍ଲବ୍ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୧-୦ ଗୋଲରେ ଜୁନିୟର ଏଫ୍‌ସି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ସୁଶାନ୍ତ କୁମାର ମିଶ୍ର ମୁଖ୍ୟ ରେଫରି ଦାୟିତ୍ୱ ତୁଲାଇଥିବା ବେଳେ ଲକ୍ଷ୍ମୀଧର ଚୌଧୁରୀ, ମନୋଜ ସାମନ୍ତସିଂହାର ଏବଂ ବୈକୁଣ୍ଠ ସ୍ୱାଇଁ ଲାଇନ୍‌ରେ ସହଯୋଗ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ପ୍ରତୀକ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବୈଜ୍ଞାନିକ ନିରାକାର ସୁବୁଦ୍ଧି, ସତ୍ୟରଞ୍ଜନ ମହାପାତ୍ର, ବଳଭଦ୍ର ପାଟ୍ଟଶାଣୀ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ପ୍ରଶାନ୍ତ କୁମାର ପାଟ୍ଟଶାଣୀ ମଞ୍ଚ ସଞ୍ଚାଳନ କରିଥିଲେ। ବିଜୟୀ ଟିମ୍‌ର ଜଳଧର ନାୟକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ଟିକିନା ନାୟକଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଟିମ୍‌କୁ ୩ ହଜାର ଏବଂ ରନରଅପ୍ ଟିମ୍‌କୁ ୨ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଆୟୋଜକ ଫୁଟ୍‌ବଲ କ୍ଲବର ସଦସ୍ୟ ସୁରେଶ ବାଘସିଂହ, ଲକ୍ଷ୍ମୀଧର ପାଟ୍ଟଶାଣୀ, ପ୍ରକାଶ ରାଉତରାୟ, ଧରଣୀଧର ବଳିୟାରସିଂହ, ସର୍ବେଶ୍ୱର ମଙ୍ଗରାଜ, ଅରବିନ୍ଦ ରଣଜିତ, ମନୋରଞ୍ଜନ ବଳିୟାରସିଂହ, ବିନୋଦ ଜଗଦ୍ଦେବ, ଭଗବାନ୍ ସାମନ୍ତସିଂହାର, ଅମିନ ମାନସିଂହ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# କୋଣାର୍କ ଏନ୍‌ଏସିରେ ନାହିଁ ସ୍ଥାୟୀ ମାଛ ମାର୍କେଟ

## ରାସ୍ତାକଡ଼ରେ ମାଛ ବିକ୍ରି, ପର୍ଯ୍ୟଟକ ମହଲରେ ଅସନ୍ତୋଷ

**କୋଣାର୍କ, ୧୫।୨ (ଜ୍ୟୋତିରାଜ ମହାନ୍ତି)**

କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଦୈନିକ ହଜାର ହଜାର ପର୍ଯ୍ୟଟକ ଦେଶ ବିଦେଶରୁ ଏଠାକୁ ବୁଲିବାକୁ ଆସିଥାନ୍ତି। ରାଜରାସ୍ତାରେ ମାଛ ବିକ୍ରି ଯୋଗୁ ସେଥିରୁ ବାହାରୁଥିବା ବର୍ଜ୍ୟବସ୍ତୁ ପରିବେଶ ପ୍ରଦୂଷଣ କରୁଥିବା ବେଳେ ଦୁର୍ଗନ୍ଧ ଓ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇ ପର୍ଯ୍ୟଟକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, କୋଣାର୍କ ଏନ୍‌ଏସି ପକ୍ଷରୁ ମାଛ ବ୍ୟବସାୟୀଙ୍କ ପାଇଁ ସ୍ଥାୟୀ ମାଛ ମାର୍କେଟ ନ ଥିବାରୁ କୋଣାର୍କ-କାକଟପୁର ପୂର୍ତ୍ତ ବିଭାଗ ରାସ୍ତା ଓ କୋଣାର୍କ-ପୁରୀ ଜାତୀୟ ରାଜପଥ କଡ଼ରେ ବ୍ୟବସାୟୀମାନେ ମାଛ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଫଳରେ ରାସ୍ତାକଡ଼ରେ ମାଛ କାତି ଓ ବର୍ଜ୍ୟବସ୍ତୁ ପଡ଼ିରହିବା ଯୋଗୁ ଦୁର୍ଗନ୍ଧ ଓ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଫଳରେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକମାନେ ଏହି ଦୁର୍ଗନ୍ଧମୟ ଓ ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ ନାକ ଟେକୁଥିବା ଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଛି। କୋଣାର୍କ ଏନ୍‌ଏସି ପ୍ରଶାସନ ପକ୍ଷରୁ ବ୍ୟବସାୟୀଙ୍କ ପାଇଁ ସ୍ଥାୟୀ ମାଛ ମାର୍କେଟ ନିର୍ମାଣ ଲାଗି କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ନିଜର ଜୀବନ ଜୀବିକା ବଞ୍ଚାଇବା ପାଇଁ ରାଜରାସ୍ତାରେ ବ୍ୟବସାୟ କରିବା ଯୋଗୁ ଏଭଳି ସ୍ଥିତି ଉପୁଜିଛି ବୋଲି ସାଧାରଣରେ ଆଲୋଚନା ହେଉଛି। କୋଣାର୍କ ଏନ୍‌ଏସି ପ୍ରଶାସନ ପକ୍ଷରୁ ରାଜରାସ୍ତାରେ ମାଛ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ଥଇଥାନ କରିବା ପାଇଁ ସ୍ଥାୟୀ ଭେଣ୍ଡିଂ ଜୋନ୍ ନିର୍ମାଣ କରିବାକୁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ପୁରୀ ଜିଲାପାଳଙ୍କୁ ଦାବି କରାଯାଇଛି। ଏ ନେଇ କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସଞ୍ଜୁକ୍ତା ତ୍ରିପାଠୀ କହିଛନ୍ତି, ଆମେ ପୂର୍ବରୁ ମାଛ ବ୍ୟବସାୟ ପାଇଁ ଜାଗା ଚିହ୍ନଟ କରିଥିଲୁ କିନ୍ତୁ ସେମାନେ ସେଠାକୁ ଗଲେନାହିଁ। ଏବେ ଆଉ ଗୋଟିଏ ସ୍ଥାନ ନିରୂପଣ କରାଯାଇଛି। ସେଠାରେ ପିଣ୍ଡି ନିର୍ମାଣ କରାଯିବା ପରେ ସେମାନଙ୍କୁ ସେଠାକୁ ସ୍ଥାନାନ୍ତର କରାଯିବ।



ପୂର୍ବତନ ବାଚସ୍ପତି ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ୬୯ତମ ଜନ୍ମଦିନରେ ରବିବାର ପୁରୀର ମହେଶ୍ୱର ସ୍ମୃତି କମିଟି ପକ୍ଷରୁ ଶ୍ରୀମନ୍ଦିର ସମ୍ମୁଖରେ ସମୂହ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ବିଭିନ୍ନ ଶୈବପୀଠରେ ଜାଗର

**ଯୋଗେଶ୍ୱରପୁର, ୧୫।୨ (ରଶ୍ମିରଞ୍ଜନ ସାହୁ)**

ନୟାହାଟ ଅଞ୍ଚଳରେ ରବିବାର ବିଭିନ୍ନ ଶୈବପୀଠରେ ଜାଗର ପାଳିତ ହୋଇଯାଇଛି। ଶିଙ୍ଗ ପାନିଆଁ, ପଲ୍ଲୀଛକ, ବଉଲାଙ୍ଗ, ଦେସୁଣ୍ଠୀ, ମୁରୁଡ଼ା, ଯୋଗେଶ୍ୱରପୁର, ପାଞ୍ଚେଣା, ତିରୁଣା, ସମା, ପାଇକ ସାଇ, ସୁଆର, ଅରେଇ ପ୍ରମୁଖ ଗ୍ରାମରେ ଥିବା ଶୈବପୀଠରେ ଭକ୍ତମାନେ ନିଜର ମାନସିକ ପୂରଣ ପାଇଁ ଠାକୁରଙ୍କ ନିକଟରେ ଦୀପ ଜାଳି ବସିଥିବା ଦେଖିବାକୁ ମିଳିଥିଲା। କେତେକ ସ୍ଥାନରେ ଭଜନ ସମାରୋହ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ଚାରିଛକ, (ଶିଶିର କୁମାର ସ୍ୱାଇଁ):** ଚାରିଛକ ତଥା ପ୍ରାଚୀ ତଟରେ ଥିବା ଶୈବପୀଠରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ସକାଳୁ ଅମରେଶ୍ୱର ମନ୍ଦିର, ବନ୍ଦେଶ୍ୱର, ପୂର୍ଣ୍ଣେଶ୍ୱର ମନ୍ଦିର, ବାଲୁଙ୍କେଶ୍ୱର, ଅଙ୍ଗେଶ୍ୱର, ଜଟେଶ୍ୱର ମନ୍ଦିର, ସୋମନାଥ ମନ୍ଦିର, ରାମେଶ୍ୱର ମନ୍ଦିର ବଳେଶ୍ୱର ମନ୍ଦିର, ବ୍ରହ୍ମେଶ୍ୱର ମନ୍ଦିରରେ ଶ୍ରଦ୍ଧାଳଙ୍କ ଭିଡ଼ ଜମିଥିଲା। ବିଭିନ୍ନ ଶୈବପୀଠ ରଙ୍ଗବେରଙ୍ଗର ଆଲୋକମାଳାରେ ସୁସଜ୍ଜିତ ହୋଇଥିଲା। ଅନେକ ମନ୍ଦିର ପରିସରରେ ଅଷ୍ଟପ୍ରହର ନାମଯଜ୍ଞ, ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଥିବା ଦେଖିବାକୁ ମିଳିଥିଲା।

**କଣାସ, (ବିଭୂତି ଭୂଷଣ ତ୍ରିପାଠୀ):** କଣାସ ଅଞ୍ଚଳର ବିଭିନ୍ନ ଶୈବପୀଠରେ ମହାଶିବରାତ୍ରୀ ପାଳିତ ହୋଇଛି। କଣାସ ଗ୍ରାମର ଶ୍ରୀଲୋକନାଥ ଦେବ, ଦୋକନ୍ଦାର ବାବା ନୀଳକଣ୍ଠେଶ୍ୱର ଦେବ, ବାଲିପାଟଣାର ଲୋକନାଥ ଦେବ, ବଡାସର ବୈଦ୍ୟନାଥ ଦେବ ଓ ପଞ୍ଚମୁଖୀ, ତ୍ରିଲୋଚନପୁରର ବାବା କପିଳେଶ୍ୱର ଦେବ, ସାହସପୁରର ବାବା ଗଡିଶ୍ୱର ଦେବ, ପାଣ୍ଡିଆକେରା ଗ୍ରାମର ବାବା ବୈଦ୍ୟନାଥ ଦେବଙ୍କ ପୀଠରେ ଜାଗର ଯାତ୍ରା ପାଳନ ପାଇଁ ଭକ୍ତଙ୍କ ଭିଡ଼ ଜମିଥିଲା। ବାରିମଣ୍ଡଳର ବାବା ଗଡିଶ୍ୱର ଦେବ, ମୋଟରୀର ଗଡିଶ୍ୱର ଦେବ, କାତପଡା ଗ୍ରାମର ବାବା ନୀଳକଣ୍ଠେଶ୍ୱର ଦେବ, କଣ୍ଡପଡା କାଳନ୍ଦୀ ଦେବ, ନୂଆପଡା ଗ୍ରାମର ବଙ୍କେଶ୍ୱର ଦେବ, ସିରେଇର ଗଡିଶ୍ୱର ଦେବ, ରୁଢ଼ିପୁରର ବାବା ଆଖଣ୍ଡଳମଣି ଦେବ, ଜଙ୍କିଆର ବାବା କପିଳେଶ୍ୱର ଦେବ, କରମାଳାର ବାବା ଆଖଣ୍ଡଳମଣି ଦେବ, ଗଡିଶାଗୋଦାର ବାବା ହାଟକିଶ୍ୱର ଦେବ, ରାଇଗରପୁର ର ସିଦ୍ଧେଶ୍ୱର ଦେବ, ମାଳିସାହିର କୁମୁଦେଶ୍ୱର ଦେବ, ଶ୍ରୀମୁକୁନ୍ଦପୁରର ଇଷାନେଶ୍ୱର ଦେବ, ବଡାଲର ହଟକିଶ୍ୱରଦେବ ଓ ସରିଶ୍ୱର ଦେବ ମନ୍ଦିରରେ ଭକ୍ତ ପୂଜାର୍ଚ୍ଚନା କରିବା ସହ ଜାଗର ଦୀପ ଜାଳିଥିଲେ।

**ବଳଙ୍ଗା, (କେଦାରେଶ୍ୱର ନନ୍ଦ):** ବଳଙ୍ଗାର ବକ୍ରେଶ୍ୱର ମହାଦେବ ନୂଆସନ୍ଥ ଗଡେଶ୍ୱର ମହାଦେବ, ଚକ୍ରକୁଦର ଲୋକନାଥ ମନ୍ଦିର, କୋକିନ୍ଦା ମହାଦେବ କୋଠକୁସାଙ୍ଗ ନୀଳକଣ୍ଠେଶ୍ୱର ସମେତ ବିଭିନ୍ନ ଶୈବପୀଠରେ ରବିବାର ମହାଶିବରାତ୍ରୀ ପାଳିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ ମହାଦେବଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବା ସହ ରାତି ଉଜାଗର ରହି ଦୀପ ଜାଳିଥିଲେ। ବିଳମ୍ବିତ ରାତ୍ରରେ ମହାଦୀପ ଉଠିଥିଲା ବେଳେ ଏହାକୁ ଦେଖିବାକୁ ଶୈବପୀଠରେ ଶ୍ରଦ୍ଧାଳୁମାନେ ଭିଡ଼ ଜମାଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ବଳଙ୍ଗା ଥାନା ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। କେତେକ ସ୍ଥାନରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଥିଲା।

# ଛାତ୍ରୀଛାତ୍ରଙ୍କ କୃତିତ୍ୱ ବିଦ୍ୟାଳୟ ପାଇଁ ଗର୍ବ

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସମ୍ବର୍ଦ୍ଧନା

**ଗୋପ, ୧୫।୨ (ଭାରତୀ ଭୂଷଣ ଉପାଧ୍ୟାୟ)**

ଛାତ୍ରୀଛାତ୍ରମାନେ ବିଭିନ୍ନ କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ ଅର୍ଜନ କଲେ ତାହା ଆମ ସ୍କୁଲ ଲାଗି ଗର୍ବ ବୋଲି ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ତଥା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇ ଉପସ୍ଥିତ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। ପ୍ରଧାନାଚାର୍ଯ୍ୟ ତୋଫାନ ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ସନତ କୁମାର ସେନାପତିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ବିଭିନ୍ନ କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିବା ବେଳେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୫ମ ଶ୍ରେଣୀର ଛାତ୍ରୀ ପ୍ରୀତିରେଖା ସାହୁ ପଞ୍ଚମ ବୃତ୍ତିରେ ବ୍ଲକସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବାରୁ ଛାତ୍ରୀଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ବବିତା ପ୍ରଧାନ, ଅନନ୍ୟା ପ୍ରିୟଦର୍ଶିନୀ ପାତ୍ର, ସସ୍ମିତା ବେହେରା, ଦେବାଶିଷ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ।

# ତ୍ରିମୂର୍ତ୍ତି ଶିବ ଜୟନ୍ତୀ ମହୋତ୍ସବରେ ଉଡ଼ିଲା ଶିବଝଣ୍ଡା

**ସାକ୍ଷୀଗୋପାଳ, ୧୫।୨ (ଭରତ ରାଉତ)**

ମହାଶିବରାତ୍ରି ଉପଲକ୍ଷେ ରବିବାର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସାକ୍ଷୀଗୋପାଳ ଉପ ସେବାକେନ୍ଦ୍ର ପକ୍ଷରୁ ଉପସେବାକେନ୍ଦ୍ରର ମୁଖ୍ୟ ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ସଂଯୁକ୍ତା ଭଗିନୀଙ୍କ ତତ୍ତ୍ୱାବଧାନରେ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଦୀପ ପ୍ରଜ୍ୱଳନ, ଶିବଧ୍ୱଜା ଉତ୍ତୋଳନ ଓ କେକ କଟା କାର୍ଯ୍ୟକ୍ରମ ସମ୍ପାଦନ ସହ ଏକ ଶାନ୍ତି ସନ୍ଦେହ ଶୋଭାଯାତ୍ରା ପରିକ୍ରମା କରିଥିଲ। ଘୋର ଅନ୍ଧକାର ନିଦ୍ରାରୁ ସମସ୍ତଙ୍କୁ ଜାଗରଣ କରାଇବା ପାଇଁ ପରମପିତା ପରମାତ୍ମାଙ୍କ ଦିବ୍ୟ ସନ୍ଦେଶ ଆଦି ଚିତ୍ର ପ୍ରଦର୍ଶନୀ ମାଧ୍ୟମରେ ପ୍ରଚାର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସେବାକେନ୍ଦ୍ରର ବଡ଼ ଭାଇ ବ୍ରହ୍ମାକୁମାର ପିତାମ୍ବର, ସନ୍ତୋଷ, ଆନନ୍ଦ ବ୍ରହ୍ମା କୁମାର ପ୍ରଭାତ, ପାର୍ଥ, ଅଞ୍ଜନଙ୍କ ସ୍ଥାନୀୟ ଅଞ୍ଚଳର ଶତାଧିକ ବିଦ୍ୟାର୍ଥୀ ଯୋଗଦେଇଥିଲେ।


ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସାକ୍ଷୀଗୋପାଳ ଉପ ସେବାକେନ୍ଦ୍ର ପରିସରରେ ଶିବଧ୍ୱଜା ଉତ୍ତୋଳନ କରାଯାଉଛି ।

# ସେବା ଯୋଗାଇଲେ ବିଭିନ୍ନ ଅନୁଷ୍ଠାନ

**ପୁରୀ, ୧୫।୨ (ଅଜିତ୍ ମହାନ୍ତି)**

ମହାଶିବରାତ୍ରି ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭକ୍ତଙ୍କୁ ସେବା ଯୋଗାଇ ଦିଆଯାଇଛି। ଭାରତ ସ୍କାଉଟ ଆଣ୍ଡ୍ ଗାଇଡ୍ ପୁରୀ ଶାଖା ପକ୍ଷରୁ ଭକ୍ତଙ୍କୁ ଜଳ ଓ ସର୍ବତ ବଣ୍ଟନ ସହ ଟ୍ରାଫିକ୍ ନିୟନ୍ତ୍ରଣରେ ସହଯୋଗ ଯୋଗାଇ ଦିଆଯାଇଥିଲା। ଜିଲା ସ୍କାଉଟ୍ ଗାଇଡ୍ ସହ ଶ୍ରୀକ୍ଷେତ୍ର ରୋଭର ଆଣ୍ଡ ରେଞ୍ଜର ଟିମ୍ ଏବଂ ଶ୍ରୀଜଗନ୍ନାଥ ରୋଭର ଟିମ୍ ପକ୍ଷରୁ ଭକ୍ତଙ୍କୁ ସେବା ପ୍ରଦାନ କରାଯାଇଥିଲା। ହାପିନେସ୍ ଫାଉଣ୍ଡେଶନ୍ ପକ୍ଷରୁ ପ୍ରତିଷ୍ଠାତା ସମ୍ପାଦକ ଇଂ. ପ୍ରଦୀପ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶ୍ରଦ୍ଧାଳୁଙ୍କୁ ସେବା ଯୋଗାଇ ଦିଆଯାଇଥିଲା। ଏହି ସେବା ଶିବିରକୁ ପୁରୀ ଏସ୍‌ପି ପ୍ରତୀକ ସିଂ, ବରିଷ୍ଠ ସେବାୟତ ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଉଦଘାଟନ କରିଥିଲେ। ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ ସେବା ଶିବିର ମାଧ୍ୟମରେ ଭକ୍ତଙ୍କୁ ମାର୍ଗଦର୍ଶନ, ଜଳପାନ ବଣ୍ଟନ ସହିତ ମନ୍ଦିର ପରିସର ସଫେଇ କରାଯାଇଥିଲା। କଲେଜ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ ଶିବିର ପରିଦର୍ଶନ କରିଥିଲେ। ବାବା ଯୋଡ଼ାଲିଙ୍ଗ ପୀଠରେ ଉତ୍କଳ ବିକାଶ ଯୁବ ପରିଷଦ ପକ୍ଷରୁ ପାନୀୟଜଳ ଓ ଦହି ପାଣି ବଣ୍ଟନ କରାଯାଇଛି। ପରିଷଦର ପୁରୀ ସଭାପତି ଅବିନାଶ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ୟୁନିଟ୍ ପକ୍ଷରୁ ଶ୍ରୀବାଟ ଲୋକନାଥ ମନ୍ଦିର ନିକଟରେ ଭକ୍ତଙ୍କୁ ବିଭିନ୍ନ ସେବା ଯୋଗାଇ ଦିଆଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ହରପ୍ରିୟା ଦାଶ ଶିବିରକୁ ଉଦ୍‌ଘାଟନ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଅଭିଜିତ ପଣ୍ଡା ଶିବିରକୁ ସଞ୍ଚାଳନ କରିଥିଲେ। 'ଉର୍ଜାବାନ୍ ଓଡ଼ିଶା' ପକ୍ଷରୁ ଭକ୍ତଙ୍କୁ ସର୍ବତ ଓ ଜଳ ବଣ୍ଟାଯାଇଥିଲା। ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଭାରତ ବିକାଶ ପରିଷଦ, ଆପଣଙ୍କ ସେବା ଆଦି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭକ୍ତଙ୍କୁ ବିଭିନ୍ନ ପ୍ରକାର ସେବା ଯୋଗାଇ ଦିଆଯାଇଥିଲା।

# ବୃହତ୍ ଅଖଣ୍ଡ ଦୀପ ଜାଳିଲେ ମୁକୁନ୍ଦ ମିଶ୍ର ନଗର ବାସିନ୍ଦା



**ପୁରୀ, ୧୫।୨ (ଅଜିତ୍ କୁମାର ମହାନ୍ତି)**

ପବିତ୍ର ମହାଶିବରାତ୍ରି ଅବସରରେ ରବିବାର ପୁରୀର ମୁକୁନ୍ଦ ମିଶ୍ର ନଗର ବାସିନ୍ଦା ନିଆରା ଢଙ୍ଗରେ ଜାଗରଯାତ୍ରା ପାଳନ କରିଛନ୍ତି। ମୁକୁନ୍ଦ ମିଶ୍ର ନଗର ବାସିନ୍ଦା ବାବା ମୁକୁନ୍ଦେଶ୍ୱରଙ୍କ ନିକଟରେ ବିଶ୍ୱ ଶାନ୍ତି ତଥା ଦେଶବାସୀଙ୍କ ନୀରୋଗ କାମନା କରି ଏକ ବୃହତ୍ ଅଖଣ୍ଡ ଦୀପ ଜାଳିଛନ୍ତି। ଅଖଣ୍ଡ ଦୀପଟିର ଲମ୍ବ ୧୪ ଫୁଟ ହୋଇଥିବାବେଳେ ପ୍ରସ୍ଥ ସାଢ଼େ ୮ ଫୁଟ। ଏହି ଅବସରରେ ମୁକୁନ୍ଦ ମିଶ୍ର ନଗରର ସଭାପତି ଜଗଦାନନ୍ଦ ମିଶ୍ରଙ୍କ ସହ ସଦସ୍ୟମାନେ ଏହି ଅଖଣ୍ଡ ଦୀପ ପ୍ରଜ୍ୱଳନ କରିଥିଲେ। ସନ୍ଧ୍ୟାରେ ନଗରର ବାସିନ୍ଦାମାନେ ଉଜାଗର ରହି ପ୍ରଭୁ ମୁକୁନ୍ଦେଶ୍ୱରଙ୍କ ପ୍ରାଙ୍ଗଣରେ ପ୍ରଦୀପ ପ୍ରଜ୍ୱଳନ କରି ହର ହର ମହାଦେବ, ଓମ୍ ନମଃଶିବାୟ ଜପ କରଥିଲେ। ରାତ୍ରରେ ମହାଦୀପ ଉଠିବା ସହ ହରିହର ଭେଟ ଅନୁଷ୍ଠିତ ହୋଇଥିଲା। ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

# ଅହୋରାତ୍ର ସାଂସ୍କୃତିକ ଉତ୍ସବ

**ପୁରୀ, ୧୫।୨ (ଅଜିତ୍ କୁମାର ମହାନ୍ତି)**

ମହାଶିବରାତ୍ରି ଅବସରରେ ଶ୍ରୀଲୋକନାଥ ମନ୍ଦିର ପ୍ରାଙ୍ଗଣ ଲୋକାରଣ୍ୟ ହୋଇଉଠିଥିଲା। ମନ୍ଦିର ନିକଟସ୍ଥ ଜାଗରପଦାରେ ଶ୍ରୀ ଲୋକନାଥ ଦେବ ସାଂସ୍କୃତିକ ସଂସଦ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଶ୍ରୀମନ୍ଦିର ପ୍ରଶାସନ ଏବଂ ପୁରୀ ଜିଲା ପ୍ରଶାସନର ମିଳିତ ସହଯୋଗରେ ଅହୋରାତ୍ର ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉପଦେଷ୍ଟା ଜନାର୍ଦ୍ଦନ ପାଟ୍ଟଯୋଶୀ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ, ଶ୍ରୀଲୋକନାଥ ଦେବ ସାଂସ୍କୃତିକ ସଂସଦ ସଭାପତି ନବ କିଶୋର ପତିମହାପାତ୍ର, ଉପସଭାପତି ଜିତେନ୍ଦ୍ର ମହାପାତ୍ର, ରାଜେଶ କୁମାର ମିଶ୍ର, ସମ୍ପାଦକ ରବିନାରାୟଣ ପଣ୍ଡା, ସାଂସ୍କୃତିକ ସମ୍ପାଦକ ନରେନ୍ଦ୍ର କୁମାର ମହାନ୍ତି, ସହସମ୍ପାଦକ ଲକ୍ଷ୍ମୀନାରାୟଣ ଦାସ, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ଦାସ, ସଦସ୍ୟ ଗଣେଶ ମହାସୁଆର, ନୀଳମଣି ଗୁରୁ, ଶ୍ୟାମସୁନ୍ଦର ମହାପାତ୍ର, ରମେଶ ଚନ୍ଦ୍ର ମହାନ୍ତି, ସନ୍ଧ୍ୟାରାଣୀ ରଥ ଓ ବଳରାମ ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇ ଆମ ସଂସ୍କୃତିରେ ଜାଗରର ମହତ୍ତ୍ୱ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ଶ୍ରଦ୍ଧାଳୁମାନଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସେମାନଙ୍କୁ ମାନସିକ ଶାନ୍ତି ଓ ଆଧ୍ୟାତ୍ମିକ ଚିନ୍ତନ ପ୍ରଦାନ କରିବ ବୋଲି କହିଥିଲେ। ଲକ୍ଷ୍ମୀ ନାରାୟଣ ଦାସ ଓ ସନାତନ ଦାସ ମଞ୍ଚ ପରିଚାଳନା କରିଥିଲେ। ପରେ ବିବିଧ ଆଧ୍ୟାତ୍ମିକ ଭରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚର ୮ମ ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

**ଯୋଗେଶ୍ୱରପୁର, ୧୫।୨ (ରଶ୍ମିରଞ୍ଜନ ସାହୁ)**

ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚର ୮ମ ବାର୍ଷିକ ଉତ୍ସବ ଯୋଗେଶ୍ୱର ମହାବୀର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ୩୦୦ରୁ ଊର୍ଦ୍ଧ୍ୱ ସଭ୍ୟାସଭ୍ୟ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ମହାସଂଘର ସାଧାରଣ ସମ୍ପାଦକ ଯୁଗଳ କିଶୋର ସାହୁ, ମୁଖ୍ୟ ବକ୍ତା ଭାବେ ମିନତି ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଜିଲା ମହାସଂଘର ସଭାପତି ଡ. କାର୍ତ୍ତିକ କୁମାର ଦାସ, ସମ୍ପାଦକ ଦେବେନ୍ଦ୍ର କୁମାର ଦାସ, ଉପସଭାପତି ଗୁଣ୍ଡିଚା ବରାଳ, ପିପିଲି ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରଫୁଲ୍ଲ କୁମାର ପଣ୍ଡା, ସମ୍ପାଦକ ଅଜୟ କୁମାର ରାୟ, ଶିକ୍ଷାବିତ୍ ଦାମୋଦର ମିଶ୍ର ଏବଂ ନୟାହାଟ ବଣିକ ସଂଘର ସଭାପତି ଫକୀର ଚରଣ ବାରିକ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସୁରକ୍ଷା ସମ୍ବନ୍ଧରେ ଆଲୋଚନା କରିଥିଲେ। ୫ ଜଣ ବରିଷ୍ଠ ନାଗରିକଙ୍କୁ ମାନପତ୍ର ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ସ୍ୱାଧୀନତା ସଂଗ୍ରାମୀ ବୈକୁଣ୍ଠନାଥ ଦାସ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ଦାସ, ସାମାଜିକ କର୍ମୀ ହରିହର ସ୍ୱାଇଁ, ଶିକ୍ଷକ ଶ୍ରୀପତି ମହାନ୍ତି ଏବଂ ମହାଲକ୍ଷ୍ମୀ ସାହୁ। ନୟାହାଟ ବରିଷ୍ଠ ନାଗରିକ ମଞ୍ଚର ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଉପସଭାପତି ସୁରେନ୍ଦ୍ର ମୋହନ ବୀଟି, ସମ୍ପାଦକ କୃଷ୍ଣଚନ୍ଦ୍ର ବାରିକ, ମଧୁସୂଦନ ରାୟ, କାହ୍ନୁଚରଣ ସାହୁ ଏବଂ ଶିକ୍ଷାବିତ୍ ବିଚିତ୍ରାନନ୍ଦ ପାତ୍ର ମଞ୍ଚ ପରିଚାଳନା କରିଥିଲେ।

# ନିମ୍ନମାନର ୱାଲ୍ କାମର ତଦନ୍ତ ହେବ: ଯନ୍ତ୍ରୀ

**ଯୋଗେଶ୍ୱରପୁର, ୧୫।୨ (ରଶ୍ମିରଞ୍ଜନ ସାହୁ)**

ବାହାରଣା ଜଳସେଚନ ବିଭାଗ ସେକ୍ସନ ଅଧୀନରେ ଥିବା ବଣହରା ମାଇନର କେନାଲରେ ୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୱାଲ୍ କାମ ନିମ୍ନମାନର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଷ୍ଟିମେଟ ଅନୁଯାୟୀ କାମ ହେଉ ନ ଥିବାବେଳେ ୮ ଏମ୍‌ଏମ୍ ରଡ୍ ପରିବର୍ତ୍ତେ ୬ ଏମ୍‌ଏମ୍ ରଡ଼ ଦ୍ୱାରା କାମ କରାଯାଇଛି। ସେହିପରି ତଳୁ ଯେଉଁ ଲେଭଲରେ ଖୋଳାଯିବା କଥା, ତାହା କରାଯାଇ ନାହିଁ। ଜଳସେଚନ ବିଭାଗରେ ଟେଣ୍ଡର କରାଯାଉଥିବାବେଳେ ଯେଉଁ ଠିକାଦାର ଏହି କାର୍ଯ୍ୟ ନେଉଛନ୍ତି, ସେମାନଙ୍କ ପରିବର୍ତ୍ତେ ଅଣଠିକାଦାର କାର୍ଯ୍ୟ କରୁଥିବାରୁ ଏଭଳି ନିମ୍ନମାନର କାର୍ଯ୍ୟ ହେଉଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏଭଳି ଅଭିଯୋଗ ସମ୍ପର୍କରେ ତଦନ୍ତ କରାଯିବ ବୋଲି ବିଭାଗୀୟ ଯନ୍ତ୍ରୀ ଲମ୍ବୋଧର ପାଢ଼ୀ କହିଛନ୍ତି।

# ସାନଓରା ପ୍ରିମିୟମ ଲିଗ୍: ସାହୁ ଇଲେଭେନ ଚାମ୍ପିୟନ

**କଣାସ, ୧୫।୨ (ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକ କାଦୁଆ ପଞ୍ଚାୟତର ସାନଓରା ମହାବୀର ଖେଳପଡ଼ିଆରେ ମା' ହରଚଣ୍ଡୀ କ୍ଲବ ଆନୁକୂଲ୍ୟରେ ସାନଓରା ପ୍ରିମିୟମ ଲିଗ ମ୍ୟାଚ ସିଜିନ-୪ ଗତ ୧୨ ତାରିଖରୁ ଆରମ୍ଭ ହୋଇ ଶନିବାର ଉଦଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୫ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ସାହୁ ଇଲେଭେନ ଓ ସିଗ୍ନେଚର ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସାହୁ ଇଲେଭେନ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ୮ ଓଭରରେ ୮ ଉଇକେଟ୍ ହରାଇ ୪୯ ରନ କରି। ଜବାବରେ ସିଗ୍ନେଚର ଇଲେଭେନ ସମସ୍ତ ଉଇକେଟ ହରାଇ ୩୮ ରନ କରି ହାରିଯାଇଥିଲା। ବେନୁ ସାହୁଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଗୌତମ ମିଶ୍ର, ସମ୍ମାନିତ ଅତିଥିଭାବେ ମୋହନ ପରିଡା, ଅଜୟ ପ୍ରଧାନ, ମାରୁତି ଭୂଷଣ ପ୍ରଧାନ, ବିଶ୍ୱଜିତ ବଡଜେନା ପ୍ରମୁଖ ଯୋଗଦେଇ ବିଜେତା ଦଳକୁ ଟ୍ରଫି ସହିତ ୫ ହଜାର ଟଙ୍କା ଏବଂ ରନର୍ସଅପ ଦଳକୁ ଟ୍ରଫି ସହିତ ୩ହଜାର ଟଙ୍କା ପ୍ରଦାନ କରିଥିଲେ। ବିଶ୍ୱଭୂଷଣ ସାମନ୍ତରାୟ, ଦିପୁ କୁମାର, ବୁଦ୍ଧଦେବ ସାହୁ ଓ କ୍ଲବ ସଦସ୍ୟମାନେ ଖେଳ ପରିଚାଳନା କରିଥିଲେ।


ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ।

# ମୁନିନ୍ଦାରେ ହେଉ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ

## ୧୧ ୱାର୍ଡ ବାସିନ୍ଦାଙ୍କୁ ନେଇ କ୍ରିୟାନୁଷ୍ଠାନ କମିଟି ଗଠିତ

**ଡେଲାଙ୍ଗ, ୧୫।୨ (ରଶ୍ମୀରଞ୍ଜନ ପ୍ରଧାନ)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ଡେଲାଙ୍ଗ ବ୍ଲକର ମୁନିନ୍ଦା ପଞ୍ଚାୟତରେ ପ୍ରତିଷ୍ଠା ହେବାକୁ ଥିବା ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପଞ୍ଚାୟତ ସଦର ମହକୁମା ମୁନିନ୍ଦାରେ ସ୍ଥାପନ କରାଯିବାକୁ ଦାବି ହୋଇଛି। ପଞ୍ଚାୟତର ମୋଟ ୧୪ ୱାର୍ଡ ମଧ୍ୟରୁ ୧୧ଟି ୱାର୍ଡର ଅଧିବାସୀଙ୍କ ଦ୍ୱାରା ରବିବାର ଆୟୋଜିତ ବୈଠକରେ ଏହି ଦାବି କରାଯାଇଛି। ମୁନିନ୍ଦାର ଶ୍ରୀବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ବୈଠକରେ ସାମାଜିକ କର୍ମୀ ପ୍ରକାଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆବାହକ ମହେଶ୍ୱର ବରାଳ, ଉଲ୍ଲାସ ଚନ୍ଦ୍ର ନାୟକ, ପୂର୍ବତନ ଉପାଧ୍ୟକ୍ଷ ଲଛମନ ଦଳାଇ, ସୁବାସ ଚନ୍ଦ୍ର ପ୍ରଧାନ, ବିଚିତ୍ରାନନ୍ଦ ନାୟକ, ବାଲୁଙ୍କେଶ୍ୱର ପ୍ରଧାନ, ଅଜୟ ମାହୁନ୍ତ, ଆଇନଜୀବୀ ମାର୍କଣ୍ଡ ପରିଡ଼ା, ଜିଲା ପରିଷଦର ପୂର୍ବତନ ଉପାଧ୍ୟକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ, ସାନମୁନିନ୍ଦା ଗ୍ରାମର ଅଶୋକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକାକୁ ଉଲ୍ଲଂଘନ କରି କେତେଜଣ ବ୍ୟକ୍ତି ପଞ୍ଚାୟତର ଅନ୍ୟ ଏକ ଗ୍ରାମରେ ଏହି ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଚାପ ପକାଉଥିବାରୁ ବୈଠକରେ ଉପସ୍ଥିତ ବ୍ୟକ୍ତିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରତି ୱାର୍ଡରୁ ଦୁଇ ଲେଖାଏ ସଭ୍ୟଙ୍କୁ ନେଇ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଥିବା ସଭାପତି ନାୟକ ସୂଚନା ଦେଇଛନ୍ତି। ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଡେଲାଙ୍ଗ ବ୍ଲକ ଶିକ୍ଷା ଅଧିକାରୀ ୨୦୨୫ ଜୁନ୍ ୯ରେ ଯେଉଁ ରିପୋର୍ଟ ଦେଇଛନ୍ତି, ସେଥିରେ ମୁନିନ୍ଦା ଉପ୍ରା ବିଦ୍ୟାଳୟରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଅଧିକ ଗୁରୁତ୍ୱ ଦିଆଯାଇଥିବା ସଭାପତି ନାୟକ ଦର୍ଶାଇଛନ୍ତି।


ବୈଠକରେ ଯୋଗ ଦେଇଥିବା ବିଭିନ୍ନ ୱାର୍ଡର ବାସିନ୍ଦା ।





ମହାଶିବରାତ୍ରି ଓ ଜାଗରଯାତ୍ରା ଅବସରରେ ରବିବାର ସନ୍ଧ୍ୟାରେ ରସୁଲଗଡ଼ ଜିଜିପି କଲୋନୀ ନୀଳକଣ୍ଠେଶ୍ୱର ମନ୍ଦିର, ମା' କୋଟିଲେଇ ମନ୍ଦିର ଓ ଲିଙ୍ଗରାଜ ମନ୍ଦିରରେ ଶ୍ରଦ୍ଧାଳୁମାନେ ଜାଗରଦୀପ ଜାଳୁଛନ୍ତି। (ଫଟୋ: ବିକାଶ ନାୟକ ଓ ମନୋରଞ୍ଜନ ମିଶ୍ର)

# 'ଓଁ ନମଃ ଶିବାୟ' ମନ୍ତ୍ରରେ ଗୁଞ୍ଜରିତ ଶୈବପୀଠ

## ଜାଗରରେ ଜଳିଲା ଭକ୍ତିର ଦୀପ

ଭୁବନେଶ୍ୱର,୧୫।୨(ସୌମ୍ୟରଞ୍ଜନ ରାଉତ)

ଶ୍ରୀଲିଙ୍ଗରାଜ ମନ୍ଦିର ସମେତ ଏକାମ୍ର କ୍ଷେତ୍ର ଓ ସହରର ବିଭିନ୍ନ ସ୍ଥାନରେ ଥିବା ଶୈବପୀଠରେ ରବିବାର ମହାଶିବରାତ୍ରି ଓ ଜାଗରଯାତ୍ରା ଶାନ୍ତିଶୃଙ୍ଖଳାରେ ପାଳିତ ହୋଇଯାଇଛି। ଭୋର୍‌ରୁ ପହୁଡ଼ ଖୋଲିବା ପରେ ଠାକୁରଙ୍କ ସ୍ନାନ ଓ ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ଏହାପରେ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। 'ଓଁ ନମଃ ଶିବାୟ' ମନ୍ତ୍ରରେ ଗୁଞ୍ଜରିତ ହୋଇଥିଲା ମନ୍ଦିର ପରିସର। କେତେକ ମନ୍ଦିରରେ ହୋମଯଜ୍ଞ, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ସନ୍ଧ୍ୟାରେ ପରିବାରର ସୁଖ ଶାନ୍ତି କାମନା କରି ଶ୍ରଦ୍ଧାଳୁମାନେ ଜାଗର ଦୀପ ଜାଳିଥିଲେ। ଲିଙ୍ଗରାଜ ମନ୍ଦିରରେ ଏଥର ଶୀଘ୍ର ଅର୍ଥାତ୍ ରାତି ୮ଟା ୪୧ରେ ମହାଦୀପ ଉଠିବା ପରେ ଅନ୍ୟ ମନ୍ଦିରରେ ମହାଦୀପ ଉଠିଥିଲା। ପୁରୁଣା ଭୁବନେଶ୍ୱରସ୍ଥିତ କେଦାରଗୌରୀ ମନ୍ଦିର, ଖରାଖିଆ ବୈଦନାଥ ମନ୍ଦିର, ରାମେଶ୍ୱର, ଲକ୍ଷ୍ମଣେଶ୍ୱର, ମୁକ୍ତେଶ୍ୱର, ମେଘେଶ୍ୱର, ଜମ୍ୱେଶ୍ୱର, ଚିନ୍ତାମଣିଶ୍ୱରସ୍ଥିତ ଚିନ୍ତାମଣିଶ୍ୱର ମନ୍ଦିର, ଶତ୍ରୁଘନେଶ୍ୱର ମନ୍ଦିର ସହ ଜିଜିପି କଲୋନୀସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର,



ନୀଳାଦ୍ରି ବିହାରର ଇସାନେଶ୍ୱର ମନ୍ଦିର, ଚନ୍ଦ୍ରଶେଖରପୁରସ୍ଥିତ ସ୍ୱପ୍ନେଶ୍ୱର, ମୈତ୍ରୀ ବିହାରସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର, କାନନବିହାରସ୍ଥିତ କାନନେଶ୍ୱର ମନ୍ଦିର, ପଟିଆ ମହାଦେବ, କଳାରାହାଙ୍ଗର ଜଳେଶ୍ୱର ମନ୍ଦିର, ମଞ୍ଚେଶ୍ୱରସ୍ଥିତ ମଞ୍ଚନାଥ ମନ୍ଦିର, ବାଣୀବିହାରସ୍ଥିତ କେଦାରେଶ୍ୱର ଓ ବିଶ୍ୱେଶ୍ୱର ମନ୍ଦିର, ଭିଏସଏସ୍ ନଗରସ୍ଥିତ ଭୁବନେଶ୍ୱରୀ ମନ୍ଦିର, ରଙ୍ଗମାଟିଆସ୍ଥିତ ରଙ୍ଗେଶ୍ୱର ମନ୍ଦିର, ଚକେଇସିହାଣୀସ୍ଥିତ ସୋମନାଥ ମନ୍ଦିର ଏବଂ କଟକ ରୋଡ୍‌ସ୍ଥିତ ବୁଦ୍ଧେଶ୍ୱରୀ ମନ୍ଦିରରେ ରାତି ୧୦ଟାରୁ ୧୦ଟା ୩୦ ମଧ୍ୟରେ ମହାଦୀପ ଉଠିଥିଲା। ଶାନ୍ତି ଶୃଙ୍ଖଳାର ସହ ଭୋଳାନାଥଙ୍କ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ଓ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ହୋଇଥିଲା।



## ସହଧର୍ମିଣୀଙ୍କ ସହ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ

ପୁରୁଣା ଭୁବନେଶ୍ୱର,୧୫।୨(ସୁବାସଚନ୍ଦ୍ର ପ୍ରଧାନ)

ମହାଶିବରାତ୍ରି ଲାଗି ରବିବାର ଏକାମ୍ର କ୍ଷେତ୍ର ଭକ୍ତିମୟ ହୋଇଉଠିଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସହଧର୍ମିଣୀ ଡ. ପ୍ରିୟଙ୍କା ମାର୍ଣ୍ଡିଙ୍କ ସହ ଶ୍ରୀଲିଙ୍ଗରାଜ ମନ୍ଦିର ଆସି ଠାକୁରଙ୍କ ଦର୍ଶନ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ଅସ୍ଥାୟୀ ଭଜନ ମଣ୍ଡପକୁ ଯାଇଥିଲେ।ସେଠାରେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ଆନୁକୂଲ୍ୟରେ ଆୟୋଜିତ ଜାତୀୟସ୍ତରୀୟ ଭଜନ ସମାରୋହରେ ଯୋଗଦେଇଥିଲେ। ଅନୁରୂପ ଭାବେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ କରିଥିଲେ।



## କଟକଣା ମାନିଲେନି

## ନୋ ଫ୍ଲାଇଙ୍ଗ୍ ଜୋନ୍‌ରେ ଉଡ଼ିଲା ଡ୍ରୋନ୍

ଭୁବନେଶ୍ୱର/ପୁରୁଣା ଭୁବନେଶ୍ୱର,୧୫।୨
(ତ୍ରିନାଥ ମହାନ୍ତି/ସୁବାସ ଚନ୍ଦ୍ର ପ୍ରଧାନ)

ମହାଶିବରାତ୍ରି ପାଇଁ ପୋଲିସ କମିଶନରେଟ ପୋଲିସ ପକ୍ଷରୁ ଡ୍ରୋନ୍ ଉଡାଣ ଉପରେ କଟକଣା କରାଯାଇଥିଲା। ହେଲେ ସନ୍ଧ୍ୟାରୁ ମନ୍ଦିର ଉପର ସମେତ ଅନ୍ୟ କଟକଣା ଅଞ୍ଚଳରେ ଡ୍ରୋନ୍ ଉଡିଥିଲା। ଏପରିକି ମହାଦୀପ ଉଠିବା ସମୟରେ ଲିଙ୍ଗରାଜ ମନ୍ଦିର ଉପରେ ମାଳମାଳ ଡ୍ରୋନ୍ ଉଡୁଥିବା ଦେଖିବାକୁ ମିଳିଥିଲା। ମହାପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିରର ସୁରକ୍ଷାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ଏକ ମାର୍ଗଦର୍ଶିକା ଜାରି ହୋଇଥିଲା। ଲିଙ୍ଗରାଜ ମନ୍ଦିର ଅଞ୍ଚଳକୁ ରେଡ୍ ଜୋନ୍ ଭାବେ ଘୋଷଣା କରାଯିବା ସହ ଏହା ଉପରେ କୌଣସି ଡ୍ରୋନ ଉଡ଼ିବ ନାହିଁ ବୋଲି କୁହାଯାଇଥିଲା। ମନ୍ଦିର ଚାରିପଟେ ବିନା ଅନୁମତିରେ ଡ୍ରୋନ୍ କିମ୍ବା ଅନ୍ୟ କୌଣସି ମାନବବିହୀନ ଏରିଏଲ ଡିଭାଇସ୍ ଉଡାଇବା ନିଷେଧ କରାଯାଇଥିଲା। ହେଲେ ରବିବାର ତାହା ଖୁଲମଖୁଲା ଉଲ୍ଲଂଘନ ହୋଇଥିବା ଦେଖିବାକୁ ମିଳିଛି। କିଏ ଏହି ଡ୍ରୋନ୍‌ସବୁ ଉଡ଼ାଉଥିଲା ତାହାର ତଥ୍ୟ ପୋଲିସ ନିକଟରେ ନାହିଁ। କେତେଜଣ ୟୁଟ୍ୟୁବର ଏବଂ ଇନ୍‌ଷ୍ଟା ରିଲ୍ସ କରୁଥିବା ଯୁବକମାନେ ଏହି ଡ୍ରୋନ୍ ଉଡାଉଥିବା କୁହାଯାଉଛି। ଏବେ ପ୍ରଭୁ ଲିଙ୍ଗରାଜଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠୁଛି। ବଡ଼ କଥା ହେଲା ଏହି ଉଡୁଥିବା ଡ୍ରୋନ୍‌କୁ ଆକାଶ ମାର୍ଗରୁ ଖସାଇବା କିମ୍ବା ରେଡ୍ ଜୋନରେ ଡ୍ରୋନ୍ ନଉଡ଼ି ପାରିବା ପାଇଁ ଆବଶ୍ୟକ ଟେକ୍ନୋଲୋଜି ପୋଲିସ ପାଖରେ ନାହିଁ। ରବିବାର ରାତିରେ ଯେଉଁଭଳି ଲିଙ୍ଗରାଜ ମନ୍ଦିରର ଫଟୋ ଭିଡ଼ିଓ ଡ୍ରୋନ୍ ମାଧ୍ୟମରେ ଆକାଶ ମାର୍ଗରୁ ଉତ୍ତୋଳନ ହୋଇ ତାହା ଶତ୍ରୁ ଦେଶ ନିକଟକୁ ଯାଇପାରେ ପୋଲି କହି ହେଉନାହିଁ। ଏନେଇ ସେଠାରେ ଉପସ୍ଥିତ ପୋଲିସ ଅଧିକାରୀଙ୍କୁ ପଚାରିବାରୁ ଆକାଶରେ ଉଡୁଥିବା ଡ୍ରୋନକୁ ଧରିବୁ କେମିତି ବୋଲି ପ୍ରଶ୍ନ କରୁଛନ୍ତି।

# ବିଶୃଙ୍ଖଳା ସୃଷ୍ଟିକଲା ଭିଆଇପି ଦର୍ଶନ ବ୍ୟବସ୍ଥା

ଭୁବନେଶ୍ୱର,୧୫।୨(ତ୍ରିନାଥ ମହାନ୍ତି)

- ଖରାରେ ଦୀର୍ଘ ସମୟ ଧାଡ଼ିରେ ଛିଡ଼ା ହୋଇ ମହିଳା ଅଚେତ
- ଧସ୍ତାଧସ୍ତିରେ ହାତ ଭାଙ୍ଗିଲା

ଲିଙ୍ଗରାଜ ମନ୍ଦିରରେ ଭିଆଇପି ଦର୍ଶନକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁମାନେ ରାତି ୩ଟାରୁ ଧାଡ଼ିରେ ରହିଥିବା ବେଳେ ପୋଲିସ ଏବଂ ସେବାୟତ ଭିଆଇପି ଲୋକଙ୍କୁ ନେଇ ଦର୍ଶନ କରାଯାଉଥିବା ଅଭିଯୋଗ ହୋଇଥିଲା। ଏଥିପାଇଁ ଧାଡ଼ିରେ ରହିଥିବା ଶ୍ରଦ୍ଧାଳୁମାନେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଅପେକ୍ଷା କରି ଉତ୍ତେଜିତ ହୋଇପଡିଥିଲେ। ସେମାନେ ହୋହଲ୍ଲା କରିବା ସହ ଭିଆଇପି ଦର୍ଶନ ବନ୍ଦ ନ କଲେ ବିଶୃଙ୍ଖଳା ସୃଷ୍ଟି ହେବ ବୋଲି ଚେତାଇଥିଲେ। ଖବର ପାଇ ଡିସିପି ଜଗମୋହନ ମୀନା ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏନେଇ ଡିସିପି କହିଥିଲେ, ସାହାଣ ମେଲା ଦର୍ଶନ ଚାଲିଥିବାରୁ ଦର୍ଶନ ବ୍ୟବସ୍ଥା ଟିକେ ଧିରେ ଚାଲିଥିଲା। ସାହାଣ ମେଲା ଦର୍ଶନ ସରିବା ପରେ ବ୍ୟବସ୍ଥା ଠିକ୍ ଚାଲିଲା। ଭିଆଇପି ନୁହେଁ, ଯେଉଁମାନଙ୍କୁ ପାସ୍ ଦିଆଯାଇଛି ସେମାନେ ପାସ୍ ଦେଖାଇ ମନ୍ଦିର ଭିତରକୁ ପ୍ରବେଶ କରୁଛନ୍ତି। ସେଭଳି କିଛି ବିଶୃଙ୍ଖଳା ହୋଇ ନ ଥିବା ସେ କହିଛନ୍ତି। ହେଲେ ଏହାପରେ କିଛି ସମୟ ଧରି ଧାଡିରେ ଥିବା ଶ୍ରଦ୍ଧାଳୁଙ୍କୁ ଠିକ୍ ଭାବେ ଦର୍ଶନ ସୁବିଧା ମିଳିଥିଲେ ମଧ ପରେ କେତେଜଣ ସେବାୟତ ଦଳଦଳ କରି ବିନା ଧାଡ଼ିରେ ଥିବା ଶ୍ରଦ୍ଧାଳୁଙ୍କୁ ନେଇ ମନ୍ଦିରରେ ପ୍ରବେଶ କରୁଥିବା ଦେଖିବାକୁ ମିଳିଥିଲା। ଏପଟେ ଧାଡ଼ି ଦର୍ଶନ ଚାଲିଥିବା ବେଳେ ଲାଇନରେ ଥିବା ଜଣେ ମହିଳା ଭକ୍ତ ଦକ୍ଷିଣକାଳୀ ମନ୍ଦିର ନିକଟରେ ଅଚେତ ହୋଇପଡ଼ିଥିଲେ। ଖରାରେ ଦୀର୍ଘ ସମୟ ଧାଡ଼ିରେ ଛିଡ଼ା ହୋଇଥିବାରୁ ମହିଳା ଜଣକ ଅସୁସ୍ଥ ହୋଇ ପଡିଯାଇଥିଲେ। ସେଠାରେ ଥିବା ସ୍ୱେଚ୍ଛାସେବୀମାନେ ତାଙ୍କୁ ଉଦ୍ଧାର କରି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେହିପରି ମନ୍ଦିର ଭିତରେ ଶ୍ରଦ୍ଧାଳୁଙ୍କ ଠେଲାପେଲା ଭିତରେ ଜଣଙ୍କର ହାତ ଭାଙ୍ଗି ଯାଇଥିଲା। ଶ୍ରଦ୍ଧାଳୁଙ୍କ ଭିଡ଼ ଭିତରେ ପୋଲିସ ଓ ସେବାୟତଙ୍କ ନିଷ୍ଠୁର ଆଚରଣ ଯୋଗୁ ଏପରିସ୍ଥିତି ଉପୁଜିଥିଲା ବୋଲି ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତେବେ ଚଳିତବର୍ଷ ଲିଙ୍ଗରାଜ ମନ୍ଦିରରେ ଏପରି ଅନେକ ବିଶୃଙ୍ଖଳା ହୋଇଥିବା ଦେଖିବାକୁ ମିଳିଥିଲା।

### ପାର୍କିଂସ୍ଥଳ କବ୍‌ଜା, ଲୋକେ ହଇରାଣ

ପାର୍କିଂକୁ ନେଇ ସମସ୍ୟା ହୋଇଥିଲା। ଅନେକ ବ୍ୟକ୍ତି ଗାଡ଼ି ରଖିବା ପାଇଁ ପାର୍କିଂସ୍ଥଳକୁ ଯାଇପାରି ନ ଥିଲେ। କାରଣ ପୂର୍ବରୁ ଏକାଧିକ ବଡ଼ବଡ଼ ଗାଡି ପାର୍କିଂ ସ୍ଥଳକୁ କବ୍‌ଜା କରି ରଖିଥିଲେ। ତେଣୁ ଲୋକେ ଯିଏ ଯେଉଁଠି ପାରିଲା ଗାଡି ରଖିଦେବାରୁ ସମସ୍ୟା ଆହୁରି ବଢ଼ିଯାଇଥିଲା।

## ଦୁଇ ସେବାୟତ ଗୋଷ୍ଠୀ ଧସ୍ତାଧସ୍ତି ପୋଲିସକୁ ବି ଛାଡ଼ିଲେନି

ପୂର୍ବାହ୍ନ ୧୧ଟାରେ ସାହାଣ ମେଲା ଦର୍ଶନ ଶେଷ ହେବା ପରେ ସେବାୟତଙ୍କ ପରିବାର ସଦସ୍ୟଙ୍କୁ ମନ୍ଦିର ପ୍ରବେଶକୁ ନେଇ ଦୁଇ ସେବାୟତ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ ଓ ଧସ୍ତାଧସ୍ତି ହୋଇଥିଲା। ଜଣେ ସେବାୟତ ତାଙ୍କ ପରିବାର ଲୋକଙ୍କ ଦର୍ଶନ କରିବାକୁ ନେଉଥିଲେ। ହେଲେ ଏହି ସମୟରେ ଅନ୍ୟ ଜଣେ ସେବାୟତ ତାହାକୁ ବିରୋଧ କରିଥିଲେ। ଯେଉଁ ବ୍ୟକ୍ତିଙ୍କୁ ସେ ଦର୍ଶନ କରିବାକୁ ନେଉଛନ୍ତି ସେ କେଉଁ ପରିବାର ସଦସ୍ୟ ବୋଲି ପ୍ରଶ୍ନ କରିବାକୁ ଉଭୟଙ୍କ ମଧ୍ୟରେ ପ୍ରଥମେ ଯୁକ୍ତିତର୍କ ଓ ପରେ ମାର୍‌ପିଟ୍ ହୋଇଥିଲା। ପୋଲିସ ପହଞ୍ଚି ସେବାୟତଙ୍କୁ ତାଗିଦ୍ କରୁଥିବାବେଳେ ଆକ୍ରୋଶର ଶିକାର ହୋଇଥିଲେ। ଦୁଇ ସେବାୟତ ଗୋଷ୍ଠୀଙ୍କ ଧସ୍ତାଧସ୍ତି ଭିତରେ ପୋଲିସ ମଧ୍ୟ ଠେଲାପେଲାର ସମ୍ମୁଖୀନ ହୋଇଥିଲା। ତେବେ ଡିସିପି ଏବଂ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ରହିଥିଲେ ମଧ୍ୟ ପ୍ରଥମେ ସେବାୟତଙ୍କ କଳିକୁ ପଶି ନ ଥିଲେ। ଶେଷରେ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ହେ ଡମ୍ବୁରୁ ବାଲେ ଶଙ୍କରା ତୁଝେ କରୁ ପ୍ରଣାମ...

ଭୁବନେଶ୍ୱର,୧୫।୨(ସୌମ୍ୟରଞ୍ଜନ ରାଉତ)

ମହାଶିବରାତ୍ରି ଅବସରରେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ୩୭ତମ ଜାତୀୟସ୍ତରୀୟ ଭଜନ ସମାରୋହ ରବିବାର ଲିଙ୍ଗରାଜ ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହକୁ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ରାଜ୍ୟର ପ୍ରଥମ ମହିଳା ଡ.ଜୟଶ୍ରୀ କମ୍ଭମପାଟି ଉଦ୍‌ଘାଟନ କରିଥିଲେ। ପରେ ଆରମ୍ଭ ହୋଇଥିଲା ଭକ୍ତିମୟ ସାଂସ୍କୃତିକ କାର୍ଯ୍ୟକ୍ରମ। କଣ୍ଠଶିଳ୍ପୀ ମନ୍ମଥ ମିଶ୍ର ପ୍ରଥମେ ଶ୍ରୀ ଜଗନ୍ନାଥ ନୀଳସିନ୍ଧୁ ତୀରେ ନୀଳାଚଳେ...ଗାଇଥିଲେ। ପରେ ମୁମ୍ବାଇର ବର୍ଦ୍ଧନ ସିଂ ଗାଇଲେ ହେ ଡ଼ମ୍ବୁରୁ ବାଲେ ଶଙ୍କରା ତୁଝେ କରୁ ପ୍ରଣାମ..ମୁମ୍ବାଇର ନୀତିନ୍ ମୁକେଶ୍ ଜୋତ୍ ସେ ଜୋତ୍ ମିଲ୍‌ତେ ଚଲୋ.. ପ୍ରେମ କି ଗଙ୍ଗା ବହାତେ ଚଲୋ... ବନାରସର ଖୁସ୍‌ବୁ ତିୱାରୀ ହେ ଜଗନ୍ନାଥ ଚକା ନୟନ, ତୁ ସାମାଲେ....ଏ ଦୁନିଆ ବନାନେ ବାଲେ କହେକୋ ଦୁନିଆ ବନୟା.... ଭଳି ହୃଦୟ ଭରା ଭକ୍ତି ସଙ୍ଗୀତ ଗାନ କରି ଆଧାତ୍ମିକତା ବାତାବରଣ ସୃଷ୍ଟି କରିଥିଲେ। ବିଶେଷ ଆକର୍ଷଣରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆଉଟିକେ ରଙ୍ଗୀନ୍ କରିବାକୁ ଅବିକଳ ଅମିତା ବଚନଙ୍କ ଭଳି ଦିଶୁଥିବା ଶଶିକାନ୍ତ ପୌଡୁଆଲ୍ ଭଜନ ଗାଇଥିଲେ। ସେହିପରି ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ଓଡ଼ିଆ କଣ୍ଠଶିଳ୍ପୀ ଶ୍ରୀ ଚରଣ, କୁମାର ବାପି, ଶୈଳଭାମା ମହାପାତ୍ର, ସୌରଭ ନାୟକ, ଦୀପ୍ତିରେଖା ପାଢୀଙ୍କ ସମେତ ୩୦ରୁ ଅଧିକ କଣ୍ଠଶିଳ୍ପୀ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ୨୪ଜଣ କଣ୍ଠଶିଳ୍ପୀ ଓ ବିଶିଷ୍ଟ ବ୍ୟକ୍ତିଙ୍କୁ 'ଏକାମ୍ରଶ୍ରୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୧୦ଜଣ ରାଜ୍ୟ ବାହାର ଶିଳ୍ପୀ ଥିବାବେଳେ ୧୪ଜଣ ଓଡ଼ିଶାର କଳାକାର ରହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବାଚସ୍ପତି ସୁରମା ପାଢ଼ୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ,ଏକାମ୍ର ବିଧାୟକ ବାବୁ ସିଂ, ବିଏମ୍‌ସି ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ସନତ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ଲଲାଟେନ୍ଦୁ ମହାନ୍ତି, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମୁଖପାତ୍ର ଲିଙ୍ଗରାଜ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ।




ମୁମ୍ବାଇର ବର୍ଦ୍ଧନ ସିଂ ଓ ଖୁସ୍‌ବୁ ତିୱାରୀ ଭଜନ ପରିବେଷଣ କରୁଛନ୍ତି। ଉପସ୍ଥିତ ଅଛନ୍ତି ଶଶିକାନ୍ତ ପୌଡୁଆଲ୍ ଓ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ର।

### ୨୪ଜଣ ପାଇଲେ 'ଏକାମ୍ରଶ୍ରୀ ସମ୍ମାନ'



ସମାରୋହରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ରାଜ୍ୟର ପ୍ରଥମ ମହିଳା ଡ.ଜୟଶ୍ରୀ କମ୍ଭମପାଟିଙ୍କ ସହ ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।

# ଉପବାସ ରହି ଜାଗର ଦୀପ ଜାଳିଲେ


ଶ୍ରୀହଟକେଶ୍ୱରଙ୍କ ମନ୍ଦିରରେ ମହାଦୀପ ଉଠିବା ବେଳର ଦୃଶ୍ୟ।


ଗୁରୁଜଙ୍ଗସ୍ଥିତ ଧବଳେଶ୍ୱରଙ୍କ ପୀଠରେ ଶ୍ରଦ୍ଧାଳୁମାନେ ଦୀପ ଜାଳୁଛନ୍ତି।

**ଖୋର୍ଦ୍ଧା, ୧୫।୨ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲାର ପ୍ରମୁଖ ଶୈବପୀଠରେ ରବିବାର ମହାଶିବରାତ୍ରି ତଥା ଜାଗରଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସବୁଠି ରହିଥିଲା ଆଧ୍ୟାତ୍ମିକ ପରିବେଶ। ଶିବମୟ ହୋଇଉଠିଥିଲା ଅଞ୍ଚଳ। ଏକାକାର ହୋଇଯାଇଥିଲେ ଭକ୍ତ ଆଉ ଭଗବାନ୍। ମହାଦେବଙ୍କ ନିକଟରେ ଭକ୍ତିନୈବେଦ୍ୟ ଅର୍ପଣ ସହ ଜାଗର ଦୀପ ଜାଳିଥିଲେ ଭକ୍ତ। ଏହି ଅବସରରେ ଏକାଧିକ ଶୈବପୀଠରେ ଭଜନ ସମାରୋହ, ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ମହାଶିବରାତ୍ରି ଅବସରରେ ସବୁଠି ଉତ୍ସାହ, ଆନନ୍ଦ ଉଲ୍ଲାସର ପରିବେଶ ରହିଥିଲା।

ଗୁରୁଜଙ୍ଗସ୍ଥିତ ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱର ଏବଂ ଅତ୍ରିସ୍ଥିତ ଏକାଦଶ ରୁଦ୍ର ହଟକେଶ୍ୱରଙ୍କ ପୀଠରେ ହରିହର ଭେଟ ପରେ ରାତି ୧୧ଟାରେ ମହାଦୀପ ଉଠିଥିଲା। ମହାଦୀପ ଉଠିବା ପରେ ଶ୍ରୀଧବଳେଶ୍ୱର ହରିହର ବେଶରେ ଦର୍ଶନ ଦେଇଥିଲେ। ଭକ୍ତମାନେ ଅର୍ପଣ କରିଥିବା ନୂତନ ବସ୍ତ୍ର ମହାଦେବ ପରିଧାନ କରିଥିଲେ। ମହାଦୀପ ଉଠିବା ସମୟରେ ଧବଳେଶ୍ୱର ପୀଠ ଭକ୍ତଙ୍କ ହୁଳହୁଳି ଏବଂ ଜୟ ଜୟକାର ଧ୍ୱନିରେ କମ୍ପି ଉଠିଥିଲା। ସେହିପରି ଅତ୍ରି ହଟକେଶ୍ୱରଙ୍କ ପୀଠରେ ମହାଦୀପ ଦର୍ଶନ ଲାଗି ମନ୍ଦିର ଚାରିପାଖରେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା। ଗୋଡ଼ାସ୍ଥିତ ପ୍ରସିଦ୍ଧ ଲୋକନାଥଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ମହାଦୀପ ଦର୍ଶନ ଲାଗି ଆଖପାଖ ଅଞ୍ଚଳର ଭକ୍ତଙ୍କ ସମାଗମ ହୋଇଥିଲା। ଏଥିସହିତ ଖୋର୍ଦ୍ଧା ଉପରସାହିର ବାଲୁଙ୍କେଶ୍ୱର, ନବୀନାବାଗ୍‌ର ସ୍ୱପ୍ନେଶ୍ୱର, ସାମନ୍ତରାପୁର ସିଦ୍ଧେଶ୍ୱର, ଭାଲିଆବାଡ଼ିର ଲୋକେଶ୍ୱର ଦେବ, ଜେମାଦେଈର ବାଲୁଙ୍କେଶ୍ୱର, ମୁକୁନ୍ଦପ୍ରସାଦର ଅସୁରେଶ୍ୱର, ଟିଏଲ୍‌ସିର ତାରକେଶ୍ୱର, ନୟାଗଡ଼ ରୋଡ୍‌ର ଶ୍ରୀଚନ୍ଦ୍ରଶେଖର, ଗଡ଼ଖୋର୍ଦ୍ଧାସ୍ଥିତ ମହାଦେବ, ନିଜିଗଡ଼ ତାପଙ୍ଗର ବାଲୁଙ୍କେଶ୍ୱର, ଅଣ୍ଟାର ଶାଳେଶ୍ୱର ସମେତ ଟାଙ୍ଗୀର ଶ୍ରୀଚଣ୍ଡେଶ୍ୱର, ସିକୋସ୍ଥିତ ଚନ୍ଦ୍ରଶେଖର ଦେବ, କୁଶପଲ୍ଲାସ୍ଥିତ ଲୋକେଶ୍ୱର, ପଶ୍ଚିମାଶମ୍ଭୁ (ପ୍ରତାପେଶ୍ୱର), ବୋଲଗଡ଼ର ପ୍ରସିଦ୍ଧ ଶୈବପୀଠ ତାରକେଶ୍ୱରଙ୍କ ପୀଠରେ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁମାନେ ଧାଡ଼ିରେ ଆସି ମନ୍ଦିର ଭିତର ବେଢ଼ାରେ ମହାଦେବଙ୍କ ନିକଟରେ ଭକ୍ତି ନୈବେଦ୍ୟ ଅର୍ପଣ କରି ଫେରିଥିଲେ। ମନ୍ଦିର ବେଢ଼ାରେ ଶ୍ରଦ୍ଧାଳୁମାନେ ଜାଗର ଦୀପ ଜାଳିଥିଲେ। ଦୀପ ଜାଳି ମହାଦେବଙ୍କ ସ୍ମରଣ କଲେ ଅଶେଷ ପୁଣ୍ୟପ୍ରାପ୍ତି ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି।

## ଶ୍ରୀକପିଳେଶ୍ୱରଙ୍କ ପୀଠରେ କ୍ଷୀରସାଗର ମହୋତ୍ସବ



**ନିରାକାରପୁର, ୧୫।୨ (ମାନସ ଚନ୍ଦ୍ର ପଟ୍ଟନାୟକ)**

ମହାଶିବରାତ୍ରି ଅବସରରେ ବାଇଶିଦେଶ ଯାଦବ ସମିତି ପକ୍ଷରୁ ବିଂଶତମ କ୍ଷୀରସାଗର ମହୋତ୍ସବ ଶ୍ରୀକପିଳେଶ୍ୱର ଦେବଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଜାରିଆ ପାଟଣାର ମା' ଦହିଖାଇଙ୍କ ପୀଠରୁ ଶୋଭାଯାତ୍ରାରେ ଏହି କ୍ଷୀରକୁ ବିଜେ ଡିଆସ୍ଥିତ କପିଳେଶ୍ୱର ଦେବଙ୍କ ପୀଠକୁ ଅଣାଯାଇଥିଲା। ପିଲାମାନଙ୍କୁ ରାଧାକୃଷ୍ଣ ବେଶରେ ସଜ୍ଜିତ କରାଯାଇଥିଲା। ସମିତି ପକ୍ଷରୁ ପାରମ୍ପରିକ ବାଡ଼ିଖେଳ ସହ ନାମ ସଂକୀର୍ତ୍ତନ, ହରିବୋଲ, ହୁଳହୁଳିରେ ନିରାକାରପୁର ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଥିଲା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଯାଦବ ସମିତି ଦ୍ୱାରା ୧୦ହଜାର ଲିଟର କ୍ଷୀର ସଂଗ୍ରହ ହୋଇଥିଲା। ସମିତି ପକ୍ଷରୁ ଦୁଇଟି ସୁସଜ୍ଜିତ ଗାଡ଼ିରେ ଓ ଆଉ କିଛି କ୍ଷୀରକୁ ସମିତିର ସଭ୍ୟମାନେ ବାହୁଙ୍ଗିରେ କାନ୍ଧେଇ ପୀଠକୁ ଶୋଭାଯାତ୍ରାରେ ଯାଉଥିବା ଦେଖିବାକୁ ମିଳିଥିଲା। କ୍ଷୀରକୁ ଜଗତର କଲ୍ୟାଣ ଓ ମଙ୍ଗଳ ଉଦ୍ଦେଶ୍ୟରେ କପିଳେଶ୍ୱର ଦେବଙ୍କ ମସ୍ତକରେ ଲାଗି କରାଯାଇଥିଲା। ମହାମୃତ୍ୟୁଞ୍ଜୟ ମନ୍ତ୍ରରେ ମନ୍ଦିର ପରିସର ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। କାର୍ଯ୍ୟକ୍ରମରେ ସମିତିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ପ୍ରବଳ ଜନସମାଗମ ଯୋଗୁ ନିରାକାରପୁର ପୋଲିସ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲା।


ବେଗୁନିଆ ସଦରମହକୁମାସ୍ଥିତ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ପରିସରରେ ଶ୍ରଦ୍ଧାଳୁମାନେ ଦୀପ ଜାଳୁଛନ୍ତି।

## ବଡ଼ପଦରରେ ଜାଗର ମହୋତ୍ସବ


ଲୋକେଶ୍ୱର ଦେବଙ୍କ ପୀଠରେ ଯୁବକ ସଂଘ ପକ୍ଷରୁ ଆୟୋଜିତ ଜାଗର ମହୋତ୍ସବରେ ମଞ୍ଚାସୀନ ଅତିଥି।

**ବୋଲଗଡ଼, ୧୫।୨ (ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ବଡ଼ପଦର ଗ୍ରାମ ସ୍ଥିତ ଲୋକେଶ୍ୱର ଦେବଙ୍କ ପୀଠରେ ଯୁବକ ସଂଘ ପକ୍ଷରୁ ରବିବାର ଦ୍ୱିତୀୟ ବାର୍ଷିକ ଜାଗର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମିତିସଭ୍ୟ ଦିଲୀପ ମହାପାତ୍ର ମୁଖ୍ୟବକ୍ତା, ପୂର୍ବତନ ଜିଲା ଭାଜପା ସଭାପତି ରୁଦ୍ର ନାରାୟଣ ବାହିନୀପତି, ମଲ୍ଲୀପଦର ଆମ ଗାଁ ମହୋତ୍ସବ ସମ୍ପାଦକ ଡ. ଶିଶିର ଆଚାର୍ଯ୍ୟ, ଭୁବନାନନ୍ଦ ସାହୁ, ଶିଶିର ଛୁଆଳସିଂହ, ଲକ୍ଷ୍ମୀପ୍ରିୟା ପଣ୍ଡା, ଗିରିଶ୍ ପଟ୍ଟନାୟକଙ୍କ ସମେତ ଅନ୍ୟ ଅତିଥିମାନେ ଯୋଗଦେଇ ଲୋକଙ୍କ ମନୋରଞ୍ଜନର ମାଧ୍ୟମ ମହୋତ୍ସବ ବୋଲି ମତବ୍ୟକ୍ତ କରିଥିଲେ। ଖୋର୍ଦ୍ଧାର ଡିଭାଇନ୍ ଡ୍ୟାନ୍ସ ଗ୍ରୁପ୍ କଳାକାରଙ୍କ ନୃତ୍ୟ ସହ ବୀଣାପାଣି ଡ୍ୟାନ୍ସ ଗ୍ରୁପ୍‌ର ଶିଶୁ କଳାକାର ଗାର୍ଗୀ ପଟ୍ଟନାୟକଙ୍କ ଦ୍ୱାରା ଓଡ଼ିଶୀନୃତ୍ୟ ପରିବେଷଣ କରାଯାଇଥିଲା।

## ବ୍ରହ୍ମାକୁମାରୀ ଆଶ୍ରମରେ ଜାଗର ଉତ୍ସବ

**ଖୋର୍ଦ୍ଧା, ୧୫।୨ (ପ୍ରଭାତ ପାଣିଗ୍ରାହୀ)**

ଗୋଡ଼ିପୋଖରୀସ୍ଥିତ ବ୍ରହ୍ମାକୁମାରୀ ସେବାକେନ୍ଦ୍ର ପରିସରରେ ସଂସ୍ଥାର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଅନୁରାଧା ଭଉଣୀଙ୍କ ସଭାପତିତ୍ୱରେ ଜାଗର ଉତ୍ସବ ପାଳନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା, ସମ୍ମାନିତ ଅତିଥିଭାବେ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଏବଂ ଆଦର୍ଶ ଥାନାର ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ନାୟକ ଯୋଗଦେଇ ବିଶ୍ୱଶାନ୍ତି ପାଇଁ ପ୍ରଦୀପ ପ୍ରଜ୍ୱଳନ ସହିତ ପରମାତ୍ମା ଶିବ ବାବାଙ୍କ ଧ୍ୱଜା ଉତ୍ତୋଳନ କରିଥିଲେ। ବିଭିନ୍ନ ଗ୍ରାମରେ ଥିବା ବ୍ରହ୍ମାକୁମାରୀ ପାଠାଶାଳାରୁ ୩୦୦ ଭାଇଭଉଣୀ ସୁସଜ୍ଜିତ ରଥରେ ଶିବଙ୍କୁ ସ୍ଥାପନକରି ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ବ୍ରହ୍ମକୁମାର ଜୟକୃଷ୍ଣ ଭାଇ ପରମାତ୍ମା ଶିବ ବାବାଙ୍କ ଧରାବତରଣର ବାର୍ତ୍ତା, ମହିମା ଓ ଗୁଣଗାନ କରିଥିଲେ। ବ୍ରହ୍ମାକୁମାରୀ ରଶ୍ମି ଓ କଳ୍ପନା ଭଉଣୀ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ଏସ୍‌ପି ବିବେକାନନ୍ଦ ଶର୍ମା, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଏବଂ ଅନ୍ୟମାନେ।


ସାଲତରାସ୍ଥିତ ବାବା ବାଲୁଙ୍କେଶ୍ୱର ପୀଠରେ ଭକ୍ତମାନେ ଦୀପ ଜାଳୁଛନ୍ତି।



ଜଟଣୀ ପୌରାଞ୍ଚଳ ନିକଟ ବଂଗ୍ ଗ୍ରାମସ୍ଥିତ ବାବା ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମନ୍ଦିରରେ ଶ୍ରଦ୍ଧାଳୁମାନେ ଦୀପ ଜାଳୁଛନ୍ତି।


ଗୋଡ଼ା ଲୋକନାଥ ଦେବଙ୍କ ପୀଠରେ ଠାକୁରଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଧାଡ଼ିରେ ଠିଆ ହୋଇଛନ୍ତି।


ଡିଆ ପଞ୍ଚାୟତ ବିଜେ ଡିଆଠାରେ ଶ୍ରୀକପିଳେଶ୍ୱର ଦେବଙ୍କ ଜାଗର ମହୋତ୍ସବରେ ଶ୍ରଦ୍ଧାଳୁମାନେ ଦୀପ ଜାଳୁଛନ୍ତି।


ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ ତାରେଶ୍ୱର ଦେବଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।


ଜଟଣୀ ପୌରାଞ୍ଚଳ ରାମଚନ୍ଦ୍ରପୁର ବଜାରସ୍ଥ ଆଖଣ୍ଡଳମଣି ଦେବଙ୍କ ମନ୍ଦିର ବେଢ଼ାରେ ମାନସିକଧାରୀମାନେ ଦୀପ ଜାଳୁଛନ୍ତି।



ଶ୍ରୀଲୋକନାଥଙ୍କୁ ଗଜପତି ମହାରାଜାଙ୍କ ବାସଭବନରୁ ବନ୍ଦାପନା ପରେ ମନ୍ଦିରକୁ ନିଆଯାଉଛି।




ଶ୍ରୀଲୋକନାଥଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ।



ଶ୍ରୀଲୋକନାଥଙ୍କ ପୀଠରେ ଭକ୍ତ ଜାଗର ଦୀପ ଜାଳୁଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)




୧୫।୨।୨୦୨୬

| | |
|---|---|
| ୫,୩୫,୫୫୫ ଟଙ୍କା | |
| ସୁନା | ୫.୩୫୦ ଗ୍ରାମ୍ |
| ରୁପା | ୩୧.୩୦୦ ଗ୍ରାମ୍ |

# ରାତ୍ରିର ଶେଷ ପ୍ରହରରେ ଉଠିଲା ମହାଦୀପ

**ପୁରୀ,୧୫।୨(ଅଜିତ୍ ମହାନ୍ତି)**

ରାଜ୍ୟର ଅନ୍ୟତମ ପ୍ରମୁଖ ଶୈବପୀଠ ଶ୍ରୀଲୋକନାଥ ମନ୍ଦିର ସମେତ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ଭାବେ ପୂଜିତ ଶ୍ରୀଯମେଶ୍ୱର, ମାର୍କଣ୍ଡେଶ୍ୱର, କପାଳମୋଚନ, ନୀଳକଣ୍ଠ ମନ୍ଦିରରେ ରବିବାର ଭକ୍ତିପୂତ ପରିବେଶ ମଧ୍ୟରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ଏଥିସହ ମଣିନାଗେଶ୍ୱର, ବାନାମ୍ବର, ଆଖଣ୍ଡଳମଣି ମନ୍ଦିର ସମେତ ବିଭିନ୍ନ ଶୈବପୀଠରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି ଲାଗିଥିଲା। ଶିବ ପଞ୍ଚାକ୍ଷର ଓ ମହାମୃତ୍ୟୁଞ୍ଜୟ ମନ୍ତ୍ରରେ ଶୈବପୀଠଗୁଡ଼ିକ ପ୍ରକମ୍ପିତ ହୋଇଉଠିଥିଲା। ଶ୍ରଦ୍ଧାଳୁମାନେ ରାତି ଉଜାଗର ରହି ଜାଗର ଦୀପ ଜାଳିଥିଲେ। ଅଧିକାଂଶ ମନ୍ଦିରରେ ମଧ୍ୟରାତ୍ରରେ ମହାଦୀପ ଉଠିଥିଲା। ତେବେ ଶ୍ରୀଲୋକନାଥ ପୀଠରେ ରାତିର ଶେଷ ପ୍ରହରରେ ମହାଦୀପ ଦର୍ଶନ ମିଳିଥିଲା।

ଜାଗର ଉପଲକ୍ଷେ ଶ୍ରୀଲୋକନାଥଙ୍କ ମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଶନିବାର ରାତି ୧୨ଟାରେ ମନ୍ଦିର ଦ୍ୱାର ଫିଟିବା ପରେ ମଙ୍ଗଳ ଆଳତି, ଅବକାଶ, ସୂର୍ଯ୍ୟପୂଜା ଓ ଭୋଗ ସରି ନିର୍ଦ୍ଧାରିତ ସମୟ ପୂର୍ବରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ରବିବାର ବଡ଼ିଭୋରୁ ଭକ୍ତଙ୍କ ଭିଡ଼ ଲାଗିଥିଲା। ସ୍ୱତନ୍ତ୍ର ଦର୍ଶନ ପାଇଁ ୧୦୦ ଟଙ୍କିଆ ଟିକେଟ୍ ବ୍ୟବସ୍ଥା କରାଯାଇଥିଲା। ଏଠାରେ ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଓଁ ନମଃ ଶିବାୟ, ହର ହର ମହାଦେବ ପ୍ରଭୃତି ଧ୍ୱନିରେ ଜାଗରପଦା ପ୍ରକମ୍ପିତ ହୋଇଉଠିଥିଲା। ମହାଶିବରାତ୍ରିରେ ଶ୍ରୀଲୋକନାଥଙ୍କୁ ଦର୍ଶନକଲେ ରୋଗବ୍ୟାଧିରୁ ମୁକ୍ତି ମିଳିବା

### ଶ୍ରୀଲୋକନାଥ ମନ୍ଦିର

ସହ ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ମାନସିକଧାରୀମାନେ ଶ୍ରୀଲୋକନାଥଙ୍କ ନିକଟରେ ରୁପା ଲାଗି କରିବା ସହ ରୁଡ଼ାଘଷା ଭୋଗ କରିଥିଲେ। ସେହିପରି କିଆ, କେତକୀ, ନାଗେଶ୍ୱର, ପଳାଶ ଆଦି ଫୁଲ ଲାଗିକରାଇଥିଲେ। ସନ୍ଧ୍ୟାରୁ ମହାଦୀପ ଉଠିବା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ମନ୍ଦିର ପରିସରରେ ଦୀପଜାଳି ବସି ରହିଥିଲେ। ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମା ବିଭିନ୍ନ ସ୍ଥାନରେ ପଙ୍କ୍ତି ମଣୋହି ହୋଇ ବିଳମ୍ବିତ ରାତିରେ ଲୋକନାଥ ମନ୍ଦିରରେ ପହଞ୍ଚିଥିଲେ। ଚଳନ୍ତି ପ୍ରତିମା ଲୋକନାଥ ମନ୍ଦିରରେ ପହଞ୍ଚିବା ପରେ ଅନ୍ୟାନ୍ୟ ନୀତି ହୋଇ ମହାସ୍ନାନ ଓ ବେଶ ସରିବା ପରେ ମହାସ୍ନାନ ଯାତ୍ରାଙ୍ଗୀ ଭୋଗ କରାଯାଇଥିଲା। ଘଣ୍ଟଛତା ଭୋଗ, ହରିହର ଭେଟ, ହରିହର ପୂଜା କରାଯିବା ପରେ ଚନ୍ଦନ ଲାଗି, ବଡ଼ଶୃଙ୍ଗାର ବେଶ ସମ୍ପନ୍ନ ହୋଇଥିଲା। ପରେ ଚତୁର୍ଦ୍ଦଶୀ ଓ ବଡ଼ଶୃଙ୍ଗାର ଭୋଗ କରାଯାଇଥିଲା। ରାତ୍ର ଶେଷ ପ୍ରହରରେ ମହାଦୀପ ଉଠିବା ପରେ ଭୋର୍‌ରୁ ରାତ୍ରପହୁଡ଼ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନେ ମହାଦୀପ ଦର୍ଶନ କରି ମହାଦେବଙ୍କ ପ୍ରସାଦ ପାଇ ଉପବାସ ଭାଙ୍ଗିଥିଲେ। ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା ସହ ୧୧ ପ୍ଲାଟୁନ ପୋଲିସ ଫୋର୍ସ ସହ ବରିଷ୍ଠ ଅଧିକାରୀମାନେ ମୁତୟନ ଥିଲେ। ଟ୍ରାଫିକ୍ ବ୍ୟବସ୍ଥାକୁ ସୁବନ୍ଦୋବସ୍ତ କରିବା ପାଇଁ ସ୍ୱତନ୍ତ୍ର ଆରକ୍ଷୀଙ୍କୁ ନିୟୋଜିତ କରାଯାଇଥିଲା।




ପୁରୀର ବାଲୁକା ଶିଳ୍ପୀ ମାନସ ସାହୁଙ୍କ ସ୍ୟାଣ୍ଡ୍ ଆନିମେଶନ।

## ଜାଗରଯାତ୍ରାର ଏପାଖସେପାଖ

### ଦୀପ ଦାମ୍ ୧୦ରୁ ୧୦୦

ମହାଶିବରାତ୍ରିରେ ଉଜାଗର ରହି ଜାଗର ଦୀପ ଜାଳିଲେ ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ଶ୍ରୀଲୋକନାଥଙ୍କ ପୀଠ ନିକଟରେ ଅନେକ ଦୀପ ଦୋକାନ ଖୋଲିଥିଲା। ଦୀପ ଗୋଟାର ଦାମ୍ ୧୦ ଟଙ୍କାରୁ ଆରମ୍ଭ କରି ୧୦୦ ଟଙ୍କା ପର୍ଯ୍ୟନ୍ତ ରହିଥିଲା। ଭକ୍ତମାନେ ମନ୍ଦିର ଚାରିପାଖ ଓ ଜାଗର ପଡ଼ିଆରେ ବସି ଦୀପ ଜାଳିଥିଲେ।

### ରୁପା ଅର୍ପଣ ପାଇଁ ଭିଡ଼

ଅନେକ ଭକ୍ତ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଲେ ଶ୍ରୀଲୋକନାଥଙ୍କ ପୀଠକୁ ଧାଇଁ ଆସନ୍ତି। ଏହି ପରିପ୍ରେକ୍ଷୀରେ ଭକ୍ତମାନେ ରୁପାରେ ତିଆରି ଅଙ୍ଗ ଲୋକନାଥଙ୍କ ନିକଟରେ ଅର୍ପଣ ପାଇଁ ମାନସିକ ରଖିଥାନ୍ତି। ଲୋକନାଥଙ୍କ ବିଶେଷ ପୂଜା ସମୟରେ ଭକ୍ତମାନେ ଆସି ମାନସିକ ମୁତାବକ ରୁପା ଅଙ୍ଗ କିଣି ପ୍ରଭୁଙ୍କୁ ଅର୍ପଣ କରିଥାନ୍ତି। ଜାଗର ଯାତ୍ରା ସମୟରେ ଶ୍ରୀଲୋକନାଥଙ୍କୁ ରୁପା ତିଆରି ରୁପ ଅର୍ପଣ କରିବାକୁ ଭକ୍ତମାନେ ଭିଡ଼ ଜମାଇଥିଲେ।

### ଲୋକେ କିଣିଲେ ଜାଗର ଚଣା



ରାସ୍ତା ଉଭୟ ପାର୍ଶ୍ୱରେ ଅନେକ ଚଣା ଦୋକାନ ଖୋଲିଥିଲା। ଲୋକେ ସେଠାରୁ ଚଣା କିଣିନେଉଥିବା ଦେଖିବାକୁ ମିଳିଥିଲା। ଚଳିତବର୍ଷ ଚଣା ବ୍ୟବସାୟୀମାନେ ଭଲ ରୋଜଗାର କରିଥିବା ଜଣାପଡ଼ିଛି। ବିଶେଷକରି ଜାଗର ସମୟରେ ଲୋକନାଥ ପୀଠ ନିକଟରେ ଚଣା ବିକ୍ରି କରାଯାଇଥାଏ। ତାହାକୁ ଜାଗର ଚଣା ବୋଲି କୁହାଯାଏ। ଅଧିକାଂଶ ଲୋକେ ଶ୍ରୀଲୋକନାଥଙ୍କୁ ଦର୍ଶନକରି ଜାଗର ଚଣା ଧରି ଘରକୁ ଫେରିଥାନ୍ତି।

### ଖୋଜାପଡୁଛି ତାଳପତ୍ରରେ ତିଆରି ଖେଳଣା

ପୂର୍ବରୁ ମାଟି ଓ ତାଳପତ୍ରରେ ତିଆରି ବାଜା ଜାଗର ସମୟରେ ବିକ୍ରି ହେଉଥିଲା। ସେଗୁଡ଼ିକ ବିଭିନ୍ନ ଆକୃତି ଓ ରଙ୍ଗବେରଙ୍ଗର ଥିଲା। ତେବେ ଅନେକ ବର୍ଷ ହେବ ସେସବୁ ବାଜା ଆଉ ଦେଖିବାକୁ ମିଳୁନାହିଁ। ସେହିପରି ମାଟିରେ ନିର୍ମିତ ଡମ୍ବରୁ ଓ କଡ଼େଇ, ତାଳପତ୍ରରେ ତିଆରି ଗଛ, ଝୁମୁକା, ପେଁକାଳି ହଜିଗଲାଣି। ସେସବୁର ସ୍ଥାନ ନେଉଛି ପ୍ଲାଷ୍ଟିକ ସାମଗ୍ରୀ। ଜାଗର ପଡ଼ିଆରେ ବିଭିନ୍ନ ପ୍ଲାଷ୍ଟିକ୍ ଖେଳଣା ବିକ୍ରି ହେଉଥିବା ଦେଖିବାକୁ ମିଳିଥିଲା।

### ପାତରଅନ୍ତର ଅଭିଯୋଗ

ମହାଶିବରାତ୍ରି ଅବସରରେ ଲୋକନାଥ ପୀଠରେ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାରିକେଡ୍ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ଭକ୍ତମାନେ ବ୍ୟାରିକେଡ୍ ଦେଇ ଧାଡ଼ିରେ ଦର୍ଶନ କରିବାକୁ ଠିଆହୋଇ ରହିଥିଲେ। ସେହିପରି ମନ୍ଦିର ପଛଦ୍ୱାର ପଟେ ଟିକେଟ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ଯେଉଁମାନେ ଚାହୁଁଥିଲେ, ୧୦୦ ଟଙ୍କା ଦେଇ ଟିକେଟ କାଟି ଦର୍ଶନ କରିବାକୁ ଯାଉଥିଲେ। ତେବେ ଟିକେଟ କାଟି ବ୍ୟାରିକେଡ୍‌ରେ ଠିଆ ହୋଇଥିବା ଭକ୍ତଙ୍କୁ ଠିକ୍ ଭାବେ ଛଡ଼ାଯାଉଥିବାବେଳେ ସାଧାରଣ ଭକ୍ତ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଠିଆ ହୋଇ ରହିଥିଲେ। ସେହିପରି କିଛି ଭକ୍ତଙ୍କଠାରୁ ଅଧିକ ଟଙ୍କା ନେଇ ଦର୍ଶନ କରାଯାଉଥିବା ନେଇ ଅନେକ ଭକ୍ତ ଅଭିଯୋଗ କରିଛନ୍ତି। ଏଭଳି ପାତରଅନ୍ତର ନୀତିକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି।

### ନିରାଶ ହେଲେ ଦିବ୍ୟାଙ୍ଗ ଭକ୍ତ

ପ୍ରଶାସନ ପକ୍ଷରୁ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା। ତେବେ ଦିବ୍ୟାଙ୍ଗ ଭକ୍ତଙ୍କ ନିମନ୍ତେ ସେପରି କୌଣସି ବ୍ୟବସ୍ଥା ହୋଇ ନ ଥିଲା। ଫଳରେ ଦିବ୍ୟାଙ୍ଗ ଭକ୍ତ ଓ ବୟସ୍କ ଭକ୍ତମାନେ ହଇରାଣ ହୋଇଥିଲେ। ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବାରୁ ଦର୍ଶନକରି ନ ପାରି ଅନେକ ଭକ୍ତ ମନଦୁଃଖରେ ଫେରିଥିବା ଜଣାପଡ଼ିଛି। ସେହିପରି ଅନେକ ବୟସ୍କ ବ୍ୟକ୍ତି ଦୀର୍ଘ ସମୟ ବ୍ୟାରିକେଡ୍‌ରେ ବସି ଥକ୍କା ମେଣ୍ଟାଉଥିବା ଦେଖିବାକୁ ମିଳିଥିଲା।

**ରିପୋର୍ଟ- ଅଜିତ୍ କୁମାର ମହାନ୍ତି, ପୁରୀ।**

## ସଂକ୍ଷେପରେ

### ଶ୍ରୀଲୋକନାଥଙ୍କ ପୀଠରେ ସୂଚନାକେନ୍ଦ୍ର

**ପୁରୀ,୧୫।୨(ଅଜିତ କୁମାର ମହାନ୍ତି)**

ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥଙ୍କ ପୀଠରେ ରବିବାର ଜାଗର ଅବସରରେ ବିପୁଳ ଜନସମାଗମ ହୋଇଥିଲା। ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଏକ ସୂଚନା କେନ୍ଦ୍ର ବା ହଜିବା ଖୋଜିବା କେନ୍ଦ୍ର ଖୋଲାଯାଇଥିଲା। ପ୍ରତ୍ୟୁଷରୁ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କ ଦ୍ୱାରା ସୂଚନା କେନ୍ଦ୍ର କାର୍ଯ୍ୟକ୍ଷମ କରାଯାଇଥିଲା। ଶ୍ରଦ୍ଧାଳୁଙ୍କୁ ବିବିଧ ସତର୍କ ସୂଚନା ଯଥା ଶିଶୁ ଓ ବୟସ୍କଙ୍କୁ ହାତଛଡ଼ା କରନ୍ତୁ ନାହିଁ, ଯଦି କିଏ ହଜିଯାଉଛନ୍ତି ତେବେ ହଜିବା ଓ ଖୋଜିବା ଉଭୟ ଲୋକ ସୂଚନା କେନ୍ଦ୍ରକୁ ଆସନ୍ତୁ, ଫଳରେ ଶୀଘ୍ର ମିଳିପାରିବେ, ଗହଣା, ମୋବାଇଲ, ମନିପର୍ସ ପ୍ରତି ସତର୍କ ରୁହନ୍ତୁ ଇତ୍ୟାଦି ସୂଚନା ଦିଆଯାଇଥିଲା। ସେହିପରି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶିତ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁ ବହି ବିକ୍ରୟ କରାଯାଇଥିଲା।

### ପୂଜାର୍ଚ୍ଚନା ସହ ଜାଗର ଦୀପ ଜାଳିଲେ ଶ୍ରଦ୍ଧାଳୁ

**ସାକ୍ଷୀଗୋପାଳ,୧୫।୨ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)**

ସାକ୍ଷୀଗୋପାଳ ବରାଳ ଗ୍ରାମର ବାଲୁଙ୍କେଶ୍ୱର, ବଳପୁର ବାଲୁଙ୍କେଶ୍ୱର, ସୁଆଣ୍ଡୋ ଲୋକେଶ୍ୱର, ସାଣ୍ଡରା ନୀଳକଣ୍ଠେଶ୍ୱର, ଷୋଳହଳ ବାବା ଲୋକନାଥ, କୋଶଳେଶ୍ୱର, ମୁଆଁଖିଆ, ଲକ୍ଷେଶ୍ୱର, ଧବଳେଶ୍ୱର, ଖରାଖିଆ, ଅନନ୍ତେଶ୍ୱର, ରତ୍ନେଶ୍ୱର, ଖଜୁରେଶ୍ୱର, ଗଡିଶ୍ୱର, ଡାହାଣେଶ୍ୱର ଆଦି ବିଭିନ୍ନ ଶୈବପୀଠରେ ଜାଗରଯାତ୍ରା ପାଳିତ ହୋଇଯାଇଛି। ଦିନତମାମ ଠାକୁରଙ୍କ ପୂଜାର୍ଚ୍ଚନା ପାଇଁ ଭିଡ଼ ଲାଗିଥିବାବେଳେ ଶ୍ରଦ୍ଧାଳୁମାନେ ମନ୍ଦିର ବେଢାରେ ଜାଗର ଦୀପ ଜାଳିଥିଲେ। ନାମକୀର୍ତ୍ତନ, ପାଲା, ଶ୍ରୀରାମଲୀଳା ଓ ଗୋଟିପୁଅ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଣ୍ଡରା ନିଳକଣ୍ଠେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଚାଲିଥିବା ବେଳେ ସେବକସାହି ଜାଗେଶ୍ୱରୀ ମଣ୍ଡପରେ ସମବେତ ପ୍ରସାଦ ସେବନ କରାଯାଇଛ। ହରିହର ଭେଟ ସହ ମହାଦୀପ ଦର୍ଶନ ପାଇଁ ବ୍ରତଧାରୀମାନେ ଭିଡ଼ ଲଗାଇଥିଲେ।

# ଶିବ ପଞ୍ଚାକ୍ଷର ମନ୍ତ୍ରରେ କମ୍ପିଲା ଶୈବପୀଠ




**କାକଟପୁର/ଅସ୍ତରଙ୍ଗ,୧୫।୨ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)**

ମହାଶିବରାତ୍ରି ଅବସରରେ ରବିବାର ବିଭିନ୍ନ ଶୈବପୀଠ ଶିବ ପଞ୍ଚାକ୍ଷର ମନ୍ତ୍ରରେ କମ୍ପିଛି। ମନ୍ଦିର ପରିସରରେ ଶ୍ରଦ୍ଧାଳୁମାନେ ରାତି ଉଜାଗର ରହି ଜାଗର ଜାଳିଛନ୍ତି। ନୀତିନିର୍ଘଣ୍ଟ ଅନୁଯାୟୀ ବିଳମ୍ବିତ ରାତିରେ ବିଭିନ୍ନ ଶୈବପୀଠରେ ମହାଦୀପ ଉଠିଥିଲା। ଶ୍ରଦ୍ଧାଳୁମାନେ ମହାଦୀପ ଦର୍ଶନ କରି ଜାଗର ବ୍ରତ ଭାଙ୍ଗିଥିଲେ। କାକଟପୁର ବ୍ଲକର ୧୬ ପଞ୍ଚାୟତ ଏବଂ ଅସ୍ତରଙ୍ଗ ବ୍ଲକର ୧୫ଟି ପଞ୍ଚାୟତରେ ଥିବା ସମସ୍ତ ଶୈବପୀଠରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। କାକଟପୁରର ସୋମେଶ୍ୱର, ଘଣ୍ଟେଶ୍ୱର, ବଟେଶ୍ୱର, ନାସିକେଶ୍ୱର, ଅସ୍ତରଙ୍ଗ ନଗର ଗ୍ରାମର ପଶ୍ଚିମେଶ୍ୱର, ଓଳିହା ଗ୍ରାମର ଐଶାନେଶ୍ୱର, ଗୁଡୁବର୍ଣ୍ଣିସ୍ଥିତ ନୀଳକଣ୍ଠେଶ୍ୱର ସମେତ ଗ୍ରାମେଶ୍ୱର, କଣ୍ଟେଶ୍ୱର, ସିଦ୍ଧେଶ୍ୱର, ଈଶ୍ୱରନାଥ ଏବଂ ତରାସାହି ଗ୍ରାମର ବୁଦ୍ଧେଶ୍ୱର ସମେତ ଅନ୍ୟ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ପ୍ରାତଃ ୩ଟାରୁ ଦ୍ୱାରଫିଟା, ପହୁଡ଼ ଭାଜି, ଅବକାଶ, ମଇଲମ୍, ଉପଚାର ପୂଜା, ନବବସ୍ତ୍ର ପରିଧାନ, ବାଲଭୋଗ, ସାହାଣ ମେଲା ହୋଇ ସର୍ବସାଧାରଣଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ପୂର୍ବାହ୍ନ ୧୧ଟାରେ ନୀତିଭୋଗ ଓ ଖେଚୁଡ଼ି ଲାଗି ହୋଇଥିଲା। ସନ୍ଧ୍ୟାରେ ଆଳତୀ, ରୁଡାଘଷା ଭୋଗ ଲାଗି ପରେ ଶ୍ରଦ୍ଧାଳୁମାନେ ଠାକୁର ଦର୍ଶନ କରିଥିଲେ। ରାତ୍ରରେ ଶୈବପୀଠ ଗୁଡିକରେ ରୁଦ୍ରାଭିଷେକ, ମହାଦୀପ ପୂଜନ, ବେଢା ପରିକ୍ରମା କରାଯାଇ ବିଳମ୍ବିତ ରାତ୍ରରେ ମହାଦୀପ ଉଠିଥିଲା।

### ଶୈବପୀଠରେ ଜାଗର ଦୀପ ଜାଳିଲେ ଶ୍ରଦ୍ଧାଳୁ

**ନିମାପଡ଼ା,୧୫।୨(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ବ୍ଲକର ବିଭିନ୍ନ ଶୈବପୀଠରେ ରବିବାର ଭକ୍ତିମୟ ପରିବେଶରେ ଜାଗର ଯାତ୍ରା ପାଳିତ ହୋଇଯାଇଛି। ନିମାପଡ଼ାର ବାବା ପୁର୍ନେଶ୍ୱର, ପାଟପୁରର ପ୍ରଭୁ ଲୋକନାଥ, କପିଳେଶ୍ୱର, ବିଷ୍ଣୁପୁରର ବାବାସିଦ୍ଧେଶ୍ୱର, କୁଆଁସର ନୀଳକଣ୍ଠେଶ୍ୱର, ଧଳେଶ୍ୱରର ପ୍ରଭୁ ଧବଳେଶ୍ୱର, ଅଣ୍ଡିଆଶାସନର ବାବା ରାମେଶ୍ୱର, ଅଣ୍ଡିଆ ସାହିର ବାଲୁଙ୍କେଶ୍ୱର ଦେବ, ଭିଲିଦେଉଳିର ବାବା ପୂର୍ଣ୍ଣେଶ୍ୱର, ଅଂଶାଳୋର ପ୍ରଭୁ ସିଦ୍ଧେଶ୍ୱର, ଦିଘାଳୋର ନୀଳକଣ୍ଠେଶ୍ୱର ଆଦି ଶୈବପୀଠରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ହରହର ମହାଦେବ, ଜୟ ଶିବଶମ୍ଭୁ ଧ୍ୱନିରେ ଶୈବପୀଠଗୁଡ଼ିକ ପ୍ରକମ୍ପିତ ହୋଇଉଠିଥିଲା। ମନ୍ଦିରଗୁଡ଼ିକ ରଙ୍ଗିନ ଆଲୋକମାଳାରେ ଝଲସି ଉଠିଥିଲା। ଶ୍ରଦ୍ଧାଳୁମାନେ ରାତି ଉଜାଗର ରହି ପ୍ରଭୁ ମହାଦେବଙ୍କ ଉଦ୍ଦେଶ୍ୟରେ ଜାଗର ଦୀପ ଜାଳିଥିଲେ ଏବଂ ମହାଦୀପ ଉଠିବା ଦୃଶ୍ୟକୁ ଦର୍ଶନ କରିଥିଲେ। ବିଭିନ୍ନ ଶୈବପୀଠରେ ଭଜନ ସମାରୋହ, ଯାତ୍ରା ପରିବେଷଣ ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

# ବାଲିକପିଳେଶ୍ୱର ପୀଠରେ ଜାଗର ଯାତ୍ରା

**କୋଣାର୍କ,୧୫।୨(ଜ୍ୟୋତିରାଜ ମହାନ୍ତି)**

ରାମଚଣ୍ଡୀ ଥାନା ଅଧୀନ ତରକୋର ପଞ୍ଚାୟତର ତରକୋର ଗ୍ରାମସ୍ଥିତ ପ୍ରାଚୀନ ଶୈବପୀଠ ବାବା ବାଲିକପିଳେଶ୍ୱର ସମେତ ମାଧିପୁର ଗ୍ରାମର ବାବା ତ୍ରିବେଣୀଶ୍ୱର, ବାବା ମଙ୍ଗୁଳେଶ୍ୱର, ଅର୍କେଶ୍ୱର, ଗରୁଡ଼େଶ୍ୱର, କୁରୁଜଙ୍ଗ ପଞ୍ଚାୟତର ଐଶାନେଶ୍ୱର, ଦକ୍ଷିଣେଶ୍ୱର ଓ ବାବା ବଟେଶ୍ୱର ଆଦି ଶୈବପୀଠରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ପ୍ରତ୍ୟୁଷରୁ ଭକ୍ତମାନେ ମହାଦେବଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ବାଲିକପିଳେଶ୍ୱର ପୀଠରେ ବାଲିକପିଳେଶ୍ୱର ଉନ୍ନୟନ କମିଟି ଓ ଜିଲା ପ୍ରଶାସନ ପକ୍ଷରୁ ବ୍ୟାରିକେଡ୍ ନିର୍ମାଣ ସହ ବିଭିନ୍ନ ବ୍ୟବସ୍ଥା କରାଯାଇଥିଲା। ଅତିରିକ୍ତ ଏସ୍‌ପି ସଚିନ ପଟେଲ ଓ ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀଙ୍କ ନେତୃତ୍ୱରେ ରାମଚଣ୍ଡୀ ଥାନା ଅଧିକାରୀ ବିଚିତ୍ରାନନ୍ଦ ପରିଡ଼ା, ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧିକାରୀ ସରସ୍ୱତୀ ସାହୁ ଓ କୋଣାର୍କ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢ଼ିଆରୀ ପ୍ରମୁଖଙ୍କ ସମେତ ପୋଲିସ ଅଧିକାରୀ ଓ ୧୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିଲେ। ଅଷ୍ଟମ ପ୍ରହର ନାମଯଜ୍ଞ ଓ ସଂକୀର୍ତ୍ତନ କାର୍ଯ୍ୟକ୍ରମ ହୋଇଥିଲା। ଏହି ଜାଗରଯାତ୍ରାକୁ ବାଲିକପିଳେଶ୍ୱର ଉନ୍ନୟନ କମିଟି ଆବାହକ ଦିଲୀପ କୁମାର ପ୍ରଧାନ, ତରକୋର ଗ୍ରାମ କମିଟି ସଭାପତି ଦୁର୍ଯ୍ୟୋଧନ ଖଟୋଇ, ସୁତନ ସମିତିସଭ୍ୟ କାଶୀନାଥ ନାୟକ, ସ୍ୱେଚ୍ଛାସେବୀ ସଂଗଠନର ସଂଯୋଜକ ରାମକୃଷ୍ଣ ମହାନ୍ତି, ଗୋପାଳ ଚନ୍ଦ୍ର ବେହେରା, ନିରଞ୍ଜନ ବେହେରା, ପ୍ରକାଶ ଚନ୍ଦ୍ର ପଣ୍ଡା, ବ୍ରହ୍ମାନନ୍ଦ ସାମନ୍ତରାୟ ଏବଂ କମିଟିର କର୍ମକର୍ତ୍ତା ପରିଚାଳନା କରିଥିଲେ।



ଷୋଳହଳ ଗ୍ରାମର ଶ୍ରୀଲୋକନାଥଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ସମାବେଶ।



ଚାରିଛକ ଅଞ୍ଚଳର ଏକ ଶୈବପୀଠରେ ଶ୍ରଦ୍ଧାଳୁମାନେ ଦୀପ ଜାଳୁଛନ୍ତି ।



ପୁରୀ ଆଖଣ୍ଡଳମଣି ମନ୍ଦିର ପରିସରରେ ଭକ୍ତ ଜାଗର ଦୀପ ଜାଳୁଛନ୍ତି।


ମହାଶିବରାତ୍ରି ଅବସରରେ କଟକ ସଦର ଶ୍ରୀପରମହଂସନାଥ ଦେବ ମନ୍ଦିରରେ ପୂଜାର୍ଚ୍ଚନା କରାଯାଉଛି।


ଗଡ଼ଗଡ଼େଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି। (ଫଟୋ: ରାଜକିଶୋର ମହାନ୍ତି)

# ହରହର ମହାଦେବ ଧ୍ୱନିରେ କମ୍ପିଲା ଶୈବପୀଠ


ଚାନ୍ଦିନୀଚୌକ ଅଷ୍ଟଶମ୍ଭୁ ମନ୍ଦିର ପରିସରରେ ଜଳୁଥିବା ପିତ୍ତଳରେ ନିର୍ମିତ ମହାଦୀପରେ ଶ୍ରଦ୍ଧାଳୁମାନେ ଘିଅ ଢାଳୁଛନ୍ତି।

**କଟକ,୧୫।୨(ଶିଳ୍ପା ପ୍ରିୟଦର୍ଶିନୀ)**

ମହାଶିବରାତ୍ରି ପାଇଁ ରବିବାର କଟକ ସହରର ସମସ୍ତ ଶୈବପୀଠ ଚଳଚଞ୍ଚଳ ହୋଇପଡିଥିଲା। ଭକ୍ତିମୟ ପରିବେଶରେ ଶ୍ରଦ୍ଧାଳୁମାନେ ଲମ୍ୱାଧାଡିରେ ଯାଇ ଭୋଳାବାବାଙ୍କୁ ଦର୍ଶନ କରିଥିଲେ। ବିଶେଷକରି ସହରରେ ଥିବା ଗଡ଼ଗଡ଼େଶ୍ୱର ମନ୍ଦିର, ଅଷ୍ଟଶମ୍ଭୁ, ଚହଟେଶ୍ୱର, ଅମରେଶ୍ୱର ଓ ବେଲେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ରବିବାର ଭୋରରେ ମନ୍ଦିରରେ ଦ୍ୱାର ଫିଟାଯାଇ ଠାକୁରଙ୍କ ମଙ୍ଗଳ ଆଳତି, ସୂର୍ଯ୍ୟ ପୂଜା ସମେତ ବିଭିନ୍ନ ନୀତି କରାଯାଇଥିଲା। ମଧ୍ୟାହ୍ନରେ ମଧ୍ୟାହ୍ନଭୋଗ ପରେ ସନ୍ଧ୍ୟାରେ ଆଳତି କରାଯାଇଥିଲା। ରାତିରେ ରୁଦ୍ରାଭିଷେକ ଓ ହରିହର ଭେଟ ପରେ ବିଭିନ୍ନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ମହାଦୀପ ଉତ୍ସର୍ଗ କରାଯାଇଥିଲା। କଟକ ଚାନ୍ଦିନୀଚୌକସ୍ଥିତ ଅଷ୍ଟଶମ୍ଭୁ ମନ୍ଦିରରେ ଜଳିଲା ପିତ୍ତଳର ଅଢ଼େଇ କୁଇଣ୍ଟାଲ ଘିଅ ଜଳିବାର ଦୀପ। ଏହି ଦୀପକୁ ଚଳିତବର୍ଷ ମନ୍ଦିର ପକ୍ଷରୁ ତିଆରି କରାଯାଇଛି। ଜାଗର ଉପଲକ୍ଷେ ବିଭିନ୍ନ ଶୈବପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି କମିଶନରେଟ୍ ପୋଲିସ ପକ୍ଷରୁ ସହରରେ ଥିବା ବିଭିନ୍ନ ଶୈବପୀଠରେ ୧୩ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ। ଏହାସହ କନ୍ଦରପୁର ଥାନା ଅନ୍ତର୍ଗତ ପରମହଂସନାଥ ମନ୍ଦିରରେ ୬ ପ୍ଲାଟୁନ ପୋଲିସ ଫୋର୍ସ ସମେତ ୧୦ଜଣ ମହିଳା କନଷ୍ଟେବଲ ସୁରକ୍ଷା ଦାୟିତ୍ୱରେ ରହିବେ ବୋଲି ସୂଚନା ମିଳିଛି।

**ଉପବାସ ରହି ଜାଳିଲେ ଜାଗର**

## ବିଲ୍ୱପତ୍ରରେ ଶିବଙ୍କ ପ୍ରତିମୂର୍ତ୍ତି



ଜାଗର ଅମାବାସ୍ୟା ଅବସରରେ କଟକ ବିଦ୍ୟାଧରପୁର ଗୌତମନଗରର ଚିତ୍ରଶିଳ୍ପୀ ସୂର୍ଯ୍ୟ ନାରାୟଣ ନାୟକ ତ୍ରିମୁଖୀ ବିଲ୍ୱପତ୍ରରେ ରଙ୍ଗ ତୂଳୀରେ ଶିବଙ୍କ ଚିତ୍ର ଆଙ୍କିଛନ୍ତି। ପିଲାବେଳୁ ଚିତ୍ରକଳାରେ ସୂର୍ଯ୍ୟଙ୍କ ରୁଚି ରହି ଆସିଥିବାବେଳେ ଜାଗର ପାଇଁ ବିଲ୍ୱପତ୍ରରେ ଏହି ଚିତ୍ରକଳା କରିଛନ୍ତି। ଏଥିପାଇଁ ସୂର୍ଯ୍ୟଙ୍କୁ ଅଧଘଣ୍ଟା ସମୟ ଲାଗିଥିଲା। ଜାଗର ଅବସରରେ ଶ୍ରଦ୍ଧାଳୁଙ୍କୁ ଶୁଭେଚ୍ଛା ଜଣାଇବା ସହ ମହାଦେବ ଜଗତର ମଙ୍ଗଳ କାମନା କରିବା ନେଇ ଏହି ଚିତ୍ର ତିଆରି କରିଥିବା ନେଇ ନାୟକ କହିଛନ୍ତି।

## ବରଫରେ ଶିବଲିଙ୍ଗ



ମହାଶିବରାତ୍ରି ଅବସରରେ ବରଫରେ ଶିବଲିଙ୍ଗ ପ୍ରସ୍ତୁତ କରାଯାଇଛି। କଟକ ଗଙ୍ଗା ମନ୍ଦିର ସିଂହ ଭବନର ସଂଘମିତ୍ରା ବେହେରା, ସୁପ୍ରିୟା ନାଥ, ଖୁସ୍‌ବୁ ଶର୍ମା, ତନିସ୍କା ଶର୍ମା, ଜିଜ୍ଞାସା ବେହେରା, ଅଂଶୁ କୁମାରୀ ମୋହୋଟୋ, ରିଶିକା ଯାଦବ, ରୋନକଯାଦବଖୁସିଯାଦବ,ପରିଯାଦବ ଏହାକୁ ତିଆରି କରିଛନ୍ତି। ବରଫରେ ଦେବଦେବ ମହାଦେବଙ୍କ ଜ୍ୟୋତିର୍ଲିଙ୍ଗ ସ୍ଥାପନ କରି ସେଥିରେ ରୁଦ୍ରାକ୍ଷମାଳ, ପୁଷ୍ପମାଳ, ଚନ୍ଦନ, ନୈବେଦ୍ୟ ଦେଇ ପୂଜାର୍ଚ୍ଚନା କରିବା ସହ ଭୋଗ ଲାଗି କରିଥିଲେ। ତେବେ ଦୀର୍ଘ ପାଞ୍ଚବର୍ଷ ହେବ ପ୍ରତ୍ୟେକ ମହାଶିବରାତ୍ରିରେ ପିଲାମାନେ ଏଭଳି ଢଙ୍ଗରେ ମହାଦେବଙ୍କୁ ପୂଜା କରି ଆସୁଛନ୍ତି।

## ଅଷ୍ଟଶମ୍ଭୁ ପୀଠରେ ଜାଗରମେଳା



**ଚୌଦ୍ୱାର,୧୫।୨(ଆଶୁତୋଷ ଦାସ)**

ଚୌଦ୍ୱାର ସହର ତଥା ଆଖପାଖ ଅଞ୍ଚଳରେ ଥିବା ଅଷ୍ଟଶମ୍ଭୁ ଶୈବ ପୀଠରେ ମହାଶିବରାତ୍ରି ତଥା ଜାଗର ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ଅଷ୍ଟଶମ୍ଭୁ କୁହାଯାଉଥିବା କପାଳେଶ୍ୱର, ଚାଟେଶ୍ୱର, ବଟେଶ୍ୱର, ଖୋଟେଶ୍ୱର, କେଦାରେଶ୍ୱର, ଉତ୍ତରେଶ୍ୱର, ବାଲୁଙ୍କେଶ୍ୱର, ମଣିନାଗେଶ୍ୱର ଅଦି ପୁରାତନ ଶୈବପୀଠରେ ଦିଅଁ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ରବିବାର ସକାଳୁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଲାଗିଥିଲା। ଶ୍ରଦ୍ଧାଳୁମାନେ ଦୀପ ଜାଳି ମହାଦେବଙ୍କୁ ପ୍ରାର୍ଥନା କରବା ସହିତ ଭୋଗରାଗ କରିଥିଲେ। ସନ୍ଧ୍ୟାରେ ବହୁ ଶୈବପୀଠରେ ନାମ ସଂକୀର୍ତ୍ତନ, ଭଜନ ସମାରୋହ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମଧ୍ୟରାତ୍ରରେ ମନ୍ଦିର ମହାଦୀପ ଉଠା କାର୍ଯ୍ୟକ୍ରମ ଶ୍ରଦ୍ଧାଳୁମାନେ ଭକ୍ତି ଓ ଉତ୍ସାହର ସହିତ ଉପଭୋଗ କରିଥିଲେ। ଅନୁରୂପ ଭାବେ ପ୍ରଥମ ଥର ପାଇଁ ଚାରବାଟିଆସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ନୂତନ ଭାବେ ପ୍ରତିଷ୍ଠା ଲାଭ କରିଥିବା ଶ୍ରୀ କାଶୀ ବିଶ୍ୱନାଥ ମହାଦେବଙ୍କ ମନ୍ଦିରରେ ମହାଶିବରାତ୍ରି ତଥା ଜାଗର ଉତ୍ସବ ଶ୍ରୀଜଗନ୍ନାଥ ମହାପ୍ରଭୁ ଟ୍ରଷ୍ଟର ମ୍ୟାନେଜିଙ୍ଗ ଟ୍ରଷ୍ଟି ଶୁଭେନ୍ଦୁ ସାମଲ ଓ କର୍ମକର୍ତ୍ତାମାନଙ୍କ ଦ୍ୱାରା ସମାରୋହରେ ପାଳିତ ହୋଇଯାଇଛି।

## ରାତି ୧୦ଟାରେ ଉଠିଲା ଭୁକ୍ତେଶ୍ୱରଙ୍କ ମହାଦୀପ

**ଫୁଲନଖରା,୧୫।୨(ସତ୍ୟରଞ୍ଜନ ଦାସମହାପାତ୍ର)**

ପାହାଳ ଥାନା ଅନ୍ତର୍ଗତ ଖୁନୁକାର ଗ୍ରାମର ଭୁକ୍ତେଶ୍ୱର ମହାଦେବଙ୍କ ମହାଦୀପ ରାତି ୧୦ଟାରେ ଉଠିଛି। ମାନସିକ ଧାରୀମାନେ ମନ୍ଦିର ପରିସରରେ ଦୀପଜାଳି ବହୁ ସମୟ ଧରି ବାବାଙ୍କ ଶରଣରେ ରହିଥିଲେ। ମହାଦୀପ ଦର୍ଶନ କରି ସାରିବା ପରେ ମନ୍ଦିର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଶ୍ରଦ୍ଧାଳମାନଙ୍କୁ ଅନ୍ନ ପ୍ରସାଦ ଓ ସ୍ୱତନ୍ତ୍ର ପଣା ବଣ୍ଟନ ହୋଇଥିଲା। କାର୍ଯ୍ୟକ୍ରମ ମନ୍ଦିର ମୁଖ୍ୟ ପୂଜକ ବିରଞ୍ଚି ନାରାୟଣ ମିଶ୍ର, ରୂପକ ତ୍ରିପାଠୀ, ସତ୍ୟରଞ୍ଜନ ଦାଶ ପ୍ରମୁଖ ପରିଚାଳନା କରିଥିବା ବେଳେ ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ସହଯୋଗ କରିଥିଲେ। ସେହିଭଳି ନଖରାର ପ୍ରସିଦ୍ଧ ବାବା ଲକ୍ଷେଶ୍ୱରଙ୍କ ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ଼ ଜମିଥିଲା। ସେଠାରେ ମହାଦୀପ ରାତି ୧୦ଟାରେ ଉଠିଥିଲା। ଶାନ୍ତିଶୃଙ୍ଖଳା ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହୋଇଥିଲା।

## ପରମହଂସ ଦେବଙ୍କ ପୀଠରେ ପ୍ରବଳ ଭିଡ଼

**କଟକ ସଦର,୧୫।୨ (ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ ସର୍ବପୁରାତନ ପରମହଂସ ଦେବଙ୍କ ପୀଠରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଭୋର ୨ଟାରୁ ଭକ୍ତମାନେ ଦର୍ଶନ ପାଇଁ ଭିଡ଼ ଲାଗି ରହିଥିଲା। ଶାନ୍ତିଶୃଙ୍ଖଳା ପାଇଁ ୨ ପ୍ଲାଟୁନ ପୋଲିସ ମୁତୟନ କରାଯାଇଥିଲା। ଗତିରାଉତପାଟଣାସ୍ଥିତ ବିଷ୍ଣୁ ପ୍ରିୟା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଭକ୍ତମାନଙ୍କୁ ଥଣ୍ଡା ପାନୀୟ, ଦହି ସର୍ବତ ବଣ୍ଟନ କରାଯାଇଥିଲା। କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, କଟକ ସଦର ବିକାଶ ମଞ୍ଚର ସୁବୋଧ ବେହେରା, ସନ୍ତୋଷ ରାଉତ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଦାମୋଦରପୁରସ୍ଥିତ ନାଗେଶ୍ୱର ନାଥ ପୀଠରେ ଯଜ୍ଞର ପୂର୍ଣ୍ଣାହୁତି ସହିତ ମହାଦୀପ ଉତ୍ସର୍ଗ କରାଯାଇଥିଲା। କଳପଡାସ୍ଥିତ କଦମ୍ବେଶ୍ୱର ମନ୍ଦିର ଦେଉଳି ସ୍ଥିତ ବାଲୁଙ୍କେଶ୍ୱର, ବରାଳସ୍ଥିତ ନୀଳକଣ୍ଠ ନାଥ ମନ୍ଦିରରେ ମଧ ମହାଦୀପ ଉତ୍ସର୍ଗ କରାଯାଇଥିଲା। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, କଟକ ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂହ ପ୍ରମୁଖ ପରମହଂସ ନାଥଙ୍କୁ ଦର୍ଶନ କରିଥିଲେ।


ମହାଶିବରାତ୍ରି ଅବସରରେ କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ଭକ୍ତମାନେ ଦୀପ ଜାଳୁଛନ୍ତି।

## ଧବଳେଶ୍ୱର ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ

**ଖୁଣ୍ଟୁଣୀ,୧୫।୨(ସଚ୍ଚିଦାନନ୍ଦ ପଣ୍ଡା)**

ମହାଶିବରାତ୍ରି ତଥା ଜାଗର ଉପଲକ୍ଷେ ରବିବାର କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱରଙ୍କ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି। ଭୋର ସାଢ଼େ ୪ଟାରେ ନୀତିପାଳିଆ ପୂଜକ ଅଭିରାମ ପତ୍ରି ଓ ପୂଜକ ସମାଜ ମନ୍ଦିର ଦ୍ୱାର ଫିଟାଇ ବାବାଙ୍କୁ ମଙ୍ଗଳଆଳତି, ଶ୍ରୀମୁଖ ପଖାଳ, ଅଗୁର ଚନ୍ଦନ ଶ୍ରୀକର୍ପୂର ଆଦି ବିଭିନ୍ନ ସୁବାସିତ ଦ୍ରବ୍ୟ ମିଶ୍ରିତ ୧୦୮ ଗରା ପବିତ୍ର ଜଳରେ ଠାକୁରଙ୍କ ସ୍ନାନ କରାଇଥିଲେ। ପରେ ବିଭିନ୍ନ ପୁଷ୍ପରେ ଠାକୁରଙ୍କ ସ୍ୱତନ୍ତ୍ର ବେଶ ଓ ସକାଳ ଧୂପ ଖେଚୁଡ଼ି ଭୋଗ ଲାଗି ହୋଇଥିଲା। ମଧ୍ୟାହ୍ନରେ ଶଙ୍ଖୁ ଭୋଗ, ସନ୍ଧ୍ୟାରେ ସନ୍ଧ୍ୟା ଆଳତି, ଦହି ବାଟୁଳା ଭୋଗ ଲାଗି କରାଯାଇଥିଲା। ସନ୍ଧ୍ୟା ୭ଟାରୁ ଜାଗରର ସ୍ୱତନ୍ତ୍ର ଚାରିପ୍ରହର ପୂଜା ଆରମ୍ଭ ହୋଇଥିଲା। ମଧ୍ୟରାତ୍ରିରେ ଅରୁଆ ଚାଉଳ ଚୂନା, ଗୁଡ଼, ଘିଅରେ ସେବକମାନଙ୍କ ଦ୍ୱାରା ପ୍ରସ୍ତୁତ ଧବଳେଶ୍ୱରଙ୍କ ଅତିପ୍ରିୟ ମାଣ୍ଡୁଅ ଭୋଗ ଠାକୁରଙ୍କ ନିକଟରେ ଲାଗି କରାଯାଇଥିଲା। ପରେ ହରିହର ଭେଟ ନୀତି ଅନୁଷ୍ଠିତ ହୋଇଥିଲା। ସେବକମାନେ ରାତି ଗୋଟାଏ ବେଳେ ବିମାନରେ ପ୍ରଭୁଙ୍କ ଚଳନ୍ତି ପ୍ରତିମା ବାବା ଚନ୍ଦ୍ରଶେଖର ଓ ମା' ପାର୍ବତୀଙ୍କୁ ବିଜେ କରାଇ ମହାଦୀପ ସହ ତିନି ଘେରା ବେଢା ପରିକ୍ରମା କରିବା ପରେ ସାଢେ ଗୋଟାଏରେ ମହାଦୀପ ଉଠିଥିଲା ବୋଲି ପୂଜକ ସମାଜ ପକ୍ଷରୁ ବିଷ୍ଣୁଚରଣ ପତ୍ରି କହିଛନ୍ତି। ଦେବୋତ୍ତର ବିଭାଗ ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ଓ ପୂଜକ ସମାଜ ସହଯୋଗରେ ପୂଜକ ସମିତି ସଭାପତି ବିଷ୍ଣୁଚରଣ ପତ୍ରି, ସମ୍ପାଦକ ନରେନ୍ଦ୍ର ପଣ୍ଡାଙ୍କ ସହ ସେବକମାନେ ଉପସ୍ଥିତ ରହି ଜାଗର ନୀତି ସମ୍ପନ୍ନ କରିଥିଲେ। ପୀଠରେ ଆଠଗଡ଼ ଉପଜିଲାପାଳ ତଥା ଦେବୋତ୍ତର ମୁଖ୍ୟ ପ୍ରହ୍ଲାଦ ନାରାୟଣ ଶର୍ମା ସମସ୍ତ ବ୍ୟବସ୍ଥାର ତଦାରଖ କରିଥିଲେ। ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ସୌମେନ୍ଦ୍ର ଭଞ୍ଜ ଓ କାଜଲ ମଲ୍ଲିକ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ପାଇଁ କଟକ ଅତିରିକ୍ତ ଏସ୍‌ପି ପ୍ରଦୀପ ସାହୁ ଓ ଏସ୍‌ଡିପିଓ ଉମାକାନ୍ତ ନାୟକ, ଗୁରୁଡ଼ିଝାଟିଆ ଥାନା ଆଇଆଇସିଙ୍କ ନେତୃତ୍ୱରେ ଧବଳେଶ୍ୱର ଫାଣ୍ଡି ଅଧିକାରୀଙ୍କ ସମେତ ୩ ପ୍ଲାଟୁନ ଫୋର୍ସ ସହ ୪୦ ପୋଲିସ ଅଫିସର ଓ ସାଦା ପୋଷାକଧାରୀ କର୍ମଚାରୀ ପୀଠରେ ସଜାଗ ରହିଥିଲେ।

### ୪୦ କିଲୋ ଚାନ୍ଦି ମୁକୁଟରେ ଝଲସିଲେ ବାବା ସର୍ପେଶ୍ୱର



କଟକ ଜିଲା ଉପକଣ୍ଠ କଟକିଆସାହିଠାରେ ଆଠଗଡ଼ର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବାବା ସର୍ପେଶ୍ୱରଙ୍କ ରବିବାର ଜାଗର ତଥା ମହାଶିବରାତ୍ରିରେ ଚଳିତବର୍ଷ ୪୦ କିଲୋ ଚାନ୍ଦି ନିର୍ମିତ ମୁକୁଟରେ ରାଜାଧିରାଜ ବେଶରେ ଝଲସିଛନ୍ତି। ବିଭିନ୍ନ ସ୍ଥାନରୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ଦାନ ରୁପା ଓ ଟଙ୍କାକୁ ବିନିଯୋଗ କରି ସର୍ପେଶ୍ୱର ଉନ୍ନୟନ ପରିଷଦ ଏହି ମୁକୁଟ ଓ ଅନ୍ୟ ଅଳଙ୍କାର ନିର୍ମାଣ କରି ବାବାଙ୍କୁ ସମ୍ପୂର୍ଣ୍ଣ ଆଚ୍ଛାଦିତ କରାଯାଇଛି। ରବିବାର ଭୋର ସାଢ଼େ ୪ଟାରେ ପୂଜକ ସମାଜ ମନ୍ଦିର ଦ୍ୱାର ପହଡ଼ ଖୋଲି ମଙ୍ଗଳ ଆଳତି ଓ ସ୍ନାନ ଆଦି ସମସ୍ତ ନୀତିକାନ୍ତି ସମ୍ପନ୍ନ କରି ଶ୍ରଦ୍ଧାଳୁଙ୍କ ପାଇଁ ଦ୍ୱାର ଖୋଲାଯାଇଥିଲା। ୫ଟାରେ ଶ୍ରଦ୍ଧାଳୁମାନେ ହଜାର ହଜାର ସଂଖ୍ୟାରେ ବାବାଙ୍କ ଦର୍ଶନ ପାଇଁ ଲମ୍ୱା ଲାଇନ ଲଗାଇଥିଲେ। ସର୍ପେଶ୍ୱର ହେଉଛନ୍ତି ବଡଭାଇ ଓ ବାବା ଧବଳେଶ୍ୱର ସାନଭାଇ ହୋଇଥିବାରୁ ଧବଳେଶ୍ୱରଙ୍କ ଦର୍ଶନ କରି ସେହିଦିନ ଯଦି ଏକାସଙ୍ଗେ ସର୍ପେଶ୍ୱରଙ୍କ ଦର୍ଶନ କରିବ, ତେବେ ସମସ୍ତ ଦୁରାବ୍ୟାଧି ଆରୋଗ୍ୟ ହେବା ସହିତ ଜୀବନ କାଳମଧ୍ୟରେ ସର୍ପାଘାତ ଭୟ ରହେନାହିଁ ବୋଲି କିମ୍ବଦନ୍ତୀ ରହିଛି। ରାତି ୧୨ଟାରେ ମହାଦୀପ ଉଠିଥିବା ସଭାପତି ପ୍ରଫୁଲ୍ଲ କୁମାର ରାଉତ ଓ ମୁଖ୍ୟ ପୂଜକ ମନୋରଞ୍ଜନ ଦାଶ (ବାପୁନି ନାନା) କହିଛନ୍ତି। ଆଠଗଡ଼ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

# ପୋଲିସ ସାମ୍ନାରେ ଅବକାରୀ ବାବୁଙ୍କୁ ମାଡ଼

## ଭାଲେଣ୍ଟାଇନ୍ସ ଡେ'ରେ ରାତିସାରା ବାର୍ ଖୋଲା

- ନିୟମକୁ ଫୁଁ, ନିଶାରେ ମତୁଆଲା ଯୁବତୀଯୁବକ
- ଜିଲାପାଳଙ୍କ ଅନୁମତିରେ ବାର୍ ସିଲ୍, ମ୍ୟାନେଜର ଗିରଫ





ମ୍ୟାଡ୍‌ମୁଲ୍(ଓଡ଼ି୦୨) ବାର୍‌ରେ ଅବକାରୀ ଅଧିକାରୀମାନେ ଚଢାଉ କରୁଛନ୍ତି।

ଭୁବନେଶ୍ୱର,୧୫।୨(ତ୍ରିନାଥ ମହାନ୍ତି)

ଭାଲେଣ୍ଟାଇନ୍ସ ଡେ'ରେ ସବୁ ନିୟମ ଓ କଟକଣାକୁ ଫୁଁ କରି ବାର୍‌ରେ ଜମିଥିଲା ରଙ୍ଗିନ ରାତି। ଆଗରେ ଶଟର ପକାଇ ଭିତରେ ମତୁଆଲା ହେଉଥିଲେ ପୁରୁଷ ଓ ମହିଳା। ମଦପିଇ ଝୁମୁଥିଲେ ପ୍ରେମୀଯୁଗଳ। ଖାରବେଳନଗର ଥାନା ଶ୍ରୀୟା ଟକିଜ୍ ଛକ ନିକଟରେ ଥିବା ମ୍ୟାଡ୍‌ମୁଲ୍(ଓଡ଼ି୦୨) ବାର୍‌ରେ ଏଭଳି କାର୍ଯ୍ୟକ୍ରମ ସକାଳ ପର୍ଯ୍ୟନ୍ତ ଚାଲିବାର ବ୍ୟବସ୍ଥା କରାଯାଇଥିଲା। ହେଲେ ଅଧା ରାତିରେ ସବୁ ବିଗାଡି ଦେଇଥିଲେ ଅବକାରୀ ଅଧିକାରୀ। କୌଣସି ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ସୁରିଣ୍ଟେଣ୍ଡେଣ୍ଟ ଦେବାଶିଷ ପଟେଲ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ରାଜଶେଖର ସ୍ୱାଇଁ ଓ ତାଙ୍କ ଟିମ୍ ସେଠାରେ ଚଢାଉ କରିଥିଲା। ବାର୍ କଡ଼ରେ ଏକାଧିକ ଗାଡି ପାର୍କିଂ ହୋଇଥିବା ବେଳେ ବାର୍ ବାହାରୁ ଶଟର ପଡିଥିଲା। ଅବକାରୀ ଅଧିକାରୀ ଶଟର୍ ଖୋଲିବାକୁ କହିଥିଲେ ମଧ୍ୟ କେହି ଖୋଲି ନ ଥିଲେ। ଶେଷରେ ଖାରବେଳନଗର ଥାନା ପୋଲିସ ସହାୟତାରେ ଅବକାରୀ କର୍ମଚାରୀମାନେ ଜବରଦସ୍ତ ଶଟର ଉଠାଇଥିଲେ। ବାର୍ ଭିତରେ ଯାହା ଦେଖିଲେ ଆଶ୍ଚର୍ଯ୍ୟ କଲାଭଳି। ରାତି ପ୍ରାୟ ୧ଟା ୩୦ରେ ଡିଜେ ବଜାଇ ଛାତି ଥରାଇ ଦେଉଥିଲେ ବାର୍ କର୍ତ୍ତୃପକ୍ଷ। ଆଉ ଭିତରେ ରହିଥିଲେ ୧୦୦ରୁ ଅଧିକ ଲୋକ। ସମସ୍ତଙ୍କ ଟେବୁଲରେ ମଦ ବୋତଲ ରହିଥିବା ବେଳେ ଅଧିକାଂଶ ମଦ ପିଇବା ସହ ଖାଉଥିଲେ। ଅବକାରୀ ଅଧିକାରୀ ଓ କର୍ମଚାରୀ ବାର ଭିତରକୁ ପଶି ଭିଡିଓ ରେକର୍ଡିଂ କରିବା ସମୟରେ ବାର୍ ମ୍ୟାନେଜର ଅଭିନାଶ ସାହୁ ଏବଂ ତାଙ୍କ କର୍ମଚାରୀ ଅବକାରୀ ବିଭାଗ ସହ ମୁହାଁମୁହିଁ ହୋଇଥିଲେ। ଗ୍ରାହକଙ୍କୁ ଅଟକାଇବାକୁ ତମେ କିଏ ବୋଲି ବାରମ୍ବାର ପ୍ରଶ୍ନ କରୁଥିଲେ। ଅବକାରୀ ଅଧିକାରୀ ନିଜ ପରିଚୟପତ୍ର ଦେଖାଇଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ଉତ୍ୟକ୍ତ ହୋଇ ଅବକାରୀ ଅଧିକାରୀଙ୍କୁ ଆକ୍ରମଣ କରିଥିଲେ। ପୋଲିସ ଉପସ୍ଥିତିରେ ଏହି ଘଟଣା ଘଟିଥିବାବେଳେ ଏଥିରେ ଜଣେ ଅବକାରୀ କର୍ମଚାରୀ ଆହତ ହୋଇଛନ୍ତି। ଏହାକୁ ନେଇ ଖାରବେଳ ନଗର ଥାନାରେ ଅବକାରୀ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଦେବାଶିଷ ପଟେଲ ଏତଲା ଦେଇଛନ୍ତି। ପୋଲିସ ମାମଲା ରୁଜୁ କରି ବାର୍ ମ୍ୟାନେଜର ଅଭିନାଶଙ୍କୁ ଗିରଫ କରିଛି। ଅନ୍ୟପକ୍ଷରେ ସାକଲେ ଜିଲାପାଳଙ୍କ ଅନୁମତିକ୍ରମେ ଉକ୍ତ ବାର୍‌କୁ ଅବକାରୀ ବିଭାଗ ସିଲ୍ କରିଛି। ଏ ସମ୍ପର୍କରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ରାଜଶେଖର କହିଛନ୍ତି, ଏଥର ନିୟମିତ ଭାବେ ରାତିରେ ଚଢ଼ାଉ କରାଯିବ। ଯେଉଁ ବାର୍‌ଗୁଡିକ ନିୟମ ଉଲ୍ଲଂଘନ କରୁଛନ୍ତି ଓ ଆଗରେ ଶଟର ପକାଇ ଭିତରେ ଖୋଲା ରଖୁଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ।

### ମାସିକିଆ ଚାନ୍ଦା ମିଳିଲେ ଭିତିରି ଅନୁମତି

ଶନିବାର ରାତିରେ ଅବକାରୀ ବିଭାଗର କର୍ମଚାରୀଙ୍କୁ ମାଡ଼ ଘଟଣା ନୂଆ ନୁହେଁ, ପୂର୍ବରୁ ମଧ୍ୟ କଟକ ରୋଡ୍‌ରେ ଥିବା ଏକ ବାର୍‌ରେ ଅବକାରୀ ବିଭାଗର ଚଢାଉ ସମୟରେ ଜଣେ ମହିଳା ଅଧିକାରୀଙ୍କୁ ବାର୍ ମାଲିକ ଖରାପ ବ୍ୟବହାର କରିବା ସହ ଆକ୍ରମଣ କରିଥିଲେ। ଏହାକୁନେଇ ବାର୍ ମାଲିକ ଏବଂ କର୍ମଚାରୀଙ୍କ ସହ ଅବକାରୀ ବିଭାଗର ମୁହାଁମୁହିଁ ହୋଇଥିଲା। ଏନେଇ ଲକ୍ଷ୍ମୀସାଗର ଥାନାରେ ମାମଲା ପରେ ବାର୍ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ସେହିପରି ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାର୍ ଖୋଲା ରହି ମଦ ଆସର ଜମୁଥିଲା। ଅବକାରୀ ଟିମ୍ ଚଢ଼ାଉବେଳେ ବାଉନ୍ସରମାନେ ନିହୁକ ମାଡ଼ ମାରିଥିଲେ। ରାଜଧାନୀରେ ଏଭଳି ଏକାଧିକ ବାର୍‌ରେ ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ କରାଯାଉଛି, ହେଲେ କୌଣସି ବାର୍ ମାଲିକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ବାର୍‌ଗୁଡିକର ନିୟମ ଉଲ୍ଲଂଘନ ନିତିଦିନିଆ ହୋଇଯାଇଛି। ପୋଲିସ ଓ ଅବକାରୀ ବିଭାଗର କେତେଜଣ ଅଧିକାରୀ ବାର୍‌ଠାରୁ ମାସିକିଆ ଚାନ୍ଦା ନେଇ ଭିତିରି ଅନୁମତି ଦେଉଥିବା ମଧ୍ୟ ଅଭିଯୋଗ ହେଉଛି।

### ବାର୍‌ରେ ବିକ୍ରି ହେଉଛି ନକଲି, ଏକ୍ସପାଏରି ମଦ

ମଦ ଦୋକାନ ଅପେକ୍ଷା ବାର୍ ଆଉ ପପ୍‌ରେ ଏକ୍ସପାଏରି ଡେଟ୍‌ର ମଦ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ଏଠାରେ ଲୋକେ ମଦପିଇବା ସମୟରେ ଏକ୍ସପାଏରି ଡେଟ୍ ଦେଖନ୍ତି ନାହିଁ। ବିଶେଷକରି ଲୋକେ ନିଶାରେ ଚୂର୍ ରହୁଥିବା ସମୟରେ ବାର୍ କର୍ମଚାରୀମାନେ ଏକ୍ସପାଏରି ଡେଟ୍ ନ ଥିବା ବା ନକଲି ମଦ ଧରାଇ ଦେଉଛନ୍ତି। ତେଣୁ ଅବକାରୀ ବିଭାଗ ନିୟମିତ ଚଢାଉ କରି ଏକ୍ସପାଏରି ଓ ନକଲି ମଦ ଯାଞ୍ଚ କରିବା ଆବଶ୍ୟକ ବୋଲି ଦାବି ହେଉଛି। ନଚେତ ଆଗାମୀ ଦିନରେ ମଦ ମୃତ୍ୟୁ ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ।

# ଗିରଫ ଜୟଦୁର୍ଗା ଫାଉଣ୍ଡେଶନ ଟ୍ରଷ୍ଟ ଅଧ୍ୟକ୍ଷାଙ୍କ ଠକେଇ ଗୁମର ଫିଟୁଛି

ହାଟଡିହୀ,୧୫।୨(ଶୁଭକାନ୍ତ ନାୟକ)

୨୨ଲକ୍ଷ ଟଙ୍କା ଠକେଇ ମାମଲାରେ ଜୟଦୁର୍ଗା ଫାଉଣ୍ଡେଶନ ଟ୍ରଷ୍ଟ ଅଧ୍ୟକ୍ଷା ସୁରେଶ୍ୱରୀ ସାଗରୀକା ଜେନା ଗତ ଶନିବାର ଗିରଫ ହେବା ପରେ ତାଙ୍କର ଠକେଇ ଗୁମର ଫିଟୁଛି । କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ନନ୍ଦିପଦା ଥାନା ଅନ୍ତର୍ଗତ ଜଳକଳଙ୍ଗ ଗ୍ରାମର ସୁରେଶ୍ୱରୀ ସାଗରୀକାଙ୍କୁ ଖଣ୍ଡଗିରି ପୋଲିସ ସ୍ଥାନୀୟ ପୋଲିସ ସହାୟତାରେ ଗିରଫ କରିଛି । ତେବେ ଗିରଫ ପରେ ସୁରେଶ୍ୱରୀଙ୍କ ନାମରେ ନନ୍ଦିପଦା ଥାନାରେ ଆଉ ଏକ ଠକେଇ ମାମଲା (ନଂ ୧୦୬/୨୦୨୫) ମଧ୍ୟ ରହିଥିବା ଜଣାପଡିଛି । ମାମଲାରୁ ଜଣାଯାଇଛି ଯେ, ହାଟଡିହୀ ବ୍ଲକ୍ ଅନ୍ତର୍ଗତ ସୁଲଣ ଗ୍ରାମର ସୁଶାନ୍ତ ରାଉତଙ୍କ ସ୍ତ୍ରୀଙ୍କୁ ଚାକିରୀ ଦେବାକୁ କହି ସୁରେଶ୍ୱରୀ ୧୫ ଲକ୍ଷ ଟଙ୍କା ଠକେଇ କରିଥିଲେ। ଏହି ମାମଲାରେ ତାଙ୍କ ନାମରେ ଚାର୍ଜଶିଟ କୋର୍ଟରେ ଦାଖଲ ହୋଇଥିବା ନନ୍ଦିପଦା ଥାନା ପୋଲିସ ପ୍ରକାଶ କରିଛି।

ସୁରେଶ୍ୱରୀ ଜୟଦୁର୍ଗା ଫାଉଣ୍ଡେଶନ ନାମରେ ଏକ ସଂସ୍ଥା ଗଠନ କରି ସାମାଜିକ କର୍ମୀ ଭାବେ ଚର୍ଚ୍ଚାରେ ଥିଲେ। ସୂଚନା ଯୋଗ୍ୟ, ଚାକିରୀ ଦେବାକୁ କହି ସୁରେଶ୍ୱରୀ ୨୨ଲକ୍ଷ ଟଙ୍କା ଠକେଇ କରିଥିବା ଭୁବନେଶ୍ୱରସ୍ଥିତ ଖଣ୍ଡଗିରି ଥାନାରେ ମାମଲା (ନଂ ୪୬୫/୨୦୨୫) ରୁଜୁ ହୋଇଥିଲା। ତେବେ ଗିରଫରୁ ବର୍ତ୍ତିବା ପାଇଁ ସୁରେଶ୍ୱରୀ ପ୍ରଥମେ ୧୭ ଜୁଲାଇ ୨୦୨୫ରେ ଓଡିଶା ହାଇକୋର୍ଟଙ୍କ ନିକଟରେ ଆଗୁଆ ଜାମିନ ଆବେଦନ(ନଂ ୮୪୭୮/୨୦୨୫) କରିଥିଲେ। ଅପରପକ୍ଷେ ୧୦ ଡିସେମ୍ବର ୨୦୨୫ରେ ହାଇକୋର୍ଟ ସୁରେଶ୍ୱରୀଙ୍କୁ ଜାମିନ ପାଇଁ ଭୁବନେଶ୍ୱର ଜେଏମଏଫ୍‌ସି-ଭି କୋର୍ଟରେ ସରେଣ୍ଡର କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ୨୦ ଜାନୁୟାରୀ ୨୦୨୬ରେ ସୁରେଶ୍ୱରୀ ହାଇକୋର୍ଟଙ୍କଠାରେ ଜାମିନ ସମ୍ପର୍କିତ ଆଉ ଏକ ଦରଖାସ୍ତ କରିଥିଲେ। ୨୯ ଜାନୁୟାରୀ ୨୦୨୬ରେ ଶୁଣାଣି ହୋଇ ଉକ୍ତ ଦରଖାସ୍ତକୁ ହାଇକୋର୍ଟ ଖାରଜ କରିଦେଇଥିଲେ। ତେବେ ଜାମିନ ନିମନ୍ତେ ଦ୍ୱିତୀୟ ଥର ପାଇଁ ସୁରେଶ୍ୱରୀ ୩୦ ଜାନୁୟାରୀ ୨୦୨୬ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଜାମିନ ଆବେଦନ(ନଂ ୧୬୬୪/୨୦୨୬)ର ଶୁଣାଣି ହୋଇନାହିଁ। ପୁନଶ୍ଚ ଏହି ମାମଲାରୁ ଆଶ୍ୱସ୍ତି ପାଇବା ପାଇଁ ସୁରେଶ୍ୱରୀ ପୂର୍ବରୁ ହାଇକୋର୍ଟଙ୍କ ଠାରେ ଏକ ଆବେଦନ (ସିଆର୍‌ଏଲ୍‌ଏମ୍‌ସି-ନଂ ୫୪୧୨/୨୦୨୫) କରିଥିଲେ। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ଗତ ୧୮ ଡିସେମ୍ବର ୨୦୨୫ ରେ ଅପର ପକ୍ଷଙ୍କୁ ନୋଟିସ ଜାରି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯାହାକି ଏବେ ବିଚାରାଧୀନ ରହିଛି।

# ଦୁର୍ଘଟଣାଗ୍ରସ୍ତ କାରରୁ ବ୍ରାଉନ୍‌ସୁଗାର ଜବତ, ୩ ଗିରଫ

ଢେଙ୍କିକୋଟ/ଘଟଗାଁ,୧୫।୨(ନୀଳମଣି ମଣ୍ଡଳ/ରାଜେନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଢେଙ୍କିକୋଟ ବିଟ୍ ହାଉସ ପୋଲିସ ଜାତୀୟ ରାଜପଥ ୨୦ ନଂ. କଟରାବେଡ଼ାଠାରେ ଥିବା ପେଟ୍ରୋଲ ପମ୍ପ ନିକଟରେ ଦୁର୍ଘଘଟଣାଗ୍ରସ୍ତ କାରରୁ ୮୭ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଘଟଣାରେ ୩ ଜଣଙ୍କୁ ଗିରଫ କରି ତଦନ୍ତ କରୁଛି। ଗିରଫ ଅଭିଯୁକ୍ତ କେନ୍ଦୁଝର ପୁରୁଣା ବଜାର ବଡ଼ଦାଣ୍ଡର ରାକେଶ ସାହୁ(୨୯), ଡିଡି କଲେଜ ରୋଡ଼ ବଣିଆପାଟର ଅବନି ସାହୁ(୪୩), ଜଗନ୍ନାଥପୁରର ସଞ୍ଜୟ ଜେନା(୪୭)।

ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଶନିବାର ଅପରାହ୍ଣରେ କଟରାବେଡ଼ାଠାରେ ଥିବା ପେଟ୍ରୋଲ ପମ୍ପରେ କାର(ନଂ. ଓଡି ୧୫ ଏ ୮୮୮୦)ରେ ତେଲ ପକାଇଥିଲେ। ତେଲ ପକାଇ କାରଟି ଜାତୀୟ ରାଜପଥକୁ ବାହାରିବା ସମୟରେ ରାସ୍ତା ଉପରେ ଥିବା ଡିଭାଇଡରକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ କାରର ଆଗ ଚକାଟି ବାହାରି ପଳାଇଥିଲା। ଫଳରେ କାର ସେଠାରେ ରହିଥିଲା। କାରରେ ୩ ଜଣ ଯୁବକ ଥିବା ବେଳେ ସେମାନେ ନିଶାସକ୍ତ ଥିବା ଜାଣି ଲୋକେ ପୋଲିସକୁ ଖବର ଦେଇଥିଲେ।

# ମାଓବାଦୀଙ୍କ ନାଁରେ ବ୍ୟାନର ଲଗାଇ ୨ ଗିରଫ

**ଅଭିଯୁକ୍ତଙ୍କ ମଧ୍ୟରେ ୱେବ୍ ଖବରଦାତା**

ରାୟଗଡ଼ା, ୧୫।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର ୩ଟି ସ୍ଥାନରେ ଗତ ଶୁକ୍ରବାର ମାଓବାଦୀଙ୍କ ନାଁରେ ବ୍ୟାନର ଲଗାଇବା ଘଟଣାରେ ପୋଲିସ ରବିବାର ୨ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ରାୟଗଡ଼ାର ଜଣେ ୱେବ୍ ଖବରଦାତା ବୋଲି ସୂଚନା ମିଳିଛି। ଅନ୍ୟ ଜଣେ ହେଲେ କାଶୀପୁର ବ୍ଲକର ବଳି ମାଝୀ। ବଳି ଏଥିପୂର୍ବରୁ ମାଓବାଦୀ ମାମଲାରେ ବହୁବାର ଗିରଫ ହୋଇ ଜେଲ ଯାଇଥିଲେ। ଉଭୟଙ୍କୁ ରବିବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ମାଇନା କରାଯାଇଛି। ଏ ନେଇ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଅମୂଲ୍ୟ କୁମାର ଧରଙ୍କ ପ୍ରତିକ୍ରିୟା ନେବାରୁ ଏ ସଂକ୍ରାନ୍ତରେ ଜିଲା ଏସ୍‌ପି ସୋମବାର ଖବରଦାତା ସମ୍ମିଳନୀରେ ଅଧିକ ସୂଚନା ଦେବେ ବୋଲି କହିଛନ୍ତି।

ସୂଚନା ଥାଉକି, ରାୟଗଡ଼ା ସହର ଉପକଣ୍ଠ ବାଇସିଂ ପଞ୍ଚାୟତ ଧୁମାଗୁଡ଼ା ବସ୍‌ଷ୍ଟପ, ଚାନ୍ଦିଲି ଥାନା ଅଧୀନ ପାଇକପଡ଼ା ଓ କଲ୍ୟାଣସିଂହପୁର ବ୍ଲକ୍‌ର ବୁଡ଼ାଗୁଡ଼ା ପଞ୍ଚାୟତ କୁମ୍ଭାଗୁଡ଼ା ଛକରେ ମାଓବାଦୀ ବ୍ୟାନର ଲାଗିଥିଲା। ଭୁଏ ପଏଣ୍ଟକୁ ଲୋକେ ମର୍ଣ୍ଣିଂ ୱାକ୍‌ରେ ଯିବା ସମୟରେ ଧୁମାଗୁଡ଼ା ବସ୍‌ଷ୍ଟପ୍‌ରେ ସିପିଆଇ ମାଓବାଦୀ ସଙ୍ଗଠନ ପକ୍ଷରୁ ବ୍ୟାନର ଲାଗିଥିବା ଦେଖିବାକୁ ପାଇଥିଲେ। ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା, ଆଜାଦ୍, ଉଦୟ ଓ ନିଖିଳ ଆଦିବାସୀ ନ ଥିଲେ। ସେମାନେ ଆଦିବାସୀଙ୍କୁ ମାଓବାଦୀ ସଙ୍ଗଠନରେ ସାମିଲ କରାଇ ତାଙ୍କ ଉପରେ ଅତ୍ୟାଚାର କରୁଥିଲେ ବୋଲି ଉକ୍ତ ବ୍ୟାନରରେ ଉଲ୍ଲେଖ ରହିଥିଲା।

## Business

# ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳପଥ ନିର୍ମାଣରେ ଅଗ୍ରଗତି

## ଟନେଲ ୭ରେ ଆଧୁନିକ ସୁରକ୍ଷା ପ୍ରଣାଳୀ ସ୍ଥାପନ



ଭୁବନେଶ୍ୱର,୧୫।୨(ଅନୁରାଧା ମହାରଣା)

ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ସୁଡ଼ଙ୍ଗ ନମ୍ବର ୭ରେ ପୂର୍ବତଟ ରେଳପଥ ପକ୍ଷରୁ ବ୍ୟାପକ, ଅତ୍ୟାଧୁନିକ ସୁରକ୍ଷା ଏବଂ ଜରୁରିକାଳୀନ ପରିଚାଳନା ବ୍ୟବସ୍ଥା ସ୍ଥାପନ ସମ୍ପୂର୍ଣ୍ଣ କରିଛି। ବୌଦ୍ଧ ଜିଲାର ପୁରୁଣାକଟକ ଓ ଚାରିଛକ ମଧ୍ୟରେ ଅବସ୍ଥିତ ୧,୯୭୫ ମିଟର ଲମ୍ବା ଟନେଲ ୭ରେ ସମ୍ପ୍ରତି ସଫଳ ଟନେଲ ବ୍ରେକଥ୍ରୁ ସହିତ ନିର୍ମାଣ କାର୍ଯ୍ୟର ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରାଯାଇଛି। ଉପକୂଳ ଓଡ଼ିଶା ଏବଂ ରାଜ୍ୟର ପଶ୍ଚିମ ଏବଂ କେନ୍ଦ୍ରୀୟ ଅଞ୍ଚଳ ମଧ୍ୟରେ ଦୀର୍ଘକାଳୀନ ସଂଯୋଗୀକରଣ ବ୍ୟବଧାନକୁ ପୂରଣ କରିବାରେ ଟନେଲ-୭ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଏହା କାର୍ଯ୍ୟକ୍ଷମ ହେବା ପରେ ଏହି ପ୍ରକଳ୍ପ ଦ୍ରୁତ, ସୁରକ୍ଷିତ ଏବଂ ଅଧିକ ଦକ୍ଷ ରେଳ ସଂଯୋଗ ପ୍ରଦାନ କରିବ, ଯାତ୍ରୀଙ୍କ ସୁଗମ ପରିବହନ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ପରିବହନକୁ ସହଜ କରିବ। ସୂଚନା ଥାଉକି, ସୁଡ଼ଙ୍ଗରେ ଉନ୍ନତ ଯାନ୍ତ୍ରିକ, ବୈଦ୍ୟୁତିକ ଏବଂ ପ୍ଲମ୍ବିଂ ସିଷ୍ଟମ ଯୋଗାଇ ଦିଆଯାଇଛି। ଜରୁରିକାଳୀନ ପରିସ୍ଥିତିରେ ବାୟୁ ଗୁଣବତ୍ତା ବଜାୟ ରଖିବା ଏବଂ ଧୂଆଁର ଗତିବିଧିକୁ ପ୍ରଭାବଶାଳୀ ଭାବରେ ନିୟନ୍ତ୍ରଣ କରିବା ପାଇଁ ଜେଟ ଫ୍ୟାନ ରହିଛି। ହାଇଡ୍ରାଣ୍ଟ ଲାଇନ, ହୋସ ରିଲ ଏବଂ ରଣନୀତିକ ଭାବରେ ରଖାଯାଇଥିବା ଅଗ୍ନି ନିର୍ବାପକ ଯନ୍ତ୍ର ସମେତ ବ୍ୟାପକ ଅଗ୍ନି ନିର୍ବାପନ ବ୍ୟବସ୍ଥା ସ୍ଥାପନ କରାଯାଇଛି। ବିଦ୍ୟୁତ୍ ବ୍ୟାକଅପ ସହିତ ସୁଡ଼ଙ୍ଗ ଆଲୋକୀକରଣ ଏବଂ ସ୍ୱୟଂଚାଳିତ ଜରୁରିକାଳୀନ ଆଲୋକୀକରଣ ବ୍ୟବସ୍ଥା, ବିଦ୍ୟୁତ୍ ବିଫଳତା କିମ୍ବା ଜରୁରିକାଳୀନ ପରିସ୍ଥିତିରେ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବରେ ମାର୍ଗଦର୍ଶନ କରିବା ପାଇଁ ଆଲୋକିତ ପ୍ରସ୍ଥାନ ଏବଂ ଦିଗ ସୂଚକ ସାଇନେଜର ବ୍ୟବସ୍ଥା ରହିଛି। ଯାତ୍ରୀମାନଙ୍କ ସହିତ ବାସ୍ତବ ସମୟ ଯୋଗାଯୋଗ ସୁନିଶ୍ଚିତ କରିବା ଏବଂ ସୁଡ଼ଙ୍ଗର ସ୍ଥିତି ଉପରେ ନିରନ୍ତର ନିରୀକ୍ଷଣ ମାଧ୍ୟମରେ କୌଣସି ଅସ୍ୱାଭାବିକ ପରିସ୍ଥିତିକୁ ପୂର୍ବରୁ ଚିହ୍ନଟ କରିବା ପାଇଁ ପବ୍ଲିକ ଆଡ୍ରେସ (ପିଏ) ଓ ସିସିଟିଭି ନିରୀକ୍ଷଣ ପ୍ରଣାଳୀ ସ୍ଥାପିତ କରାଯାଇଛି। ମୋବାଇଲ ନେଟୱର୍କ ସଂଯୋଗ ସୀମିତ ଥିବା ଅଞ୍ଚଳଗୁଡ଼ିକରେ ବିଶେଷକରି, ଟନେଲ ଭିତରୁ ଯାତ୍ରୀମାନେ ସିଧାସଳଖ କଣ୍ଟ୍ରୋଲ ରୁମ ସହିତ ସମ୍ପର୍କ ସ୍ଥାପନ କରିପାରିବାକୁ ଏସ୍‌ଓଏସ୍ ଜରୁରିକାଳୀନ କଲିଂ ପ୍ରଣାଳୀ ସ୍ଥାପନ କରାଯାଇଛି ନିରନ୍ତର ତାପମାତ୍ରା ନିରୀକ୍ଷଣ ପାଇଁ ଲିନିୟର୍ ହିଟ ଡିଟେକ୍ସନ ସିଷ୍ଟମ, ଯାହା ଆଗୁଆ ଅଗ୍ନି ସଂଯୋଗ ସ୍ଥାନକୁ ଚିହ୍ନଟ କରିବା ସହିତ ଦ୍ରୁତ ପ୍ରତିକ୍ରିୟା ସୁନିଶ୍ଚିତ କରିବ। ଭାରତୀୟ ରେଳପଥ ସୁରକ୍ଷା, ସ୍ଥିରତା ଏବଂ ଦୀର୍ଘକାଳୀନ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ପାଇଁ ସୁଡ଼ଙ୍ଗ ଅଂଶଗୁଡ଼ିକରେ ଉନ୍ନତ ବାଲାଷ୍ଟଲେସ (ସ୍ଲାବ) ଟ୍ରାକ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିଛି। ସ୍ଥାପିତ ସମସ୍ତ ସିଷ୍ଟମକୁ ଠିକ ସଂସ୍ଥାପନ ଏବଂ ସଂଯୋଜନ ପାଇଁ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇଛି। କାର୍ଯ୍ୟକ୍ଷମ ପରୀକ୍ଷଣ ଚାଲିଛି ଏବଂ ପର୍ଯ୍ୟାୟକ୍ରମେ କାର୍ଯ୍ୟକ୍ଷମ କରାଯିବ, ଯେକୌଣସି ପର୍ଯ୍ୟବେକ୍ଷଣକୁ ତୁରନ୍ତ ସମାଧାନ କରାଯିବ।

# ନାଲକୋ, ଏନ୍‌ଏଲ୍‌ସିଆଇଏଲ୍ ମଧ୍ୟରେ ଶକ୍ତି ସହଯୋଗ ପାଇଁ ବୁଝାମଣା



ଭୁବନେଶ୍ୱର,୧୫।୨(ଅନୁରାଧା ମହାରଣା)

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନରେ ଥିବା ନବରତ୍ନ କେନ୍ଦ୍ରୀୟ ସରକାରୀ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍‌କୋ) ଏବଂ ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ (ଏନ୍‌ଏଲ୍‌ସିଆଇଏଲ୍) ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଏହି ବୁଝାମଣା ନାଲ୍‌କୋର ୧୦୮୦ ମେଗାୱାଟ ଥର୍ମାଲ କ୍ୟାପଟିଭ ପାୱାର୍ ପ୍ରୋଜେକ୍ଟ ଏବଂ ନବୀକରଣଯୋଗ୍ୟ ଶକ୍ତି ବିକାଶ କ୍ଷେତ୍ରରେ ସହଯୋଗକୁ ଆହୁରି ମଜଭୁତ କରିବା ଉଦ୍ଦେଶ୍ୟରେ ହୋଇଛି। ଏହି ଏମଓୟୁ ତାମିଲନାଡୁର ମହାବଲିପୁରମରେ ସ୍ୱାକ୍ଷର ହୋଇଥିଲା। ନାଲକୋର ଡାଇରେକ୍ଟର (ପ୍ରୋଜେକ୍ଟସ୍ ଆଣ୍ଡ ଟେକ୍ନିକାଲ) ଜଗଦୀଶ ଆରୋରା ଏବଂ ଏନ୍‌ଏଲ୍‌ସିଆଇଏଲ୍‌ର ଚେୟାରମ୍ୟାନ କମ୍ ମ୍ୟାନେଜିଂ ଡାଇରେକ୍ଟର ପ୍ରସନ୍ନ କୁମାର ମୋତୁପଲ୍ଲୀ ଏବଂ ଏନ୍‌ଏଲ୍‌ସିଆଇଏଲ୍‌ର ଅନ୍ୟ ଡାଇରେକ୍ଟରମାନଙ୍କ ଉପସ୍ଥିତିରେ ଏହି ସ୍ୱାକ୍ଷର ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ବୁଝାମଣା ନାଲକୋର କ୍ୟାପଟିଭ ଏବଂ ଦୀର୍ଘକାଳୀନ ବିଦ୍ୟୁତ୍ ଆବଶ୍ୟକତାକୁ ସମର୍ଥନ କରିବା ସହିତ ସ୍ଥାୟୀ ଶକ୍ତି ସମାଧାନ ଉପରେ ଗୁରୁତ୍ୱ ଦେବ। ଏହା ଦୀର୍ଘକାଳୀନ ବିଦ୍ୟୁତ୍ ସମ୍ପର୍କ ଏବଂ କୋଇଲା ଯୋଗାଣ ବ୍ୟବସ୍ଥା ପାଇଁ ଏକ ସୁଗଠିତ ଢାଞ୍ଚା ପ୍ରଦାନ କରିବ। ଭବିଷ୍ୟତରେ ଯୌଥ ପ୍ରୋଜେକ୍ଟ ବିକାଶ ମଧ୍ୟ ଏହି ଭାଗୀଦାରିରେ ଅନ୍ତର୍ଭୁକ୍ତ ହେବ।

# ୧୯,୬୭୫ କୋଟିର ଏଫ୍‌ପିଆଇ ନିବେଶ

## ଟ୍ରେଡ୍ ଡିଲ୍‌ର ପ୍ରଭାବ

ନୂଆଦିଲ୍ଲୀ,୧୫।୨(ପି.ଟି.)

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମାର ପ୍ରଭାବ ଏବଂ ବୈଶ୍ୱିକ ସ୍ତରରେ ମାକ୍ରୋ ଅର୍ଥନୀତି ସମ୍ପର୍କିତ ଚିନ୍ତା କମିବା ଫଳରେ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ)ମାନେ ଚଳିତ ମାସର ପ୍ରଥମ ୧୫ ଦିନରେ ଭାରତୀୟ ପୁଞ୍ଜି ବଜାରରେ ୧୯,୬୭୫ କୋଟି ଟଙ୍କା ନିବେଶ କରିଛନ୍ତି। ଏହା ପୂର୍ବରୁ କ୍ରମାଗତ ୩ ମାସ ଧରି ଏଫ୍‌ପିଆଇମାନେ ଭାରତୀୟ ଶେୟାର ବଜାରରୁ ସେମାନଙ୍କ ଅଂଶଧନ ପ୍ରତ୍ୟାହାର କରିଚାଲିଥିଲେ। ଜାନୁଆରୀରେ ସେମାନେ ୩୫,୯୬୨ କୋଟି ଟଙ୍କାର ଶେୟାର ବିକ୍ରି କରିଥିବାବେଳେ ଡିସେମ୍ବରରେ ୨୨,୬୧୧ କୋଟି ଏବଂ ନଭେମ୍ବରରେ ୩,୭୬୫ କୋଟି ଟଙ୍କା ପୁଞ୍ଜି ବଜାରରୁ ପ୍ରତ୍ୟାହାର କରିନେଇଥିଲେ ବୋଲି ଜମାକାରୀ ସଂସ୍ଥାଗୁଡ଼ିକର ତଥ୍ୟରୁ ଜଣାପଡ଼ିଛି। ମୋଟାମୋଟି ଭାବେ ୨୦୨୫ରେ ଭାରତୀୟ ପୁଞ୍ଜିବଜାରରୁ ଏଫ୍‌ପିଆଇମାନେ ମୋଟ ୧.୬୬ ଲକ୍ଷ କୋଟି ଟଙ୍କା (୧୮.୯ ବିଲିୟନ ଡଲାର) ଉଠାଇ ନେଇଥିଲେ, ଯାହାକି ବିଦେଶୀ ନିବେଶ ପାଇଁ ଅନ୍ୟତମ ସବୁଠୁ ଖରାପ ସମୟ ଥିଲା। ଟଙ୍କା ମୂଲ୍ୟରେ ଅସ୍ଥିର ଗତି, ବିଶ୍ୱ ବାଣିଜ୍ୟକୁ ନେଇ ଉତ୍ତେଜନା, ସମ୍ଭାବ୍ୟ ଆମେରିକା ଟାରିଫ୍‌କୁ ନେଇ ଚିନ୍ତା ଏବଂ କମ୍ପାନୀଗୁଡ଼ିକର ଶେୟାର ମୂଲ୍ୟ ତାଙ୍କର ପ୍ରକୃତ ବ୍ୟବସାୟିକ କ୍ଷମତାଠାରୁ ଅଧିକ ହେବା ଆଦି କାରଣରୁ ଅଂଶଧନ ବିକ୍ରି ବଢ଼ିଥିଲା। ତେବେ ବାଣିଜ୍ୟ ଚୁକ୍ତିନାମା ପରେ ଅବସ୍ଥାରେ ପରିବର୍ତ୍ତନ ଆସିଛି। ଫେବୃଆରୀ ୧୩ ତାରିଖ ସୁଦ୍ଧା ଏଫ୍‌ପିଆଇମାନେ ଭାରତୀୟ ଶେୟାର ବଜାରରେ ୧୯,୬୭୫ କୋଟି ଟଙ୍କା ନିବେଶ କରିଛନ୍ତି। ବୈଶ୍ୱିକ ମାକ୍ରୋ ଅର୍ଥନୀତି ଚିନ୍ତା ହ୍ରାସ, ବିଶେଷ କରି ଆମେରିକା ମୁଦ୍ରାସ୍ଫୀତି କମିବା, ସୁଧହାର ପାଇଁ ଏକ ସକାରାତ୍ମକ ଭାବାବେଗ ସୃଷ୍ଟି କରିଥିବାରୁ ବଣ୍ଡରୁ ମିଳିବାକୁ ଥିବା ବାର୍ଷିକ ସୁଧ ବା ରିଟର୍ନ ଏବଂ ଆମେରିକା ଡଲାରରେ ସ୍ଥିରତା ଆଣିବାରେ ସହାୟକ ହୋଇଛି। ସେଥିପାଇଁ ନିବେଶକମାନେ ଭାରତୀୟ ଷ୍ଟକ୍ ମାର୍କେଟରୁ ଅଂଶଧନ କିଣିଛନ୍ତି ବୋଲି ମର୍ନିଂଷ୍ଟାର ଇନ୍‌ଭେଷ୍ଟମେଣ୍ଟ ରିସର୍ଚ୍ଚ ଇଣ୍ଡିଆର ପ୍ରମୁଖ ପରିଚାଳକ ହିମାଂଶୁ ଶ୍ରୀବାସ୍ତବ କହିଛନ୍ତି।

# ବିଜିୟୁରେ ଏଆଇ ଚାଳିତ ଲୋକନୀତି ଉପରେ ସମ୍ମିଳନୀ



ଭୁବନେଶ୍ୱର,୧୫।୨(ଅନୁରାଧା ମହାରଣା)

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ)ରେ 'କୃତ୍ରିମ ବୁଦ୍ଧିମତ୍ତା-ଚାଳିତ ଲୋକନୀତି: ପ୍ରଯୁକ୍ତି ଓ ସମବେଦନାର ସମତୁଳନ' ଶୀର୍ଷକ ଏକ ମାନବ ସମ୍ବଳ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶିଳ୍ପ ଓ ଶିକ୍ଷାଜଗତର ବ୍ୟକ୍ତିତ୍ୱମାନେ ଅଂଶଗ୍ରହଣ କରି କିପରି କୃତ୍ରିମ ବୁଦ୍ଧିମତ୍ତା ମାନବୀୟ ମୂଲ୍ୟବୋଧକୁ ପ୍ରତିସ୍ଥାପିତ ନ କରି ତାହାକୁ ସଶକ୍ତ କରିପାରିବ ସେନେଇ ଆଲୋଚନା କରିଥିଲେ। ନିଯୁକ୍ତି ପ୍ରକ୍ରିୟା, ଶିକ୍ଷା ଓ ପ୍ରଶିକ୍ଷଣ, କାର୍ଯ୍ୟଦକ୍ଷତା ପରିଚାଳନା ଓ ସମ୍ପୃକ୍ତରେ ଚର୍ଚ୍ଚା ହୋଇଥିଲା। କୃତ୍ରିମ ବୁଦ୍ଧିମତ୍ତା ଗ୍ରହଣ ସମ୍ବନ୍ଧୀୟ ନୈତିକ, ଆଇନଗତ ଓ ଭାବନାତ୍ମକ ପ୍ରଭାବ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ମୁଖ୍ୟ ବକ୍ତା ରିଚା ମାଲହୋତ୍ରା 'କୃତ୍ରିମ ବୁଦ୍ଧିମତ୍ତା-ଚାଳିତ ପ୍ରତିଭା ଅର୍ଜନ ଓ କାର୍ଯ୍ୟଶକ୍ତି ବିଶ୍ଳେଷଣରେ ଆଲଗୋରିଦମ ଭିତ୍ତିକ ପକ୍ଷପାତ, ବିଶ୍ୱାସର ଅଭାବ ଓ ପରିବର୍ତ୍ତନ ପ୍ରତି ପ୍ରତରୋଧ ଭଳି ଚିନ୍ତା ବିଷୟଗୁଡ଼ିକୁ ମାନବୀୟ ନିରୀକ୍ଷଣ ସହିତ ପ୍ରକ୍ରିୟା ମାଧ୍ୟମରେ ସମାଧାନ କରିବା ଆବଶ୍ୟକ, ଯାହା ମାନବ ସମ୍ବଳ ପ୍ରକ୍ରିୟାରେ ନ୍ୟାୟସଙ୍ଗତତା ଓ ପରିପ୍ରେକ୍ଷୀରେ ସମ୍ବେଦନଶୀଳତା ସୁନିଶ୍ଚିତ କରିବ। ମୁଖ୍ୟ ଅତିଥି ସତ୍ୟନାରାୟଣ ବିଞ୍ଜାମୋରି ଉଲ୍ଲେଖ କରିଥିଲେ, 'କୃତ୍ରିମ ବୁଦ୍ଧିମତ୍ତା ଦଶନ୍ଧି ଧରି ବିକଶିତ ହୋଇଆସୁଛି ଏବଂ ବର୍ତ୍ତମାନ ତାହାର ବ୍ୟାପକତା ଓ ସହଜଲଭ୍ୟତା ଦାୟିତ୍ୱପୂର୍ଣ୍ଣ ସମୋବଶକୁ ଆହ୍ୱାନ କରୁଛି। ଏହି ମଞ୍ଚ ମାନବ ସମ୍ପଦ ବୁଦ୍ଧିଜୀବୀ, ମାନବ ବିଶ୍ଳେଷଣ ବିଶେଷଜ୍ଞ, ପ୍ରଶାସନିକ ପ୍ରବନ୍ଧକ, ନବପ୍ରତିଷ୍ଠିତ ଉଦ୍ୟମ ସଂସ୍ଥାପକ ଓ ପରାମର୍ଶଦାତାମାନଙ୍କୁ ଏକତ୍ର କରି କୃତ୍ରିମ ବୁଦ୍ଧିମତ୍ତା-ଚାଳିତ ମାନବ ସମ୍ବଳ ସମାଧାନର ଅନୁଭବ ଓ ଶ୍ରେଷ୍ଠ ପ୍ରଚଳନ ବିନିମୟ ପାଇଁ ଏକ ସୁଦୃଢ଼ ମଞ୍ଚ ପ୍ରଦାନ କରିଥିଲା।

# ଡାକ ବିଭାଗ ଓ ଏନ୍‌ଏସ୍‌ଇ ମଧ୍ୟରେ ଏମ୍‌ଓୟୁ

ଭୁବନେଶ୍ୱର,୧୫।୨(ଅନୁରାଧା ମହାରଣା)

ଭାରତ ସରକାରଙ୍କ ସଞ୍ଚାର ମନ୍ତ୍ରଣାଳୟ, ଡାକ ବିଭାଗ (ଡିଓପି) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ଅଫ ଇଣ୍ଡିଆ ଲିମିଟେଡ (ଏନ୍‌ଏସ୍‌ଇ) ମଧ୍ୟରେ ଏନ୍‌ଏସ୍‌ଇ ଏମ୍‌ଏଫ୍ ଇନଭେଷ୍ଟ ପ୍ଲାଟଫର୍ମ ଉପରେ ସହଭାଗିତା କରିବା ପାଇଁ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି । ଯାହାକି ଆର୍ଥିକ ଅନ୍ତର୍ଭୁକ୍ତୀକରଣର ଅଗ୍ରଗତି ଏବଂ ଅନ୍ତ୍ୟୋଦୟ ଓ ବିକଶିତ ଭାରତ ୨୦୪୭ ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ସହଭାଗିତା ବିଶେଷ କରି ଗ୍ରାମାଞ୍ଚଳ ଓ ଅର୍ଦ୍ଧସହରାଞ୍ଚଳରେ ଲକ୍ଷ ଲକ୍ଷ ଭାରତୀୟଙ୍କ କ୍ଷୁଦ୍ର ସଞ୍ଚୟକୁ ମ୍ୟୁଚୁଆଲ ଫଣ୍ଡ ନିବେଶ ମାଧ୍ୟମରେ ସଂରଚିତ ସମ୍ପତ୍ତି ସୃଷ୍ଟି ସୁଯୋଗରେ ରୂପାନ୍ତର କରିବା ପାଇଁ ଲକ୍ଷ୍ୟ ରଖିଛି । ଏହି ଏମ୍‌ଓୟୁ ଏନ୍‌ଏସ୍‌ଇର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଆଶିଷ କୁମାର ଚୌହାନଙ୍କ ଉପସ୍ଥିତିରେ ଡାକ ବିଭାଗର (ସିଟିଜେନ ସେଣ୍ଟ୍ରିକ ସର୍ଭିସେସ ଆଣ୍ଡ ରୁରାଲ ବିଜ୍‌ନେସ୍) ମହାପ୍ରବନ୍ଧକ ମନୀଷା ବଂଶଲ ବାଦଲ ଓ ଏନ୍‌ଏସ୍‌ଇର ମୁଖ୍ୟ ବାଣିଜ୍ୟିକ ବିକାଶ ଅଧିକାରୀ (ସିବିଡିଓ) ଶ୍ରୀରାମ କ୍ରିଷ୍ଣନଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା । ଏହି ଚୁକ୍ତି ଅଧୀନରେ ଏନ୍‌ଏସ୍‌ଇ ଇ-କେୱାଇସି, ଅନବୋର୍ଡିଂ, ଟ୍ରାଞ୍ଜାକ୍ସନ ଓ ବ୍ୟାକଏଣ୍ଡ ଅପରେଶନକୁ କଭର କରୁଥିବା ଏକ ଇଣ୍ଟିଗ୍ରେଟେଡ ଏଣ୍ଡ-ଟୁ-ଏଣ୍ଡ ଡିଜିଟାଲ ପ୍ଲାଟଫର୍ମ ପ୍ରଦାନ କରିବ । ଏହା ୨୫୦୦ରୁ ଅଧିକ ଇଣ୍ଡିଆ ପୋଷ୍ଟ କର୍ମଚାରୀଙ୍କ ପାଇଁ ଏନଆଇଏସଏମ ସାର୍ଟିଫିକେଶନ ଓ ଇୟୁଆଇଏନ ପଞ୍ଜୀକରଣ ପାଇଁ ପାଣ୍ଠି ପ୍ରଦାନ କରିବ ଏବଂ ସହଜ କାର୍ଯ୍ୟକାରିତା ନିଶ୍ଚିତ କରିବା ପାଇଁ ପୋଷ୍ଟାଲ ସର୍କଲଗୁଡିକରେ ଡେଡିକେଟେଡ ଟେକ୍ନିକାଲ ସପୋର୍ଟ ଟିମ ନିଯୁକ୍ତ କରିବ। ଏହାର ରୋଲଆଉଟ ବିସ୍ତୃତ ଇକୋସିଷ୍ଟମରେ ବିସ୍ତାର ହେବା ପୂର୍ବରୁ ପ୍ରଥମ ଥର ଓ ଡିଆଇୱାଇ ନିବେଶକଙ୍କ ପାଇଁ ସରଳ, କ୍ଷୁଦ୍ର ଟିକେଟ ମ୍ୟୁଚୁଆଲ ଫଣ୍ଡ ଉତ୍ପାଦ ସହ ଆରମ୍ଭ ହେବ ।

## ଶିବ ଦର୍ଶନ ପରେ ଟଳିପଡ଼ିଲେ ଶ୍ରଦ୍ଧାଳୁ

ନାକଟିଦେଉଳ,୧୫।୨(ବୈକୁଣ୍ଠନାଥ ସାହୁ): ପବିତ୍ର ଶିବରାତ୍ରି ହେଲା ଶ୍ରଦ୍ଧାଳୁଙ୍କ ଶେଷରାତ୍ରି ଶିବରାତ୍ରି ଅବସରରେ ମହାଦେବଙ୍କୁ ଦର୍ଶନ କରି ବାହାରକୁ ବାହାରିବା ପରେ ଚାଲିଗଲା ଶ୍ରଦ୍ଧାଳୁଙ୍କ ଜୀବନ। ଏପରି ଏକ ଘଟଣା ଘଟିଛି ସମ୍ବଲପୁର ଜିଲା ନାକଟିଦେଉଳ ଅଞ୍ଚଳରେ। ମୃତ ଶ୍ରଦ୍ଧାଳୁ ସମ୍ବଲପୁର ହୀରାକୁଦ କଲୋନୀର ବାସିନ୍ଦା ଅନିଲ ମିଶ୍ର(୬୦)। ରବିବାର ମହାଶିବରାତ୍ରି ପାଇଁ ଅନିଲ ପରିବାର ସହ ନାକଟିଦେଉଳ ବ୍ଲକ ବାଟଗାଁ ପଞ୍ଚାୟତ ଅନ୍ତର୍ଗତ କୁଞ୍ଜାମୁରାସ୍ଥିତ ପୁରାତନ ଶୈବପୀଠ ବାବା ବିନ୍ଧେଶ୍ୱର ଶିବମନ୍ଦିରକୁ ଦର୍ଶନ କରିବାକୁ ଆସିଥିବାବେଳେ ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି।

# ୪ ଘଣ୍ଟା ନୀତିକାନ୍ତି ବନ୍ଦ, ଉପାସରେ କପିଳାସର ଶ୍ରୀଶ୍ରୀଚନ୍ଦ୍ରଶେଖର ଜୀଉ



କପିଳାସ ପାଦଦେଶରେ ଥିବା ଦେଓଗାଁ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଧାରଣାରତ ସେବାୟତମାନଙ୍କ ସହ ଉପଜିଲାପାଳ ଆଲୋଚନା କରୁଛନ୍ତି। (ଫଟୋ: ମାନସ ତ୍ରିପାଠୀ)

### ପୋଲିସ ନ ଛାଡ଼ିବାରୁ ସେବାୟତଙ୍କ ଧାରଣା

ଢେଙ୍କାନାଳ,୧୫।୨(ରତନ ନାୟାର)

ମହାଶିବରାତ୍ରି ଓ ପ୍ରସିଦ୍ଧ ଜାଗର ଯାତ୍ରା ସମୟରେ ରବିବାର ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଠାକୁରଙ୍କ ନୀତିକାନ୍ତି କରିବାକୁ ଯାଉଥିବା ସେବାୟତମାନଙ୍କୁ ବାରବାଙ୍କରେ ପୋଲିସ ଛାଡ଼ି ନ ଥିଲା। ଏହାର ପ୍ରତିବାଦରେ ନିକଟସ୍ଥ ଦେଓଗାଁ ଜଗନ୍ନାଥ ମନ୍ଦିର ସମ୍ମୁଖରେ ସେବାୟତମାନେ ଦୀର୍ଘ ସମୟ ଧରି ଧାରଣାରେ ବସିଥିଲେ। ଫଳରେ କପିଳାସ ପୀଠାଧୀଶ ମହାପ୍ରଭୁ ଶ୍ରୀଶ୍ରୀଚନ୍ଦ୍ରଶେଖର ଜୀଉ ମହାଦେବଙ୍କ ନୀତିକାନ୍ତି ୪ ଘଣ୍ଟା ବନ୍ଦ ରହିଥିଲା ଏବଂ ମହାପ୍ରଭୁ ଉପାସରେ ରହିଥିଲେ। ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଠାକୁରଙ୍କ ନୀତିକାନ୍ତିରେ ବିଳମ୍ବ ହୋଇଥିଲେ ମଧ୍ୟ ପ୍ରଶାସନ କିମ୍ବା ଦେବୋତ୍ତର ବିଭାଗର ଜଣେ ହେଲେ ଅଧିକାରୀ ସେବାୟତମାନଙ୍କୁ ବୁଝାଶୁଝା କରିବା ପାଇଁ ନ ଯିବା ଘଟଣା ଅସନ୍ତୋଷକୁ ବୃଦ୍ଧି କରିଥିଲା। ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ନେଇ ସାଧାରଣରେ କ୍ଷୋଭ ପ୍ରକାଶ ପାଇଥିଲା। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆସୁଥିବାରୁ ସକାଳ ସାଢେ ୯ଟା ବେଳେ ଜିଲା ପ୍ରଶାସନ ପକ୍ଷରୁ ଢେଙ୍କାନାଳ ଉପଜିଲାପାଳ ତଥା ଜିଲା ଦେବୋତ୍ତର ଅଧିକାରୀ ବିବୁଧ ଗଡ଼ନାୟକ ଘଟଣା ସ୍ଥଳରେ ପହଞ୍ଚି ସେବାୟତମାନଙ୍କୁ ଭୁଲ୍ ମାଗିବା ସହ ନୀତିକାନ୍ତି କରିବା ପାଇଁ ଅନୁରୋଧ କରିଥିଲେ। ଏଥିସହ ଆସନ୍ତା ୨୦ ତାରିଖ ଦିନ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେବା ପରେ ସେବାୟତମାନେ ଠାକୁରଙ୍କ ନୀତିକାନ୍ତି କରିବା ପାଇଁ ପୀଠକୁ ଯାଇଥିଲେ। କିନ୍ତୁ ୨୦ ତାରିଖ ସମସ୍ୟାର ସମାଧାନ ନ ହେଲେ ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିବ ବୋଲି ସେବାୟତ ସଂଘ ସଭାପତି ପ୍ରକାଶଚନ୍ଦ୍ର ପତିଙ୍କ ସମେତ ଆଶୁତୋଷ ମହାପାତ୍ର ଓ ସୁରେଶ ମହାପାତ୍ରଙ୍କ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ହଳଦିଆପଦର ଓଭରବ୍ରିଜ୍ ଦୁର୍ଘଟଣାର ତଥ୍ୟ ମାଗିଲେ ଡିଜିପି

ବ୍ରହ୍ମପୁର,୧୫।୨(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ତଥା ଗୋସାଇଁନୂଆଗାଁ ନିକଟ ହଳଦିଆପଦର ଓଭରବ୍ରିଜରେ ଗତ ୧ତାରିଖରେ ଟ୍ରକ ଧକ୍କାରେ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ର ଡ୍ରାଇଭର କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଗୁଡିଆପଲ୍ଲୀର ପ୍ରଦୀପ ଜାନୀ(୩୮)ଙ୍କୁ ଗିରଫ କରାଯାଇ ତାଙ୍କ ନାମରେ ହତ୍ୟା ମାମଲା ରୁଜୁ ହୋଇଛି। ଗୋସାଇଁ ନୂଆଗାଁ ଥାନା ବର୍ତ୍ତମାନ ଏହି ଦୁର୍ଘଟଣାର ତଦନ୍ତ କରୁଛି।

ତେବେ ଦୁର୍ଘଟଣା କେମିତି ଘଟିଲା, ପୋଲିସ ପକ୍ଷରୁ କ'ଣ ପଦକ୍ଷେପ ନିଆଯାଇଛି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଯୋଗେଶ ବାହାଦୁର ଖୁରାନିଆ ବ୍ରହ୍ମପୁର ଏସ୍‌ପିଙ୍କୁ ତାହାର ବିସ୍ତୃତ ତଥ୍ୟ ମାଗିଛନ୍ତି।

ଡିଜିପି ଏସ୍‌ପିଙ୍କୁ କରିଥିବା ଚିଠିରୁ ଜଣାପଡିଛି ଯେ, ଗୋସାଇଁନୂଆଗାଁ ଥାନାଞ୍ଚଳରେ ଘଟଣା ଘଟିଥିଲେ ବି ଦୁର୍ଘଟଣା ଘଟିବା ଦିନ ମାମଲା ଟ୍ରାଫିକ ପୋଲିସ ନେଇଥିଲା। ଟ୍ରାଫିକ ପୋଲିସ ମୃତଦେହଗୁଡିକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ କ'ଣ ଆସିଛି, ପୋଲିସ ପକ୍ଷରୁ ସାଇଣ୍ଟିଫିକ ସାମ୍ପୁଲ କଲେକ୍ସନ ହୋଇଛି କି ନାହିଁ, ଏମ୍‌ଭିଆଇ ପକ୍ଷରୁ ଗାଡିର ଫିଟ୍‌ନେସ୍ ଯାଞ୍ଚ କରାଯାଇଛି କି ନାହିଁ, ଗାଡି କେତେଦୂର ଘୋଷାଡି ହୋଇଯାଇଛି ଏବଂ ଗାଡିର ଯେଉଁଠି ନଷ୍ଟ ହୋଇଛି ସେଠାର ରଙ୍ଗ କିଭଳି ରହିଛି। ଗାଡି ଭୁଲ ରୁଟ୍‌ରେ ଯାଉଥିଲା ନା ଠିକ୍ ରୁଟ୍‌ରେ ଯାଉଥିଲା, ଡ୍ରାଇଭରଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ରସୁଲଗଡସ୍ଥିତ ଫରେନସିକ ଲାବୋରେଟୋରିକୁ ପଠାଯାଇଛି କି ନାହିଁ, ଯଦି ପଠାଯାଇଛି ତାହାର ରିପୋର୍ଟ କ'ଣ, ଡ୍ରାଇଭର ସେଦିନ କେଉଁ ନିଶା ପାନ କରିଥିଲେ, ଗାଡିର ମାଲିକ ଉକ୍ତ ଡ୍ରାଇଭରଙ୍କୁ ନିଯୁକ୍ତ କଲାବେଳେ କ'ଣସବୁ ପଚାରିଥିଲେ ତାହାର ବୟାନ ରେକର୍ଡ ହୋଇଛି କି ନାହିଁ, ଗୋସାଇଁନୂଆଗାଁ ଥାନା ପୋଲିସ ଘଟଣାର ତଦନ୍ତ କରୁଥିବାବେଳେ କି ପ୍ରକାର ତଦନ୍ତ କରାଯାଇଛି, ଗାଡି ମାଲିକଙ୍କୁ ଥାନାକୁ ଡକାଯାଇ ପଚରାଯାଇଛି କି ନାହିଁ, ଡ୍ରାଇଭର ନାମରେ ହତ୍ୟା ମାମଲା ରୁଜୁ ହୋଇଥିଲେ ବି ସେଥିରେ କେଉଁଧାରା ଲାଗିଛି, ଘଟଣା ପରେ ସମସ୍ତ ନିୟମକୁ ଅନୁପାଳନ କରାଯାଇଛି କି ନାହିଁ ସେ ସମସ୍ତ ବିଷୟରେ ଡିଜିପି ତଥ୍ୟ ମାଗିଛନ୍ତି। ଏହି ତଥ୍ୟ ଆସନ୍ତା ମାସରେ ସୁପ୍ରିମକୋର୍ଟରେ ଦାଖଲ ହେବ ବୋଲି ଚିଠିରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ଉକ୍ତ ବ୍ରିଜର ଅନୁଧ୍ୟାନ କରିବା ପାଇଁ ରାଜ୍ୟ ରାସ୍ତା ଓ କୋଠାବାଡ଼ି ବିଭାଗ ପକ୍ଷରୁ ଏକ ବୈଷୟିକ ଦଳ ଆସନ୍ତା ୧୬ ତାରିଖରେ ପରିଦର୍ଶନରେ ଆସିବ ବୋଲି ଜଣାପଡିଛି। ବ୍ରିଜର ନିର୍ମାଣ ଓ ଡିଜାଇନ ଉପରେ ସେମାନେ ଅନୁଧ୍ୟାନ କରିବେ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ, ଗତ ୧ ତାରିଖରେ ୧୪ ଚକିଆ ଟ୍ରକ(ନଂ.ଓଡି ୦୭ ଜେଡ ୭୨୫୯)ଟି ହଳଦିଆପଦର ଓଭରବ୍ରିଜ୍‌ରେ ୩ଟି ବାଇକକୁ ସମ୍ମୁଖପଟୁ ଧକ୍କା ଦେବାରୁ ୫ ଜଣଙ୍କ ମୃତ୍ୟୁ ହୋଇଥିଲା। ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ଅନ୍ୟାନ୍ୟ ଅଧିକାରୀ ପରିଦର୍ଶନ କରି ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୩୦ ହଜାର ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ପ୍ରତି ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ଏସ୍‌ପି ଡା. ସର୍ବଣା ବିବେକ ଏମ୍.ଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ବ୍ରିଜରେ ୨୦୧୯ରୁ ଏ ପର୍ଯ୍ୟନ୍ତ ୧୭ ଜଣଙ୍କ ମୃତ୍ୟୁ ହୋଇଛି। ୨୭ ଜଣ ଗୁରୁତର ହୋଇଛନ୍ତି। ବ୍ରିଜ ତ୍ରୁଟି ନେଇ ଅନେକ ଥର ରାଜପଥ ସୁରକ୍ଷା ବୈଠକରେ ଆଲୋଚନା ହୋଇଛି। ଏପରିକି ଜିଲାପାଳ, ପରିବହନ କମିଶନର ଓ ଅନ୍ୟାନ୍ୟ ବିଭାଗକୁ ଚିଠି କରାଯାଇଛି। ସୋମବାର କିମ୍ବା ମଙ୍ଗଳବାର ସୁଦ୍ଧା ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ନିକଟକୁ ଦୁର୍ଘଟଣା ସମ୍ପର୍କିତ ସମସ୍ତ ତଥ୍ୟ ପଠାଇ ଦିଆଯିବ ବୋଲି ଏସ୍‌ପି କହିଛନ୍ତି।

## 'ଏକାମ୍ର ହେରିଟେଜ୍ ପ୍ରକଳ୍ପ', ଶ୍ରେୟ ପାଇଁ ବାକ୍‌ଯୁଦ୍ଧ

ଭୁବନେଶ୍ୱର,୧୫।୨(ରବିନାରାୟଣ ଜେନା)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପାରିପାର୍ଶ୍ୱିକ ଉନ୍ନତୀକରଣ ତଥା ସୌନ୍ଦର୍ଯ୍ୟକରଣକୁ ନେଇ ଏବେ ରାଜନୈତିକ ବୟାନବାଜି ଆରମ୍ଭ ହୋଇଛି। ମହାଶିବରାତ୍ରି ଜାଗର ଅବସରରେ ବିନ୍ଦୁ ସାଗର ପୁଷ୍କରିଣୀକୁ ହେରିଟେଜ୍ ହ୍ରଦରେ ପରିଣତ କରିବା ପଛରେ କିଏ ଶ୍ରେୟ ନେବ ତାକୁ ନେଇ ଭାଜପା ଏବଂ ବିଜେଡି ମଧ୍ୟରେ କଥା କଟାକଟି ଆରମ୍ଭ ହୋଇଛି।

ଆଇନ ଓ ନିର୍ମାଣ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବିନ୍ଦୁ ସାଗର ପୁଷ୍କରିଣୀକୁ ହେରିଟେଜ୍ ହ୍ରଦରେ ପରିଣତ କରାଯିବ। ଆସନ୍ତା ଆର୍ଥିକବର୍ଷ ଅର୍ଥାତ ୨୦୨୬-୨୭ ଶେଷ ସୁଦ୍ଧା ଏକାମ୍ର ହେରିଟେଜ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ। ସେ ଆହୁରି ମଧ୍ୟ କହିଛନ୍ତି, ଏହି ପ୍ରକଳ୍ପ ଅନ୍ତର୍ଗତ ନୂଆ କରି ଏକ ଇଣ୍ଟରପ୍ରିଟେସନ ସେଣ୍ଟର କରାଯିବାର ପ୍ରସ୍ତାବ ଅଛି, ଯାହା ପାର୍କିଂ ସେଣ୍ଟରର ଶେଷ ଭାଗରେ ରହିବ। ସେଠାରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଏକ ବିରାଟ ପ୍ରତିମୂର୍ତ୍ତି ନିର୍ମାଣ କରାଯିବ। ମନ୍ତ୍ରୀ କହିଛନ୍ତି, ଯେହେତୁ ଏହି ଦୁଇଟି ନୂତନ ପ୍ରକଳ୍ପ ମିଶିଛି, ବଜେଟ ପରିମାଣ ଆହୁରି ବଢ଼ିବ। ଯେଉଁ ପୁରୁଣା ଏଜେନ୍ସି କାମ କରୁଥିଲା ସେ କରିବାକୁ ଚାହିଁଲା ନାହିଁ। ତେଣୁ ଏକ ନୂଆ ଏଜେନ୍ସି ଏହି କାମ କରିବ ବୋଲି ମନ୍ତ୍ରୀ ପୃଥ୍ୱୀରାଜ କହିଛନ୍ତି।

ମନ୍ତ୍ରୀ ପୃଥ୍ୱୀରାଜଙ୍କ ହେରିଟେଜ୍ ପ୍ରକଳ୍ପ ବିବୃତିକୁ ନେଇ ପୂର୍ବତନମନ୍ତ୍ରୀ ତଥା ବିଜେଡି ଭୁବନେଶ୍ୱର ଜିଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡା କାଉଣ୍ଟର କରିଛନ୍ତି। ସେ କହିଛନ୍ତି, ମନ୍ତ୍ରୀ ଖାଲି ପୂର୍ବର ୨୪ବର୍ଷର ସରକାରକୁ ବିରୋଧ କରିବେ ବୋଲି ଯାହା କିଛି କହିବେ ତାହା ଠିକ୍ ନୁହେଁ, ନଥି ପତ୍ର ଦେଖନ୍ତୁ। ପୂର୍ବ ସରକାରରେ ଲିଙ୍ଗରାଜ ମନ୍ଦିର ବ୍ୟାଖ୍ୟାନ କେନ୍ଦ୍ର ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ଏକାମ୍ର ପ୍ରକଳ୍ପରେ ବ୍ୟାଖ୍ୟାନ କେନ୍ଦ୍ରକୁ ଯୋଡ଼ା ଯାଇଥିଲା। ବିନ୍ଦୁସାଗର ଉନ୍ନତୀକରଣ ହେଉଛି ପୂର୍ବ ସରକାରଙ୍କ ପ୍ରସ୍ତାବିତ ପ୍ରକଳ୍ପ। ଆଇନମନ୍ତ୍ରୀଙ୍କ ବୟାନ ତଥ୍ୟ ସମ୍ବଳିତ ନୁହେଁ ବୋଲି ଅଶୋକ କହିଛନ୍ତି। ତେବେ ବିନ୍ଦୁସାଗର ପୁଷ୍କରିଣୀକୁ ହେରିଟେଜ୍ ହ୍ରଦରେ ପରିଣତ କରିବା ପ୍ରସଙ୍ଗରେ ଆଇନମନ୍ତ୍ରୀଙ୍କ ବକ୍ତବ୍ୟ ଏବଂ ଅଶୋକଙ୍କ କାଉଣ୍ଟରକୁ ନେଇ ଏବେ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି।





ମହାନଦୀ କୋଲ୍ ଫିଲ୍‌ଡ୍‌ସ ଲିମିଟେଡ୍(ଏମ୍‌ସିଏଲ୍) ଓ ସମ୍ବଲପୁର ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ରବିବାର ହୀରାକୁଦ ଅନ୍ତର୍ଜାତୀୟ ହାଫ୍ ମାରାଥନରେ ଅତିଥିଙ୍କ ସହ ପୁରସ୍କୃତ ପ୍ରତିଯୋଗୀ।

## ରାଜ୍ୟ ଭାଜପାର ୧୭ରେ କାର୍ଯ୍ୟକର୍ତ୍ତା, ୨୫ରୁ ଜୋନାଲ୍‌ସ୍ତରୀୟ ପ୍ରଶିକ୍ଷଣ

### ସଙ୍ଗଠନକୁ ସୁଦୃଢ଼ କରାଯିବ: ମନମୋହନ

ଭୁବନେଶ୍ୱର,୧୫।୨(ରବିନାରାୟଣ ଜେନା)

ରାଜ୍ୟରେ ଭାଜପା ସଙ୍ଗଠନକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଆସନ୍ତା ୧୭ ତାରିଖରେ ରାଜ୍ୟ ଭାଜପା କାର୍ଯ୍ୟାଳୟରେ କାର୍ଯ୍ୟକର୍ତ୍ତାଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ରବିବାର ମନମୋହନ ସୂଚନା ଦେଇଛନ୍ତି, ତୃଣମୂଳସ୍ତରରେ ସଙ୍ଗଠନ କିପରି ସୁଦୃଢ଼ କରାଯିବ ସେ ନେଇ ନେତା ଓ କର୍ମୀମାନେ ତାଲିମ ନେବେ। ବିଧାୟକମାନେ ଓ ନୂଆ କାର୍ଯ୍ୟକର୍ତ୍ତାମାନେ ଏହି ପ୍ରଶିକ୍ଷଣରେ ଯୋଗଦେବେ। ପ୍ରଥମେ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ହେବ ଏବଂ ପରେ ୨୫ ତାରିଖରେ ଜୋନାଲ୍ ସ୍ତରୀୟ ତାଲିମ ପ୍ରଦାନ କରାଯିବ। ଜୋନାଲ୍‌ସ୍ତରୀୟ ପ୍ରଶିକ୍ଷଣରେ ଭାଜପାର କେନ୍ଦ୍ରୀୟ ନେତୃତ୍ୱ ଯୋଗଦେବେ। ଏହି ଶିବିରରେ ଝାଡ଼ଖଣ୍ଡ, ସିକ୍କିମ୍, ଆଣ୍ଡାମାନ୍ ସମେତ ପୂର୍ବାଞ୍ଚଳ ରାଜ୍ୟର ଭାଜପା ନେତାମାନେ ଯୋଗଦେବେ। ତେବେ ପଶ୍ଚିମବଙ୍ଗରେ ନିର୍ବାଚନ ଯୋଗୁ ସେ ରାଜ୍ୟର ପ୍ରତିନିଧିମାନେ ଏହି ଜୋନାଲ୍ ପ୍ରଶିକ୍ଷଣରେ ଯୋଗ ଦେଇପାରିବେ ନାହିଁ ବୋଲି ସେ କହିଛନ୍ତି।

ମନମୋହନଙ୍କ ସୂଚନା ଅନୁଯାୟୀ, ଭାଜପା ରାଷ୍ଟ୍ରୀୟ ଅଧକ୍ଷ ନୀତିନ୍ ନବୀନ୍ ଓଡ଼ିଶା ଗସ୍ତରେ ଆସିବାର ରହିଛି। ମାତ୍ର ଏପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ସ୍ଥିର ହୋଇନାହିଁ। ତେବେ ନୀତିନ୍ ନବୀନ୍ ଖୁବ୍‌ଶୀଘ୍ର ଓଡ଼ିଶା ଆସିବେ। ଏହି ପ୍ରଶିକ୍ଷଣ ଶିବିର ମାଧ୍ୟମରେ ଦଳୀୟ କର୍ମୀମାନେ ତୃଣମୂଳ ସ୍ତରରେ କିପରି କାମ କରିବେ ଏବଂ ସଙ୍ଗଠନକୁ ସୁଦୃଢ଼ କରିବେ ସେ ନେଇ ରଣନୀତି ପ୍ରସ୍ତୁତ ହେବ। ଏହି କାର୍ଯ୍ୟକ୍ରମ ଭିନ୍ନ ଧରଣର ହେବ ବୋଲି ମନମୋହନ କହିଛନ୍ତି।



ମନମୋହନ ସାମଲ

୩ୟ ପୃଷ୍ଠାର ଅବଶିଷ୍ଟାଂଶ

### ପାକିସ୍ତାନକୁ ହରାଇ...

ପାୱାରପ୍ଲେ ୬ ଓଭରରେ ଭାରତ ୧ ଉଇକେଟରେ ୫୨ ରନ ସଂଗ୍ରହ କରିଥିଲା। ୨୭ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ କିଶନ। ଭାରତ-ପାକିସ୍ତାନ ଟି୨୦ ଅନ୍ତର୍ଜାତୀୟରେ ଏହା ତୃତୀୟ ଦ୍ରୁତତମ ଥିଲା। ଦ୍ୱିତୀୟ ଉଇକେଟରେ ୮୭ ରନର ଭାଗୀଦାରି ପରେ କିଶନ ବ୍ୟକ୍ତିଗତ ୭୭ ରନକରି ଆଉଟ ହୋଇଥିଲେ। ସେ ୪୦ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୧୦ ଚୌକା ଓ ୩ ଛକା ମାରିଥିଲେ। ସ୍ପିନର ସଇମ ଆୟୁବ ପାକିସ୍ତାନକୁ ବ୍ରେକ୍‌ଥ୍ରୁ ଦେଇଥିଲେ। କେବଳ ସେତିକି ନୁହେଁ ଆୟୁବ ନିଜ ୪ର୍ଥ ଓଭରରେ ଭାରତକୁ ଡବଲ୍ ଝଟ୍‌କା ଦେଇ ଭାରତୀୟ ପ୍ରଶଂସକଙ୍କ ମଧ୍ୟରେ ନିରବତା ଭରିଥିଲେ। ଏହିଠାରୁ ଭାରତର ମୋମେଣ୍ଟମ୍ ବ୍ରେକ୍ ହୋଇଥିଲା। ଆୟୁବ ନିଜ ଅନ୍ତିମ ଓଭରର ଦ୍ୱିତୀୟ ବଲ୍‌ରେ ତିଲକ ବର୍ମାଙ୍କୁ ଏଲବିଡବ୍ଲ୍ୟୁ କରିଥିବାବେଳେ ୪ର୍ଥ ବଲ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଲଙ୍ଗ ଅଫ୍‌ରେ ବାବର ଆଜମଙ୍କ ହାତରେ କ୍ୟାଚ କରାଇଥିଲେ। ତିଲକ ୨୫ ରନ କରିଥିବାବେଳେ ହାର୍ଦ୍ଦିକ ଖାତା ଖୋଲିପାରି ନ ଥିଲେ। ପରବର୍ତ୍ତୀ ବଲ୍‌ରେ ଶିବମ୍ ଦୁବେଙ୍କୁ କଟ୍ ବିହାଇଣ୍ଡ ଆବେଦନ କରି ହ୍ୟାଟ୍ରିକ ପୂରଣ ପାଇଁ ଇଚ୍ଛା ରଖିଥିଲେ ଆୟୁବ। ମାତ୍ର ରିଭ୍ୟୁରେ ଏହା ନାକଚ ହୋଇ ଯାଇଥିଲା। ପାକିସ୍ତାନ ଏହି ମ୍ୟାଚରେ ୬ ସ୍ପିନର ବ୍ୟବହାର କରିଥିଲା। ଯାହାକି ଟି୨୦ ବିଶ୍ୱକପରେ ସର୍ବାଧିକ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୨୯ ବଲ୍‌ରୁ ୩୨ ରନକରି ଆଉଟ ହେବାପରେ ଶିବମ୍ ଦୁବେ ୧୭ ବଲ୍‌ରୁ ୨୭ ଓ ରିଙ୍କୁ ସିଂ ୪ ବଲ୍‌ରୁ ୧୧ ରନ ସଂଗ୍ରହ କରିବାରୁ ଭାରତ ସ୍କୋର ୧୭୫ ଛୁଇଁଥିଲା। ପାକିସ୍ତାନ ପକ୍ଷରୁ ସଇମ ଆୟୁବ ୩ଟି ଏବଂ ଅଧିନାୟକ ସଲମାନ ଆଘା, ଶାହିନ ଆଫ୍ରିଦୀ ଓ ଉସମାନ ତାରିକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### କଣ୍ଠଶିଳ୍ପୀ ଗୀତା...

ଭର୍ତ୍ତି କରାଯାଇଥିଲା। ରାତି ପ୍ରାୟ ୩ଟାରେ ସେ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଥିଲେ। ତାଙ୍କୁ ସେଠାରେ ଆଇସିୟୁରେ ରଖି ଚିକିତ୍ସା କରାଯାଇଥିଲା। ଡାକ୍ତରୀ ପରୀକ୍ଷା ପରେ ତାଙ୍କର ମସ୍ତିଷ୍କାଘାତ ହୋଇଥିବା ଜଣାପଡ଼ିଥିଲା। ଗୀତା ପଟ୍ଟନାୟକ ୧୯୫୪ ଡିସେମ୍ବର ୧୦ରେ କଟକ ସହର କାଫଲାବଜାର (ମହାନ୍ତିପଡ଼ା)ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ସ୍ୱର୍ଗତ ସୁରେନ୍ଦ୍ର ଚନ୍ଦ୍ର ପଟ୍ଟନାୟକ ଜଣେ ଏଗ୍ରିକଲଚର ଇଞ୍ଜିନିୟର ଥିଲେ। ତାଙ୍କ ମା' ହେମଲତା ପଟ୍ଟନାୟକ ଏବଂ ମାଉସୀ ଗୀତ ଶିଖିଥିଲେ। ତାଙ୍କ ବାପାଙ୍କ ମଧ୍ୟ ଗୀତ ପ୍ରତି ସଉକ ଥିଲା। ତେଣୁ ଗୀତ ପ୍ରତି ତାଙ୍କର ପିଲାଦିନୁ ଆଗ୍ରହ ସୃଷ୍ଟି ହୋଇଥିଲା। କଟକ କଳା ବିକାଶ କେନ୍ଦ୍ରରେ ଛଅବର୍ଷ ସଙ୍ଗୀତ ଶିକ୍ଷାଲାଭ କରିଥିଲେ। ତାଙ୍କର ପ୍ରଥମ ଗୁରୁ ଥିଲେ ରଘୁ ନନ୍ଦ। ପରେ ରାଖାଲ ଚନ୍ଦ୍ର ମହାନ୍ତି ଓ ବାଳକୃଷ୍ଣ ଦାସଙ୍କଠାରୁ ମଧ୍ୟ ସେ ଗୀତ ଶିଖିଥିଲେ। ଆକାଶବାଣୀର ଶିଶୁ ସଂସାର ଓ କିଶୋର ଚକ୍ରରେ ନିୟମିତ ଗୀତ ଗାଇବା ଆରମ୍ଭ କରିଥିଲେ। ସେ ୧୯୭୧ ମସିହାରେ ଆକାଶବାଣୀର ଜଣେ ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀର ମାନ୍ୟତା ପ୍ରାପ୍ତ ହୋଇଥିଲେ। ସେ ମାତ୍ର ୧୫ ବର୍ଷ ବୟସରେ 'ଅଦିନ ମେଘ' ଚଳଚ୍ଚିତ୍ରରେ ପ୍ରଥମ ପ୍ରଚ୍ଛଦପଟ ଗାୟିକା ଭାବେ ଗୀତ ଗାଇଥିଲେ। ସେ କେବଳ ଓଡ଼ିଆ ଭାଷା ନୁହେଁ ବରଂ ହିନ୍ଦୀ, ଗୁଜରାଟୀ, ରାଜସ୍ଥାନୀ ଓ ମରାଠୀ ଭାଷାରେ ମଧ୍ୟ ଗୀତ ଗାଇଛନ୍ତି। ସେ ଭଜନ, ଜଣାଣ, ପଲ୍ଲୀଗୀତ, ଛାନ୍ଦ, ଚମ୍ପୂ, ଆଧୁନିକ ଗୀତ ଗାଇ ଭାରତ ବାହାରେ ମଧ୍ୟ ପ୍ରଶଂସିତ ହୋଇଛନ୍ତି।

ସେ ଓଡ଼ିଆ ଚଳଚ୍ଚିତ୍ର ଯାଯାବରରେ ଗୀତ ଫୁର୍ କିନା ଉଡ଼ିଗଲା ବଣି, ଦନେଇ ଦାସ କହେରେ ଭାଇ, ଅକ୍ଷୟ ତୃତୀୟା ଚଳଚ୍ଚିତ୍ରର ଏଇ ତାରାଭରା ଜହ୍ନ ରାତି, ପ୍ରଥମେ ବନ୍ଧିଲି ବାଟ ମଙ୍ଗଳା, ନାଗ ଫାଶ ଚଳଚ୍ଚିତ୍ରର ବଡ଼ ବେଦରଦୀ ମୋ ନାଲିପାନ ରାଜା, ମଥୁରା ବିଜୟ ଚଳଚ୍ଚିତ୍ରର ଆରେ ବାବୁ ଶ୍ୟାମଘନ ସମେତ ତାଙ୍କ ସଙ୍ଗୀତ ଯାତ୍ରାର ଗୋଟିଏ ଲେଖାଏ ମାଇଲ ଖୁଣ୍ଟ ହୋଇରହିଛି। 'ଅଶାନ୍ତ ଗ୍ରହ' ଚଳଚ୍ଚିତ୍ରର 'ବିଶ୍ୱ ଦେଖ ମଧୁମୟରେ ଜୀବନ'.... ଗୀତ ପାଇଁ ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଛନ୍ତି। ସେ ମଧ୍ୟ 'ଅକ୍ଷୟ ସାହିତ୍ୟ ସମ୍ମାନ' ଏବଂ 'ଅକ୍ଷୟ ସଙ୍ଗୀତ ସମ୍ମାନ'ରେ ପୁରସ୍କୃତ ହୋଇଛନ୍ତି।

### ଦିବ୍ୟାଙ୍ଗ ଶିଶୁପୁତ୍ରକୁ...

ଫେରେଇ ଦେଇଥିଲେ । ହେଲେ ସମାଜସେବା ପ୍ରତି ଆଗ୍ରହୀ ଥିବା ଆମେରିକୀୟ ଯୁବକ ସେନ୍ ଏହି ଶିଶୁକୁ ସ୍ନେହରେ କୋଳେଇ ନେଇଛନ୍ତି। ଏଥିପାଇଁ ଦେବଗଡ଼ ଜିଲାପାଳ କବୀନ୍ଦ୍ର କୁମାର ସାହୁ ତାଙ୍କୁ ପଶଂସା କରିଛନ୍ତି। ସେନ୍ ମଧ୍ୟ ଆମେରିକାରେ ଏହି ଶିଶୁର ଚିକିତ୍ସା କରାଇ ଭଲ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ୩ ବର୍ଷ ତଳେ ଜଣେ ନାବାଳିକା ଏହି ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ପରେ ତାଙ୍କୁ ବେଆଇନ ଭାବେ ଦମ୍ପତିଙ୍କୁ ବିକ୍ରି କରାଯାଇଥିଲା। ଏନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ବାରକୋଟ ଥାନାରେ ଏତଲା ଦେବା ପରେ ପୋଲିସ ଉକ୍ତ ଦମ୍ପତିଙ୍କୁ ଗିରଫ କରିଥିଲା। ଏଥିସହ ସେମାନଙ୍କଠାରୁ ଶିଶୁପୁତ୍ରକୁ ଉଦ୍ଧାର କରାଯାଇ ପୋଷ୍ୟସନ୍ତାନ ଗ୍ରହଣ କେନ୍ଦ୍ରରେ ରଖାଯାଇ ଯତ୍ନ ନିଆଯାଉଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ ଓ ପୋଷ୍ୟସନ୍ତାନ ଗ୍ରହଣ କେନ୍ଦ୍ରର ପରିଚାଳକ ସଲ୍‌ମାନ୍ ବେହେରାଙ୍କ ଉପସ୍ଥିତିରେ ଉକ୍ତ ଶିଶୁପୁତ୍ରକୁ ସେନ୍ ରେମଣ୍ଡଙ୍କୁ ହସ୍ତାନ୍ତର କରାଯାଇଛି। ପୋଷ୍ୟସନ୍ତାନ ଗ୍ରହଣ ପରେ ଆଇନ ଅନୁଯାୟୀ ଆନ୍ତର୍ଜାତିକ ସ୍ତରରେ ଇଣ୍ଡିଆନ୍ ଡିପ୍ଲୋମାଟିକ୍ ମିଶନ ଶିଶୁର ସ୍ଥିତି ସମୀକ୍ଷା ଦାୟିତ୍ୱରେ ରହିବେ ବୋଲି ଜିଲା ଶିଶୁସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ସୂଚନା ଦେଇଛନ୍ତି।

### ସକ୍ରିୟତାର ସହ...

ପ୍ରଧାନମନ୍ତ୍ରୀ କହିଛନ୍ତି, ପୂର୍ବ ସରକାର ଛାଡ଼ିଯାଇଥିବା ଅନେକ ଢାଞ୍ଚାଗତ ତ୍ରୁଟିକୁ ସୁଧାରିବାରେ ତାଙ୍କ ସରକାର ଆଜି ପର୍ଯ୍ୟନ୍ତ କାର୍ଯ୍ୟ କରିଆସିଛି, ଯାହା ସାହସିକ ସଂସ୍କାର କାର୍ଯ୍ୟକାରୀ କରିବା ଏବଂ ଏକ ବିକଶିତ ଭାରତର ମୂଳଦୁଆ ପକାଇବାରେ ସହାୟକ ହୋଇଛି। ପ୍ରତିରକ୍ଷାରେ ବ୍ୟାପକ ଆଧୁନିକୀକରଣକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସାମ୍ପ୍ରତିକ ବାସ୍ତବତାକୁ ଦୃଷ୍ଟିରେ ରଖି ସଶସ୍ତ୍ର ବଳକୁ ସୁଦୃଢ଼ କରିବା ସରକାରଙ୍କ ଦାୟିତ୍ୱ। ଏଥିପାଇଁ କେନ୍ଦ୍ର ବଜେଟରେ ଏହି କ୍ଷେତ୍ରକୁ ଅଧିକ ବ୍ୟୟବରାଦ କରାଯାଇଛି। ଭାରତକୁ ଅଧିକ ଶକ୍ତିଶାଳୀ ଏବଂ ସବୁ ସମୟ ପାଇଁ ପ୍ରସ୍ତୁତ ରହିବାକୁ ହେବ। ଏଥିପାଇଁ ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି, ଯାହା ବଜେଟରୁ ପ୍ରତିଫଳିତ ହୋଇଥିବା ମୋଦି କହିଛନ୍ତି।

# ଗଜପତି କୋଣାର୍କ ପଠାଇଥିଲେ ରାଜାଭିଷେକ, ବିବାହ ବେଳର ୧,୫୧,୬୫୧ ମାଢ଼ ସୁନା

ଡ. ସୁରେନ୍ଦ୍ର କୁମାର ମିଶ୍ର

ଐତିହ୍ୟର ଓଡ଼ିଶା

ଗତ ସଂଖ୍ୟାରେ ଆମେ ସାମ୍ରାଜ୍ୟ କେଉଁଠୁ, କେଉଁମାନେ ମନ୍ଦିର ନିର୍ମାଣ ପାଇଁ କେତେ ସହଯୋଗ କରିଥିଲେ ତା'ର ଏକ ଚିତ୍ର ଦେବାକୁ ଆରମ୍ଭ କରିଥିଲୁ। ଓଡ଼ିଆମାନେ ମନ୍ଦିର କରିନାହାନ୍ତି ବୋଲି ବାହାରିଆ ଲେଖକ ଯେଉଁ ମତ ଉଲ୍ଲେଖ କରିଥିଲେ, ତାହାକୁ ନିରାଧାର କରିବା ପାଇଁ ଏହା ଏକ ଆଧାର ସ୍ତମ୍ଭ। ଆମ ସୁନାରୁପା, ଆମ ମୁଦ୍ରା, ଆମ ଶିଳ୍ପୀ, ଆମ ପଥୁରିଆଙ୍କ ଦ୍ୱାରା ନିର୍ମିତ ହୋଇଥିଲା କୋଣାର୍କ ମନ୍ଦିର। ଏହି ପ୍ରସଙ୍ଗ ଶେଷ ହୋଇ ନାହିଁ।

ପୂର୍ବରୁ ଆମେ ସୂଚନା ଦେଇଥିଲୁ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣରେ ଶ୍ରୀମନ୍ଦିରର ଅବଦାନ ପ୍ରସଙ୍ଗରେ ଲେଖିଥିଲୁ 'ପୁରୁଷୋତ୍ତମ କ୍ଷେତ୍ରର ବଡ଼ଦେଉଳ ଅଧୀକ୍ଷକ ଥିଲେ ପଣ୍ଡିତ ମହାଦେବ ରାଜଗୁରୁ ମହାପାତ୍ର। ସେ ଶ୍ରୀମନ୍ଦିର ଭଣ୍ଡାରରୁ ୩,୪୦୩ ମାଢ଼ ସୁନା ଯୋଗାଇ ଦେଇଥିଲେ। ବିଡ଼ାନାସୀ କଟକରୁ ଆଦାୟ ହୋଇଥିବା ରାଜସ୍ୱ ଥିଲା ୩,୪୦୪ ମାଢ଼ ସୁନା। ତାହା କୋଣାର୍କକୁ ଆସିଥିଲା।'

ଆଉ ଗୋଟିଏ ସୁନା ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ଥିଲା। ତାହା ବି ଲେଖିଥିଲୁ। ଗଜପତି ଲାଙ୍ଗୁଳା ନରସିଂହଦେବଙ୍କ ରାଜାଭିଷେକ ସମୟରେ ମହାଗ୍ରମଙ୍କୁ ସୁନାରେ ତଉଲା ଯାଇଥିଲା। ଅର୍ଥାତ୍ ଓଜନ ଅନୁଯାୟୀ ଅପର ପାର୍ଶ୍ୱରେ ସୁନା ରଖାଯାଇଥିଲା। ଏହା ଓଡ଼ିଶା ଇତିହାସରେ ପ୍ରଥମ ଓ ଏକ ଚମକପ୍ରଦ ଘଟଣା ଥିଲା। ସେ ସୁନା ହୋଇଥିଲା ୧,୪୩,୩୦୮ ମାଢ଼। ୧୨୩୮ ମସିହାରେ ସେ ସୁନାକୁ ମୁଦ୍ରାରେ ପରିଣତ କରାଯାଇ କୋଣାର୍କ ଭଣ୍ଡାରକୁ ପଠାଇ ଦିଆଯାଇଥିଲା।

ଆଉ ଏକ ଚମକପ୍ରଦ ଘଟଣା ଘଟିଥିଲା ଗଜପତିଙ୍କ ବିବାହ ସମୟରେ। ସେ ବିବାହ କରିଥିଲେ ଚୋଳପାଣ୍ଡ୍ୟ ବଂଶର ରାଜଧାନୀ ମଦୁରାଇର ରାଜଜେମାଙ୍କୁ। ଦକ୍ଷିଣ ଭାରତର ଏହି ମନ୍ଦିରମୟୀ ନଗରୀ ଭାରତର ୫୧ ଶକ୍ତିପୀଠ ମଧ୍ୟରୁ ଅନ୍ୟତମ ପୀଠ। ଏହା ମଧ୍ୟ ଥିଲା ତାମିଲନାଡୁର ସାଂସ୍କୃତିକ ରାଜଧାନୀ। ଏହିଠାରେ ମୀନାକ୍ଷୀ ଦେବୀଙ୍କ ମନ୍ଦିର ରହିଛି। ଏଠାରୁ ବିବାହ କରି ଫେରିବା ପରେ ଗଜପତିଙ୍କୁ 'କନକସ୍ନାନ' କରାଯାଇଥିଲା। କନକସ୍ନାନର ଅର୍ଥ ସୁନାରେ ସ୍ନାନ। ଆମ ଭାଷାରେ 'ସୁନାର ବର୍ଷା' କରାଯାଇଥିଲା। ସେତେବେଳେ ପ୍ରତ୍ୟେକ ଧାର୍ମିକ କାର୍ଯ୍ୟର ନିର୍ଦ୍ଦେଶକ ଥିଲେ ରାଜଗୁରୁ ଭୁବନେଶ୍ୱର ମହାପାତ୍ର। ରାଜଗୁରୁଙ୍କୁ ମଧ୍ୟ ଶ୍ରୀପଦ୍ମକେଶର ମନ୍ଦିର ପ୍ରତିଷ୍ଠା ପରେ 'କନକସ୍ନାନ' କରାଯାଇଥିବା କଥା ପୋଥିରେ ଲେଖାହୋଇଛି। ସେଥିରେ ତାଙ୍କୁ ସୁନାମୁଦି, ହାତର କଙ୍କଣ, ହାର, କୁଣ୍ଡଳ ଏବଂ ବ୍ୟବହାର ପାଇଁ ସୁନାର ବିଭିନ୍ନ ପାତ୍ର ଉପହାର ଦିଆଯାଇଥିଲା। ସୁନାର ପରିମାଣ ଦେଖି ପୋଥିଲେଖକ 'ରାଜଗୁରୁଙ୍କ ଉପରେ ସୁନାର ବର୍ଷା ହୋଇଥିଲା ବୋଲି ଲେଖିଛନ୍ତି। ଏଥିରୁ ବୁଝିହେବ ଗଜପତିଙ୍କ କନକସ୍ନାନ ରହସ୍ୟ। ସେହି ବର୍ଷାରୁ ସେ ଯେତେ ସୁନା ପାଇଥିଲେ ତାଙ୍କରି ନିର୍ଦ୍ଦେଶମତେ ସେଥିରୁ ୮,୩୪୩ ମାଢ଼ ନିର୍ମାଣ ହୋଇଥିଲା।' ଓଡ଼ିଶାର ଲୋକକଥାରେ ଅଛି- ବନ୍ଦାପନାବେଳେ ଖାଲି ତ ସୁନାର ବର୍ଷା ହେଲା! ସେହିପରି ଅମାପ ସୁନା ସୋନପୁର ରାଜା ବର୍ଷା (ଦାନ ଦକ୍ଷିଣା) କରାଇଥିବାରୁ ତା'ର ପ୍ରାଚୀନ ନାମ 'ସୁବର୍ଣ୍ଣପୁର' ଥିଲା। ଅବଶ୍ୟ ଏହା ଲୋକକଥା। କେଉଁ ରାଜାଙ୍କ ଅମଳ କଥା ନିର୍ଦ୍ଦିଷ୍ଟ ଇତିହାସ ତଥ୍ୟ ଆମେ ପାଇନାହୁଁ। କେବଳ ବୁଝିଛୁ- ଧନଧାନ୍ୟରେ ପୂର୍ଣ୍ଣ ଥିବାରୁ ସେହି ରାଜ୍ୟର ନାମ ସୁବର୍ଣ୍ଣପୁର ହୋଇଥିଲା। ତେବେ କନକ ସ୍ନାନରୁ ଲବ୍ଧ ୮,୩୪୩ ମାଢ଼ ସୁନା କୋଣାର୍କ ଭଣ୍ଡାରକୁ ଗଜପତି ଦାନ ଦେଇଥିଲେ, ଯାହା ମନ୍ଦିର ନିର୍ମାଣରେ ବ୍ୟବହୃତ ହୋଇଥିଲା।

ଗଜପତି ଲାଙ୍ଗୁଳା ନରସିଂହଦେବଙ୍କ ୮ମ ଅଙ୍କ ବେଳକୁ ଗୌଡ଼ ଦେଶ ଆମ ସାମ୍ରାଜ୍ୟ ଅନ୍ତର୍ଭୁକ୍ତ ଥିଲା। ସୁନିଆ ମହୋତ୍ସବ ସମୟରେ ତିନୋଟି ହାତୀରେ ସେଠାରୁ ଉପହାର ଆସି କଟକର ବିଡ଼ାନାସୀରେ ପହଞ୍ଚିଥିଲା। ୩୭,୦୩୦ ଅସରଫି ମୁଦ୍ରା, ୦୭,୩୦୪ ବାଦଶାହା ମୁଦ୍ରା ଏହା ବଙ୍କାଟଙ୍କା ଭାବରେ ପରିଚିତ ଥିଲା। ରୁପାରେ ନିର୍ମିତ ଟଙ୍କା। ୦୭,୩୦୭ ମାଢ଼ ରୁପାଟଙ୍କା। ଏଥିରେ କୌଣସି ଚିହ୍ନ ନ ଥିଲା।

ଆମେ ଆର୍ଥିକ ସହଯୋଗର ସାମାନ୍ୟ ଚିତ୍ର ଦେଲୁ। ମନ୍ଦିର ପ୍ରତିଷ୍ଠା ସମାପ୍ତ ହେବା ପର୍ଯ୍ୟନ୍ତ କିଏ କିଏ ଶାରୀରିକ ସହଯୋଗ କରୁଥିଲେ, ତାହା ମଧ୍ୟ ଜାଣିବା କଥା। ମୁଖ୍ୟ ସ୍ଥପତି/ଶିଳ୍ପୀଙ୍କ ପ୍ରସଙ୍ଗକୁ ଆମେ ଯିବା ନାହିଁ। ସାଧାରଣ ବର୍ଗର ଓଡ଼ିଆ ନିଜ ଗାଁ, ଘରଦ୍ୱାର ଛାଡ଼ି ବର୍ଷ ବର୍ଷ ଧରି କୋଣାର୍କରେ ରହି ଯେଉଁ ସେବା ଓ ତ୍ୟାଗ ଦେଖାଇଛନ୍ତି, ତାଙ୍କୁ ପ୍ରଣାମ କରିବାକୁ ଇଚ୍ଛା ହୁଏ। ପାଉଣା ପାଇଁ କାମ କରୁଥିଲେ, ଏହା ଭାବିବା ଓ କହିବା ସେମାନଙ୍କ ପାଇଁ ଅପରାଧ ହେବ। ଘର ପରି ରହୁଥିଲେ। ଘର ପରି ଭୋଜିଭାତ କରି ଖାଉଥିଲେ। କିନ୍ତୁ କାମ ପାଇଁ ଯେ କୌଣସି ସମୟରେ ପ୍ରସ୍ତୁତ ଥିଲେ। ମୋର ସନ୍ଧ୍ୟା ୫ଟାରେ ସମୟ ଶେଷ ହୋଇଗଲା- କାଲି ଦଶଟାରେ କାମରେ ଯୋଗଦେବି। ଏପରି ମାନସିକତା 'ବିଶ୍ୱର ବିସ୍ମୟ' ସଫଳ ହେବା ସମ୍ଭବ ନୁହେଁ। ଆମେ ଏ ପ୍ରସଙ୍ଗକୁ କାହିଁକି ଲେଖୁଛୁ ଆପଣ ଜାଣିପାରୁଥିବେ। ବାହାର ଇତିହାସକାରଙ୍କ ପରି ଆମ ସାହିତ୍ୟିକମାନେ ଅନୁକମ୍ପା ହାସଲ ପାଇଁ ନିର୍ଯାତନା ଦିଆଯାଉଥିଲା ବୋଲି ଡିଣ୍ଡିମ ପିଟିଛନ୍ତି।



ବର୍ତ୍ତମାନର ସୋନପୁର ଭଗ୍ନ ରାଜବାଟୀ ଏବଂ ସୁବର୍ଣ୍ଣପୁର ସହର ରାମେଶ୍ୱରସ୍ଥିତ ମହାନଦୀ ଓ ତେଲନଦୀର ସଙ୍ଗମ ସ୍ଥଳ। (ଫଟୋ: ମୃତ୍ୟୁଞ୍ଜୟ ଶତପଥୀ, ସୋନପୁର)

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଆଶୁତୋଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତର ସହଜ ବିଜୟ

**ସିଡ୍‌ନୀ,୧୫।୨**

ଅରୁନ୍ଧତୀ ରେଡ୍ଡୀଙ୍କ ଘାତକ ପ୍ରଦର୍ଶନ ବଳରେ ବର୍ଷା ପ୍ରଭାବିତ ପ୍ରଥମ ମହିଳା ଟି୨୦ ମ୍ୟାଚ୍‌ରେ ଭାରତ ଡିଏଲ୍‌ଏସ୍ ମେଥଡରେ ୯ ଉଇକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏହି ବିଜୟ ସହ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ୧-୦ରେ ଅଗ୍ରଣୀ ହାସଲ କରିଛି। ମ୍ୟାଚ୍‌ରେ ୪ ଉଇକେଟ ନେଇଥିବା ଅରୁନ୍ଧତୀ ରେଡ୍ଡୀଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୧୯ ତାରିଖରେ କାନବେରାସ୍ଥିତ ମାନୁକ ଓଭାଲରେ ଖେଳାଯିବ।

ଭାରତୀୟ ବୋଲରଙ୍କ ଘାତକ ବୋଲିଂ ଯୋଗୁ ଅଷ୍ଟ୍ରେଲିଆ ୧୮ ଓଭରରେ ୧୩୩ ରନରେ ଅଲଆଉଟ୍ ହୋଇଯାଇଥିଲା। ଅରୁନ୍ଧତୀ ୪ ଉଇକେଟ ନେଇଥିବା ବେଳେ ରେଣୁକା ସିଂ ଠାକୁର ଓ ଶ୍ରୀ ଚରନି ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବର୍ଷା ମ୍ୟାଚ୍‌ରେ ବାଧକ ସାଜିବା ପୂର୍ବରୁ ଭାରତ ୫.୧ ଓଭରରେ ୧ ଉଇକେଟ ହରାଇ ୫୦ ରନ କରିଥିଲା। ଶେଫାଳି ବର୍ମା ୨୧ (୧ ଚୌକା ଓ ୨ ଛକା) ରନ କରି ଆଉଟ୍ ହୋଇଥିବା ବେଳେ ସ୍ମୃତି ମନ୍ଧାନା ୧୬ (୨ ଚୌକା) ଓ ଜେମିମା ରୋଡ୍ରିଗ୍ସ ୯ (୨ ଚୌକା) ଅପରାଜିତ ରହିଥିଲେ। ପରେ ବର୍ଷା କାରଣରୁ ଖେଳ ସମ୍ଭବ ନ ହେବାରୁ ଡିଏଲ୍‌ଏସ୍ ମେଥଡରେ ୫.୧ ଓଭରରେ ୨୯ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ହେଲେ ଏହାଠାରୁ ଅଧିକ ରନ କରିସାରିଥିବାରୁ ଭାରତକୁ ବିଜୟୀ ଘୋଷିତ କରାଯାଇଥିଲା।


ଉଇକେଟ ନେବା ପରେ ଅରୁନ୍ଧତୀ ରେଡ୍ଡୀଙ୍କୁ ସାଥୀ ଖେଳାଳି ବଧେଇ ଜଣାଉଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ: ୧୮ ଓଭରରେ ୧୩୩/ଅଲଆଉଟ୍ (ଜର୍ଜିଆ ୱେରହାମ-୩୦, ଫୋଏବେ ଲିଚ୍‌ଫିଲ୍ଡ-୨୬, ଅରୁନ୍ଧତୀ ରେଡ୍ଡୀ-୪/୨୨, ଶ୍ରୀଚରନି-୨/୧୪, ରେଣୁକା ସିଂ ଠାକୁର-୨/୧୪)। ଭାରତ: ୨.୧ ଓଭରରେ ୫୦/୧(ଶେଫାଳି ବର୍ମା-୨୧, ସ୍ମୃତି ମନ୍ଧାନା-୧୬*, ସୋଫି ମୋଲିନ୍ୟୁକ୍ସ-୧/୧୩)।

# ରାହୁଲ, ପାଡିକଲଙ୍କ ଶତକ ; କର୍ନାଟକ ୩୫୫/୨

**ଲକ୍ଷ୍ନୌ,୧୫।୨**

ଚଳିତ ରଣଜୀ ଟ୍ରଫି ସିଜନର ଉଭୟ ସେମିଫାଇନାଲ ମ୍ୟାଚ୍ ରବିବାରଠାରୁ ଆରମ୍ଭ ହୋଇଯାଇଛି। ଉତ୍ତରାଖଣ୍ଡ ବିପକ୍ଷ ପ୍ରଥମ ସେମିଫାଇନାଲରେ ଲୋକେଶ ରାହୁଲ ଓ ଅଧିନାୟକ ଦେବଦତ୍ତ ପାଡିକଲଙ୍କ ଶତକ ବଳରେ କର୍ନାଟକ ପ୍ରଥମ ଦିନ ସୁଦ୍ଧା ୨ ଉଇକେଟ ହରାଇ ୩୫୫ ରନ କରିଛି। ରାହୁଲ ଓ ପାଡିକଲ ଦ୍ୱିତୀୟ ଉଇକେଟରେ ୨୭୮ ରନର ଭାଗୀଦାରି କରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ପାଡିକଲ ୧୪୮ ଓ କରୁନ ନାୟାର ୩୭ ରନରେ ଅପରାଜିତ ରହିଛନ୍ତି। ଜମ୍ମୁ-କଶ୍ମୀର ବିପକ୍ଷ ଦ୍ୱିତୀୟ ସେମିଫାଇନାଲରେ ବେଙ୍ଗଲ ପ୍ରଥମ ଦିନରେ ୫ ଉଇକେଟ ହରାଇ ୨୪୯ ରନ କରିଛି। ସୁଦୀପ କୁମାର ଘରାମି ୧୩୬ (୧୯ ଚୌକା ଓ ୧ ଛକା) ଓ ଶହବାଜ ଅହମଦ ୪୨ ରନ କରି ଅପରାଜିତ ରହିଥିବା ବେଳେ ଅଧିନାୟକ ଅଭିମନ୍ୟୁ ଈଶ୍ୱରନ ୪୯ ରନ କରି ଆଉଟ୍ ହୋଇଛନ୍ତି।

# ଆଇଏସ୍‌ଏଲ୍: ଜାମଶେଦପୁର, ବେଙ୍ଗାଲୁରୁ ବିଜୟୀ


ବେଙ୍ଗାଲୁରୁ ଏଫ୍‌ସି ଓ ସ୍ପୋର୍ଟିଂ କ୍ଲବ୍ ଦିଲ୍ଲୀ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ର ଏକ ମୁହୂର୍ତ୍ତ।

**ଜାମଶେଦପୁର,୧୫।୨**

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ରେ ରବିବାର ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରେ ଜାମଶେଦପୁର ଓ ବେଙ୍ଗାଲୁରୁ ଏଫ୍‌ସି ବିଜୟୀ ହୋଇ ସମ୍ପୂର୍ଣ୍ଣ ୩ ପଏଣ୍ଟ ହାସଲ କରିଛନ୍ତି।

ପ୍ରଥମ ମ୍ୟାଚ୍‌ରେ ଜାମଶେଦପୁର ୧-୦ ଗୋଲରେ ମହମେଡାନ ଏସ୍‌ସିକୁ ପରାସ୍ତ କରିଥିଲା। ମ୍ୟାଚ୍ ଆରମ୍ଭରୁ ନବମ ମିନିଟ୍‌ରେ ମାଦି ତଲାଲ ଦେଇଥିବା ଗୋଲ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ବେଙ୍ଗାଲୁରୁରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ଘରୋଇ ଦଳ ୨-୦ ଗୋଲରେ ସ୍ପୋର୍ଟିଂ କ୍ଲବ୍ ଦିଲ୍ଲୀକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧର ଅତିରିକ୍ତ ମିନିଟ୍‌ରେ ଶିବଶକ୍ତି ନାରାୟଣ (୪୫+୧) ବେଙ୍ଗାଲୁରୁ ପାଇଁ ପ୍ରଥମ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧ ଶେଷ ଆଡ଼କୁ ସୁନୀଲ ଛେତ୍ରୀ (୯୦+୪) ଦଳ ଲାଗି ଦ୍ୱିତୀୟ ଗୋଲ ସ୍କୋର କରିଥିଲେ।

## ସିକେ ନାଇଡୁ ଟ୍ରଫି

# ମ୍ୟାଚ୍ ବଞ୍ଚାଇବା ଲକ୍ଷ୍ୟରେ ଓଡ଼ିଶା

**କଟକ, ୧୫।୨(କୁମାରଶ୍ରୀ)**

ଚଳିତ ସିକେ ନାଇଡୁ ଟ୍ରଫିର ଅନ୍ତିମ ଲିଗ୍ ମ୍ୟାଚ୍‌କୁ ଓଡ଼ିଶା ଡ୍ର ରଖିବା ଲକ୍ଷ୍ୟରେ ରହିଛି। ସଚିନ ତେନ୍ଦୁଲକର ଜିମଖାନା ଷ୍ଟାଡିୟମରେ ଘରୋଇ ମୁମ୍ବାଇ ଦଳ ପ୍ରଥମ ଇନିଂସରେ ୪୮୪ରନ ସଂଗ୍ରହ କରିବା ସହ ୩୧୫ ରନରେ ଆଗୁଆ ରହି ମ୍ୟାଚ୍‌କୁ ନିଜ ପକ୍ଷରେ ରଖି ସାରିଛି। ତେବେ ପ୍ରଥମ ଇନିଂସରେ ୧୬୯ରନରେ ଅଲଆଉଟ ହୋଇଥିବା ଓଡ଼ିଶା ରବିବାର ମ୍ୟାଚ୍‌ର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୨ଉଇକେଟ ହରାଇ ୧୦୭ରନ ସଂଗ୍ରହ କରିଛି। ହାତରେ ୮ ଉଇକେଟ ବାକି ଥିବାବେଳେ ଦଳ ଏବେ ବି ୨୦୮ରନ ପଛରେ ରହିଛି। ଓପନର ସମ୍ବିତ କୁମାର ବେଜା ୩୬, ଅଧିନାୟକ ଓମ୍ ଟି ମୁଣ୍ଡେ ୯ରନରେ ପ୍ୟାଭିଲିୟନ ଫେରିଛନ୍ତି। ଆୟୁଷ ସୂତାର ୫୨ ଓ ଶ୍ରେୟାଂଶ ଭରଦ୍ୱାଜ ୭ରନରେ ଅପରାଜିତ ରହିଛନ୍ତି। ସୋମବାର ମ୍ୟାଚ୍‌ର ଅନ୍ତିମ ଦିବସ। ତେଣୁ ମ୍ୟାଚ ଡ୍ର ରଖିବା ଲକ୍ଷ୍ୟରେ ରହିବ ଓଡ଼ିଶା।

## ପ୍ରଶାନ୍ତ ରାଉତରାୟ ସ୍ମାରକୀ ଆଇନଜୀବୀ କ୍ରିକେଟ

# ଭୁବନେଶ୍ୱର ବାର୍ ଚାମ୍ପିୟନ

**ଭୁବନେଶ୍ୱର, ୧୫।୨ (ତପନ ସ୍ୱାଇଁ)**

ବିଜେବି କଲେଜ ପଡ଼ିଆରେ ଅନୁଷ୍ଠିତ ୧୧ଶ ପ୍ରଶାନ୍ତ ରାଉତରାୟ ସ୍ମାରକୀ ଅଲ୍ ଓଡ଼ିଶା ଆଇନଜୀବୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଆୟୋଜକ ଭୁବନେଶ୍ୱର ବାର୍ ଆସୋସିଏଶନ ଦଳ ଚାମ୍ପିୟନ ହୋଇଛି। ଭୁବନେଶ୍ୱର ବାର୍ ଫାଇନାଲରେ ବୋର୍ଡ ଅଫ୍ ରେଭେନ୍ୟୁ ବାର୍ ଆସୋସିଏଶନକୁ ୫ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ବୋର୍ଡ ଅଫ୍ ରେଭେନ୍ୟୁ ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୨୯ ରନ କରିଥିଲା। ଜବାବରେ ଭୁବନେଶ୍ୱର ବାର୍ ୧୮.୧ ଓଭରରେ ୫ ଉଇକେଟ ହରାଇ ୧୩୪ ରନ ସଂଗ୍ରହ କରି ନେଇଥିଲା। ଶରତ କୁମାର ଜେନା ଶ୍ରେଷ୍ଠ ଫିଲ୍ଡର, ଆଶୁତୋଷ ବେହେରା ଶ୍ରେଷ୍ଠ ବ୍ୟାଟର, ପ୍ରିୟମ ମଲିକ ଶ୍ରେଷ୍ଠ ବୋଲର ଏବଂ ପ୍ରିୟବ୍ରତ ପ୍ରିୟରଞ୍ଜନ ସାହୁ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ହାଇକୋର୍ଟ ଜଜ୍ ସାବିତ୍ରୀ ରଥ ଓ ଭି. ନରସିମା, ସିନିୟର ଆଡ୍‌ଭୋକେଟ ମାନସ ରଞ୍ଜନ ମହାପାତ୍ର, ବାର୍ କାଉନ୍ସିଲ ଚେୟାରମ୍ୟାନ ସୀତାଂଶୁ ମୋହନ ଦ୍ୱିବେଦୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ମୃତ୍ୟୁଞ୍ଜୟ ସ୍ମାରକୀ ରାଜ୍ୟ ଓପନ ଚେସ୍: ମହେଶ ବିଜେତା

**ଭୁବନେଶ୍ୱର, ୧୫।୨ (ତପନ ସ୍ୱାଇଁ)**

ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଓଁ ଗୁରୁକୁଳ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ୭ମ ମୃତ୍ୟୁଞ୍ଜୟ ପାତ୍ର ସ୍ମାରକୀ ରାଜ୍ୟ ଓପନ ଚେସ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ୪ ଖେଳାଳି ୪ ପଏଣ୍ଟ ଲେଖାଏ ପାଇଥିଲେ ମଧ୍ୟ ପୁରୀର ମହେଶ ପ୍ରସାଦ ସେଠୀ ଚାମ୍ପିୟନ ଓ ଯାଜପୁରର ସଞ୍ଜୀବନ ନାୟକ ରନରଅପ୍ ହୋଇଛନ୍ତି। ୪ ପଏଣ୍ଟ ପାଇ ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଥିବା ୨ ଖେଳାଳି ହେଲେ ଓମ୍ ଆଦିତ୍ୟ ଖାଡ଼ଙ୍ଗା ଓ ସ୍ୱପ୍ନିଲ ପ୍ରିୟଦର୍ଶୀ। ତନ୍ମୟ ତ୍ରିପାଠୀ, ନଟବର ଦାସ, ସୂରଜ କୁମାର ମହାରଣା ଓ ମନୀଷ ରଞ୍ଜନ ଦାସ ୩ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୪ ସ୍ଥାନରେ ରହିଛନ୍ତି। ବିଭିନ୍ନ ବୟସ ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ଏକ୍ ଗ୍ରୁପ୍ ଏବଂ ୩ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ବ୍ରହ୍ମପୁରର ରଶ୍ମିତା ପାତ୍ରୋ ଶ୍ରେଷ୍ଠ ମହିଳା ଖେଳାଳି ବିବେଚିତ ହୋଇଥିଲେ। ଓଁ ଗୁରୁକୁଳ ପବ୍ଲିକ୍ ସ୍କୁଲ ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଭାରତୀୟ ପାୱାର ଗ୍ରୀଡ୍ କର୍ପୋରେଶନର ଅବସରପ୍ରାପ୍ତ ସିନିୟର ଜେନେରାଲ ମ୍ୟାନେଜର (ଫାଇନାନ୍ସ) ରବି ଶଙ୍କର ପାତ୍ର, ସ୍କୁଲ ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଭୁବନେଶ୍ୱର ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦୀପକ କୁମାର ପଲାଇ ଓ ଯୁବ ଉଦ୍ୟୋଗୀ ନିଶିକାନ୍ତ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

## ଟି୨୦ ବିଶ୍ୱକପ୍‌ରେ ଭାରତ-ପାକିସ୍ତାନ ମ୍ୟାଚ୍ ଫଳାଫଳ

**୨୦୦୭: ମ୍ୟାଚ ଟାଇ, ବୋଲ୍‌ଆଉଟରେ ଭାରତର ବାଜିମାତ୍**
(ଭାରତ ୨୦ ଓଭରରେ ୧୪୧/୯, ପାକିସ୍ତାନ ୨୦ ଓଭରରେ ୧୪୧/୭)

**୨୦୦୭(ଫାଇନାଲ): ଭାରତ ୫ ରନରେ ବିଜୟୀ**
(ଭାରତ ୨୦ ଓଭରରେ ୧୫୭/୫, ପାକିସ୍ତାନ ୧୯.୩ ଓଭରରେ ୧୫୨/ଅଲଆଉଟ)

**୨୦୧୨: ଭାରତ ୮ ଉଇକେଟରେ ବିଜୟୀ**
(ପାକିସ୍ତାନ ୧୯.୪ ଓଭରରେ ୧୨୮/ଅଲଆଉଟ, ଭାରତ ୧୭ ଓଭରରେ ୧୨୯/୨)

**୨୦୧୪: ଭାରତ ୭ ଉଇକେଟରେ ବିଜୟୀ**
(ପାକିସ୍ତାନ ୨୦ ଓଭରରେ ୧୩୦/୭, ଭାରତ ୧୮.୩ ଓଭରରେ ୧୩୧/୩)

**୨୦୧୬: ଭାରତ ୬ ଉଇକେଟରେ ବିଜୟୀ**
(ପାକିସ୍ତାନ ନିର୍ଦ୍ଧାରିତ ୧୮ ଓଭରରେ ୧୧୮/୫, ଭାରତ ୧୫.୫ ଓଭରରେ ୧୧୯/୪)

**୨୦୨୧: ପାକିସ୍ତାନ ୧୦ ଉଇକେଟରେ ବିଜୟୀ**
(ଭାରତ ୨୦ ଓଭରରେ ୧୫୧/୭, ପାକିସ୍ତାନ ୧୭.୫ ଓଭରରେ ୧୫୨/୦)

**୨୦୨୨: ଭାରତ ୪ ଉଇକେଟରେ ବିଜୟୀ**
(ପାକିସ୍ତାନ ୨୦ ଓଭରରେ ୧୫୯/୮), ଭାରତ ୨୦ ଓଭରରେ ୧୬୦/୬)

**୨୦୨୪: ଭାରତ ୬ ରନରେ ବିଜୟୀ**
(ଭାରତ ୧୯ ଓଭରରେ ୧୧୯/ଅଲ୍‌ଆଉଟ, ପାକିସ୍ତାନ ୨୦ ଓଭରରେ ୧୧୩/୭)

**୨୦୨୬: ଭାରତ ୬୧ ରନରେ ବିଜୟୀ**
(ଭାରତ ୨୦ଭରରେ ୧୭୫/୭, ପାକିସ୍ତାନ ୧୮ ଓଭରରେ ୧୧୪/ଅଲ୍‌ଆଉଟ)

**ବି.ଦ୍ର:** ୨୦୦୯ ଓ ୨୦୧୦ ବିଶ୍ୱକପରେ ଭାରତ-ପାକିସ୍ତାନ ମୁକାବିଲା ହୋଇ ନ ଥିଲା।

# ଦେଶକୁ ବିଜୟ ଉତ୍ସର୍ଗ କଲେ ସୂର୍ଯ୍ୟ



ପାକିସ୍ତାନ ବିପକ୍ଷ ମ୍ୟାଚ୍‌କୁ ୬୧ ରନର ବଡ଼ ବ୍ୟବଧାନରେ ଜିତିବା ପରେ ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏହି ବିଜୟ ଦେଶକୁ ଉତ୍ସର୍ଗ କରିଛନ୍ତି। 'ମୋ ମତରେ ଏହି ବିଜୟ ଭାରତ ପାଇଁ। ଆମେ ଯେଉଁ ଭଳି ଚାହୁଁଥିଲୁ, ସେଭଳି ବ୍ରାଣ୍ଡର କ୍ରିକେଟ ଖେଳିଥିଲୁ। ଏହି ପିଚ୍‌ରେ ପ୍ରଥମେ ବ୍ୟାଟିଂ କରିବା ଏକ ଭଲ ବିକଳ୍ପ। କିନ୍ତୁ ଇଶାନ କିଶନ କିଛି ଅଲଗା ଚିନ୍ତା କରିଥିଲେ। ବିନା ରନରେ ପ୍ରଥମ ଉଇକେଟ ହରାଇବା ପରେ ଜଣଙ୍କୁ ଦାୟିତ୍ୱ ନେବାର ଥିଲା। ଯେଉଁ ଭଳି ଇଶାନ ଦାୟିତ୍ୱ ନେଇଥିଲେ, ତାହା ପ୍ରଶଂସନୀୟ। ପ୍ରଥମେ ବ୍ୟାଟିଂ କରୁଥିବା ବେଳେ ପିଚ୍‌ରେ କେତେ ବଡ଼ ସ୍କୋର ସୁରକ୍ଷିତ ହେବ, ତାହା କହିବା କଷ୍ଟକର। କାରଣ ଯଦି କାକର ପଡ଼େ ଏବଂ ଲାଇଟ୍‌ରେ ପିଚ୍ କେଉଁ ଭଳି ବ୍ୟବହାର କରିବ, ତାହା କାହାକୁ ଜଣା ନାହିଁ। ମୋ ମତରେ ୧୫୫ ଏଠାରେ ଭଲ ସ୍କୋର। ବୋଲିଂରେ ପ୍ରତ୍ୟେକ ଖେଳାଳି ଯୋଗଦାନ ଦେଇଥିଲେ। ଆମେ ସ୍ୱଦେଶ ଫେରିବୁ ଏବଂ ସେଠାରେ ଏକାଠି ସମୟ ବିତାଇବୁ। ଆମେ ଅହମଦାବାଦ ଫ୍ଲାଇଟ୍ ଧରିବା ପରେ ପରବର୍ତ୍ତୀ ମ୍ୟାଚ୍ କଥା ଚିନ୍ତା କରିବୁ' ବୋଲି ସୂର୍ଯ୍ୟ ମ୍ୟାଚ୍ ପରେ କହିଛନ୍ତି।

# ସ୍ପିନର ଭଲ କଲେ ନାହିଁ



ଭାରତଠାରୁ ଶୋଚନୀୟ ପରାଜୟ ବରଣ କରିବା ପରେ ପାକିସ୍ତାନ ଅଧିନାୟକ ସଲମାନ ଅଲୀ ଆଘା ସ୍ପିନରଙ୍କୁ ଦାୟୀ କରିଛନ୍ତି। ପରାଜୟ ପରେ ସେ କହିଛନ୍ତି, ଆମ ସ୍ପିନରଙ୍କ ଲାଗି ଆଜି ଏକ ଖରାପ ଦିନ ଥିଲା। ସେମାନେ କିଛି କାଂଶରେ ନିଜ ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିପାରି ନ ଥିଲେ। ଆମ ସ୍ପିନରଙ୍କ ଉପରେ ଆମର ଭରସା ଅଛି। ସେମାନେ ଗତ ୬ ମାସ ହେଲା ଭଲ ପ୍ରଦର୍ଶନ କରୁଛନ୍ତି। ବ୍ୟାଟିଂ ବେଳେ ଆମେ ପାୱାରପ୍ଲେରେ ଅଧିକ ଉଇକେଟ ହରାଇଥିଲୁ। ପିଚ୍ ଦ୍ୱିତୀୟ ଇନିଂସରେ ଅପେକ୍ଷାକୃତ ଭଲ ଥିଲା। ଏଭଳି ମ୍ୟାଚ୍‌ରେ ଭାବନା ସର୍ବଦା ଉଚ୍ଚରେ ରହିଥାଏ। ଆମେ ଏଭଳି ଯଥେଷ୍ଟ ମ୍ୟାଚ୍ ଖେଳିଛୁ। ଦୁଇ ଦିନ ମଧ୍ୟରେ ଆମକୁ ଏକ ମ୍ୟାଚ୍ ଖେଳିବାର ଅଛି। ସୁପର-୮ ପର୍ଯ୍ୟାୟକୁ ଉନ୍ନୀତ ହେବା ପାଇଁ ଆମକୁ ପରବର୍ତ୍ତୀ ମ୍ୟାଚ୍ ଜିତିବାକୁ ପଡ଼ିବ। ଉଲ୍ଲେଖଯୋଗ୍ୟ, ପାକିସ୍ତାନ ପକ୍ଷରୁ ଏହି ମ୍ୟାଚ୍‌ରେ ୬ ସ୍ପିନର ବ୍ୟବହାର କରାଯାଇଥିବା ବେଳେ ଇନିଂସ ମୋଟ ୧୮ ଓଭର ସ୍ପିନ ବୋଲିଂ ଲଗାଯାଇଥିଲା।


# Classified Everyday
**0674-2580101, 9692975378**



**REAL ESTATE**

**SALE**

ଭୁବନେଶ୍ୱର ଫୁଲନଖରା DADHICHI COLLEGE ପାଖରେ ସରକାରୀ ରାସ୍ତାକୁଲାଗି 51ଗୁଣ୍ଠ ଘରବାଡି ପ୍ଲଟ୍ ଗୁଣ୍ଠକୁ- 6,30,000/- ବିକ୍ରିହେବ- 8093465134, 9668194157. D-3348

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




All types of physiotherapy and massage contact 9556924059/ 7656969134. D-3339

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

**AFFIDAVIT**

By virtue of an affidavit sworn before the Executive Magistrate, Jatni, vide affidavit No.- 424, dtd.- 23.12.25, I, Tuni Pradhan, W/o.- Late Bagha @ Bagha Pradhan, R/o. Village- Tirimal, P.S.- Jatni, Dist.- Khordha, Odisha declare that Bagha and Bagha Pradhan refer to one and the same person (my deceased husband). I further declare that my correct date of birth is 06.07.1948, the DOB 01.01.1955 mentioned in Aadhaar is incorrect and my actual name as per my deceased husband's P.P.O book bearing No.- 20037310200284 is recorded as Tuni Pradhan. This notice is issued for all official purposes. D-3400

I, Narayan Nayak, S/o.- Late Ananda Pattnaik, Resident of Ward No.16, Block Colony, P.O./P.S.- Kabisuryanagar, Ganjam, 761104, Odisha declare by this affidavit Sl. No. 4, Dtd.- 12.12.2005 that I have changed my surname from Narayan Nayak to Narayan Pattnaik. Henceforth, I shall be known as Narayan Pattnaik for all future purposes. D-3397

By virtue of an affidavit sworn before the Executive Magistrate, Sohela, date 11.02.2026, I, Saroj Kumar Nayak, R/o. At/P.O./P.S.- Sohela, Dist.- Bargarh, Odisha, PIN- 768033 declare that I have changed the name of my son from Chandan Naik, S/o.- Saroj Naik to Chandan Nayak, S/o.- Saroj Kumar Nayak for all purposes.
Saroj Kumar Nayak D-3396

I, Anil Kumar Sodavarapu, S/o.- Sudhakararao, resident of Bhavani talkies street, P.O./P.S.- Paralakhemundi, Dist.- Gajapati, PIN- 761200, Odisha declare by this affidavit No. A28 dtd.- 14.02.2026 that now onwards I shall be known as Anil Kumar Sodavarapu, S/o.- Sudhakara Rao Sodavarapu for all future purpose. D-3395

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



ୱ କବିରାଜ ପ୍ରଭାତ କୁମାର କର
ସ୍ୱର୍ଣ୍ଣନିଳୟ ବାସଭବନ, ବାଲିଅନ୍ତା (ପାଟଣା)
ଆବିର୍ଭାବ- ୧୫।୦୫।୧୯୪୭
ତିରୋଧାନ- ୨୬।୦୨।୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ହତଭାଗ୍ୟ ପୁତ୍ର- ସୁଧିରଞ୍ଜନ (ଗୁଲୁଲ), ପୁତ୍ରବଧୂ, ଝିଅ-ଜ୍ୱାଇଁ, ଭଣଜା, ନାତୁଣୀ, ନାତି, ବନ୍ଧୁ ଓ ପରିବାରବର୍ଗ।
ଧ-୭୧୨୪୯

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ପଦ୍ମନାଭ ରଥ
ନବକଳେବର ରୋଡ, ପୁରୀ
ଆବିର୍ଭାବ : ୧୮।୦୧।୧୯୪୬
ତିରୋଧାନ : ୦୭।୦୨।୨୦୨୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଆପଣଙ୍କର ପୁଅ, ଝିଅ, ଜ୍ୱାଇଁ, ନାତି ଓ ଶୋକସନ୍ତପ୍ତ ପରିବାରବର୍ଗ।
ଧ-୭୩୫୯୭

# ଗ୍ରହାଣୁରୁ ଖଣିଜ ଉତ୍ତୋଳନ


ଇଂ.ମାୟାଧର ସ୍ୱାଇଁ

''ଭବିଷ୍ୟତରେ ଅନେକ ଗଭୀର ମହାକାଶ ଅଭିଯାନ ଯୋଜନା କରାଯାଇଛି। ମହାକାଶଚାରୀମାନେ ମଙ୍ଗଳ ଓ କେତୋଟି ଉପଗ୍ରହରେ ଅବତରଣ କରିବା ପାଇଁ ଯୋଜନା କରିଛନ୍ତି। ଏହିସବୁ ଅଭିଯାନ ପାଇଁ ପୃଥିବୀପୃଷ୍ଠରୁ ବିଭିନ୍ନ ବସ୍ତୁ ଉତ୍ତୋଳନ କରିବାରେ ଅନେକ ଜଟିଳତା ଅଛି। ଏଣୁ ଗ୍ରହାଣରୁ ଖଣିଜ ଉତ୍ତୋଳନ କରି ତାକୁ ମହାକାଶ ଅଭିଯାନରେ ବ୍ୟବହାର କରିବା ପାଇଁ ବୈଜ୍ଞାନିକମାନେ ଚିନ୍ତା କରିଛନ୍ତି। ପୁନଶ୍ଚ ସୁନା ଓ ପ୍ଲାଟିନମ୍ ଧାତୁକୁ ପୃଥିବୀକୁ ଆଣିବା ଅର୍ଥନୈତିକ ଦୃଷ୍ଟିରୁ ଲାଭଜନକ ହେବ।''



ସୌରଜଗତର ମଙ୍ଗଳ ଏବଂ ବୃହସ୍ପତି ଗ୍ରହ କକ୍ଷ ମଝିରେ ଅନେକ କ୍ଷୁଦ୍ର ବସ୍ତୁପିଣ୍ଡ ସୂର୍ଯ୍ୟକୁ ପରିକ୍ରମଣ କରୁଛି। ଏଗୁଡ଼ିକୁ ଗ୍ରହାଣୁ ବା ଗୌଣ ଗ୍ରହ କୁହାଯାଏ ଏବଂ ଯେଉଁ ଅଞ୍ଚଳରେ ଏଗୁଡ଼ିକ ସୂର୍ଯ୍ୟକୁ ପରିକ୍ରମଣ କରିଥାଆନ୍ତି, ତାକୁ ଗ୍ରହାଣୁ ବଳୟ କୁହାଯାଏ। ଯେଉଁ ଆଦିବସ୍ତୁରୁ ସୂର୍ଯ୍ୟ, ଗ୍ରହ, ଉପଗ୍ରହଗୁଡିକ ସୃଷ୍ଟି ହୋଇଛି, ସେଥିରୁ ଗ୍ରହାଣୁଗୁଡ଼ିକୁ ସୃଷ୍ଟି ହୋଇଥିବାର ବିଶ୍ୱାସ କରାଯାଏ। କେତେକ ଜ୍ୟୋତିର୍ବିଦ ମତ ଦେଇଥାଆନ୍ତି ଯେ ପୂର୍ବରୁ ଏହି ଅଞ୍ଚଳରେ ଗୋଟିଏ ଗ୍ରହ ଥିଲା ଏବଂ କୌଣସି କାରଣରୁ ଏହା ଭାଙ୍ଗି ଯାଇ ଅନେକ ଖଣ୍ଡରେ ପରିଣତ ହୋଇଛି। ଏଗୁଡିକର ସଂଖ୍ୟା ହେଉଛି ଅନେକ ଏବଂ ଏକ କିମି ବ୍ୟାସରୁ ବଡ଼ ଗ୍ରହାଣୁ ସଂଖ୍ୟା ଦଶ ଲକ୍ଷରୁ ଅଧିକ ହେବ।

ଗ୍ରହାଣୁଗୁଡ଼ିକ ବର୍ତ୍ତମାନ ବୈଜ୍ଞାନିକମାନଙ୍କର ଦୃଷ୍ଟି ଆକର୍ଷଣ କରିବାର ଏକ ମୁଖ୍ୟ କାରଣ ହେଉଛି ଏଥିରେ ଥିବା ଖଣିଜ ସମ୍ପଦ। ବର୍ଣ୍ଣାଳି ଅଭିଲକ୍ଷଣରୁ ଗ୍ରହାଣୁଗୁଡିକୁ ତିନୋଟି ଶ୍ରେଣୀରେ ବର୍ଗୀକରଣ କରାଯାଇଛି। ଅଧିକ କାର୍ବନ ଥିବା ଗ୍ରହାଣୁକୁ 'ସି' (କାର୍ବନ), ଅଧିକ ଧାତୁ ଥିବା ଗ୍ରହାଣୁକୁ 'ଏମ୍' (ମେଟାଲ୍) ଏବଂ ଅଧିକ ଧାତୁ ଥିବା ଗ୍ରହାଣୁକୁ 'ଏସ୍' (ସିଲକା) କୁହାଯାଏ। ଗ୍ରହାଣୁଗୁଡ଼ିକରୁ ଆସି ପୃଥିବୀରେ ପଡ଼ିଥିବା କେତେକ ଉଲ୍‌କାପିଣ୍ଡକୁ ପରୀକ୍ଷା କରି ବୈଜ୍ଞାନିକମାନେ ସେଥିରେ କେତେକ ମୂଲ୍ୟବାନ ଖଣିଜ ପଦାର୍ଥ ଥିବାର ଜାଣି ପାରିଛନ୍ତି। ପୁନଶ୍ଚ ବୈଜ୍ଞାନିକମାନେ ଟେଲିସ୍କୋପିକ୍ ସ୍ପେକ୍ଟ୍ରୋସ୍କୋପି ବା ଦୂରବୀକ୍ଷଣୀୟ ବର୍ଣ୍ଣାଳୀ ବିଜ୍ଞାନ ପଦ୍ଧତି ସାହାଯ୍ୟରେ ଗ୍ରହାଣୁପୃଷ୍ଠରୁ ପ୍ରତିଫଳିତ ଆଲୋକର ବିଶ୍ଳେଷଣ କରି ସେଠାରେ ଥିବା ଧାତବ ଉପାଦାନଗୁଡ଼ିକୁ ଚିହ୍ନଟ କରିଛନ୍ତି। ଖଣିଜ ମଧ୍ୟରେ ଲୌହ, ନିକେଲ, ମ୍ୟାଗ୍ନେସିୟମ ଏବଂ ଏପରିକି ସୁନା ଓ ପ୍ଲାଟିନମ୍ ଭଳି ଅତ୍ୟନ୍ତ ମୂଲ୍ୟବାନ ଧାତୁ ଅନ୍ତର୍ଗତ।

ଭବିଷ୍ୟତରେ ଅନେକ ଗଭୀର ମହାକାଶ ଅଭିଯାନ ଯୋଜନା କରାଯାଇଛି। ମହାକାଶଚାରୀମାନେ ମଙ୍ଗଳ ଓ କେତୋଟି ଉପଗ୍ରହରେ ଅବତରଣ କରିବା ପାଇଁ ଯୋଜନା କରିଛନ୍ତି। ଏହିସବୁ ଅଭିଯାନ ପାଇଁ ପୃଥିବୀପୃଷ୍ଠରୁ ବିଭିନ୍ନ ବସ୍ତୁ ଉତ୍ତୋଳନ କରିବାରେ ଅନେକ ଜଟିଳତା ଅଛି। ଏଣୁ ଗ୍ରହାଣୁରୁ ଖଣିଜ ଉତ୍ତୋଳନ କରି ତାକୁ ମହାକାଶ ଅଭିଯାନରେ ବ୍ୟବହାର କରିବା ପାଇଁ ବୈଜ୍ଞାନିକମାନେ ଚିନ୍ତା କରିଛନ୍ତି। ପୁନଶ୍ଚ ସୁନା ଓ ପ୍ଲାଟିନମ୍ ଧାତୁକୁ ପୃଥିବୀକୁ ଆଣିବା ଅର୍ଥନୈତିକ ଦୃଷ୍ଟିରୁ ଲାଭଜନକ ହେବ।

ଗ୍ରହାଣୁରୁ ଖଣିଜ ଉତ୍ତୋଳନ କରିବା ପାଇଁ ମହାକାଶ ବିଜ୍ଞାନ କେତେଗୁଡ଼ିଏ ପ୍ରଯୁକ୍ତି ବିଦ୍ୟାକୁ ପ୍ରମାଣ କରିସାରିଛି। ଅନେକ ଅଭିଯାନରେ କେତୋଟି ଗ୍ରହାଣୁରେ ମହାକାଶଯାନ ଅବତରଣ କରିଛି। ଆମେରିକାର ମହାକାଶ ସଂସ୍ଥା 'ନାସା' ପଠାଇଥିବା ନିୟର-ସୁମେକେର ଯାନ ଇରୋସ ଗ୍ରହାଣୁ କକ୍ଷରେ ପରିକ୍ରମଣ କରିବା ପରେ ୨୦୦୧ ମସିହାରେ ଏହା ପୃଷ୍ଠରେ ଅବତରଣ କରିଥିଲା। ଜାପାନର ହୟାବୁସା ଯାନ ୨୦୦୫ ମସିହାରେ ଇତୋକାୱା ନାମକ ଗ୍ରହାଣୁରେ ଅବତରଣ କରି ସେଥିରୁ ନମୁନା ସଂଗ୍ରହ କରିଥିଲା ଏବଂ ୨୦୧୦ ମସିହାରେ ଏହାକୁ ନେଇ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିଥିଲା। ୟୁରୋପୀୟ ମହାକାଶ ସଂସ୍ଥାର ଫିଲେ ଯାନ ୨୦୧୪ ମସିହାରେ ଚୁର୍ୟୁମୋଭ-ଗେରାସିମେଙ୍କୋ ଧୂମକେତୁରେ ଅବତରଣ କରିଥିଲା। ଜାପାନର ହୟାବୁସା-୨ଯାନ ର୍‍ୟୁଗୁ ଗ୍ରହାଣୁ ପୃଷ୍ଠରେ ଦୁଇଟି ପ୍ରୋବ୍ ଅବତରଣ କରାଇଥିଲା ଏବଂ ସେଠାରୁ ନମୁନା ନେଇ ୨୦୨୦ ମସିହାରେ ଫେରିଥିଲା। 'ନାସା'ର ଓସିରିସ୍-ରେକ୍ସ ଯାନ ୨୦୨୦ ମସିହାରେ ବେନୁ ଗ୍ରହାଣୁରେ ଅବତରଣ କରି ସେଠାରୁ ୨୦୨୩ ମସିହାରେ ପୃଥିବୀକୁ ନମୁନା ଆଣିଥିଲା ଏବଂ ଏହାପରେ ଏହା ଅନ୍ୟ ଏକ ଗ୍ରହାଣୁ ଆପୋଫିସ୍ ଅଭିମୁଖେ ବର୍ତ୍ତମାନ ଗତି କରୁଛି। ଚାଇନାର ତିଆନୱେନ୍ -୨ ଯାନକୁ କାମୁଏଲେୱା ଗ୍ରହାଣୁ ଅଭିମୁଖେ ୨୦୨୫ ମସିହା ମେ' ମାସରେ ଉତ୍କ୍ଷେପଣ କରାଯାଇଛି। ଏହା ୨୦୨୭ ମସିହାରେ ସେଠାରୁ ନମୁନା ନେଇ ଫେରିବ। ପୃଥିବୀପୃଷ୍ଠରେ ନମୁନାକୁ ପକାଇ ଏହା ପୁନଶ୍ଚ ଧୂମକେତୁ ପାନ୍ଷ୍ଟାର୍ସ ଅଭିମୁଖେ ଗତି କରିବ।

'ନାସା'ର ଡାର୍ଟ ଅଭିଯାନରେ ୨୦୨୨ ମସିହାରେ ଏକ ଯାନକୁ ଉଦ୍ଦେଶ୍ୟମୂଳକ ଭାବରେ ଡିମୋଫୋର୍ସ୍ ଗ୍ରହାଣୁ ସହିତ ସଂଘର୍ଷ କରାଯାଇଥିଲା। ପୃଥିବୀ ସହିତ ଗୋଟିଏ ଗ୍ରହାଣୁ ସଂଘର୍ଷ କରିବାକୁ ଆସିଲେ ତାକୁ କିପରି ପଥଚ୍ୟୁତ କରାଯାଇପାରିବ, ତାହାର ଏକ ପରୀକ୍ଷା ଡାର୍ଟ ଅଭିଯାନ ଥିଲା। ଖଣିଜ ସମ୍ପଦ ଉତ୍ତୋଳନର ଅନ୍ୟ ଏକ ପ୍ରୟୋଗ ହେଉଛି ପୃଥିବୀକୁ ସୁରକ୍ଷା ଦେବା ପାଇଁ ପ୍ରଯୁକ୍ତିବିଦ୍ୟାର ବିକାଶ କରିବା। ଏହାଫଳରେ ପୃଥିବୀ ଆଡକୁ ଆସୁଥିବା ଗ୍ରହାଣୁକୁ ଧରି ତାକୁ ଚନ୍ଦ୍ର କକ୍ଷରେ ଅବସ୍ଥାପନ କରି ଅଧ୍ୟୟନ କରିହେବ।

ନିକଟରେ ସ୍ପେନର ବାର୍ସିଲୋନା ବିଶ୍ୱବିଦ୍ୟାଳୟର ଏକ ଗବେଷଣା ଦଳ କେତୋଟି ଉଲ୍‌କାପିଣ୍ଡରୁ କାର୍ବୋନିୟସ୍ କୋଣ୍ଡ୍ରାଇଟ୍‌ସ ନମୁନା ଆବିଷ୍କାର କରି ଅଧ୍ୟୟନରୁ ଜାଣିପାରିଛନ୍ତି ଯେ, ଏଗୁଡିକ 'ସି' ପ୍ରକାର ଗ୍ରହାଣୁରୁ ଆସିଛି। ଏଥିରୁ ସେମାନେ ଅନୁମାନ କରିଛନ୍ତି ଯେ, ଏହି ପ୍ରକାର ଗ୍ରହାଣୁରେ ବିଭିନ୍ନ ପ୍ରକାର ଖଣିଜ ସମ୍ପଦ ଅଛି। ସେମାନେ ସେମାନଙ୍କର ନିଷ୍କର୍ଷକୁ ରୟାଲ ଆଷ୍ଟ୍ରୋନୋମିକାଲ ସୋସାଇଟିର ପତ୍ରିକାରେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ପ୍ରାୟ ୭୫ ପ୍ରତିଶତ ଗ୍ରହାଣୁ ହେଉଛି 'ସି' ଶ୍ରେଣୀର।

ଖଣିଜ ସମ୍ପଦ ସନ୍ଧାନ ଓ ଉତ୍ତୋଳନ ପାଇଁ ଉପଯୁକ୍ତ ଗ୍ରହାଣୁ ଚୟନ ହେଉଛି ଜରୁରୀ। କାରଣ ପ୍ରତ୍ୟେକ ଗ୍ରହାଣୁରେ ଆମର ବାଞ୍ଛିତ ଖଣିଜ ନାହିଁ। ଏଥିପାଇଁ ଯାନ ସାହାଯ୍ୟରେ ପ୍ରଥମେ ସେଠାରୁ ନମୁନା ଆଣି ପରୀକ୍ଷା କରାଯିବା ସହିତ ଦୂରବୀକ୍ଷଣୀୟ ବର୍ଣ୍ଣାଳୀ ପଦ୍ଧତି ବ୍ୟବହାର କରି ରାସାୟନିକ ବିଶ୍ଳେଷଣ କରାଯିବା ଆବଶ୍ୟକ। ପୁନଶ୍ଚ ଗ୍ରହାଣରୁ ଖଣିଜ ଉତ୍ତୋଳନ କରିବା ଓ ସଂଗ୍ରହ କରି ଆଣିବାର କାରିଗରି ବିଦ୍ୟାର ବିକାଶ ଜରୁରୀ। ଖଣିଜ ପଦାର୍ଥର ପ୍ରକ୍ରିୟାକରଣ ମଧ୍ୟ ଏକ ମୁଖ୍ୟ ବିଷୟ। ଗ୍ରହାଣୁ ପୃଷ୍ଠରେ ସେଥିରୁ ଧାତୁକୁ ନିଷ୍କାସନ କରି କେବଳ ଧାତୁକୁ ଆଣିବା ଏବଂ ଅବଶେଷକୁ ସେଠାରେ ଛାଡିଦେଇ ଆସିବା ସୁବିଧାଜନକ ହେବ। ଗ୍ରହାଣୁରୁ ଖଣିଜ ସମ୍ପଦ ଆଣିବାରେ ମହାକାଶ ଅଭିଯାନର ଖର୍ଚ୍ଚ ବହୁଳତା, ଖଣିଜ ସମ୍ପଦ ଥିବା ଗ୍ରହାଣୁର ଠିକ୍ ଚୟନ ଏବଂ ମହାକାଶୀୟ ପରିବେଶରେ ଖଣିଜ ଉତ୍ତୋଳନ ଆଦି ଅନେକ ଆହ୍ୱାନମୂଳକ ସମସ୍ୟା ରହିଛି।

ଗ୍ରହାଣୁରୁ ଖଣିଜ ଉତ୍ତୋଳନ ଯୋଜନା ବର୍ତ୍ତମାନ ପ୍ରାରମ୍ଭିକ ସ୍ତରରେ ଅଛି। ଯଦିଓ ଅନେକ ବର୍ଷ ପୂର୍ବରୁ ଏହା ଚିନ୍ତା କରାଯାଇଛି ଏବଂ କେତୋଟି ମହାକାଶ ଅଭିଯାନରେ ଏସବୁ ସଂଶ୍ଳିଷ୍ଟ କରାଯାଇଛି, ଏହାକୁ ସଫଳ ଭାବେ କାର୍ଯ୍ୟକାରୀ କରିବା ପାଇଁ ଆହୁରି ଅନେକ ବର୍ଷ ଲାଗିଯାଇପାରେ।

-ସମ୍ପାଦକ, ସାଇନ୍‌ସ ହୋରିଜନ୍
୭୦, ଲକ୍ଷ୍ମୀବିହାର, ଫେଜ୍-୧, ଭୁବନେଶ୍ୱର
ମୋ : ୯୪୩୮୬୯୩୭୨୪

## ଜାଣିରଖନ୍ତୁ

ଶରୀରକୁ ସୁସ୍ଥ ରଖିବାକୁ କେତୋଟି ବିଷୟ ପ୍ରତି ସ୍ୱତନ୍ତ୍ର ଭାବରେ ନଜର ଦେବାକୁ ପଡିଥାଏ। ପ୍ରଥମ ହେଲା, ଖାଦ୍ୟପେୟ। ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇଲେ ତାହା ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ। ଆଉ ଏକ କଥା ହେଲା ଏକ ନିୟନ୍ତ୍ରିତ ଜୀବନଶୈଳୀ। ନିଜର ଖାଦ୍ୟପେୟ ବ୍ୟତୀତ ବିଶ୍ରାମ ପ୍ରତି ଦୃଷ୍ଟି ଦିଅନ୍ତୁ। ରାତିରେ ଅତିକମ୍‌ରେ ୭-୮ଘଣ୍ଟା ଶୁଅନ୍ତୁ। ଏହାଦ୍ୱାରା ଦିନତମାମ ବ୍ୟସ୍ତ ଥିବା ମସ୍ତିଷ୍କ ଏବଂ ଶରୀର ବିଶ୍ରାମ ପାଇଥାଏ। ଆଉ ଏକ କଥା ହେଲା ବ୍ୟାୟାମ ଏବଂ ଯୋଗ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବେ ହୁଏ, ଯାହା ଆମ ଅଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ଶକ୍ତ କରିଥାଏ। ରକ୍ତ ଚାପକୁ ବି ଏହା ସନ୍ତୁଳିତ ଅବସ୍ଥାରେ ରଖେ। ଅନେକ ସମୟରେ ଅଧିକାଂଶ ଲୋକ ଚାପରେ ରହିବା ଯୋଗୁ ଠିକ୍ ଭାବେ ଶୋଇ ପାରନ୍ତି ନାହିଁ। ସେଥିପାଇଁ ସେମାନେ ନିଦ୍ରାହୀନତାର ଶିକାର ହୁଅନ୍ତି। ତେଣୁ ସୁନିଦ୍ରା ପାଇଁ ଯୋଗକୁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ।



## କିଡନୀ ଡାୟାଲିସିସ୍

କିଡ୍‌ନୀ ଡାୟାଲିସିସ୍ ହେଉଛି ରାସାୟନିକ ଉପାଦାନଗୁଡ଼ିକର ଏକ ପୃଥକୀକରଣ ପଦ୍ଧତି। କିଡ୍‌ନୀ ଦ୍ୱୟ କାମ କରିବା ପାଇଁ ଅକ୍ଷମ ହୋଇପଡ଼ିଲେ ଡାୟାଲିସିସ୍ ପଦ୍ଧତିଟି କିଡ୍‌ନୀ ଭଳି ରକ୍ତ ଛାଣିବା କାମ ତୁଲେଇଥାଏ। ଡାୟାଲିସିସ୍‌ରେ ବ୍ୟବହୃତ ହୋଇଥାଏ ସେମିଘର୍‌ମିଏବଲ୍ ପରଦା। ପରଦାଟିରେ ଥିବା ବିଭିନ୍ନ ଆକାର ବିଶିଷ୍ଟ ସୂକ୍ଷ୍ମ ଛିଦ୍ରମାନ ଦେଇ ରକ୍ତରେ ଜମି ଥିବା କ୍ଷତିକାରୀ ବର୍ଜ୍ୟ ଉପାଦାନମାନ ରକ୍ତ ଭିତରୁ ପରଦାର ଅନ୍ୟପଟେ ରହିଥିବା ଡାୟାଲିସିସ୍ ଦ୍ରବଣ ବା ଡାୟାଲାଇସେଟ୍ ଭିତରକୁ ସ୍ଥାନାନ୍ତରିତ ହୋଇଯାଏ ଏବଂ ରକ୍ତରେ ସେହି ସବୁ ବର୍ଜ୍ୟର ପରିମାଣ ହ୍ରାସ ପାଇଥାଏ।ଆକ୍ୟୁଟ୍‌ରେନାଲ୍‌ଫେଲ୍ୟୁଓର୍‌ରେରୋଗୀଓଟ୍ରାନ୍ସପ୍ଲାଣ୍ଟେସନ୍‌ପାଇଁଅପେକ୍ଷା କରିଥିବା କ୍ରନିକ୍ ରେନାଲ୍ ଫେଲ୍ୟୁଓର୍ ରୋଗୀ ଓ ଟ୍ରାନ୍ସପ୍ଲାଣ୍ଟେସନ୍ ସମ୍ଭବ ହୋଇପାରୁ ନଥିବା ରୋଗୀମାନଙ୍କ ପାଇଁ ଡାୟାଲିସିସ୍ ହିଁ ଏକମାତ୍ର ସନ୍ତୋଷଜନକ ପନ୍ଥା।



## ମାନସିକ ରୋଗ: କିଛି କଥା



ପ୍ରାରମ୍ଭିକ ଅବସ୍ଥାରେ ଲୋକେ ମାନସିକ ରୋଗଗୁଡ଼ିକର ଲକ୍ଷଣକୁ ଚିହ୍ନିବାରେ ସାଧାରଣତଃ ବିଳମ୍ବ କରିଥାଆନ୍ତି। କେତେଜଣ ଲୋକ ମାନସିକ ସମସ୍ୟାଗୁଡ଼ିକୁ କୌଣସି ରୋଗର ଲକ୍ଷଣ ବୋଲି ନ ମାନି, ଆମ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ଯୋଗୁ ରୋଗୀକୁ ଗୁଣିଆ ପାଖକୁ ନେଇ ଅଯଥା ସମୟ ନଷ୍ଟ କରିଥାଆନ୍ତି। ଏହାଦ୍ୱାରା ରୋଗର ପ୍ରକୋପ ବଢ଼େ ଓ ଡେରିରେ ଚିକିତ୍ସା ଆରମ୍ଭକଲେ ବେଶି ଦିନ ଔଷଧ ସେବନ କରିବାକୁ ପଡ଼ିଥାଏ କିମ୍ବା ରୋଗ ସମ୍ପୂର୍ଣ୍ଣ ଭାବେ ଠିକ୍ ହେବା ସମ୍ଭାବନା କମି ଯାଇଥାଏ। ବିଭିନ୍ନ ମାନସିକ ସମସ୍ୟାର ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ଔଷଧର ଏକ ନିର୍ଦ୍ଦିଷ୍ଟ କୋର୍ସ ରହିଥାଏ, ଯାହା କି ସାଧାରଣତଃ ରୋଗର ତୀବ୍ରତା ଉପରେ ନିର୍ଭର କରିଥାଏ। ଏହି କୋର୍ସ ଅନୁସାରେ ଔଷଧ ଖାଇଲେ ଆଉ ରୋଗର ଲକ୍ଷଣ ଦେଖାଯାଇ ନ ଥାଏ। ରୋଗର ତୀବ୍ରତା କମିଲେ ଔଷଧଗୁଡ଼ିକର ମାତ୍ରା ମଧ୍ୟ ଧୀରେ ଧୀରେ କମାଇ ଦିଆଯାଏ। ମାନସିକ ରୋଗ ବିଶେଷଜ୍ଞଙ୍କ ବିନା ପରାମର୍ଶରେ ଔଷଧ ବନ୍ଦ କରିଦେଲେ ରୋଗ ପୁନର୍ବାର ଦେଖାଯିବା ଆଶଙ୍କା ରହିଛି। ବର୍ତ୍ତମାନର ଆଧୁନିକ ଚିକିତ୍ସା ଯୁଗରେ ମାନସିକ ରୋଗଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହାର କରାଯାଉଥିବା ଔଷଧଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଓ ଏଗୁଡ଼ିକର କୌଣସି ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଆମ ସମାଜରେ ଲୋକମାନଙ୍କ ମଧ୍ୟରେ ଧାରଣା ଅଛି ଯେ ବିବାହ ଦ୍ୱାରା ବିଭିନ୍ନ ମାନସିକ ରୋଗ ଠିକ୍ ହୋଇଯାଏ। ମାତ୍ର ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ୍। ବିବାହ ପୂର୍ବରୁ ରୋଗର ଅବସ୍ଥା ତଥା ଔଷଧ ପ୍ରକ୍ରିୟା ସମ୍ପର୍କରେ ରୋଗୀ ଓ ତା'ର ଜୀବନସାଥୀ ଡାକ୍ତରଙ୍କଠାରୁ ପରାମର୍ଶ ନେବା ଉଚିତ।

## ସ୍ୱାସ୍ଥ୍ୟ ସୂଚନା

- ନିଜକୁ ଯେତେ ସମ୍ଭବ ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରଖନ୍ତୁ। ଏହା ମନକୁ ସାମୟିକ ଆନନ୍ଦ ଦେଇପାରେ, ହେଲେ ପରୋକ୍ଷରେ କେତେକ ମାରାତ୍ମକ ରୋଗକୁ ଡାକିଆଣିଥାଏ।
- ଅଧିକ ଲୁଣ କିମ୍ବା ଚର୍ବିଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।
- ନିୟମିତ ଅଙ୍ଗୁର ଖାଇଲେ ତାହା ଦୃଷ୍ଟିଶକ୍ତିକୁ ଆହୁରି ପ୍ରଖର କରାଇଥାଏ। ତା'ସହ ସ୍ମରଣ ଶକ୍ତି ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରିଥାଏ।
- ପ୍ରତିଦିନ ରାତିରେ କ୍ଷୀର ପିଅନ୍ତୁ। ଏଥିରେ ଥିବା ଉପକାରୀ ତତ୍ତ୍ୱ ଦାନ୍ତ ଏବଂ ଅସ୍ଥିକୁ ମଜଭୁତ ରଖିଥାଏ।
- କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟାର ଲକ୍ଷଣ ବିଷୟରେ ଅବଗତ ହେଲେ ବିଳମ୍ବ ନ କରି ଚିକିତ୍ସା କରାଇ ନିଅନ୍ତୁ।
- ଖାଇବା ପରେ ଥଣ୍ଡାଜାତୀୟ ପାନୀୟ ପିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ।
- ଯଦି କୌଣସି ରୋଗରେ ଆପଣ ପୀଡ଼ିତ, ତେବେ ମନଇଚ୍ଛା ଔଷଧ ଖାଆନ୍ତୁ ନାହିଁ। ଅଭିଜ୍ଞ ଡାକ୍ତରଙ୍କ ସହ ଦେଖା କରନ୍ତୁ ଏବଂ ରୋଗ ବିଷୟରେ ଆଲୋଚନା କରି ତାଙ୍କ ପରାମର୍ଶକ୍ରମେ ମେଡ଼ିସିନ୍ ଖାଆନ୍ତୁ।



## ଉପକାରୀ ମିଶ୍ରି



ମିଶ୍ରିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ୍ ଏବଂ ଆମିନୋ ଏସିଡ ରହିଛି। ଯଦି ଆପଣଙ୍କର ଲଗାତର କାଶ ହେଉଛି କିମ୍ବା ତଣ୍ଟି ଦରଜ ହେଉଛି ତେବେ ତେଜପତ୍ର ଏବଂ ଅଦା ମିଶ୍ରିତ ପାଣିରେ କିଛି ମିଶ୍ରି ପକାଇ ତାହାକୁ ଫୁଟାଇ ପିଅନ୍ତୁ। ଆମ ଶରୀରରେ ହିମୋଗ୍ଲୋବିନ ସ୍ତର ସନ୍ତୁଳିତ ରହିବା ନିହାତି ଜରୁରୀ। ନିୟମିତ ମିଶ୍ରି ଖାଇଲେ ଏହି ସ୍ତର କତେକାଂଶରେ ଠିକ୍ ରହିଥାଏ। ମିଶ୍ରିର ଆଉ ଏକ ଉପକାରୀ ଗୁଣ ରହିଛି। ଏହା ହଜମ ପ୍ରକ୍ରିୟାକୁ ଆହୁରି ଦୃଢ଼ କରିଥାଏ। ଏହା ସହିତ କିଛି ପାନମଧୁରୀ ମିଶାଇ ଖାଇପାରନ୍ତି। ଆପଣଙ୍କର ଲୋ ବ୍ଲଡପ୍ରେସର ସମସ୍ୟା ଅଛି କି ? ଯଦି ହଁ, ତେବେ ନିୟମିତ ମିଶ୍ରି ଖାଇଲେ ତାହା ଏହାକୁ ନିୟନ୍ତ୍ରଣରେ ରଖିଥାଏ। ଚାପର ବଶବର୍ତ୍ତୀ ହୋଇଥିଲେ କିମ୍ବା ଥକା ଲାଗୁଥିଲେ ଏଥିରୁ ମୁକୁଳିବା ପାଇଁ ମିଶ୍ରି କେତେକାଂଶରେ ସାହାଯ୍ୟ କରିଥାଏ। ଏଥିଲାଗି ଶୋଇବା ପୂର୍ବରୁ ଉଷୁମ କ୍ଷୀରରେ ମିଶ୍ରି ମିଶାଇ ତାହାକୁ ପିଅନ୍ତୁ। ଏହା ମଧ୍ୟ ସ୍ମରଣ ଶକ୍ତିକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଆଉ ଏକ ଖାସ୍ କଥା ହେଲା ନିୟମିତ ମିଶ୍ରି ଖାଇବା ଦ୍ୱାରା ଦୃଷ୍ଟିଶକ୍ତିଜନିତ ସମସ୍ୟା କେତେକାଂଶରେ କମ୍ ରହିଥାଏ।

## ଆଲଜିମର୍ସ ସମସ୍ୟା ଥିଲେ...



ଆଲଜିମର୍ସ ରୋଗ ପ୍ରାୟ ୫୦ ବର୍ଷ ବୟସ ପରେ ପ୍ରକାଶ ପାଇଥାଏ। ଏହି ରୋଗ ହେଲେ ମସ୍ତିଷ୍କର ସ୍ନାୟୁ କୋଷଗୁଡିକରେ ବିଟା-ଆମିଲଏଡ୍ ନାମକ ଏକ ପ୍ରୋଟିନ୍ ଖଣ୍ଡମାନ ଜମିଯାଏ। ଏହି ବିଟା-ଆମିଲଏଡ୍ ଜମିବା ଫଳରେ ସ୍ମୃତିହାନି ଜାତ ହେବା ସ୍ୱାଭାବିକ। ରୋଗୀ ମସ୍ତିଷ୍କରେ ସ୍ନାୟୁକୋଷମାନ ମରିଯାଆନ୍ତି। ସ୍ନାୟୁକୋଷ-ସ୍ନାୟୁକୋଷ ମଧ୍ୟରେ ଥିବା ସଂଯୋଗ ଛିନ୍ନ ହୋଇଯାଏ। ଏହାଫଳରେ ସ୍ନାୟୁକୋଷ ଏବଂ ସ୍ନାୟୁ ସଂଯୋଗ ବାଧାପ୍ରାପ୍ତ ହୋଇଥାଏ। ତେବେ ମସ୍ତିଷ୍କର ସବୁ ଅଞ୍ଚଳରେ ଏଭଳି ପରିବର୍ତ୍ତନ ପରିଲକ୍ଷିତ ନ ହୋଇ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସ୍ନାୟୁକୋଷରେ ପରିବର୍ତ୍ତନ ଦେଖାଯାଇଥାଏ। ହେଲେ ସ୍ନାୟୁକୋଷଗୁଡିକରେ ଜାତ ଅସ୍ୱାଭାବିକତାକୁ ପ୍ରଭାବିତ କରିଥାଏ ରୋଗୀର ଜିନ୍, ପରିବେଶ ଓ ତାହାର ଜୀବନଶୈଳୀ। ରୋଗୀ ଅନେକ କଥା ସହଜରେ ମନେ ପକେଇ ପାରେନି। ଘର ଛାଡି ବାହାରକୁ ଯାଇଥିଲେ ଫେରିବା ରାସ୍ତାକୁ ଠଉରେଇ ନ ପାରି ଘରକୁ ଫେରିପାରେନି। କଥାବାର୍ତ୍ତା କରିବା ସମୟରେ ଠିକ୍ ଶବ୍ଦ ଠିକ୍ ଜାଗାରେ ମୁଣ୍ଡକୁ ଢୁକି ନ ଥାଏ।

## ଥାଲାସିମିଆ ରୋଗର ଚିକିତ୍ସା



ଥାଲାସିମିଆ ମେଜର ବା ବିଟା ଥାଲାସିମିଆ ରୋଗୀଙ୍କୁ ବାରମ୍ବାର ରକ୍ତ ଦେବାକୁ ପଡେ। ବାରମ୍ବାର ରକ୍ତ ନେବା ଫଳରେ ରୋଗୀଙ୍କ ରକ୍ତରେ ଲୌହର ପରିମାଣ ବଢ଼ିଯାଇ ତାହା ଯକୃତ, ହୃତ୍‌ପିଣ୍ଡ, ଅଗ୍ନ୍ୟାଶୟ ଇତ୍ୟାଦି ଅଙ୍ଗରେ ଜମିଯାଏ। ଫଳରେ ହୃଦ୍‌ରୋଗ ଓ ଡାଇବେଟିସ୍ ଇତ୍ୟାଦି ଆଶଙ୍କା ଅଧିକ ଥାଏ। ପ୍ଲୀହାର ଆକାର ବେଶି ବଢ଼ିଗଲେ ଓ ବାରମ୍ବାର ରକ୍ତ ନେବା ଦରକାର ପଡୁଥିଲେ ରୋଗୀର ପ୍ଲୀହାଟିକୁ କାଟି ବାହାର କରିଦିଆଯାଇଥାଏ। ଏହାବ୍ୟତୀତ ଅସ୍ଥିମଜା ପ୍ରତିରୋପଣ ବା ଷ୍ଟେମ୍ ସେଲ୍ ପ୍ରତିରୋପଣ ମଧ୍ୟ କରାଯାଇଥାଏ। ଥାଲାସିମିଆ ଏକ ବଂଶଗତ ରୋଗ ହୋଇଥିଲେ ମଧ୍ୟ ଏହାର ନିବାରଣ ସମ୍ଭବ। ସ୍ୱାମୀ ଓ ସ୍ତ୍ରୀ ଉଭୟ ଥାଲାସିମିଆ ଟ୍ରିଟ୍ ହୋଇଥିଲେ ଏବଂ ସ୍ତ୍ରୀ ଗର୍ଭବତୀ ହେଲେ ଗର୍ଭ ହେବାର ଅଢ଼େଇରୁ ତିନି ମାସ ଭିତରେ ଗର୍ଭସ୍ଥ ଭ୍ରୂଣଠାରୁ ରକ୍ତ ସଂଗ୍ରହ କରି କିମ୍ବା ଗର୍ଭାଶୟରୁ ସଂଗୃହୀତ ଜଳରୁ ଜୀବକୋଷ ସଂଗ୍ରହ କରି ତାହାର ଜିନ୍ ପରୀକ୍ଷା କରାଯାଇଥାଏ। ଥାଲାସିମିଆ ରୋଗୀଙ୍କ ଚିକିତ୍ସା ପାଇଁ ବିଭିନ୍ନ ରକ୍ତ ଭଣ୍ଡାରରେ ସ୍ୱତନ୍ତ୍ର ବ୍ୟବସ୍ଥାମାନ ଉପଲବ୍ଧ। ତେବେ ଥାଲାସିମିଆ ରୋଗଟି ସମ୍ବନ୍ଧରେ ଜନସଚେତନା ବୃଦ୍ଧିର ଆବଶ୍ୟକତା ରହିଛି।

## ସୁସ୍ଥ ହୃତ୍‌ପିଣ୍ଡ ଓ ରକ୍ତଚାପ



ମନୁଷ୍ୟ ଶରୀରରେ ମସ୍ତିଷ୍କ ପରେ ହୃତ୍‌ପିଣ୍ଡ ବା ହାର୍ଟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। କହିବାକୁ ଗଲେ ହୃଦ୍‌ଯନ୍ତ୍ର ଦ୍ୱାରା ମସ୍ତିଷ୍କକୁ ରକ୍ତ ସଞ୍ଚାଳନ ନ ହେଲେ କେବଳ ମସ୍ତିଷ୍କକୁ କ'ଣ ଶରୀରର କୌଣସି ଅଙ୍ଗ କାର୍ଯ୍ୟକ୍ଷମ ହୋଇପାରିବ ନାହିଁ। ମାତ୍ର ୩୦୦-୪୦୦ ଗ୍ରାମ୍ ଓଜନ ବିଶିଷ୍ଟ ତିନିଗୋଟି ସ୍ତରର ଗୋଟିଏ ଛୋଟିଆ ରକ୍ତ ସଞ୍ଚାଳନ ପମ୍ପ ହେଉଛି ହୃତ୍‌ପିଣ୍ଡ। ଏହା ଗର୍ଭ ସଞ୍ଚାରଣର ମାତ୍ର ୪-୫ ସପ୍ତାହରୁ ନିରବଚ୍ଛିନ ଭାବେ ମଣିଷ ବଞ୍ଚିଥିବା ଯାଏ କାର୍ଯ୍ୟ କରୁଥାଏ। ପ୍ରକାରାନ୍ତେ ହୃଦ୍‌ଯନ୍ତ୍ର ବନ୍ଦ ହେଲେ ଲୋକଟି ମୃତ୍ୟୁମୁଖରେ ପଡ଼ିଥାଏ। ଏହାଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ରକ୍ତ ସଞ୍ଚାଳନ ହୋଇଥାଏ। ଏହା ଧମନୀରେ ରକ୍ତଚାପ ସୃଷ୍ଟି କରିଥାଏ, ଯାହା ସାଧାରଣତଃ ୧୨୦ ମିମି ପାରଦର ଚାପ ସହ ସମାନ। ସେହିପରି ଡାଇଷ୍ଟୋଲ୍ ସମୟରେ ରକ୍ତଚାପ ସାଧାରଣତଃ ୮୦ ମିମି ପାରଦ ହୋଇଥାଏ। ଏହି ସମୟରେ ପଲସ୍ ପ୍ରେସର (ନାଡି ଚାପ) ଏହି ଦୁଇ ଚାପର ତଫାତ ଅର୍ଥାତ୍ ୪୦ ମିମି ପାରଦ ହୋଇଥାଏ। ରକ୍ତଚାପ ବୃଦ୍ଧି ହେଲେ ଏହା ମଧ୍ୟ ଅସୁବିଧା ହୋଇଥାଏ। ମେଦବହୁଳତା, ଶାରୀରିକ ପରିଶ୍ରମର ଅଭାବ, ଆପେକ୍ଷିକ ଲବଣ, ଧୂମପାନ, ମାନସିକ ଚାପ, ବିଷାଦ ଏହାର ପ୍ରମୁଖ କାରଣ। ଏହାକୁ ନିୟନ୍ତ୍ରଣରେ ରଖିବା ପାଇଁ ନିୟମିତ ଔଷଧ ସେବନ ଓ ଡାକ୍ତରୀ ପରାମର୍ଶର ଆବଶ୍ୟକ ପଡ଼ିଥାଏ।

ଧରିତ୍ରୀ 52 Years
# ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୬/୨୦୨୬ Bhubaneswar, Monday, February 16/ 2026



ଭାରତ-ପାକିସ୍ତାନ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚ ପୂର୍ବରୁ କଲମ୍ବୋର ଆର. ପ୍ରେମଦାସା ଷ୍ଟାଡିୟମ ବାହାରେ ଉଭୟ ଦଳର ପ୍ରଶଂସକ।

## ଭାରତ-ପାକିସ୍ତାନ ଟି୨୦ରେ ୩ୟ ଦ୍ରୁତତମ ଅର୍ଦ୍ଧଶତକ

**କଲମ୍ବୋ,୧୫।୨**

ପାକିସ୍ତାନ ବିପକ୍ଷ ହାଇଭୋଲ୍ଟେଜ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ଭାରତୀୟ ଓପନର ଇଶାନ କିଶନ ୪୦ ବଲରେ ବିସ୍ଫୋରକ ୭୭ ରନର ପାଳି ଖେଳିଥିଲେ। ତାଙ୍କର ଏହି ପାଳିରେ ୧୦ ଚୌକା ଓ ୩ ଛକା ସାମିଲ ଥିଲା। ସେ ଏହି ଇନିଂସରେ ୨୭ ବଲରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଏହା ଭାରତ ଓ ପାକିସ୍ତାନ ମଧ୍ୟରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ତୃତୀୟ ଦ୍ରୁତତମ ଅର୍ଦ୍ଧଶତକ। ତେବେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ଟି୨୦ ମ୍ୟାଚ୍‌ରେ ଦ୍ରୁତତମ ଅର୍ଦ୍ଧଶତକ କରିବାର ରେକର୍ଡ ମହମ୍ମଦ ହାଫିଜଙ୍କ ନାମରେ ରହିଛି। ସେ ୨୦୧୨ରେ ୨୩ ବଲରେ ୫୦ କରିଥିଲେ। ସେହିଭଳି ଗତବର୍ଷ ଅଭିଷେକ ଶର୍ମା ଏସିଆ କପ୍‌ରେ ୨୪ ବଲରେ ୫୦ କରିଥିଲେ, ଯାହାକି ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ ଥିଲା। ଏହି ତାଲିକାରେ ପଞ୍ଚମ ସ୍ଥାନରେ ଯୁବରାଜ ସିଂ (୨୯ ବଲ) ରହିଛନ୍ତି। ତେବେ ଭାରତ-ପାକ୍ ଟି୨୦ ମ୍ୟାଚ୍‌ରେ ସବୁଠୁ ବଡ଼ ଇନିଂସ ଖେଳିବାର ରେକର୍ଡ ବିରାଟ କୋହଲି (୨୦୨୨ରେ ୮୨*)ଙ୍କ ନାମରେ ରହିଛି। ଏହି ତାଲିକାରେ ଇଶାନ ଚତୁର୍ଥ ସ୍ଥାନରେ ରହିଛନ୍ତି। ପାକିସ୍ତାନ ବିପକ୍ଷ ୨୦୦୭ ଟି୨୦ ବିଶ୍ୱକପ୍ ଫାଇନାଲରେ ଗୌତମ ଗମ୍ଭୀର ଖେଳିଥିବା ୭୫ ରନର ଇନିଂସ ଯାହାକି ପଞ୍ଚମ ସର୍ବାଧିକ।

### ହାତ ମିଳାଇଲେ ନାହିଁ

ଭାରତ ଓ ପାକିସ୍ତାନ ମଧ୍ୟରେ ରବିବାର ଖେଳାଯାଇଥିବା ହାଇଭୋଲ୍ଟେଜ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ଦୁଇ ଦଳର ଅଧିନାୟକ ପରସ୍ପର ସହ ହାତ ମିଳାଇ ନ ଥିଲେ। ଟସ୍ ପୂର୍ବରୁ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଭାରତୀୟ ଦଳ ମ୍ୟାଚ୍‌ରେ ନୋ ହ୍ୟାଣ୍ଡଶେକ ନୀତି ଜାରି ରଖିବ ବୋଲି ମ୍ୟାଚ୍ ରେଫରିଙ୍କୁ ଜଣାଇଥିଲେ। ଏଥିଯୋଗୁ ଟସ୍ ବେଳେ ସୂର୍ଯ୍ୟକୁମାର ଓ ପାକିସ୍ତାନ ଅଧିନାୟକ ସଲମାନ ଅଲୀ ଆଘା ପରସ୍ପର ସହ ହାତ ମିଳାଇ ନ ଥିଲେ। ଏହି ଧାରା ଗତ ବର୍ଷ ଏସିଆ କପ୍‌ରୁ ଜାରି ରହିଛି। ପହଲଗାମ ଗଣହତ୍ୟା ଓ ଭାରତୀୟ ସେନା ଦ୍ୱାରା କରାଯାଇଥିବା ଅପରେଶନ ସିନ୍ଦୂର ପରେ ଭାରତୀୟ ଦଳର ଖେଳାଳିମାନେ ପ୍ରତିପକ୍ଷ ପାକିସ୍ତାନ ଦଳର ଖେଳାଳିଙ୍କ ସହ ହାତ ମିଳାଇବାକୁ ମନା କରିଥିଲେ।



ରବିବାର ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ବାବର ଆଜମଙ୍କ ଉଇକେଟ ନେବା ପରେ ଅକ୍ଷର ପଟେଲଙ୍କୁ ଇଶାନ କିଶନଙ୍କ ବଧେଇ।

## ୱେଷ୍ଟଇଣ୍ଡିଜ ସୁପର-୮ରେ



ଉଇକେଟ ନେବାପରେ ଉଲ୍ଲସିତ ୱେଷ୍ଟଇଣ୍ଡିଜର ମାଥ୍ୟୁ ଫୋର୍ଡ।

**ମୁମ୍ବାଇ, ୧୫।୨ (ପି.ଟି.)**

ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ରବିବାର ଖେଳାଯାଇଥିବା ଏକ ଗ୍ରୁପ୍ 'ସି' ମ୍ୟାଚରେ ୱେଷ୍ଟଇଣ୍ଡିଜ ୯ ଉଇକେଟରେ ନେପାଳକୁ ପରାସ୍ତ କରି ପ୍ରଥମ ଦଳ ଭାବେ ପ୍ରତିଯୋଗିତାର ସୁପର-୮ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଦଳ ଏପର୍ଯ୍ୟନ୍ତ ଖେଳିଥିବା ଏହାର ସମସ୍ତ ୩ଟି ମ୍ୟାଚରେ ବିଜୟ ଲାଭ କରି ନିଜ ଗ୍ରୁପ୍ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ନେପାଳ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ବିନିମୟରେ ୧୩୩ ରନ କରିଥିଲା। ଦଳର ଟପ୍ ସ୍କୋରର ଦୀପେନ୍ଦ୍ର ସିଂ ଏରି ୫୮ରନ କରି ଅପରାଜିତ ରହିଥିଲେ। ସୋମପାଲ କାମି ୨୬ ରନ କରି ଅପରାଜିତ ରହିଥିଲେ। ଦୁଇ ଖେଳାଳିଙ୍କ ମଧ୍ୟରେ ୫୪ରନର ପାର୍ଟନରଶିପ୍ ହୋଇଥିଲା। ୱେଷ୍ଟଇଣ୍ଡିଜ ତରଫରୁ ସଫଳ ବୋଲର ଜାସନ ହୋଲ୍ଡର ୨୭ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ୧୩୪ ରନର ବିଜୟ ଲକ୍ଷ୍ୟକୁ ୱେଷ୍ଟଇଣ୍ଡିଜ ୧୫.୨ ଓଭରରେ ଗୋଟିଏ ଉଇକେଟ ବିନିମୟରେ ହାସଲ କରି ନେଇଥିଲା। ଦଳ ପକ୍ଷରୁ ଅଧିନାୟକ ସାଇ ହୋପ୍ ୪୪ ବଲ୍‌ରେ ୫ ଚୌକା ଓ ୩ ଛକା ସହାୟତାରେ ୬୧ ରନ ଏବଂ ଫର୍ମରେ ଥିବା ଶିମରନ ହେଟମେର ୪୬ରନ (୩୨ ବଲ୍; ୪ ଚୌକା, ୨ ଛକା)କରି ଅପରାଜିତ ରହିଥିଲେ। ଜାସନ ହୋଲ୍ଡର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ନେପାଳ : ୨୦ ଓଭରରେ ୧୩୩/୮ (ଦୀପେନ୍ଦ୍ର ସିଂ ଏରି-୫୮, ସାମପାଲ କାମି-୨୬*; ଜାସନ ହୋଲ୍ଡର-୪/୨୭)। ୱେଷ୍ଟଇଣ୍ଡିଜ: ୧୫.୨ ଓଭରରେ ୧୩୪/୧ (ସାଇ ହୋପ୍-୬୧*, ଶିମରନ ହେଟ୍‌ମେର୍- ୪୬*; ନନ୍ଦନ ଯାଦବ-୧/୨୪)।

### ଟି୨୦ ବିଶ୍ୱକପ୍

**(ଆଜିର ମ୍ୟାଚ୍)**

**ଆଫଗାନିସ୍ତାନ ବନାମ ୟୁଏଇ**
ସ୍ଥାନ: ଦିଲ୍ଲୀ
ସମୟ: ପୂର୍ବାହ୍ନ ୧୧ଟା,

**ଇଂଲଣ୍ଡ ବନାମ ଇଟାଲୀ**
ସ୍ଥାନ: କୋଲକାତା
ସମୟ: ଅପରାହ୍ନ ୩ଟା

**ଅଷ୍ଟ୍ରେଲିଆ ବନାମ ଶ୍ରୀଲଙ୍କା**
ସ୍ଥାନ: ପାଲିକେଲ
ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

## ଭାରତ-ପାକିସ୍ତାନ ସ୍କୋରବୋର୍ଡ

**ଭାରତ ଇନିଂସ**
ଇଶାନ କିଶନ-ବୋ-ସଇମ ଆୟୁବ-୭୭
ଅଭିଷେକ ଶର୍ମା-କ-ଶାହିନ ଆଫ୍ରିଦି-ବୋ ସଲମନ ଆଘା-୦
ତିଲକ ବର୍ମା-ଏଲ୍‌ବିଡବ୍ଲ୍ୟୁ-ସାଇମ ଆୟୁବ-୨୫
ସୂର୍ଯ୍ୟକୁମାର -କ-ସଇମ ଆୟୁବ-ବୋ-ଉସ୍‌ମାନ ତାରିକ୍-୩୨
ହାର୍ଦ୍ଦିକ ପାଣ୍ଡ୍ୟା-କ-ବାବର ଆଜାମ-ବୋ-ସଇମ ଆୟୁବ-୦
ଶିବମ ଦୁବେ-ରନ ଆଉଟ-୨୭
ରିଙ୍କୁ ସିଂ- ନଟ୍ ଆଉଟ୍-୧୧
ଅକ୍ଷର ପଟେଲ-ସଇମ ଆୟୁବ-ବୋ-ଶାହିନ ଆଫ୍ରିଦି-୦
**ଅତିରିକ୍ତ**-୩
**ମୋଟ** : (୨୦ ଓଭର/୭ଉଇକେଟ) ୧୭୫।
**ଉଇକେଟ ପତନ:** ୧/୧, ୨/୮୮, ୩/୧୨୬, ୪/୧୨୬, ୫/୧୫୯, ୬/୧୭୫, ୭/୧୭୫।
**ବୋଲିଂ (ପାକିସ୍ତାନ)**
ସଲମନ ଆଘା ୨-୦-୧୦-୧
ଶାହିନ ଆଫ୍ରିଦୀ ୨-୦-୩୧-୧
ସଇମ ଆୟୁବ ୪-୦-୨୫-୩
ଆବ୍ରାର ଅହମଦ ୩-୦-୩୮-୦
ସଦାବ ଖାନ୍ ୧-୦-୧୭-୦
ମହମ୍ମଦ ନୱାଜ ୪-୦-୨୮-୦
ଉସ୍‌ମାନ ତାରିକ୍ ୪-୦-୨୪-୧।
**ପାକିସ୍ତାନ ଇନିଂସ**
ସାହିବଜାଦା ଫରହାନ-କ-ରିଙ୍କୁ ସିଂ-ବୋ-ହାର୍ଦ୍ଦିକ-୦
ସଇମ ଆୟୁବ-ଏଲବିଡବ୍ଲ୍ୟୁ-ବୁମ୍‌ରା-୬
ସଲମନ ଆଘା-କ-ହାର୍ଦ୍ଦିକ-ବୋ-ଯଶପ୍ରୀତ୍-୪
ବାବର ଆଜାମ-ବୋ-ଅକ୍ଷର ପଟେଲ-୫
ଉସ୍‌ମାନ ଖାନ୍-ଷ୍ଟମ୍ପ-ଇଶାନ କିଶନ-ବୋ-ଅକ୍ଷର-୪୪
ଶଦାବ ଖାନ୍-କ-ଦୁବେ-ବୋ-ତିଳକ ବର୍ମା-୧୪
ମହମଦ ନୱାଜ-କ-ଦୁବେ-ବୋ-କୁଲଦୀପ-୪
ଫହିମ୍ ଅଶ୍ରଫ-କ-ରିଙ୍କୁ-ବୋ-ବରୁଣ-୧୦
ଶାହିନ ଆଫ୍ରିଦି-ନଟଆଉଟ-୨୩
ଆବ୍ରାର ଅହମଦ-ଏଲ୍‌ବିଡବ୍ଲ୍ୟୁ-ବରୁଣ-୦
ଉସ୍‌ମାନ ତାରିକ-ବୋ-ହାର୍ଦ୍ଦିକ-୦।
ଅତିରିକ୍ତ:-୪
ମୋଟ: (୧୮ ଓଭର/ଅଲ୍‌ଆଉଟ) ୧୧୪।
ଉଇକେଟ ପତନ: ୧/୦, ୨/୬, ୩/୧୩, ୪/୩୪, ୫/୭୩, ୬/୭୮, ୭/୭୮, ୮/୯୭, ୯/୯୭, ୧୦/୧୧୪।
**ବୋଲିଂ (ଭାରତ)**
ହାର୍ଦ୍ଦିକ ପାଣ୍ଡ୍ୟା ୩-୧-୧୬-୨
ଯଶପ୍ରୀତ ବୁମ୍‌ରା ୨-୦-୧୭-୨
ଅକ୍ଷର ପଟେଲ ୪-୦-୨୯-୨
ବରୁଣ ଚକ୍ରବର୍ତ୍ତୀ ୩-୦-୧୭-୨
କୁଲଦୀପ ଯାଦବ ୩-୦-୧୪-୧
ତିଳକ ବର୍ମା ୨-୦-୧୧-୧
ରିଙ୍କୁ ସିଂ ୧-୦-୯-୦।

## ଭାରତକୁ ୪-୨ରେ ହରାଇଲା ଆର୍ଜେଣ୍ଟିନା

### ରାଉରକେଲାରେ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ଶେଷ

**ରାଉରକେଲା, ୧୫।୨ (ଦିନେଶ ମିଶ୍ର)**

ଛେଣ୍ଡସ୍ଥିତ ବିର୍ସାମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ରବିବାର ଖେଳାଯାଇଥିବା ଅନ୍ତିମ ମ୍ୟାଚରେ ଆର୍ଜେଣ୍ଟିନା ୪-୨ ଗୋଲରେ ଭାରତକୁ ପରାସ୍ତ କରିଛି। ଏହି ପରାଜୟ ସହ ଭାରତୀୟ ଦଳ ପ୍ରୋ ଲିଗ୍‌ର ଚଳିତ ଚରଣ ବିନା ବିଜୟରେ ଶେଷ କରିଛି। ମ୍ୟାଚରେ ସୁନ୍ଦରଗଡ଼ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ରାଉରକେଲା ଡିଏଫ୍‌ଓ ଯଶୋବନ୍ତ ସେଠୀ, ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ, ବିଜୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ମ୍ୟାଚ ଆରମ୍ଭରୁ ଆର୍ଜେଣ୍ଟିନା ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ୩ଟି ପେନାଲ୍ଟି କର୍ନର (ପିସି) ହାସଲ କରିଥିଲା। ହେଲେ ଦଳକୁ ଏଥିରୁ କୌଣସି ଫାଇଦା ମିଳି ନ ଥିଲା। ଫଳରେ ପ୍ରଥମ କ୍ୱାର୍ଟର ବିନା ଗୋଲରେ ଶେଷ ହୋଇଥିଲା। ମାତ୍ର ମ୍ୟାଚର ଦ୍ୱିତୀୟ କ୍ୱାର୍ଟର ୨୧ତମ ମିନିଟ୍‌ରେ ଆର୍ଜେଣ୍ଟିନା ପାଇଁ ଟୋମାସ୍ ଡୋମିନୀ ପ୍ରଥମ ଗୋଲ ଦେଇଥିଲେ। ଏହାର ୬ ମିନିଟ୍ ତଥା ୨୭ତମ ମିନିଟ୍‌ରେ ଟାଡେଓ ମାର୍କୁସିଙ୍କ ଫିଲ୍ଡ ଗୋଲ ଯୋଗୁ ଆର୍ଜେଣ୍ଟିନା ପ୍ରଥମାର୍ଦ୍ଧ ସୁଦ୍ଧା ୨-୦ ଗୋଲରେ ଆଗରେ ରହିଥିଲା। ତୃତୀୟ କ୍ୱାର୍ଟରରେ ଲୁସିଓ ମେଣ୍ଡେଜ୍ (୪୨ତମ ମିନିଟ୍) ଦଳ ପାଇଁ ତୃତୀୟ ଗୋଲ କରିଥିଲେ। ମ୍ୟାଚର ଶେଷ ତଥା ଚତୁର୍ଥ କ୍ୱାର୍ଟରରେ ୪୯ତମ ମିନିଟ୍‌ରେ ଆର୍ଜେଣ୍ଟିନା ହାସଲ କରିଥିବା ପିସିକୁ ଟାଡେଓ ମାର୍କୁସି ଗୋଲରେ କନଭର୍ଟ କରିଥିଲେ। ଏହା ତାଙ୍କର ମ୍ୟାଚ୍‌ରେ ଦ୍ୱିତୀୟ ଗୋଲ ଥିଲା। ଏହାର ପରବର୍ତ୍ତୀ ମିନିଟ୍‌ରେ ଅର୍ଜୁନ ଆଦିତ୍ୟ ଲଲାଗେ ଭାରତ ପାଇଁ ପ୍ରଥମ ଗୋଲ ପରିଶୋଧ କରିଥିଲେ। ୫୯ତମ ମିନିଟ୍‌ରେ ଭାରତକୁ ଏକ ପିସି ମିଳିଥିଲା, ଯାହାକୁ ସଞ୍ଜୟ ଗୋଲରେ ପରିଣତ କରିଥିଲେ। ମ୍ୟାଚ୍‌ରେ ୨ଟି ଗୋଲ ସ୍କୋର ଦେଇଥିବା ଟାଡେଓ ମାର୍କୁସିଙ୍କୁ ପ୍ଲେୟର ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିପୂର୍ବରୁ ଗତ ମ୍ୟାଚ୍‌ରେ ଭାରତ ୦-୮ ଗୋଲରେ ଆର୍ଜେଣ୍ଟିନାଠାରୁ ପରାସ୍ତ ହୋଇଥିଲା।



ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚରେ ଭାରତ ଓ ଆର୍ଜେଣ୍ଟିନା ମଧ୍ୟରେ ମୁକାବିଲା। ଏହି ମ୍ୟାଚରେ ଆର୍ଜେଣ୍ଟିନା ୪-୨ ଗୋଲରେ ବିଜୟୀ ହୋଇଛି।

### ଆମେରିକା ବିଜୟୀ

**ଚେନ୍ନାଇ,୧୫।୨:** ଚଳିତ ଟି୨୦ ବିଶ୍ୱକପ୍‌ରେ ରବିବାର ଅପରାହ୍ନରେ ଖେଳାଯାଇଥିବା ମ୍ୟାଚ୍‌ରେ ଆମେରିକା ୩୧ ରନରେ ନାମ୍ବିୟାକୁ ପରାସ୍ତ କରିଛି। ଏହା ଆମେରିକାର ଲଗାତର ଦ୍ୱିତୀୟ ବିଜୟ। ପ୍ରଥମେ ବ୍ୟାଟିଂ କରିଥିବା ଆମେରିକା ୨୦ ଓଭରରେ ୪ ଉଇକେଟ ହରାଇ ୧୯୯ ରନ କରିଥିଲା। ସଞ୍ଜୟ କ୍ରିଷ୍ଣମୂର୍ତ୍ତି ୩୩ ବଲରେ ୬୮ (୪ ଚୌକା ଓ ୬ ଛକା) ଓ ଅଧିନାୟକ ମୋନାଙ୍କ ପଟେଲ ୩୦ ବଲରେ ୫୨ (୩ ଲେଖାଏ ଚୌକା ଓ ଛକା) ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଜବାବରେ ଲୌରେନ ଷ୍ଟିନକାମ୍ପଙ୍କ ୩୯ ବଲରେ ୫୮ (୫ ଚୌକା ଓ ୩ ଛକା) ରନର ପାଳି ସତ୍ତ୍ୱେ ନାମ୍ବିଆ ୨୦ ଓଭରରେ ୬ ଉଇକେଟ ହରାଇ ୧୬୮ ରନ କରିପାରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଜେଜେ ସ୍ମିଟ୍ ୩୧ ଓ ଜାନ ନିକୋଲ ଲଫ୍ଟି-ଏଟନ ୨୮ ରନ କରିଥିଲେ।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ